
୬୨ତମ ବର୍ଷ | ୧୫ ଅଗଷ୍ଟ ୨୦୧୯ | ତୃତୀୟ ସଂଖ୍ୟା

# ନବଜ୍ୟୋତି

ନବଜ୍ୟୋତି କାର୍ଯ୍ୟାଳୟ, ପବ୍‌ଲିକେସନ୍ ଡିପାର୍ଟମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨




India must rise to the height of her mission and proclaim the Truth to the world.

(15 November 1955) – The Mother

ଭାରତବର୍ଷକୁ ତା' ଆପଣା ବ୍ରତର ଉଚ୍ଚତମ ଉଚ୍ଚତା ପର୍ଯ୍ୟନ୍ତ ଉନ୍ନୀତ ହେବାକୁ ପଡ଼ିବ ଏବଂ ପୃଥିବୀରେ ପରମସତ୍ୟର ଘୋଷଣା କରିବାକୁ ହେବ ।

(୧୫ ନଭେମ୍ବର ୧୯୫୫) – ଶ୍ରୀମା

୬୨ତମ ବର୍ଷ ୧୫ ଅଗଷ୍ଟ ୨୦୧୯ ତୃତୀୟ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ

ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି

ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

# ସୂଚୀପତ୍ର

[ନବଜ୍ୟୋତି • ଅଗଷ୍ଟ, ୨୦୧୯]


**ଯୋଗ-ଦର୍ଶନ**

| | | | | |
|---|---|---|---|---|
| ଭାରତର ନବ ଜାଗରଣ | ... | ଶ୍ରୀଅରବିନ୍ଦ | ... | ୫ |
| ଶ୍ରୀଅରବିନ୍ଦଙ୍କ ସମ୍ବନ୍ଧେ ଶ୍ରୀମା | ... | ... | ... | ୬ |
| ଆମ ଯୋଗର ଲକ୍ଷ୍ୟ | ... | ଶ୍ରୀଅରବିନ୍ଦ | ... | ୧୦ |
| ଏକ ମହାନ୍ ଦୁଃସାହସିକ ଅଭିଯାନ ପାଇଁ ଆହ୍ୱାନ | ... | ଶ୍ରୀମା | ... | ୧୨ |
| ପୂର୍ଣ୍ଣଯୋଗର ସାଧନା | ... | ଶ୍ରୀଅରବିନ୍ଦ | ... | ୧୪ |
| ପୂର୍ଣ୍ଣଯୋଗର ପଥ | ... | ଶ୍ରୀମା | ... | ୧୫ |
| ପଥେ ସଂକଟ | ... | ଶ୍ରୀଅରବିନ୍ଦ | ... | ୧୮ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | | |
|---|---|---|---|---|
| ବନ୍ଦେ ମାତରମ୍ | ... | ଶ୍ରୀଅରବିନ୍ଦ | ... | ୨୧ |
| ଶ୍ରୀଅରବିନ୍ଦଙ୍କ ଆଦର୍ଶ | ... | ଶ୍ରୀ ନଳିନୀକାନ୍ତ ଗୁପ୍ତ | ... | ୨୬ |
| ଅଶ୍ୱିନୌ, ଆନନ୍ଦର ଦେବ (ଋଗ୍‌ବେଦ : ମଣ୍ଡଳ - ୪, ସୂକ୍ତ : ୪୫, ଋଷି : ବାମଦେବ) | ... | ଶ୍ରୀଅରବିନ୍ଦ | ... | ୩୦ |
| ଶ୍ରୀଅରବିନ୍ଦ | ... | ଡକ୍ଟର ସି. ଆର. ରେଡ୍ଡୀ | ... | ୩୪ |
| ଶ୍ରୀଅରବିନ୍ଦଙ୍କର ଯୋଗ ଓ ଦେବଗଣ | ... | ଶ୍ରୀ ମାଧବ ପଣ୍ଡିତ | ... | ୩୯ |
| ଭବିଷ୍ୟତର ଆହ୍ୱାନ | ... | ଶ୍ରୀ ପ୍ରପତ୍ତି | ... | ୪୨ |
| ଉଦ୍‌ଭ୍ରାନ୍ତ ସ୍ୱର୍ଣକାତରତା | ... | ଶ୍ରୀ ମନୋଜ ଦାସ | ... | ୪୫ |
| ଶ୍ରୀଅରବିନ୍ଦ ଓ ଦିଲୀପକୁମାର (୧୧) | ... | ... | ... | ୪୮ |

**ସାଧନା-ପରମ୍ପରା**

| | | | | |
|---|---|---|---|---|
| ଅଶ୍ୱଘୋଷଙ୍କ ବୁଦ୍ଧଚରିତ | ... | ... | ... | ୫୧ |

**ଅନ୍ତରାଳ ଜଗତ୍**

| | | | | |
|---|---|---|---|---|
| କଳା ଓ ଯୋଗ | ... | ଶ୍ରୀମା | ... | ୫୫ |

**ଶେଷ ପୃଷ୍ଠା**

| | | | | |
|---|---|---|---|---|
| ଶ୍ରୀଅରବିନ୍ଦଙ୍କ ଶାଶ୍ୱତ ସାନ୍ନିଧ | ... | ଶ୍ରୀ ବିଶ୍ୱମ୍ଭର ସାମନ୍ତ | ... | ୫୮ |


❖

# ଭାରତର ନବ ଜାଗରଣ

The renascence of India is as inevitable as the rising of tomorrow's sun, and the renascence of a great nation of three hundred millions with so peculiar a temperament, such unique traditions and ideas of life, so powerful an intelligence and so great a mass of potential energies cannot but be one of the most formidable phenomena of the modern world.

(CWSA, Vol. 25, p. 333) – Sri Aurobindo

ଭାରତର ନବ ଜାଗରଣ ଆଗାମୀ କାଲିର ସୂର୍ଯ୍ୟୋଦୟ ପରି ସୁନିଶ୍ଚିତ ଏବଂ ଏହି ବିରାଟ ଦେଶର ତ୍ରିଂଶକୋଟି* ଜନତା, ଯେଉଁମାନଙ୍କର ରହିଛି ଏକ ଅସାଧାରଣ ସ୍ୱଭାବ-ପ୍ରକୃତି, ଜୀବନର ଏକ ଅତୁଳନୀୟ ଐତିହ୍ୟ, ଅତି ଶକ୍ତିଶାଳୀ ବୁଦ୍ଧିମତ୍ତା ଏବଂ ଯେଉଁ ଦେଶର ରହିଛି ପ୍ରଚ୍ଛନ୍ନ ଶକ୍ତିବିଶିଷ୍ଟ ବିରାଟ ସାମର୍ଥ୍ୟ; ତାହାର ନବଜନ୍ମ ଆଧୁନିକ ଜଗତର ଏକ ଅତ୍ୟାଶ୍ଚର୍ଯ୍ୟମୟ ଘଟଣା ହେବା ଅବଶ୍ୟମ୍ଭାବୀ ।

— ଶ୍ରୀଅରବିନ୍ଦ

*୧୯୨୦ ଖ୍ରୀଷ୍ଟାବ୍ଦ ପୂର୍ବରୁ ଭାରତର ଜନସଂଖ୍ୟା



## ଶ୍ରୀଅରବିନ୍ଦଙ୍କ ସମ୍ବନ୍ଧେ ଶ୍ରୀମା

Sri Aurobindo does not belong to history; he is outside and beyond history.

Till the birth of Sri Aurobindo, religions and spiritualities were always centred on past figures, and they were showing as “the goal” the negation of life upon earth. So, you had a choice between two alternatives : either

– a life *in* this world with its round of petty pleasures and pains, joys and sufferings, threatened by hell if you were not behaving properly, or

– an escape *into* another world, heaven, nirvana, moksha....

Between these two there is nothing much to choose, they are equally bad.

Sri Aurobindo has told us that this was a fundamental mistake which accounts for the weakness and degradation of India. Buddhism, Jainism, Illusionism were sufficient to sap all energy out of the country.

True, India is the only place in the world which is still aware that something else than Matter exists. The other countries have quite forgotten it: Europe, America and elsewhere.... That is why she still has a message to preserve and deliver to the world. But at present she is splashing and floundering in the muddle.

Sri Aurobindo has shown that the truth does not lie in running away from earthly life but in remaining *in* it, to *transform it*, *divinise it*, so that the Divine can manifest HERE, in this PHYSICAL WORLD.

(CWM Vol. 12, p. 210-211) – The Mother



# ଶ୍ରୀଅରବିନ୍ଦଙ୍କ ସମ୍ବନ୍ଧେ ଶ୍ରୀମା

ଶ୍ରୀଅରବିନ୍ଦ ଇତିହାସର ଅନ୍ତର୍ଭୁକ୍ତ ନୁହନ୍ତି; ସେ ଇତିହାସର ସମ୍ପୂର୍ଣ୍ଣ ବାହାରେ ଓ ତାହାର ସମ୍ପୂର୍ଣ୍ଣ ଊର୍ଦ୍ଧ୍ୱରେ ।

ଶ୍ରୀଅରବିନ୍ଦଙ୍କ ଆବିର୍ଭାବ ପର୍ଯ୍ୟନ୍ତ, ଧର୍ମ ଓ ଆଧ୍ୟାତ୍ମିକତା ବରାବର ଅତୀତର ବିଶିଷ୍ଟ ମହାପୁରୁଷଗଣଙ୍କୁ କେନ୍ଦ୍ରକରି ଗଢ଼ି ଉଠିଥିଲା, ଏବଂ ସେମାନେ ପାର୍ଥିବ ଜୀବନର ପ୍ରତ୍ୟାଖ୍ୟାନକୁ ''ସର୍ବଶ୍ରେଷ୍ଠ ଲକ୍ଷ୍ୟ'' ରୂପେ ଉପସ୍ଥାପିତ କରିଥିଲେ । ତେଣୁ ବାଛିବା ସକାଶେ ତୁମ ଆଗରେ କେବଳ ଦୁଇଟି ବିଷୟ ଥିଲା : ହୁଏତ

– ଏହି ପୃଥିବୀପୃଷ୍ଠରେ ଏକ ଜୀବନ ଯାହାକି ଚିରାଚରିତ ସୁଖ-ଦୁଃଖ, ଆନନ୍ଦ ଓ ଯାତନାର ପୁନରାବୃତ୍ତି ବ୍ୟତୀତ ଅଧିକ କିଛି ନୁହେଁ ଏବଂ ଏଠାରେ ଯଦି ତୁମେ ଠିକ୍‌ରୂପେ ଆଚରଣ ନକରିବ, ତେବେ ନରକର ଭୟ ପ୍ରଦର୍ଶନ କରାହେଉଥିଲା, ନଚେତ୍

– ଅନ୍ୟ ଏକ ଜଗତ୍, ମୋକ୍ଷ, ନିର୍ବାଣ ବା ସ୍ୱର୍ଗ ମଧ୍ୟକୁ ପଳାୟନ ।...

ଏହି ଦୁଇଟି ମଧ୍ୟରୁ ବାସ୍ତବିକ ବାଛିବାର ବିଶେଷ କିଛି ନାହିଁ, ଦୁଇଟିଯାକହିଁ ସମାନଭାବେ ମନ୍ଦ ।

ଶ୍ରୀଅରବିନ୍ଦ ଆମକୁ କହିଛନ୍ତି ଯେ ଏହି ମୌଳିକ ଭ୍ରାନ୍ତିହିଁ ଭାରତର ଦୁର୍ବଳତା ଓ ଅବନତିର କାରଣ ହୋଇଛି । ବୌଦ୍ଧଧର୍ମ, ଜୈନଧର୍ମ ଓ ମାୟାବାଦ ଗୋଟିଏ ଦେଶର ସମସ୍ତ ଶକ୍ତିକୁ ନିଃଶେଷ କରିଦେବା ପାଇଁ ଯଥେଷ୍ଟ ।

ଏହା ସତ୍ୟ ଯେ, ସମଗ୍ର ପୃଥିବୀରେ ଭାରତହିଁ ଏକମାତ୍ର ଦେଶ ଯାହା ଜାଣେ ଯେ **ଜଡ଼** ଅପେକ୍ଷା ଅନ୍ୟ କିଛି ରହିଛି । ୟୁରୋପ, ଆମେରିକା ଆଦି ଅନ୍ୟାନ୍ୟ ଦେଶ ଏହି ସତ୍ୟକୁ ପୂର୍ଣ୍ଣତଃ ଭୁଲି ଯାଇଛନ୍ତି ।... ତେଣୁ ପୃଥିବୀ ସକାଶେ ଏକ ବାର୍ତ୍ତା ସଂରକ୍ଷଣ କରିବା ଓ ପ୍ରଦାନ କରିବାର ଦାୟିତ୍ୱ ଭାରତ ଉପରେହିଁ ରହିଛି । କିନ୍ତୁ ବର୍ତ୍ତମାନ ସେ ବିଭ୍ରାନ୍ତିର କର୍ଦ୍ଦମରେ ପଡ଼ି ଛଟପଟ ହେଉଛି ।

ଶ୍ରୀଅରବିନ୍ଦ ଦେଖାଇଛନ୍ତି ଯେ ପାର୍ଥିବ ଜୀବନରୁ ପଳାୟନ କରିବାରେ ଚରମ ସତ୍ୟ ନାହିଁ କିନ୍ତୁ ପୃଥିବୀପୃଷ୍ଠରେ ରହି ତାକୁ ଏପରି *ରୂପାନ୍ତରିତ ଓ ଦିବ୍ୟତ୍ୱରେ ପରିଣତ* କରିବାକୁ ହେବ ଯେପରିକି **ଏହିଠାରେ**, ଏହି **ଜଡ଼ ପୃଥିବୀ**ରେହିଁ ଭଗବାନ୍ ନିଜକୁ ପୂର୍ଣ୍ଣତଃ ଅଭିବ୍ୟକ୍ତ କରିପାରିବେ ।

(ମାତୃ ରଚନାବଳି, ଦ୍ୱାଦଶ ଖଣ୍ଡ) – ଶ୍ରୀମା

# ଆମ ଯୋଗର ଲକ୍ଷ୍ୟ*

## ଶ୍ରୀଅରବିନ୍ଦ

ଆମ ଯୋଗର ଲକ୍ଷ୍ୟ ଆତ୍ମପୂର୍ଣ୍ଣତା, ଆତ୍ମ-ବିଲୋପ ନୁହେଁ ।

ଯୋଗୀମାନଙ୍କ ପାଇଁ ଆଗେଇବାର ଦୁଇଟି ପଥ ରହିଛି, ଗୋଟିଏ ହେଉଛି ବିଶ୍ୱରୁ ନିଜକୁ ପ୍ରତ୍ୟାହାର ,ଅନ୍ୟଟି ହେଉଛି ବିଶ୍ୱ ଭିତରେହିଁ ପୂର୍ଣ୍ଣତାପ୍ରାପ୍ତି । ପ୍ରଥମଟି ଆସି ଥାଏ ବୈରାଗ୍ୟ ଦ୍ୱାରା ଓ ଅନ୍ୟଟି ଫଳପ୍ରସୂ ହୋଇ ଥାଏ ତପସ୍ୟା ଦ୍ୱାରା; ପ୍ରଥମଟିରେ ଆମେ ଗୃହୀତ ହୋଇଥାଉ, ଯେତେବେଳେ ଆମେ ଅସ୍ତିତ୍ୱ ଭିତରେ ଥିବା ଭଗବାନଙ୍କୁ ହରାଇଥାଉ ଓ ଦ୍ୱିତୀୟଟି ଆମେ ଲାଭ କରୁ ଯେତେବେଳେ ଆମେ ଭଗବାନଙ୍କ ଭିତରେ ଅସ୍ତିତ୍ୱକୁ ପରିପୂର୍ଣ୍ଣ କରୁ । ପରିତ୍ୟାଗ ଓ ବୈରାଗ୍ୟର ପଥ ନୁହେଁ, ପୂର୍ଣ୍ଣତାର ପଥହିଁ ହେଉ ଆମର ପଥ । ଆମର ଲକ୍ଷ୍ୟ ହେଉ ସଂଗ୍ରାମରେ ବିଜୟ; ସମସ୍ତ ପ୍ରକାର ସଂଘର୍ଷରୁ ପଳାୟନ ନୁହେଁ ।

ବୁଦ୍ଧ ଓ ଶଙ୍କର ସଂସାରକୁ ମୂଳତଃ ମିଥ୍ୟା ଓ ଦୁଃଖ-ଦୁର୍ଦ୍ଦଶାମୟ ବୋଲି ଧରି ନେଇଥିଲେ, ତେଣୁ ସଂସାରରୁ ପଳାୟନହିଁ ଥିଲା ସେମାନଙ୍କ ପାଇଁ ଏକମାତ୍ର ବିଜ୍ଞତା । କିନ୍ତୁ ଏହି ସଂସାର ହେଉଛି ବ୍ରହ୍ମ, ସଂସାରହିଁ ଈଶ୍ୱର, ସଂସାରହିଁ ସତ୍ୟ, ସଂସାରହିଁ ଆନନ୍ଦ । ମାନସିକ ଅହଂ ଜରିଆରେ ସଂସାର ସମ୍ପର୍କରେ ଭୁଲ୍ ଧାରଣାହିଁ ହେଉଛି ଏକ ମିଥ୍ୟା, ଏବଂ ସଂସାର ଭିତରେ ଭଗବାନଙ୍କ ସହ ଆମର ଯେଉଁ ଭୁଲ୍ ସମ୍ପର୍କ ସ୍ଥାପନ ତାହାହିଁ ହେଉଛି ଦୁର୍ଦ୍ଦଶା । ଏହା ବ୍ୟତୀତ ଅନ୍ୟ କୌଣସି ମିଥ୍ୟା ନାହିଁ ଓ ଦୁଃଖ-ଦୁର୍ଦ୍ଦଶାର ଅନ୍ୟ କୌଣସି କାରଣ ନାହିଁ ।

ଭଗବାନ୍ ଏହି ସଂସାରକୁ ମାୟା ଦ୍ୱାରା ନିଜ ଭିତରେହିଁ ସୃଷ୍ଟି କରିଛନ୍ତି । କିନ୍ତୁ ମାୟାର ବୈଦିକ ଅର୍ଥ ଭ୍ରାନ୍ତି ନୁହେଁ, ତାହା ହେଉଛି ବିଜ୍ଞତା, ଜ୍ଞାନ, ଚେତନାର ବ୍ୟାପକ ବିସ୍ତାର, ପ୍ରଜ୍ଞା, ପ୍ରସୃତା, ପୁରାଣୀ । ସର୍ବଶକ୍ତିମାନ୍ ଦିବ୍ୟ-ବିଜ୍ଞତା ଏହି ସଂସାରକୁ ସୃଷ୍ଟି କରିଛନ୍ତି, ଏହା କୌଣସି ଅନନ୍ତ ସ୍ୱପ୍ନଦ୍ରଷ୍ଟାଙ୍କର ଏକ ସଂଗଠିତ ପ୍ରମାଦ ବା ଭୁଲ୍ ନୁହେଁ; ଏକ ସର୍ବଜ୍ଞ ଦିବ୍ୟ-ଶକ୍ତି ନିଜ ଭିତରେ, ନିଜ ଆନନ୍ଦରେ, ନିଜକୁ ପ୍ରକାଶ କରି ଚାଲିଛନ୍ତି । ମୁକ୍ତ ଓ ଅଖଣ୍ଡ ବ୍ରହ୍ମ ଉପରେ ଏହା ତାଙ୍କ ନିଜର କୌଣସି ଅଜ୍ଞାନତା ଦ୍ୱାରା ଲଦି ଦେଇଥିବା ଏକ ବନ୍ଧନ ନୁହେଁ ।

ଯଦି ଏହି ସଂସାର ବ୍ରହ୍ମଙ୍କର ଆତ୍ମନ୍ୟସ୍ତ ଏକ ଦୁଃସ୍ୱପ୍ନ ହୋଇଥାଆନ୍ତା, ତା'ହେଲେ ଏଥିରୁ ଉଠିପଡ଼ିବାହିଁ ହୋଇଥାଆନ୍ତା ଆମର ସର୍ବୋତ୍ତମ ପ୍ରଚେଷ୍ଟାର ସ୍ୱାଭାବିକ ଓ ଏକମାତ୍ର ଲକ୍ଷ୍ୟ । କିଂବା ଯଦି ସଂସାର ଭିତରେ ଜୀବନ ଅପରିବର୍ତ୍ତନୀୟ ଭାବରେ ଦୁଃଖ, ଦୁର୍ଦ୍ଦଶା ସହ ବାନ୍ଧି ହୋଇ ରହିଥାଆନ୍ତା, ତା'ହେଲେ ସେହି ବନ୍ଧନରୁ ମୁକ୍ତିର ଉପାୟ ସନ୍ଧାନହିଁ ହୋଇଥାଆନ୍ତା ଆବିଷ୍କାରର ଯୋଗ୍ୟ ଏକମାତ୍ର ଗୋପନ ରହସ୍ୟ । କିନ୍ତୁ ସଂସାରର ଅସ୍ତିତ୍ୱ ଭିତରେ ପୂର୍ଣ୍ଣ ସତ୍ୟ ପୂରା ସମ୍ଭବପର – କାରଣ ଏଠାରେ ଭଗବାନ୍ ସବୁକିଛିକୁ ଦେଖନ୍ତି ସତ୍ୟର ଦୃଷ୍ଟି ନେଇ; ଏବଂ ସଂସାରରେ ପୂର୍ଣ୍ଣ ଆନନ୍ଦ ମଧ୍ୟ ପୂରା ସମ୍ଭବପର କାରଣ ଭଗବାନ୍ ସବୁକିଛିକୁ ଉପଭୋଗ କରନ୍ତି ଏକ ଅବାଧ ଅବିମିଶ୍ର ସ୍ୱାଧୀନତାର ଭାବ ନେଇ । ଆମେ ମଧ୍ୟ ସେହି ସତ୍ୟ ଓ ଆନନ୍ଦକୁ ଉପଭୋଗ କରିପାରୁ ଯାହାକୁ ବେଦରେ ଅମୃତ ବୋଲି ଓ ଅମରତ୍ୱ ବୋଲି କୁହାଯାଇଛି, ଯଦି ଆମର ଅହଂମୟ ଅସ୍ତିତ୍ୱକୁ ବିସର୍ଜନ ଦେଇ ସେହି ଭଗବାନଙ୍କ ଦିବ୍ୟସତ୍ତା ସହ ପୂର୍ଣ୍ଣ ଭାବରେ ଯୁକ୍ତ ଓ ମିଳିତ ହୋଇ ଆମେ ସେହି ଭଗବତ୍ ପ୍ରତ୍ୟକ୍ଷ ଓ ଭଗବତ୍ ସ୍ୱାଧୀନତାକୁ ଗ୍ରହଣ କରିବା ପାଇଁ ସମ୍ମତ ହେଉ ।

ସଂସାର ହେଉଛି ଭଗବାନଙ୍କ ନିଜର ଦିବ୍ୟସତ୍ତାରେ ତାଙ୍କର ହିଁ ଏକ ଗତିବୃତ୍ତି । ଆମେ ହେଉଛୁ ସେହି ଭଗବତ୍ ଚେତନାର କେନ୍ଦ୍ର ଓ ଗ୍ରନ୍ଥିସବୁ ଯାହାକି ତାଙ୍କର ଗତିବୃତ୍ତିର ପଦ୍ଧତିକୁ ଏକତ୍ର ଯୁକ୍ତ କରି ତାହାର ଅବଲମ୍ବନ ସ୍ୱରୂପ ହୋଇଥାଏ । ସଂସାର ହେଉଛି ତାଙ୍କର ନିଜ ଆତ୍ମ-ସଚେତନ ଆନନ୍ଦ ସହିତ ନିଜରହିଁ ଏକ ଖେଳା । ଏକମାତ୍ର ସେ ହିଁ, ସେ ହିଁ

---

* ଏହି ଲେଖାଟିର ରଚନା କାଳ ଆନୁମାନିକ ୧୯୧୩ ।... ଶ୍ରୀଅରବିନ୍ଦଙ୍କ ଦେହତ୍ୟାଗର ଅନେକ ବର୍ଷ ପରେ ଏହି ଲେଖାଗୁଡ଼ିକ ତାଙ୍କ ନୋଟ୍ ଖାତାରୁ ସଂଗୃହୀତ । ପ୍ରକାଶନର ଉଦ୍ଦେଶ୍ୟରେ ମୂଳ ପାଣ୍ଡୁଲିପିଗୁଡ଼ିକରେ ସେ କୌଣସି ସଂଶୋଧନ ବା ପରିବର୍ତ୍ତନ ଆଦି ସମ୍ପାଦନ କାର୍ଯ୍ୟ କରିଯାଇ ନାହାନ୍ତି । ଏପରିକି କେତେକ ବିଷୟରେ ଲେଖା ଆରମ୍ଭ କରି ଅସମାପ୍ତ ରଖି ଯାଇଛନ୍ତି ।

ଅନନ୍ତ, ମୁକ୍ତ ଓ ପରମପୂର୍ଣ୍ଣହିଁ ବିରାଜ କରୁଛନ୍ତି, ଆମେ ହେଉଛୁ ସେହି ସଚେତ ଆନନ୍ଦରହିଁ ଆତ୍ମଗୁଣିତ ବହୁ ରୂପସବୁ, ଯେଉଁମାନଙ୍କୁ ତାଙ୍କର ଲୀଳା-ସହଚର ହେବା ପାଇଁ ସତ୍ତା ଭିତରକୁ ନିକ୍ଷିପ୍ତ କରାଯାଇଛି । ଏହି ସଂସାର ହେଉଛି ଏକ ସୂତ୍ର, ଏକ ଛନ୍ଦ, ଏକ ପ୍ରତୀକ ବ୍ୟବସ୍ଥା ଯାହାକି ଭଗବାନଙ୍କ ଆଗରେ ତାଙ୍କ ନିଜ ଚେତନାରେ ନିଜକୁ ପ୍ରକାଶ କରିବା ପାଇଁ ଉଦ୍ଦିଷ୍ଟ – ଏହାର ଅନ୍ୟ କୌଣସି ବସ୍ତୁଗତ ଉଦ୍ଦେଶ୍ୟ ନାହିଁ, ଏହା କେବଳ ତାଙ୍କରି ଚେତନା ଓ ଆତ୍ମପ୍ରକାଶ ଭିତରେହିଁ ବିଦ୍ୟମାନ ରହିଛି । ଭଗବାନଙ୍କ ପରି ଆମେ ମଧ୍ୟ ଆମର ଅନ୍ତର୍ସତ୍ତାରେ ହେଉଛୁ ସେହି ସତ୍ୟ ଯାହା ଅଭିବ୍ୟକ୍ତ ହେଉଛି କିନ୍ତୁ ଆମର ବାହ୍ୟ ସତ୍ତାରେ ଆମେ ସେହି ସୂତ୍ରର ଶବ୍ଦସବୁ, ସେଇ ଛନ୍ଦର ସୁରସବୁ ଏବଂ ସେହି ବ୍ୟବସ୍ଥାର ପ୍ରତୀକସବୁ । ଭଗବାନଙ୍କ ଗତିବୃତ୍ତିକୁ ଆମକୁ ଆଗେଇ ନେବାକୁ ହେବ, ତାଙ୍କର ଖେଳକୁ ଖେଳିବାକୁ ହେବ, ତାଙ୍କର ସୂତ୍ରକୁ କାର୍ଯ୍ୟକାରୀ କରିବାକୁ ହେବ, ତାଙ୍କର ସୁସମଞ୍ଜସତାକୁ ରୂପାୟିତ କରିବାକୁ ହେବ, ତାଙ୍କରି ବ୍ୟବସ୍ଥାରେ ଆମ ନିଜ ଭିତରେ ସ୍ୱୟଂ ତାଙ୍କୁହିଁ ପ୍ରକାଶ କରିବାକୁ ହେବ । ଏହାହିଁ ହେଉଛି ଆମର ଆନନ୍ଦ ଓ ଆମର ଆତ୍ମପୂର୍ଣ୍ଣତା । ଆମେ ଯେଉଁମାନେ ବିଶ୍ୱାତୀତ ହୋଇ ବିଶ୍ୱକୁ ଅତିକ୍ରମ କରିଥାଉ, ଏହି ଲକ୍ଷ୍ୟ ସାଧନ ପାଇଁ ହିଁ ଆମେ ବିଶ୍ୱ-ଅସ୍ତିତ୍ୱ ଭିତରକୁ ପ୍ରବେଶ କରିଛୁ ।

ପୂର୍ଣ୍ଣତାକୁ କାର୍ଯ୍ୟକାରୀ କରିବାକୁ ହେବ, ସୁସମଞ୍ଜସତାକୁ ସମ୍ପନ୍ନ କରିବାକୁ ହେବ । ଅପୂର୍ଣ୍ଣତା, ସୀମିତତା, ମୃତ୍ୟୁ, ଶୋକ, ଅଜ୍ଞାନ, ଜଡ଼ତ୍ୱ – ଏଗୁଡ଼ିକ ହେଉଛି ସେହି ସୂତ୍ରର ପ୍ରାରମ୍ଭିକ କଥାସବୁ; ଏଗୁଡ଼ିକ ସେପର୍ଯ୍ୟନ୍ତ ଆମ ପାଇଁ ବୋଧଗମ୍ୟ ହୁଅନ୍ତି ନାହିଁ ଯେପର୍ଯ୍ୟନ୍ତ ଆମେ ଏହାର ବ୍ୟାପକ ଅର୍ଥସବୁକୁ କାର୍ଯ୍ୟକାରୀ ନ କରିଛୁ ଏବଂ ସେହି ସୂତ୍ରକୁ ଯଥାର୍ଥ ଭାବରେ ପୁଣି ଥରେ ବ୍ୟାଖ୍ୟା ନ କରିଛୁ । ଏଗୁଡ଼ିକ ହେଉଛି ସଙ୍ଗୀତଜ୍ଞଙ୍କ ସୁରପ୍ରଦାନର ପ୍ରାରମ୍ଭିକ ବେସୁରା ବାଜଣା । ଅପୂର୍ଣ୍ଣତା ଭିତରୁ ଆମକୁ ପୂର୍ଣ୍ଣତା ଗଢ଼ି ତୋଳିବାକୁ, ସୀମିତତା ଭିତରୁ ଅସୀମକୁ ଆବିଷ୍କାର କରିବାକୁ ହେବ, ମୃତ୍ୟୁ ଭିତରୁ ଅମରତ୍ୱର ସନ୍ଧାନ କରିବାକୁ ହେବ, ଶୋକ-ସନ୍ତାପ ଭିତରୁ ଦିବ୍ୟ-ଆନନ୍ଦର ପୁନରୁଦ୍ଧାର କରିବାକୁ ହେବ, ଅଜ୍ଞାନତା ଭିତରୁ ଦିବ୍ୟ-ଆତ୍ମଜ୍ଞାନକୁ ଉଦ୍ଧାର କରିବାକୁ ହେବ, ଜଡ଼ ଭିତରୁ ଆତ୍ମାକୁ ପ୍ରକାଶ କରିବାକୁ ହେବ । ଆମ ପାଇଁ ଓ ସମଗ୍ର ମାନବସମାଜ ପାଇଁ ଏହି ଲକ୍ଷ୍ୟକୁ କାର୍ଯ୍ୟକାରୀ ଓ ସମ୍ପନ୍ନ କରିବାହିଁ ହେଉଛି ଆମ ଯୋଗ-ସାଧନାର ଉଦ୍ଦେଶ୍ୟ । ❖

What I see is the world of tomorrow, but the world of yesterday is still alive and will still live for some time. Let the old arrangements go on so long as they are alive.

Upon earth, the changes are slow to come.

Do not worry – and keep hope for the future.

– The Mother

ମୁଁ ଯାହା ଦେଖୁଛି ତାହା ହେଉଛି ଆଗାମୀ କାଲିର ଜଗତ୍, କିନ୍ତୁ ଗତକାଲିର ଜଗତ୍ ତଥାପି ଜୀବିତ ରହିଛି ଓ କିଛି ସମୟ ପାଇଁ ଜୀବିତ ରହିବ । ଜୀବିତ ରହିଥିବା ପର୍ଯ୍ୟନ୍ତ ପୁରାତନ ବ୍ୟବସ୍ଥା ସେହିପରି ରହିଚାଲୁ ।

ପୃଥିବୀପୃଷ୍ଠରେ ପରିବର୍ତ୍ତନ ଆସେ ମନ୍ଥର ଗତିରେ ।

ବ୍ୟସ୍ତ ହୁଅ ନାହିଁ – ଭବିଷ୍ୟତ୍ ପାଇଁ ଆଶା ରଖ ।

– ଶ୍ରୀମା

# ଏକ ମହାନ୍ ଦୁଃସାହସିକ ଅଭିଯାନ ପାଇଁ ଆହ୍ୱାନ

## ଶ୍ରୀମା

ଦୁଃସାହସିକ ଅଭିଯାନକୁ ଭଲ ପାଉଥିବା ଲୋକମାନେ ଅଛନ୍ତି । ମୋର ଏହି ଆହ୍ୱାନ ସେଇମାନଙ୍କ ପାଇଁ । ମୁଁ ସେମାନଙ୍କୁ କୁହେ, ''ଏହି ମହାନ୍ ଦୁଃସାହସିକ ଅଭିଯାନ ପାଇଁ ମୁଁ ତୁମକୁ ଆମନ୍ତ୍ରଣ ଜଣାଉଛି ।''

ଆମ ଆଗରୁ ଅନ୍ୟମାନେ ଯାହା କରି ଯାଇଛନ୍ତି ଆଧ୍ୟାତ୍ମିକ ଭାବରେ ତାହାର ପୁନରାବୃତ୍ତି କରିବାର ପ୍ରଶ୍ନ ଉଠୁ ନାହିଁ, ସେମାନେ ଯେଉଁଠି ଶେଷ କରିଛନ୍ତି ତାହା ପରେ ହିଁ ଆମର ଅଭିଯାନର ଆରମ୍ଭ । ଏହା ହେଉଛି ଏକ ନୂତନ ସୃଷ୍ଟିର ପ୍ରଶ୍ନ, ସଂପୂର୍ଣ୍ଣ ନୂତନ, କ'ଣ ଘଟିବ ତାହା ଆଗରୁ କେହି ଦେଖି ନାହିଁ, କେଉଁ ସମ୍ଭାବ୍ୟ ବିପଦ, କେଉଁ ପ୍ରକାର ବାଧା-ବିଘ୍ନସବୁ ରହିଛି କେହି ଜାଣି ନାହିଁ,– ଏହା ବାସ୍ତବରେ ଏକ ଦୁଃସାହସିକ ଅଭିଯାନ । ଏହାର ଲକ୍ଷ୍ୟ ସୁନିଶ୍ଚିତ ବିଜୟ କିନ୍ତୁ ପଥ ଅଜଣା । ଅନାବିଷ୍କୃତ, ଅଜଣା ଓ ଅଚିହ୍ନା ଭିତରେ ପାଦ ପରେ ପାଦ ପକାଇ ପଥର ସନ୍ଧାନ କରିବାକୁ ହେବ । ଏହା ଏପରି ଏକ ଅଭିଯାନ ବର୍ତ୍ତମାନର ଏହି ବିଶ୍ୱରେ ଆଗରୁ ଏହା କେବେ ବି ହୋଇ ନାହିଁ, ପରେ ବି ସେହି ଏକା ଭାବରେ ଆଉ କେବେ ବି ହେବ ନାହିଁ । ଯଦି ଏଥିପାଇଁ ତୁମର ଆଗ୍ରହ ଅଛି... ତା'ହେଲେ ଚାଲ ଏହି ଅଭିଯାନ ଆରମ୍ଭ କରି ଦେବା । କାଲି ତୁମର କ'ଣ ହେବ, ତୁମ ପାଇଁ କ'ଣ ଘଟିବ – ମୁଁ ଜାଣେ ନା, ମୁଁ ତାହା କହିପାରିବି ନାହିଁ ।

ଆଗରୁ ଯାହାକିଛି ଦେଖା ଯାଇଛି, ନିର୍ଣ୍ଣୟ କରାଯାଇଛି, ଯାହା କିଛି କଳ୍ପନା କରାଯାଇଛି, ଯାହା କିଛି ଗଠନ କରାଯାଇଛି ସେସବୁକୁ ବାଦ୍ ଦେବାକୁ ହେବ, ଛାଡ଼ି ଆସିବାକୁ ହେବ, ଆମକୁ ଆଗେଇ ଯିବାକୁ ହେବ ଅଜଣାର ସନ୍ଧାନରେ, ଅଜଣା ଭିତରକୁ । ଯାହାକିଛି ଘଟୁନା କାହିଁକି । ବାସ୍ ।...

ଗୋଟିଏ ସମୟ ଆସେ ଯେତେବେଳେ ଜୀବନ ତା'ର ବର୍ତ୍ତମାନ ସ୍ୱରୂପରେ, ମାନବ-ଚେତନା ତା'ର ବର୍ତ୍ତମାନ ସ୍ୱରୂପରେ ଏପରି ଲାଗେ ଯାହାକୁ ସହ୍ୟ କରିବା ସଂପୂର୍ଣ୍ଣ ଅସମ୍ଭବ ବୋଲି ମନେହୁଏ । ଏହା ଆଣି ଦିଏ ଏକ ପ୍ରକାର ଭୟାନକ ବିତୃଷ୍ଣା, ଭୀଷଣ ବିରକ୍ତି । ଆମେ କହୁ ''ନା, ଏହା ତାହା ନୁହେଁ, ଏହା ତାହା ନୁହେଁ, ଏହା ଏପରି ହୋଇ ନ ପାରେ, ଏପରିଭାବେ ଏହା ଚାଲିପାରିବ ନାହିଁ ।'' ବାସ୍, ଯେତେବେଳେ ଏହିପରି ଅବସ୍ଥା ଆସେ ସେତେବେଳେ ଯଦି ଚାହଁ ନିଜର ଯାହାକିଛି ଅଛି, ନିଜର ସମସ୍ତ ଉଦ୍ୟମ, ସମସ୍ତ ଶକ୍ତି, ସମସ୍ତ ଜୀବନ ଓ ସମଗ୍ର ସତ୍ତାକୁ ଏକାଠି କରି ଏକାବେଳେ ନିକ୍ଷେପ କରି ଦେବାକୁ ହେବ ଏହି ସୁଯୋଗ ପଛରେ, ଅପର ପାର୍ଶ୍ୱକୁ ଅତିକ୍ରମ କରିଯିବା ପାଇଁ ମିଳିଥିବା ଏହି ଅସାଧାରଣ ସୁଯୋଗ ଓ ସମ୍ଭାବନା ପଛରେ, ତେବେ ଏହି ଯେଉଁ ନୂତନ ପଥ ତୁମକୁ ଅନ୍ୟ ଏକ ସତ୍ୟ, ଅନ୍ୟ ଏକ ରାଜ୍ୟକୁ ନେଇଯିବ, ତହିଁରେ ପାଦ ରଖିବା କେଡ଼େ ସ୍ୱସ୍ତିକର, କେଡ଼େ ଆଶ୍ୱାସନାମୟ ନ ହେବ ! ବିରାଟ ବୋଝସବୁକୁ ପଛରେ ପକାଇଦେଇ, ସବୁ ଭାରରୁ ନିଜକୁ ମୁକ୍ତ କରି ଦେଇ ଯେତେବେଳେ ତୁମେ ସେହି ଲମ୍ଫ ପ୍ରଦାନ କରିବାକୁ ସକ୍ଷମ ହୁଅ, ସେଥିପାଇଁ ଯେତେ କଷ୍ଟ ସ୍ୱୀକାର କରିବାକୁ ହେଲେ ମଧ୍ୟ ତାହା ବାଞ୍ଛନୀୟ । ମୁଁ ସମସ୍ୟାଟିକୁ ଏହିପରି ଭାବରେହିଁ ଦେଖିଛି ।

ବାସ୍ତବରେ ଏହାହିଁ ସବୁଠାରୁ ମହିମମୟ ଦୁଃସାହସିକ ଅଭିଯାନ । ଯାହା ଭିତରେ ଦୁଃସାହସିକ ଅଭିଯାନ ପାଇଁ ଆବଶ୍ୟକ ଯଥାର୍ଥ ମନୋଭାବରୁ ଏତେ ଟିକିଏ ମଧ୍ୟ ଥିବ, ସବୁକିଛି ପାଇବା ପାଇଁ ସେ ସବୁକିଛିକୁ ପଣ ଲଗାଇବାକୁ ପ୍ରସ୍ତୁତ ହୋଇଯିବ ।...

ବର୍ତ୍ତମାନ, ଏହି ମୁହୂର୍ତ୍ତରେ ଆମେ ରହିଛେ ପୃଥିବୀ ଇତିହାସର ପୁଣି ଥରେ ଏକ ନିଷ୍ପତ୍ତିମୂଳକ ମୋଡ଼ ପରିବର୍ତ୍ତନର ସମୟରେ । ସବୁ ଦିଗରୁ ମୋତେ ପ୍ରଶ୍ନ ହେଉଛି, ''କ'ଣ ଘଟିବାକୁ ଯାଉଛି ?'' ସବୁଆଡ଼େ ରହିଛି ଏକ ପ୍ରକାର ବେଦନା, ପ୍ରତ୍ୟାଶା ଓ ଭୟ । ''କ'ଣ ଘଟିବାକୁ ଯାଉଛି ?'' ଏହାର ଉତ୍ତର ମାତ୍ର ଗୋଟିଏ ''ଯଦି କେବଳ ମଣିଷ ଆଧ୍ୟାତ୍ମିକ ରୂପାନ୍ତର ପାଇଁ ସମ୍ମତି ଦିଏ ।''

ଏବଂ ସମ୍ଭବତଃ ଏହା ଯଥେଷ୍ଟ ହେବ ଯଦି କେଇଜଣ ବ୍ୟକ୍ତି ଶୁଦ୍ଧ ସୁବର୍ଣ୍ଣ ହୋଇ ଉଠନ୍ତି, କାରଣ ଘଟଣାର ପ୍ରବାହକୁ ବଦଳାଇ ଦେବାକୁ ଏହାହିଁ ଯଥେଷ୍ଟ ହେବ... ଆମେ ଏହି ପ୍ରୟୋଜନୀୟତାର ସମ୍ମୁଖୀନ ହୋଇଛୁ ଅତ୍ୟନ୍ତ ଜରୁରୀ ଭାବରେ ।

ଏହି ସାହସ, ଏହି ବୀରତ୍ୱ ଯାହା ଭଗବାନ୍ ଆମଠାରୁ ଚାହାନ୍ତି ତାହାକୁ ନିଜର ବାଧାବିଘ୍ନ, ନିଜର ଅପୂର୍ଣ୍ଣତା, ନିଜର ଅଜ୍ଞାନତାକୁ ଦୂର କରିବାର ସଂଗ୍ରାମରେ କାହିଁକି ବିନିଯୋଗ ନ

କରିବା ? କାହିଁକି ଆନ୍ତର ଶୁଦ୍ଧତାର ଅଗ୍ନିକୁଣ୍ଡକୁ ବୀରତ୍ୱର ସହିତ ସମ୍ମୁଖୀନ ହେବା ନାହିଁ, ଯାହା ଫଳରେ ପୁଣିଥରେ ଆଉ ସେହିସବୁ ଭୟାବହ ବ୍ୟାପକ ଧ୍ୱଂସ ଭିତରଦେଇ ଯିବାକୁ ହେବ ନାହିଁ ଯାହାକି ପୂରା ଗୋଟାଏ ଗୋଟାଏ ସଭ୍ୟତାକୁ ଗାଢ଼ ଅନ୍ଧକାର ଭିତରେ ବୁଡ଼ାଇ ଦିଏ ।

ଆମ ଆଗରେ ଏହାହିଁ ସମସ୍ୟା । ପ୍ରତ୍ୟେକଙ୍କୁ ଏହାର ସମାଧାନ କରିବାକୁ ହେବ ତା'ର ନିଜସ୍ୱ ଧାରାରେ ।

ଲୋକମାନେ ଯେପରି ନିଦ୍ରାଭିଭୂତ, ସେମାନଙ୍କର ସବୁକିଛି ବିସ୍ମରଣ ହୋଇଯାଏ, ସେମାନେ ଜୀବନକୁ ନିଅନ୍ତି ଅତି ସହଜ ଭାବରେ – ସେମାନେ ଭୁଲି ଯାଆନ୍ତି, ସବୁ ସମୟରେ ଭୁଲି ଯାଆନ୍ତି... କିନ୍ତୁ ଆମେ ଯଦି ସ୍ମରଣ ରଖନ୍ତୁ ଯେ ଆମେମାନେ ଏକ ଅସାଧାରଣ ମୁହୂର୍ତ୍ତରେ, ଏକ ଅନନ୍ୟ ସମୟରେ ବାସ କରୁଛୁ, ଆମ ପାଇଁ ଏହି ମହାନ୍ ସୌଭାଗ୍ୟ, ଏହି ଅମୂଲ୍ୟ ସୁଯୋଗ ପହଞ୍ଚିଛି ଯେ ଆମେ ଏକ ନୂତନ ଜଗତର ଜନ୍ମଲଗ୍ନରେ ଉପସ୍ଥିତ ରହିଛେ, ତା'ହେଲେ ଆମର ଅଗ୍ରଗତି ପଥରେ ଯାହାକିଛି ବାଧାବିଘ୍ନ, ଯାହାକିଛି ପ୍ରତିବନ୍ଧକ ରହିଛି, ସେସବୁକୁ ଅତି ସହଜରେ ଅତିକ୍ରମ କରି ଯାଆନ୍ତେ ।

ତେଣୁ ମନେହୁଏ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଲା ଏହି ବିଷୟଟିକୁ ମନେରଖିବା, ଏପରିକି ଯେତେବେଳେ କୌଣସି ନିର୍ଦ୍ଦିଷ୍ଟ ବୋଧଗମ୍ୟ ଅନୁଭୂତି ମିଳେ ନାହିଁ ସେତେବେଳେ ମଧ୍ୟ ଏହାର ନିଶ୍ଚିତତା ସଂପର୍କରେ ନିଃସନ୍ଦେହ ହେବା, ଏହାର ସତ୍ୟ ଉପରେ ଦୃଢ଼ ବିଶ୍ୱାସ ରଖିବା । ଏହାକୁ ସବୁବେଳେ ସ୍ମରଣ ରଖିବାକୁ ହେବ, ବାରବାର, ନିରନ୍ତର ମନେ ପକାଇବାକୁ ହେବ, ନିଦ୍ରା ଯିବ ଏହାର ଧାରଣା ସହ, ଜାଗ୍ରତ୍ ହେବ ଏହାର ପ୍ରତ୍ୟାଶା ସହ, ନିଜର ସମସ୍ତ କାର୍ଯ୍ୟ ସମ୍ପନ୍ନ କରିବାକୁ ହେବ ଏହି ମହାନ୍ ସତ୍ୟର ପ୍ରଚ୍ଛଦପଟରେ, ଏହାର ସମର୍ଥନରେ ନିରନ୍ତର ପୁଷ୍ଟ ହୋଇ, ଏହି ମହାନ୍ ସତ୍ୟ ହେଉଛି ଯେ ଆମେ ଏକ ନୂତନ ଜଗତର ଜନ୍ମଲାଭକୁ ଅବଲୋକନ କରୁଛେ ।

ଆମେ ଏଥିରେ ଅଂଶ ଗ୍ରହଣ କରିପାରୁ, ଆମେ ସ୍ୱୟଂ ଏହି ନୂତନ ଜଗତ୍ ହୋଇ ଉଠିପାରୁ । ଏବଂ ଯଥାର୍ଥରେ, ଯେତେବେଳେ ଆମର ଏହି ଅପୂର୍ବ ପରମ ସୁଯୋଗ ରହିଛି, ଏହା ଲାଭ କରିବା ନିମନ୍ତେ ସବୁକିଛି ତ୍ୟାଗ କରିବା ପାଇଁ ଆମେ ପ୍ରସ୍ତୁତ ହୋଇ ଉଠିବା ଉଚିତ ।

(The Great Adventure
*A Diary for All Times, pp. 1 - 4*)

*ପ୍ରଶ୍ନ : କେବଳ ବିଶ୍ୱାସ କ'ଣ ସବୁକିଛି ସୃଷ୍ଟି କରିପାରେ, ସବୁକିଛିକୁ ଜୟ କରିପାରେ ?*

**ଶ୍ରୀମା** : ହଁ, କିନ୍ତୁ ତାହା ପୂର୍ଣ୍ଣାଙ୍ଗ ବିଶ୍ୱାସ ହେବା ଆବଶ୍ୟକ, ଏବଂ ତାହା ଅଖଣ୍ଡ ହେବା ଆବଶ୍ୟକ । ଏବଂ ଏହି ବିଶ୍ୱାସ ଯେପରି ଏକ ଯଥାର୍ଥ ଧରଣର ବିଶ୍ୱାସ ହୁଏ, କେବଳ ମାନସିକ ଚିନ୍ତା ବା ଇଚ୍ଛାର ଏକ ଶକ୍ତି ନୁହେଁ, ତାହାଠାରୁ ଅଧିକତର ଓ ଗଭୀରତର କିଛି । ମନ ଯେଉଁ ସଂକଳ୍ପ ରଖିଥାଏ ତାହା ତା'ର ଏକ ବିରୁଦ୍ଧ ପ୍ରତିକ୍ରିୟା ଓ ପ୍ରତିରୋଧକୁ ସୃଷ୍ଟି କରେ ... । କେବଳ ମନର ବିଶ୍ୱାସ ଯଥେଷ୍ଟ ନୁହେଁ, ପ୍ରାଣର ଏକ ବିଶ୍ୱାସ, ଏପରିକି ଦେହର ଏକ ବିଶ୍ୱାସ ଦ୍ୱାରା ତାହାକୁ ସଂପୂର୍ଣ୍ଣ କରିବାକୁ ହେବ ଓ ଦୃଢ଼ ଭାବରେ ପ୍ରୟୋଗ କରିବାକୁ ହେବ । ତୁମେ ଯଦି ନିଜ ଭିତରେ, ତୁମର ସମଗ୍ର ସତ୍ତାରେ ଏହି ଧରଣର ଏକ ବିଶ୍ୱାସ ଗଢ଼ି ତୋଳିପାର, ତା' ହେଲେ କୌଣସି କିଛି ମଧ୍ୟ ତାହାର ପ୍ରତିରୋଧ କରିପାରିବ ନାହିଁ, କିନ୍ତୁ ତୁମକୁ ପୂରା ଅବଚେତନର ତଳକୁ ଯାଇ ପହଞ୍ଚିବାକୁ ହେବ ଏବଂ ପୂରା ଦେହକୋଷଗୁଡ଼ିକରେ ସେହି ବିଶ୍ୱାସକୁ ପ୍ରତିଷ୍ଠିତ କରିବାକୁ ହେବ ।

# ପୂର୍ଣ୍ଣଯୋଗର ସାଧନା

## ଶ୍ରୀଅରବିନ୍ଦ

ଯୋଗ କେବଳ ଆମ ଗୋପନ ଆଧ୍ୟାତ୍ମିକ ସ୍ୱରୂପର ଆବିଷ୍କାର ନୁହେଁ, ଏହା ଏକ ସକ୍ରିୟ ଗତିଶୀଳ ଆଧ୍ୟାତ୍ମିକ ଆତ୍ମ-ସୃଜନ; ତ୍ରିବିଧ ରୂପାନ୍ତର ହେଉଛି ଏହାର ପ୍ରକ୍ରିୟା ଏବଂ ଏହାର ସମଗ୍ର ତାତ୍ପର୍ଯ୍ୟର ପ୍ରକାଶ ।

ଏହାର ପ୍ରଥମ ପଦକ୍ଷେପ ହେଉଛି ଅନ୍ତରାତ୍ମାର ଅନାବରଣ, ତା' ଉପରେ ରହିଥିବା ଆବରଣଗୁଡ଼ିକୁ ଅପସାରିତ କରିବା, କାରଣ ଏକ ଗୋପନ ଚୈତ୍ୟସତ୍ତା, ଆମ ସତ୍ତାର ଗଭୀରରେ ଏକ ଦିବ୍ୟ-ଭାଗବତ ଉପାଦାନ ରହିଛି । ଏହା ମନ, ଦେହ ଓ ପ୍ରାଣର ଏକ ପୋଷାକ ପିନ୍ଧିଥିଲେ ମଧ୍ୟ ତା'ଠାରୁ ଆହୁରି ଅଧିକ ଭାବରେ ଗୋପନ ହୋଇ ରହିଛି । ଚୈତ୍ୟସତ୍ତାର ଏହି ଏକାନ୍ତ ବାସ ଯେଉଁଠି ଏହା ଏକ ଆଧ୍ୟାତ୍ମିକ ସତ୍ତା ରୂପେ ରହିଛି, କିନ୍ତୁ ଆପାତ ଭାବରେ ଏହାର ନିଜ ହାତରେ କୌଣସି ଶକ୍ତି ନାହିଁ, ଏହାର ମନ୍ତ୍ରିଗଣହିଁ ତା' ସ୍ଥାନରେ ସମସ୍ତ ସେବା ଓ ରାଜୁତିର କାର୍ଯ୍ୟ ଚଳାଇ ଥାଆନ୍ତି । ସେହି ଏକାନ୍ତ ବାସରୁ ତାହାକୁ ବାହାର କରି ଆଣିବାହିଁ ଆମର ପ୍ରଥମ କାମ । ତାହା ଫଳରେହିଁ ଏହି ଚୈତ୍ୟସତ୍ତା ପ୍ରକୃତିର ସମଗ୍ର ଶାସନକୁ ନିଜ ହାତରେ ନେଇ ପାରିବ; ଏହାହିଁ ହେଉଛି ପ୍ରଥମ ପ୍ରସ୍ଫୁଟନ, ଏହି ଯୋଗର ପ୍ରଥମ ଶକ୍ତିଶାଳୀ ଆତ୍ମ-ଆବିଷ୍କାର । ଆମ ଭିତରେ ଚିନ୍ତାଶକ୍ତିର ଅଧିକାରୀ ମନହିଁ ହେଉଛି ପ୍ରଧାନ ମନ୍ତ୍ରୀ, ଯେକି ରାଜାଙ୍କୁ ପରଦାବୃତ ଓ ଆଢୁଆଳ କରି ରଖିଛି, କିନ୍ତୁ ସେହି ମନ ଉପରେ ମଧ୍ୟ ପ୍ରାଣଶକ୍ତିଗୁଡ଼ିକ ଆଧିପତ୍ୟ ବିସ୍ତାର କରି ତାହାକୁ ଚାଳିତ କରିଥାଆନ୍ତି । ଏହି ପ୍ରାଣହିଁ ହେଉଛି ରାଜ୍ୟର ସବୁଠୁ କ୍ଷମତାଶାଳୀ ଓ ଉଗ୍ରଶକ୍ତି, ଯେକି ତା'ର ନିଜର ଉଦ୍ଦେଶ୍ୟ ସାଧନ ଲାଗି ମନକୁ କାମ କରିବା ପାଇଁ ବାଧ୍ୟ କରେ, କିନ୍ତୁ ଏମାନେ କେବଳ ସେହିସବୁ ଅବଲମ୍ବନକୁ ଧରି କ୍ରିୟା କରିପାରନ୍ତି, ଯେଉଁଗୁଡ଼ିକୁ ଶରୀର ଓ ଦୈହିକ ପ୍ରକୃତି ସ୍ୱୀକୃତି ଦେଇଥାଏ । ଏହି ଶରୀର ଓ ଦୈହିକ-ପ୍ରକୃତି ଜଡ଼ ଓ ଅତ୍ୟନ୍ତ କମ୍ ସଚେତନ ହେଲେ ମଧ୍ୟ ତା'ର ଶାସକ ଏହି ମନ ଓ ପ୍ରାଣର କ୍ରିୟା ପାଇଁ ତା'ର ନିଷ୍କ୍ରିୟ ସମ୍ମତି ଓ ସେମାନଙ୍କ ବାଧ୍ୟ ଯନ୍ତ୍ର ରୂପେ କାର୍ଯ୍ୟ କରିବା ପାଇଁ ରାଜି ହେବା ଏକାନ୍ତ ଅପରିହାର୍ଯ୍ୟ । ଏହାହିଁ ହେଉଛି ବର୍ତ୍ତମାନ ଆମ ଅବସ୍ଥାର ସାଂବିଧାନିକ ଗଠନ ଏବଂ ଏକ ଧରଣର ସଂଗଠିତ ବିଶୃଙ୍ଖଳା ଓ ବିଭ୍ରାନ୍ତି ଛଡ଼ା ଏହାର ଆଉ ଅଧିକ କିଛି ଅର୍ଥ ନାହିଁ । ଏହା ଏପରି ଏକ ସାମନ୍ତବାଦୀ ବ୍ୟବସ୍ଥା ଯାହାକୁ ଏକ ଅଜ୍ଞାନମୟ ଅର୍ଦ୍ଧ-ଅରାଜକତା ବୋଲି କୁହାଯାଇପାରେ । ଆମ ଆଗରେ ଏହା ଆମ ଆଧ୍ୟାତ୍ମିକ ସାମ୍ରାଜ୍ୟର ସଂପଦସବୁକୁ ପ୍ରକାଶ କରି ସେଗୁଡ଼ିକର ଯଥାର୍ଥ ଉପଯୋଗର ବାଟ ଖୋଲିଦେବା ତ ଦୂରର କଥା, ଏପରିକି ପ୍ରକୃତିର ଯେଉଁ ସୀମିତ କ୍ଷେତ୍ରରେ ଆମେ ବାସ କରୁଛୁ, ତହିଁରେ ରହିଥିବା ସଂପଦ ଓ ସମ୍ଭାବନା-ସବୁର ଯଥାର୍ଥ ଉପଯୋଗ କରିବାକୁ ମଧ୍ୟ ଏହା ଅସମର୍ଥ ।

ତେଣୁ ଆଜି ଯେଉଁ ବିପ୍ଳବ ଆବଶ୍ୟକ, ତା'ର ପ୍ରଥମ ପଦକ୍ଷେପ ହେଉଛି ରାଜା-ଅନ୍ତରାତ୍ମାଙ୍କୁ ପୁଣି ତାଙ୍କ ସିଂହାସନରେ ବସାଇ ରାଜ୍ୟ ଚାଳନାର ସମସ୍ତ ଭାର ତାଙ୍କ ହାତରେ ଅର୍ପଣ କରିବା । ତା'ହେଲେ ଅନ୍ତରାତ୍ମା ମନକୁ ନିର୍ଦ୍ଦେଶ ଦେଇ ଚାଳିତ କରିବ ଓ ସେହି ମନର ଜରିଆରେ ପ୍ରାଣଶକ୍ତିଗୁଡ଼ିକ ଉପରେ ନିଜର ସାର୍ବଭୌମ ଶକ୍ତିକୁ ପ୍ରୟୋଗ ଓ କାର୍ଯ୍ୟକାରୀ କରାଇବ ଏବଂ ସେତେବେଳେ ଅନ୍ତରାତ୍ମାର ସେହି ନିର୍ଦ୍ଦେଶସବୁକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରାଣଶକ୍ତିଗୁଡ଼ିକ ସଂଗେ ସହଯୋଗ ଓ ସମ୍ମତିର ସହ ଆଗେଇ ଆସିବ ଏକ ଜ୍ଞାନପ୍ରାପ୍ତ ଚୈତ୍ୟସଚେତ ଶରୀର । କିନ୍ତୁ କେବଳ ଏତିକି ହୋଇଗଲେ ତାହା ଯଥେଷ୍ଟ ହେବ ନାହିଁ; କାରଣ ଅନ୍ତରାତ୍ମାର ଆବିଷ୍କାର ସେପର୍ଯ୍ୟନ୍ତ ପୂର୍ଣ୍ଣ ହୋଇ ନାହିଁ ଯେପର୍ଯ୍ୟନ୍ତ ପ୍ରକୃତିର ମାନସିକ, ପ୍ରାଣିକ ଓ ଦୈହିକ ଯନ୍ତ୍ରଗୁଡ଼ିକର ଚୈତ୍ୟ ନବୀକରଣ ସଂପନ୍ନ ନ ହୋଇଛି । ସେତେବେଳେ ମନକୁ ଅନ୍ତରାତ୍ମାର ସଂବୋଧି ସଂପନ୍ନ ଦିବ୍ୟସତ୍ୟରେ ଢାଳି ନୂଆ କରି ଗଢ଼ିବାକୁ ହେବ, ପ୍ରାଣସତ୍ତାର ପୁନର୍ଗଠନ ହେବ ଅନ୍ତରାତ୍ମାର ଶକ୍ତି ଓ ଶୁଭର ପ୍ରତ୍ୟକ୍ଷ ଦ୍ୱାରା ଏବଂ ଶରୀର ଓ ସମଗ୍ର ପ୍ରକୃତିକୁ ନୂଆ କରି ଗଢ଼ିବାକୁ ହେବ ଆଲୋକ, ସୁସମଞ୍ଜସତା ଓ ସୌନ୍ଦର୍ଯ୍ୟ ପାଇଁ ସେହି ଅନ୍ତରାତ୍ମାର ନିର୍ଦ୍ଦେଶରେ । ଆମର ପ୍ରକୃତି ବର୍ତ୍ତମାନ ଯେପରି ଏକ ବିପଦ୍‌ସଂକୁଳ ଜୀବନଧାରା ଭିତରେ କୌଣସିମତେ ଏକତ୍ରୀଭୂତ ହୋଇ ଓ ବୁଦ୍ଧିର ଅସ୍ପଷ୍ଟ ମହମବତି ଆଲୋକ ପାଇ ଏକ ପଶୁସୁଲଭ ଗଠନ ହୋଇ ରହିଛି, ତାହା ଆଉ ସେପରି ନରହି, ସେହି ପ୍ରକୃତି ପରିଣତ ହେବ ଏକ ଯଥାର୍ଥ ଚୈତ୍ୟସତ୍ତାର ପ୍ରକୃତିରେ ।

(Bulletin, Feb. 2002, p.6 - 8)

# ପୂର୍ଣ୍ଣଯୋଗର ପଥ

## ଶ୍ରୀମା

*ପ୍ରଶ୍ନ : ଶ୍ରୀଅରବିନ୍ଦ ତାଙ୍କର "Lights on Yoga" ପୁସ୍ତିକାଟିରେ ଲେଖିଛନ୍ତି : ''ଏହି ଯୋଗର ପଥ ଅନ୍ୟାନ୍ୟ ଯୋଗଠାରୁ ଅଧିକ ସୁଦୂରପ୍ରସାରୀ ଏବଂ ବହୁ ଦୁଷ୍କର । ତେଣୁ ଯଦି ତୁମେ ଚୈତ୍ୟପୁରୁଷ ଦିଗରୁ ନିଶ୍ଚିତ ଆହ୍ୱାନ ପାଇ ନଥାଅ ଓ ଯଦି ଏହାର ଶେଷସୀମା ପର୍ଯ୍ୟନ୍ତ ଯିବା ପାଇଁ ତୁମ ମନ ପ୍ରସ୍ତୁତ ହୋଇ ନଥାଏ, ତେବେ ଏ ପଥରେ ତୁମର ପାଦ ଦେବା ମୋଟେ ଉଚିତ ନୁହେଁ ।'' ଏପରି କଥା କାହିଁକି କୁହାଯାଇଛି ?*

ଶ୍ରୀମା : ତା'ର କାରଣ ରହିଛି । ତୁମ ଭିତରେ ଯଥେଷ୍ଟ ସଦିଚ୍ଛା ଥାଇପାରେ, ଦିବ୍ୟ ଉପଲବ୍ଧି ଦିଗରେ ତୁମର ଜୀବନ ଉନ୍ମୁଖ ହୋଇପାରେ, ତୁମ ଭିତରେ ଆତ୍ମନିବେଦନର ଭାବ ମଧ୍ୟ ରହିପାରେ, ଦିବ୍ୟକର୍ମ କରିବାରେ ତୁମେ ଅଳ୍ପ ବା ବହୁତ ଉତ୍ସୁକ ମଧ୍ୟ ହୋଇପାର, କିନ୍ତୁ ତା' କରିବା ଓ ଏହି ଯୋଗ କରିବା ମଧ୍ୟରେ ବହୁତ ତଫାତ ରହିଛି ।

ଶ୍ରୀଅରବିନ୍ଦଙ୍କର ଏହି ଯୋଗର ଅର୍ଥ ପୂର୍ଣ୍ଣଭାବରେ ରୂପାନ୍ତର ହେବା ପାଇଁ ଚାହିଁବା, ତାହା ଦ୍ୱାରା ତୁମ ଜୀବନରେ ଏହି ଗୋଟିଏ ମାତ୍ର ଲକ୍ଷ୍ୟ ଛଡ଼ା ଆଉ କିଛି ରହିଲେ ଚଳିବ ନାହିଁ ।

ଯେତେବେଳେ ତୁମେ କହିବ, 'ମୁଁ ଯୋଗ କରିବାକୁ ଚାହେଁ', ସେତେବେଳେ କିପରି ପଥ ତୁମେ ବାଛିନେଉଛ ସେକଥା ଆଗେ ଭଲକରି ବୁଝିବାକୁ ହେବ । ଯେଉଁମାନେ ମୋ ପାଖକୁ ଆସି କହନ୍ତି ଯେ ସେମାନେ ଏହି ଯୋଗପଥକୁ ଆସିବାକୁ ଚାହାନ୍ତି, ସେମାନଙ୍କର ଏ ବିଷୟରେ ନିଶ୍ଚିତ ନିୟତି ରହିଛି ବୋଲି ମୋତେ ଦେଖା ନଗଲେ ମୁଁ କହିଥାଏ, ଆଗେ ଭଲକରି ଭାବି ଦେଖ, ଯଥାର୍ଥରେ ତୁମେ ଏପଥରେ ଆସିବାକୁ ଚାହଁ କି ନାହିଁ, ତୁମେ ଏହି ଉଦ୍ଦେଶ୍ୟ ନେଇ ଜଗତକୁ ଆସିଛ ବୋଲି ଅନ୍ତର ମଧ୍ୟରେ ଠିକ୍ ଭାବରେ ଜାଣିଛ କି ନାହିଁ ଦେଖ; ସେବିଷୟରେ ଆଗେ ନିଃସନ୍ଦେହ ହୁଅ ।

ତା'ର କାରଣ ହେଲା ଏ ପଥ ସହଜ ନୁହେଁ । ଏ ପଥରେ ଚାଲିବାକୁ ହେଲେ ଅନେକ ସମୟ ଦରକାର, ଅନେକ ଧୈର୍ଯ୍ୟ ଦରକାର, ଯଥେଷ୍ଟ ପରିମାଣରେ ସହ୍ୟଶକ୍ତି, ଅଧ୍ୟବସାୟ ଓ ସତ୍‌ସାହସ ତଥା ସତ୍‌ସଂକଳ୍ପ ରହିବା ଦରକାର । ଯଦି ଏସବୁ ଗୁଣ ତୁମ ଭିତରେ ଅଛି ବୋଲି ଜାଣିଥାଅ ତେବେ ଯାଇ ଏପଥକୁ ଗୋଡ଼ ବଢ଼ାଅ । ଆଉ ଗୋଟିଏ କଥା ଜାଣି ରଖ ଯେ ଏ ପଥରେ ଥରେ ପାଦ ଦେଲେ ଆଉ ଅବ୍ୟାହତି ନାହିଁ, ଏ ପଥରେ ପ୍ରବେଶ କଲେ ଆଉ ଫେରିବା କଥା ଚଳିବ ନାହିଁ, ଏହାର ଶେଷ ପର୍ଯ୍ୟନ୍ତ ତୁମକୁ ଅବଶ୍ୟ ଯିବାକୁ ପଡ଼ିବ । ଅତଏବ କିପରି ପଥରେ ପାଦ ଦେଉଛ, ସେକଥା ସମ୍ପୂର୍ଣ୍ଣ ରୂପେ ଜାଣି ତା'ପରେ ଏ ବିଷୟରେ ସିଦ୍ଧାନ୍ତ ନେବା ଉଚିତ ।

ଯେଉଁଦିନଠାରୁ ତୁମେ ଏ ପଥରେ ପ୍ରବେଶ କରିବ ସେହିଦିନଠାରୁ ତୁମ ଭିତରେ ସବୁକିଛି ପରିବର୍ତ୍ତିତ ହେବାକୁ ଆରମ୍ଭ କରିବ । ବାହାରର ଅବସ୍ଥା ଅବଶ୍ୟ ଆଗେ ଯେପରି ଥିଲା ଅନ୍ୟ ସମସ୍ତଙ୍କ ପରି ସେହିପରି ରହିବ, କିନ୍ତୁ ବହୁ ପାର୍ଥକ୍ୟ ରହିବ ଭିତର ଆଡ଼େ, ଦେଖିପାରିବ ଯେ କୌଣସି ଏକ ଚେତନା ତୁମ ଭିତରେ ଅନୁକ୍ଷଣ କାମ କରିଚାଲିଛି, ଯାହା ଫଳରେ କୌଣସି ଦିଗକୁ ନ ଢଳି ତୁମେ କେବଳ ସମ୍ମୁଖର ସରଳ ପଥଧରି ଚାଲିବାରେ ଲାଗିବ ଓ ବୁଝିପାରିବ ଯେ ତୁମର ଅଗ୍ରଗତିର ପଥରେ ଯାହାକିଛି ବାଧା ବା ବିଘ୍ନସ୍ୱରୂପ ହୋଇ ରହିଛି ସେଗୁଡ଼ିକୁ ସେ ଚେତନା ଅତି ଶୀଘ୍ର ତୀବ୍ର ଆଲୋକ ନିକଟରେ ତୋଳି ଧରିଛି, ତୁମ ନିଜ ଭିତରେ ଯେତେ ଅନ୍ଧତା ଓ ଦୁର୍ବଳତା ରହିଛି ତାହାରି ପ୍ରାଚୀରରେ ତୁମକୁ ବାରବାର ଧକ୍କା ଖୁଆଇଛି । ସେହି ସଜାଗ ଚେତନା ଭିତରେ ଏପରି ଏକ ଅବିମିଶ୍ର ଏକନିଷ୍ଠତା ରହିଛି ଯାହା କୌଣସି ପ୍ରକାରେ ତୁମକୁ ପଥ ଛାଡ଼ି ବିପଥ ଦିଗରେ ଯିବାକୁ ରାଜି କରାଇ ଦେବ ନାହିଁ ।

ଅବଶ୍ୟ, ଯେଉଁମାନେ ଯୋଗପଥରେ ଚାଲିବାକୁ ସ୍ଥିର କରିଛନ୍ତି ସେମାନଙ୍କ ପାଇଁ ଏହି କଥା, ଅନ୍ୟମାନଙ୍କ ପାଇଁ ଏପରି ନୁହେଁ । ସେମାନଙ୍କଠାରେ ମଧ୍ୟ ସେହି ଚେତନା ଆଲୋକ ଦେବ, ଜ୍ଞାନ ଦେବ, ନିରାପଦ ଆଶ୍ରୟ ଦେବ, ଶକ୍ତି ଦେବ, ଯାହାର ଯେପରି ସାମର୍ଥ୍ୟ ସେ ସାମର୍ଥ୍ୟ ଯେପରି ଚରମ ବିକାଶ ଲାଭକରେ ତା' ମଧ୍ୟ କରିଦେବ, ପ୍ରତ୍ୟେକଙ୍କର ଉନ୍ନତି ହେବା ବିଷୟରେ ଯେତେଦୂର ସାହାଯ୍ୟ ଦିଆଯାଇପାରେ ତାହା ମଧ୍ୟ ଦେବ, କିନ୍ତୁ ନିଜର ଗନ୍ତବ୍ୟ ଓ ପରିଣାମ ବିଷୟରେ ସେମାନଙ୍କର ସ୍ୱାଧୀନ ଇଚ୍ଛାହିଁ ବଜାୟ ରହିବ – ସେବିଷୟରେ କୌଣସି ନିୟନ୍ତ୍ରଣର ଧରାବନ୍ଧା ନିୟମ ରହିବ ନାହିଁ ।

ମୋର ପିଲାଏ ! ତୁମେସବୁ ଏଠାରେ ଅତି ବେଶୀ ସ୍ୱାଧୀନତା ପାଇଥାଅ, ବାହାରୁ ସାମାନ୍ୟ ନିୟମ କେତୋଟି ମାନିନେଇ ଚଳିବାକୁ ପଡ଼େ ଅବଶ୍ୟ; କାରଣ ଏହି ସଂକୀର୍ଣ୍ଣ ଜାଗାଟିରେ ଅନେକ ଲୋକ ଜମିଯାଇଛନ୍ତି, ତେଣୁ ଏଠାରେ ଶୃଙ୍ଖଳା ବଜାୟ ରଖିବାକୁ ହେଲେ କିଛି କିଛି ନିୟମକାନୁନ ତ ମାନିବାକୁ ପଡ଼ିବ ! କିନ୍ତୁ ଭିତରେ ତୁମ୍ଭମାନଙ୍କୁ ଅବାଧ ସ୍ୱାଧୀନତା ଦିଆଯାଇଛି ।

ଏଠାରେ କୌଣସି ସାମାଜିକ ବା ନୈତିକ ବା ବୁଦ୍ଧିଗତ ବାଧ୍ୟତା ନାହିଁ । ଏପରିକି କୌଣସି ନିର୍ଦ୍ଦିଷ୍ଟ ବିଧି ମଧ୍ୟ ନାହିଁ, ରହିଛି କେବଳ ଏକ ଆଲୋକ । ତାହାରି ସାହାଯ୍ୟ ନେଇ ତୁମେ ଯଦି ଲାଭବାନ୍ ହେବାକୁ ଚାହଁ, ତାହା ତୁମେ ଅନାୟାସରେ ହୋଇପାର, ଯଦି ନଚାହଁ, ସେଥିରେ ମଧ୍ୟ ଖୁସି ।

ମାତ୍ର ଯେଉଁଦିନ ତୁମେ ଯୋଗପଥ ବାଛିନେବ ଓ ଆନ୍ତରିକ ଭାବରେ ତାକୁ ବରଣ କରିବ, ଯେତେବେଳେ ଏ ବିଷୟରେ ତୁମେ ପ୍ରକୃତରେ ମନ ସ୍ଥିରକରି ପକାଇବ, ସେତେବେଳଠାରୁ ସବୁକିଛି ବଦଳିବାକୁ ଲାଗିବ — ଦେଖିବ ସମ୍ମୁଖରେ ରହିଛି ସେହି ଆଲୋକ ଓ ସେଦିଗରେ ଆଗେଇ ଯିବାର ତୁମର ପଥ ମଧ୍ୟ, ସେ ଦୁଇଟି ସ୍ପଷ୍ଟ ଓ ସରଳ । ସେତେବେଳେ ସେଦିଗରୁ ଫେରି ଆସିବାର କୌଣସି ଉପାୟ ନାହିଁ ।

ଯୋଗ ଗୋଟିଏ ପିଲାଖେଳ ନୁହେଁ, ଯେତେବେଳେ ତୁମେ ଏ ଦିଗଟିକୁ ବାଛି ନେଉଛ, କ'ଣ କହୁଛ ତାହା ଭଲଭାବରେ ଜାଣି, ବୁଝି କର । ଏ ରାସ୍ତା ବାଛି ନେଲେ ଏହାକୁ ନେଇ ଲାଗି- ରହିବାକୁ ପଡ଼ିବ । ସେତେବେଳେ ଇତସ୍ତତଃ ହେଲେ ଚଳିବ ନାହିଁ, କେବଳ ଆଗକୁ ଚାଲିବାକୁ ପଡ଼ିବ ।

ଯେଉଁମାନେ ଯୋଗର ପଥ ନେଇ ନାହାନ୍ତି ସେମାନଙ୍କୁ ମୁଁ କହେ, ଯଥାସାଧ୍ୟ ଭଲ ଭାବରେ ନିଜର କାମ କରିବ ଏହି ସଂକଳ୍ପ କର, ଉନ୍ନତି ନିମନ୍ତେ ଯଥାସାଧ୍ୟ ଚେଷ୍ଟା କର, ସାଧାରଣ ଲୋକମାନେ ଯେପରି ହୋଇଥାଆନ୍ତି ତା'ଠାରୁ ନିଜର ଜୀବନକୁ ଆହୁରି ଭଲ କରିବାରେ ପ୍ରୟାସୀ ହୁଅ । ଏକ ଆଲୋକଦୀପ୍ତ ଓ ଚେତନାଦୀପ୍ତ, ଏପରି ସଂଗତିପୂର୍ଣ୍ଣ ଓ ଅନୁକୂଳ ପରିବେଶ ମଧ୍ୟକୁ ଆସି ସମ୍ପୂର୍ଣ୍ଣ ଶୁଭକାମନା ଭିତର ଦେଇ ତୁମ୍ଭେମାନେ ମଣିଷ ହେଉଛ, ଏ କ୍ଷେତ୍ରରେ ତୁମ୍ଭେମାନେ ସେହିପରି ଉପଯୁକ୍ତ ହୋଇଉଠିବା ଉଚିତ ଓ ଏହି ସଂଗତି ଓ ଶୁଭକାମନା ତଥା ଏ ସ୍ଥାନର ଆଲୋକଧାରାକୁ ସାରା ଜଗତରେ ଖେଳେଇଦେବା ଉଚିତ ।

ମାତ୍ର ବିଶେଷ କରି ଏହି ଦୁରୂହ ରୂପାନ୍ତର-ଯୋଗର ସାଧନା କରିବା ତୁମ ପକ୍ଷରେ ସେତେବେଳେ ସମ୍ଭବ ହେବ ଯେତେବେଳେ ତୁମେ ବୋଧକରିବ ଯେ ଏହି କାର୍ଯ୍ୟ ନିମନ୍ତେହିଁ ତୁମେ ପୃଥିବୀକୁ ଆସିଛ । ଏହାଛଡ଼ା ଆଉ କୌଣସି ଜିନିଷ ନେଇ ରହିବା ତୁମ ପକ୍ଷରେ ଅସମ୍ଭବ, ଏହାହିଁ ତୁମ ଅସ୍ତିତ୍ୱର ଏକମାତ୍ର ଉଦ୍ଦେଶ୍ୟ । ଏଥିପାଇଁ ତୁମକୁ ଅନେକ କଷ୍ଟ ସହିବାକୁ ପଡ଼ିବ, ତେବେ ମଧ୍ୟ ଏସବୁ ତୁମ ପାଖରେ କିଛିହିଁ ନୁହେଁ, ତୁମେ ଚାହିଁବ ଏଇ ସାଧନାରେ ସିଦ୍ଧି, ତା'ଛଡ଼ା ଅନ୍ୟ କିଛି ହେଲେ ବି ନୁହେଁ ।

ଯୋଗପଥରେ ଚାଲିବାକୁ ହେଲେ ତୁମକୁ ବଜ୍ର-କଠିନ ସଂକଳ୍ପ ନେଇ ରହିବାକୁ ପଡ଼ିବ ଓ ଯେପରି ହେଉନା କାହିଁକି ଲକ୍ଷ୍ୟରେ ଯାଇ ସିଧା ପହଞ୍ଚିବାକୁ ପଡ଼ିବ ।

(୮ ଜୁନ୍, ୧୯୫୫)

*

*ପ୍ରଶ୍ନ : ଯଦି କେହି ଏ ପଥରେ ଚାଲୁ ଚାଲୁ ପଛେଇଗଲା ବା ଅଟକିଗଲା, ତା'ହେଲେ ତା'ର ବର୍ତ୍ତମାନ ଜୀବନର ସବୁକିଛି କ'ଣ ସେହିଠାରେ ଅଟକିଗଲା ?*

ଶ୍ରୀମା : ଭିନ୍ନ ଭିନ୍ନ କ୍ଷେତ୍ରରେ ଭିନ୍ନ ଭିନ୍ନ ଫଳ ହୋଇଥାଏ ଓ ତାହା ନିର୍ଭର କରେ ପଛେଇବାଟା କି ଧରଣର — ତା' ଉପରେ । ଯଦି ତାହା ସାମାନ୍ୟ ପଛକୁ ଘୁଞ୍ଚିଯିବା ହୋଇ ନଥାଏ ବା ଅଳ୍ପ ଟିକିଏ ଅଟକିଯିବା ହୋଇଥାଏ ତେବେ ତାହାର ପୁଣି ଚାଲିବା ଆରମ୍ଭ ହୋଇପାରେ । ତେବେ ସେହି ଚାଲିବା ଆଗ ଅପେକ୍ଷା ଦଶଗୁଣ କଠିନ ହୋଇଯିବ ।

*ପ୍ରଶ୍ନ : କାହିଁକି ଏପରି ହେବ ?*

ଶ୍ରୀମା : କାହିଁକି ହେବ ? କାରଣ ଘଟଣାଟି ଯେ ସେହି ପ୍ରକାରର ଘଟିଛି; ତୁମେ ଆପଣା ଶୈଥିଲ୍ୟ ଓ ଦୁର୍ବଳତା ହେତୁ ନିଜ ଭିତରେ ପର୍ବତ ପରି ବାଧା ତିଆରି କରିଛ ।

ଯେତେ ପ୍ରକାର ବାଧାବିପତ୍ତି ଆସି ଠିଆହୁଏ ଓ ତୁମକୁ ତାହା ଜୟ କରିବାକୁ ପଡ଼େ, ସେସବୁ ହେଲା ତୁମର ଆଧ୍ୟାତ୍ମିକ ପରୀକ୍ଷା, ସେ ପରୀକ୍ଷାରେ ତୁମର ଉତ୍ତୀର୍ଣ୍ଣ ହେବା ଦରକାର, ତନ୍ମଧ୍ୟରୁ ଗୋଟିଏ ପରୀକ୍ଷାରେ ଯଦି ଅକୃତକାର୍ଯ୍ୟ ହୁଅ, ତେବେ ପରବର୍ତ୍ତୀ ପରୀକ୍ଷାଟା ତୁମ ପାଇଁ ବେଶୀ କଠିନ ହେବ ।

ସାଧାରଣତଃ ଏଇଟା ଗୁହ୍ୟ ନିୟମ, ଏଥିରୁ କାହାରି ନିଷ୍କୃତି ନାହିଁ ।

ଏକଥା ମଧ୍ୟ ଜାଣି ରଖିବା ଦରକାର ଯେ ବର୍ତ୍ତମାନ ତୁମକୁ ଆଗତୁରା କିଛି ଜଣାଇ ଦିଆଯିବ ନାହିଁ । ତେଣୁ ପ୍ରସ୍ତୁତ ନହେଲେ ଏ ପରୀକ୍ଷାରେ ପାସ କରିବା କଠିନ । ଆଗକାଳରେ ଆଗରୁ ଜଣାଇ ଦିଆଯାଉଥିଲା ଯେ ଏଥର ପ୍ରସ୍ତୁତ ହୁଅ, ତୁମର କଠିନ ପରୀକ୍ଷା ଆସୁଛି । ଆଗରୁ ଜଣାଥିଲେ କାର୍ଯ୍ୟ ଦଶଗୁଣ ସହଜ ହୁଏ, ଏଇଟା ପରୀକ୍ଷା ବୋଲି ଜଣାପଡ଼ିଗଲେ ଉତ୍ତୀର୍ଣ୍ଣ ହେବା ଏପରି କିଛି କଠିନ କଥା ନୁହେଁ ।

ମାତ୍ର ଏ ଯୋଗରେ ପୂରା ଜୀବନଟା ପରୀକ୍ଷା, ପ୍ରାତ୍ୟହିକ ଘଟଣାର ଭିତର ଦେଇ ନିତ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ହେବ ।

କେହି କେହି ନିଜ ତରଫରୁ ବୁଝିପାରନ୍ତି ଯେ, 'ଏଥର ଗୋଟିଏ ଚୂଡ଼ାନ୍ତ ନିଷ୍ପତ୍ତିର ସମୟ ହୋଇଯାଇଛି', ତେଣୁ ବିଶେଷ ପ୍ରଚେଷ୍ଟାରେ ଲାଗିରହିବାକୁ ପଡ଼ିବ । ସେହି ଭାବରେ ପ୍ରସ୍ତୁତ ହୋଇ ସେମାନେ ଚାଲନ୍ତି । ସେତେବେଳେ ବେଶୀ ପରିମାଣର ଶକ୍ତି ସଞ୍ଚୟକରି ସେମାନେ ଆସୁଥିବା ପରୀକ୍ଷା ଆଗରେ ଠିଆହୁଅନ୍ତି ।

ଅପର ପକ୍ଷରେ ତୁମେ ଯଦି ଅଜ୍ଞାନ, ଅନ୍ଧ, ମୂଢ଼ ବା ପ୍ରତିକୂଳ ମନ ନେଇ ପରୀକ୍ଷା ସମୟରେ ଅବାଧ୍ୟତା ବା ବିଦ୍ରୋହ ଆରମ୍ଭ କରିଦିଅ, ତେବେ ସେ ପରୀକ୍ଷାରେ ତୁମେ ଅକୃତକାର୍ଯ୍ୟ ହେବ । ତା'ପର ଥରକୁ ପୁଣି ଯେତେବେଳେ ପରୀକ୍ଷା ଆସିବ ସେତେବେଳେ ଯେ ତୁମକୁ ଦ୍ୱିଗୁଣ ବାଧା ସହିବାକୁ ପଡ଼ିବ ତା' ନୁହେଁ, ନିଜ ଦୋଷରେ ନିଜର ଯେତେ କ୍ଷତି କରିଥିଲ ତାକୁ ମଧ୍ୟ ସୁଧାରି ନେବାକୁ ପଡ଼ିବ । ଏଣୁ ତୁମ ପକ୍ଷରେ କାମଟି ଯଥେଷ୍ଟ ବେଶୀ କଠିନ ହୋଇଯିବ, ସନ୍ଦେହ ନାହିଁ ।

ଅତଏବ ବରାବର ଯେପରି ବି ହେଉ ଚାଲିବା ଦରକାର, ଚାଲିବାକୁ ଯାଇ ଅଧା ବାଟରେ ଥରକୁ ଥର ଠିଆ ହୋଇପଡ଼ିବା ଉଚିତ ନୁହେଁ । କାରଣ କଠିନ କାମ ହେଲେ ମଧ୍ୟ ତାହାର ଏକ ଧାରାବାହିକତା ରହିଲେ ଅନେକ ସହଜ ହେବ, କିନ୍ତୁ ଥରେ ଅଟକିଯାଇ ପୁଣି ନୂଆ କରି ଆରମ୍ଭ କଲେ ଆହୁରି କଠିନ ହେବ ।

ଆତ୍ମୋନ୍ନତି ପଥରେ କୌଣସି ସନ୍ଧିକ୍ଷଣରେ କୌଣସି ଏକ ବଡ଼ ବାଧାକୁ ଡେଇଁଯିବା ସକାଶେ କେବଳ ଦୁଇଟି ମାତ୍ର ଉପାୟ ରହିଛି, ହୁଏତ ତୁମକୁ ସାହସ କରି ସିଧା ଗୋଡ଼ ବଢ଼ାଇ ଦେବାକୁ ପଡ଼ିବ, ସେତେବେଳେ ତା' ଦ୍ୱାରାହିଁ ତୁମେ କିଛି ଦୂର ଅଗ୍ରସର ହୋଇ ଯାଇପାରିବ । ତା' ନହେଲେ ସେଠାରେ ଯଦି ତୁମେ ଅଟକି ଯାଅ, ତେବେ ସେଠାରେ କେବଳ ଯେ ଅଟକି ଗଲ ବା ପଛରେ ପଡ଼ିଗଲ ତା' ନୁହେଁ, ସେ ସ୍ଥାନରୁ ଗଭୀର ଗର୍ତ୍ତ ମଧ୍ୟକୁ ତୁମର ପତନ ଘଟିପାରେ ଏବଂ ସେ ଏପରି ମାରାତ୍ମକ ପତନ ଯେ ସେଥିରୁ ଉଠି ଠିଆ ହେବାର କୌଣସି କ୍ଷମତା ରହିବ ନାହିଁ । ଗୋଟାଏ ଜନ୍ମ ବୃଥାରେ ନଷ୍ଟ ହୋଇଯିବ ।

କିନ୍ତୁ ଏହି ମାରାତ୍ମକ ଅବସ୍ଥାରେ ମଧ୍ୟ ତୁମର ପତିତ ସତ୍ତା ମଧ୍ୟରେ ଏପରି କିଛି ଜିନିଷ ଯଦି ଜୀବିତ ରହିଥିବ; ଅନିର୍ବାଣ ଶିଖାପରି ଯାହା ଜଳୁଥିବ ଏବଂ ଯଦି ପତନ ସତ୍ତ୍ୱେ ସବୁ ପ୍ରକାର କଷ୍ଟ ସହ୍ୟ କରିବାକୁ ଓ ଯଥେଷ୍ଟ କ୍ଷତି ସହିବାକୁ ମଧ୍ୟ ପ୍ରସ୍ତୁତ ଥାଅ ତେବେ ମଧ୍ୟ ଯଦି ଗର୍ତ୍ତର ଗଭୀରରୁ ପୁଣି ପ୍ରକୃତରେ ଉପରକୁ ଉଠି ଆସିବାକୁ ଚାହୁଁଥାଅ ତେବେ ତାହା ମଧ୍ୟ ସମ୍ଭବ ହୋଇପାରେ, ଯଦି ତୁମର ସେହି ଅନିର୍ବାଣ ଶିଖାଟି ଭଗବତ୍ କୃପା ପାଇଁ ପ୍ରାର୍ଥନା କରେ । କୃପାବଳରେ କିଛି ବି ବସ୍ତୁ ଅସମ୍ଭବ ହୋଇ ରହିପାରେ ନାହିଁ ।

ମାତ୍ର, ଏହି ଶିଖାଟିର ଯଥେଷ୍ଟ ଜୋର୍ ରହିଥିବା ଦରକାର, ନହେଲେ ଗର୍ତ୍ତର ଗଭୀରତା ଭିତରୁ ପୁଣି ଉପରକୁ ଉଠିଆସିବା ଏତେ ସହଜ କଥା ନୁହେଁ । ଏ ପଥରୁ ଥରେ ଯଦି ଓହରି ଯାଅ ଆଉ ଥରେ ଏହାକୁ ଖୋଜିପାଇବା ଖୁବ୍ କଷ୍ଟକର । ଆଶ୍ଚର୍ଯ୍ୟର କଥା ଥରେମାତ୍ର ଛାଡ଼ି ଦେଲେ ବି ତାହା ହଜିଯାଏ । ଏ ସମ୍ବନ୍ଧରେ ସବୁ ଦେଶରେ କିଂବଦନ୍ତୀ ରହିଛି – କେବେ କିଏ କେଉଁଠି ଥରେ ପଥଭ୍ରଷ୍ଟ ହୋଇଥିଲା, ତା'ପରେ ସାରା ଜୀବନ ଖୋଜି ମଧ୍ୟ ସେ ପଥ ଖୋଜି ପାଇଲା ନାହିଁ । ତା' ପାଖରେ ସେ ପଥ ନିଶ୍ଚିହ୍ନ ହୋଇଗଲା ।

ପଥଟି ଯଦି ଧରିଥାଅ, କେବେହେଲେ ତାକୁ ଛାଡ଼ ନାହିଁ । ଚାଲିବାକୁ ଆରମ୍ଭ କରିବା ଆଗରୁ ଯେତେ ଇଚ୍ଛା ମନ-ଖୁସିରେ ଇତସ୍ତତଃ ହୋଇପାର; କିନ୍ତୁ ଥରେ ପାଦ ବଢ଼ାଇଲେ ସେସବୁ ଏକାବେଳେକେ ବନ୍ଦ କରିଦେବାକୁ ପଡ଼ିବ, ଚାଲିବା କୌଣସି ପ୍ରକାରେ ଛାଡ଼ିବ ନାହିଁ; କାରଣ ସେଥିରେ ଯେଉଁ କ୍ଷତି ହେବ, ତାହାକୁ ପୂରଣ କରିବାରେ ଅନେକ ଜନ୍ମ ଲାଗିଯିବ । ସୁତରାଂ କହି ରଖୁଛି, ଏହା ଅତି ଗୁରୁତର ବିଷୟ । ❖

# ପଥେ ସଂକଟ

## ଶ୍ରୀଅରବିନ୍ଦ

ଯେଉଁମାନେ ଆଧ୍ୟାତ୍ମିକ ପଥରେ ପ୍ରବେଶ କରନ୍ତି ସେମାନଙ୍କୁ ସେହି ଯାତ୍ରାପଥରେ ନାନା ଅସୁବିଧା ଓ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିବ । ସେହିସବୁ ବାଧା ନିଜ ମଧ୍ୟରୁ ଆସିଥାଏ ଓ ବାହାରୁ ବି ଆସି ନିଜ ମଧ୍ୟରେ ପ୍ରବେଶ କରିଥାଏ । ଏହିପରି ବାଧାବିଘ୍ନ ନିଜ ସ୍ୱଭାବରେ ବାରଂବାର ଦେଖାଦିଏ । ସେସବୁକୁ ଜୟ କରିବା ପର୍ଯ୍ୟନ୍ତ ତାହା ସେଇପରି ଚାଲେ । ସେସବୁକୁ ଦୃଢ଼ତା ଓ ଧୈର୍ଯ୍ୟର ସହିତ ସାମନା କରିବାକୁ ପଡ଼ିବ । ଯେତେବେଳେ ବାଧାବିଘ୍ନ ଓ ଅସୁବିଧା ଦେଖାଦିଏ ସେତେବେଳେ ପ୍ରାଣସତ୍ତା ପ୍ରାୟ ଅବସାଦ ଆଡ଼କୁ ଉନ୍ମୁଖ ହୋଇଯାଏ । ଏହା ତୁମ ପାଇଁ ଏକ ଅସାଧାରଣ କଥା ନୁହେଁ, ଏହା ସବୁ ସାଧକଙ୍କ ପାଇଁ ଆସିଥାଏ – ତା' ବୋଲି ଏଥିରୁ ବୁଝାଯାଏ ନାହିଁ ଯେ ବ୍ୟକ୍ତି ସାଧନା ପାଇଁ ଅଯୋଗ୍ୟ କିଂବା ଏକ ପ୍ରକାର ନିଃସହାୟ ଭାବ ତାହା ଦ୍ୱାରା ପ୍ରତିପାଦିତ ହୁଏ ନାହିଁ । କିନ୍ତୁ ସାହାଯ୍ୟ ପାଇଁ ମା'ଙ୍କ ଶକ୍ତିକୁ ଆହ୍ୱାନ କରି ଅବସାଦର ଏହି ପ୍ରତିକ୍ରିୟାକୁ ଅତିକ୍ରମ କରିଯିବା ପାଇଁ ତୁମେ ଅବଶ୍ୟ ନିଜକୁ ପ୍ରଶିକ୍ଷିତ କରିବ ।

ଯେଉଁମାନେ ଦୃଢ଼ତାର ସହିତ ଏହି ପଥରେ ସଂଲଗ୍ନ ହୋଇରହନ୍ତି ସେମାନେ ସେମାନଙ୍କ ଆଧ୍ୟାତ୍ମିକ ନିୟତି ବିଷୟରେ ସବୁବେଳେ ସ୍ଥିରନିଶ୍ଚିତ ଥା'ନ୍ତି । ଯଦି କେହି ସେଇ ଲକ୍ଷ୍ୟ ପ୍ରାପ୍ତ ହେବାରେ ବିଫଳ ହୁଅନ୍ତି ତେବେ ତାହା କେବଳ ଏହି ଦୁଇଟି କାରଣ ମଧ୍ୟରୁ ଗୋଟିଏ କାରଣ ପାଇଁ ହୋଇପାରେ – ହୋଇପାରେ ସେମାନେ ଏହି ପଥକୁ ପରିତ୍ୟାଗ କରିଥା'ନ୍ତି ଅଥବା କୌଣସି ଉଚ୍ଚାକାଙ୍କ୍ଷା, ଅହଂକାର, କାମନା-ବାସନାର ବଶବର୍ତ୍ତୀ ହୋଇ ସେମାନେ ଭଗବାନଙ୍କ ଉପରେ ଆନ୍ତରିକ ନିର୍ଭରତା ନରଖି ବିପଥଗାମୀ ହୋଇଥା'ନ୍ତି ।

*

ସାଧାରଣ ଭାବେ କୁହାଯାଇପାରେ ଯେ ଲୋକମାନଙ୍କୁ ବିଶେଷକରି ଯୁବକମାନଙ୍କୁ, ଏ ସାଧନା-ପଥକୁ ଟାଣିବା ଦିଗରେ ଅତ୍ୟଧିକ ଉତ୍କଣ୍ଠିତ ହେବା ବିଜ୍ଞତାର କଥା ନୁହେଁ । ଯେଉଁ ସାଧକ ଏହି ଯୋଗ ମଧ୍ୟକୁ ଆସନ୍ତି ତାଙ୍କ ନିଜ ମଧ୍ୟରେ ଏକ ଯଥାର୍ଥ ଆହ୍ୱାନ ଆସିଥିବା ଆବଶ୍ୟକ । ଏପରି ଯଥାର୍ଥ ଆହ୍ୱାନ ଥାଇ ମଧ୍ୟ ଏ ପଥ ଅନେକ ସମୟରେ କଷ୍ଟସାଧ୍ୟ ହୋଇଥାଏ । କୌଣସି ପ୍ରଚାରଧର୍ମୀ ଉତ୍ସାହରେ ମାତି ଯେତେବେଳେ ଲୋକମାନଙ୍କୁ ଏ ଦିଗକୁ ଟଣାଯାଏ ସେତେବେଳେ ଯେଉଁ ବିପଦ ଆସେ ତାହା ଏକ ଅନୁକରଣଶୀଳ ଓ ଅବାସ୍ତବ ଅଗ୍ନି ପ୍ରଜ୍ୱଳିତ କରିବା ସଦୃଶ ହୁଏ, ଯାହାକି ଯଥାର୍ଥ ଅଗ୍ନି ନୁହେଁ । ଅଥବା ଏହା ଏକ କ୍ଷଣସ୍ଥାୟୀ ଅଗ୍ନି ହୋଇପାରେ ଯାହାକି ଅଧିକ କାଳ ବଞ୍ଚି ରହେ ନାହିଁ ଓ ପ୍ରାଣସ୍ତରରୁ ଉତ୍‌ଥିତ ପ୍ରବାହସବୁ ମଧ୍ୟରେ ବୁଡ଼ି ହଜିଯାଏ । ବିଶେଷତଃ ଯୁବକମାନଙ୍କ କ୍ଷେତ୍ରରେ ଏପରି ହୋଇଥାଏ ଯେଉଁମାନଙ୍କ ସ୍ୱଭାବ ନମନୀୟ ଓ ଯେଉଁମାନେ ସହଜରେ ତାଙ୍କୁ ଦିଆଯାଇଥିବା ଧାରଣା ଓ ଅନୁଭୂତିସବୁ ଦ୍ୱାରା (ଯାହାକି ତାଙ୍କ ନିଜର ନୁହେଁ) ଆବଦ୍ଧ ହୋଇଯାଆନ୍ତି । ପରେ ପରେ ପ୍ରାଣସତ୍ତା ତା'ର ଅତୃପ୍ତ ବାସନାସବୁ ନେଇ ଜାଗିଉଠେ ଓ ସେମାନେ ଦୁଇ ବିରୋଧାତ୍ମକ ଶକ୍ତି ମଧ୍ୟରେ ଦୋଦୁଲ୍ୟମାନ ହୋଇ ରହନ୍ତି ଅଥବା ଅତି ସାଧାରଣ ଜୀବନକ୍ରିୟା ଓ ବାସନାର ତୃପ୍ତି ଯାହାକି ଯୁବକମାନଙ୍କର ସାଧାରଣ ସ୍ୱଭାବ-ଧାରା, ତାହାରି ନିକଟରେ ଖୁବ୍ ଶୀଘ୍ର ସେମାନେ ବଶତାସ୍ୱୀକାର କରନ୍ତି । ଏପରି ମଧ୍ୟ ହୋଇପାରେ ଯେ ଅଯୋଗ୍ୟ ଆଧାର ସେହି ଆହ୍ୱାନର ଚାପରେ କଷ୍ଟ ଭୋଗନ୍ତି କାରଣ ତାହା ପାଇଁ ସେ ପ୍ରସ୍ତୁତ ନଥିଲେ ବା ଅନ୍ତତଃ ସେପର୍ଯ୍ୟନ୍ତ ପ୍ରସ୍ତୁତ ନଥିଲେ । ଯେତେବେଳେ ବ୍ୟକ୍ତିର ନିଜ ମଧ୍ୟରେ ଅସଲ ଜିନିଷ ରହିଥାଏ ସେତେବେଳେ ସେ ପଥ ଅତିକ୍ରମ କରିଯାଏ ଓ ସାଧନା ପଥରେ ସଂପୂର୍ଣ୍ଣଭାବେ ଅଗ୍ରସର ହୁଏ । କିନ୍ତୁ ଖୁବ୍ କମ୍ ଲୋକ ସେପରି କରିଥା'ନ୍ତି । ସବୁଠାରୁ ଭଲ ହେବ ଯେଉଁମାନେ ନିଜ ଇଚ୍ଛାରେ ଆସିଥା'ନ୍ତି ତାଙ୍କୁ ଗ୍ରହଣ କରିବା । ସେମାନେ ଏପରି ବ୍ୟକ୍ତି ହୋଇଥିବେ ଯାହାଙ୍କ ମଧ୍ୟରେ ଥିବା ଆହ୍ୱାନ ଯଥାର୍ଥରେ ତାଙ୍କ ନିଜର ହୋଇଥିବ ଓ ତାହା ସଦା ଅଟଳ ରହିଥିବ ।

*

ଏପରି ଦୁଃଖ-ଯନ୍ତ୍ରଣାର କୌଣସି ଅପରିବର୍ତ୍ତନୀୟ

ନିୟମ ନାହିଁ । ଯିଏ ଯନ୍ତ୍ରଣା ଭୋଗେ ସେ ଆତ୍ମା ନୁହେଁ; ଆତ୍ମା ସଦାପ୍ରଶାନ୍ତ ଓ ସବୁ ଜିନିଷ ପାଇଁ ସମାନ । ଚୈତ୍ୟସତ୍ତାଙ୍କର ଏକମାତ୍ର ଦୁଃଖ ହେଲା ଭଗବତ୍ ଇଚ୍ଛା ପ୍ରତି ସ୍ୱଭାବର ବିରୋଧ-ଜନିତ ଦୁଃଖ ଅଥବା ସତ୍ୟ, ଉତ୍ତମ ଓ ସୁନ୍ଦରର ଆହ୍ୱାନ ପ୍ରତି ଲୋକମାନଙ୍କର ଓ ବିଷୟସବୁର ବାଧା । ଯନ୍ତ୍ରଣା ଦ୍ୱାରା ଯାହା ପ୍ରଭାବିତ ହୁଏ ତାହା ହେଲା ପ୍ରାଣପ୍ରକୃତି ଓ ଶରୀର । ଯେତେବେଳେ ଆତ୍ମା ତଥା ଭଗବାନଙ୍କ ଆଡ଼କୁ ବ୍ୟକ୍ତି ଆକର୍ଷିତ ହୁଏ ସେତେବେଳେ ମନରେ କିଛି ପ୍ରତିରୋଧ ଦେଖାଦେଇପାରେ । ତାହାର ସାଧାରଣ ସ୍ୱରୂପ ହେଲା ଅସ୍ୱୀକାର ଓ ସନ୍ଦେହ — ତାହା ମାନସିକ ଓ ପ୍ରାଣିକ ଯନ୍ତ୍ରଣା ସୃଷ୍ଟି କରିପାରେ । ପୁଣି ପ୍ରାଣ ପ୍ରକୃତିରେ ମଧ୍ୟ କିଛି ବିରୋଧ ରହିପାରେ । ତାହାର ମୁଖ୍ୟ ପ୍ରକୃତି ହେଲା କାମନା-ବାସନା ଓ କାମନା-ବାସନା ସହିତ ସଂପୃକ୍ତ ସବୁକିଛିଠାରେ ଆସକ୍ତି । ଏ କ୍ଷେତ୍ରରେ ଯଦି ଆତ୍ମା ଓ ପ୍ରାଣ-ପ୍ରକୃତି ମଧ୍ୟରେ ଭଗବତ୍ ଆକର୍ଷଣ ଓ ଅଜ୍ଞାନତାର ଆକର୍ଷଣ ମଧ୍ୟରେ ଦ୍ୱନ୍ଦ୍ୱ ଦେଖାଦିଏ ତାହାହେଲେ ସ୍ୱାଭାବିକ ଭାବରେ ମନ ଓ ପ୍ରାଣର ଅଂଶସବୁ ପାଇଁ ଅଧିକ ଦୁଃଖ-ଯନ୍ତ୍ରଣା ଆସିପାରେ । ଶରୀର-ଚେତନା ମଧ୍ୟ ଏକ ବାଧକଭାବେ ଠିଆ ହୋଇପାରେ ଯାହାକି ସାଧାରଣତଃ ମୌଳିକ ଜଡ଼ତା ବା ନିଶ୍ଚେଷ୍ଟତା, ଶରୀର-ଚେତନାର ମୌଳିକ ଉପାଦାନ ମଧ୍ୟରେ ଥିବା ଏକ ଅସ୍ପଷ୍ଟତା, ଦୁର୍ବୋଧତା, ଉଚ୍ଚତର ଚେତନାର ପ୍ରତ୍ୟୁତ୍ତର ଦେବାରେ ଅପାରଗତା, ନିମ୍ନଚେତନାର ପ୍ରଭାବକୁ ଅସହାୟଭାବେ ଯନ୍ତ୍ରବତ୍ ସମର୍ଥନ କରିବା ଇତ୍ୟାଦିର ରୂପ ନେଇପାରେ (ଯଦିଓ ତାହା ସେପରି କରିବାକୁ ଚାହେଁ ନାହିଁ) । ଫଳରେ ଉଭୟ ପ୍ରାଣିକ ଓ ଶାରୀରିକ ଯନ୍ତ୍ରଣା ଆସିପାରେ । ଏତଦ୍‌ବ୍ୟତୀତ ବିଶ୍ୱପ୍ରକୃତିର ମଧ୍ୟ ଏକ ପ୍ରକାର ବାଧା ରହିଛି ଯାହା ଚାହେଁ ନାହିଁ ଯେ ବ୍ୟକ୍ତି ଅଜ୍ଞାନତା ମଧ୍ୟରୁ ବାହାରିଯାଇ ଜ୍ଞାନାଲୋକ ମଧ୍ୟକୁ ପ୍ରବେଶ କରୁ । ଏହା ପୁରାତନ ଧାରାରେ ପୂର୍ବପରି ଚଳିବା ପାଇଁ ଜିଦ୍ ଧରି ବସିବାର ରୂପ ନେଇପାରେ । ତାହାର ତରଙ୍ଗସବୁକୁ ମନ, ପ୍ରାଣ ଓ ଶରୀର ଉପରକୁ ନିକ୍ଷେପ କରାହୁଏ ଯାହାଫଳରେ ପୁରାତନ ଧାରଣା, ପ୍ରେରଣା, କାମନା-ବାସନା, ଅନୁଭବ, ପ୍ରତିକ୍ରିୟାସବୁ — ଯାହାକୁକି ଦୂରକୁ ନିକ୍ଷେପ କରାଯାଇଥିଲା ଓ ପ୍ରତ୍ୟାଖ୍ୟାନ କରାଯାଇଥିଲା — ସେସବୁ ପୂର୍ବପରି ରହିଯାଏ ଓ ଏକ ଆକ୍ରମଣକାରୀ ସୈନ୍ୟଦଳ ପରି ବାହାରୁ ଫେରିଆସିପାରେ । ଯେପର୍ଯ୍ୟନ୍ତ ଭଗବାନଙ୍କଠାରେ ସମର୍ପିତ ବ୍ୟକ୍ତିର ସମୁଦାୟ ପ୍ରକୃତି ସେସବୁକୁ ପ୍ରବେଶ କରିବାକୁ ଅନୁମତି ଦେବା ବନ୍ଦ-କରି ନଥାଏ ସେପର୍ଯ୍ୟନ୍ତ ଏହିପରି ଚାଲେ । ଏହା ହେଉଛି ବିଶ୍ୱପ୍ରକୃତି ସମ୍ପର୍କିତ ପ୍ରତିରୋଧର ମାନସିକ ରୂପ । କିନ୍ତୁ ଏହା ମଧ୍ୟ ବାହ୍ୟ କାର୍ଯ୍ୟକାରୀ ରୂପ ଗ୍ରହଣ କରିପାରେ — ଯେପରି ବିରୋଧ, ପରନିନ୍ଦା, ଆକ୍ରମଣ, ଲାଞ୍ଛନା, ଅନେକ ପ୍ରକାର ଦୁର୍ଭାଗ୍ୟ, ପ୍ରତିକୂଳ ଅବସ୍ଥା ଓ ପରିସ୍ଥିତି, ଯନ୍ତ୍ରଣା, ଅସୁସ୍ଥତା, କୌଣସି ବ୍ୟକ୍ତି ବା ଶକ୍ତିର ଆକ୍ରମଣ ଇତ୍ୟାଦି । ସେକ୍ଷେତ୍ରରେ ମଧ୍ୟ ଦୁଃଖ-ଯନ୍ତ୍ରଣା ଭୋଗିବାର ସମ୍ଭାବନା ସୁସ୍ପଷ୍ଟ । ଏସବୁର ସମ୍ମୁଖୀନ ହେବା ପାଇଁ ଦୁଇଟି ପନ୍ଥା ଅଛି — ପ୍ରଥମେ ବ୍ୟକ୍ତିର ନିଜ ଆତ୍ମା କଥା, ଯାହାର ପ୍ରଶାନ୍ତି, ସମତା, ଉତ୍ସାହ, ଇଚ୍ଛାଶକ୍ତି, ମନ, ପ୍ରାଣ, ଶରୀର ଚେତନା ଯାହାକି ପୂର୍ଣ୍ଣରୂପେ ଭଗବତ୍ ଅଭିମୁଖୀ ହୋଇ ରହେ । ସନ୍ଦେହ, କାମନା-ବାସନା, ଆସକ୍ତି, ହତାଶା, ଦୁଃଖ, ଯନ୍ତ୍ରଣା, ଜଡ଼ତା ଇତ୍ୟାଦିର କୌଣସି ପରାମର୍ଶ ନଶୁଣି ନିଜ ସ୍ଥିତିରେ ସେ ଦୃଢ଼ ରହେ । ଏହା ସମ୍ଭବ ହୁଏ ଯେତେବେଳେ ଆନ୍ତର ସତ୍ତା ସଜାଗ ହୁଏ, ଯେତେବେଳେ ବ୍ୟକ୍ତି ଆତ୍ମା ବିଷୟରେ ସଚେତନ ହୁଏ, ଆନ୍ତର ମନ, ଆନ୍ତର ପ୍ରାଣ ଓ ଆନ୍ତର ଶରୀର ଚେତନା ବିଷୟରେ ସଚେତନ ହୁଏ । ଏହା ଫଳରେ ବ୍ୟକ୍ତିସତ୍ତା ଅଧିକ ସହଜରେ ଭଗବତ୍ ଇଚ୍ଛା ସହିତ ଐକ୍ୟ ପ୍ରତିଷ୍ଠା କରିପାରେ । ଫଳରେ ସତ୍ତାରେ ଏକ ବିଭାଜନ ସଂଗଠିତ ହୁଏ, ଯେପରିକି ଦୁଇଟି ସତ୍ତା ରହିଛି । ଗୋଟିଏ — ପ୍ରଶାନ୍ତି, ଦୃଢ଼ତା, ସମତା, ଅବିଚଳତା ମଧ୍ୟରେ ଭଗବତ୍ ଚେତନା ଓ ଭଗବତ୍ ଶକ୍ତିର ଏକ ମାର୍ଗ (channel)ର ରୂପ ହୋଇଥିଲା ବେଳେ ଅନ୍ୟଟି ଉପରେ ନିମ୍ନ ପ୍ରକୃତି ତଥାପି ମଧ୍ୟ ହସ୍ତକ୍ଷେପ କରି ନଥାଏ ବା ଅନଧିକାର ପ୍ରବେଶ କରି ନଥାଏ । ତାହାହେଲେ ମଧ୍ୟ ଶେଷୋକ୍ତ ଅଂଶଜନିତ ବିଶୃଙ୍ଖଳା ମୋଟାମୋଟି ସାମାନ୍ୟ ଧରଣର ହୁଏ ଯାହାକି ଏକ ବାହ୍ୟ ବିକ୍ଷୋଭ ବ୍ୟତୀତ ଅଧିକ କିଛି ନୁହେଁ । ଯେପର୍ଯ୍ୟନ୍ତ ବାହ୍ୟ ସତ୍ତା ମଧ୍ୟ ପ୍ରଶାନ୍ତ, ଏକାଗ୍ର, ନିର୍ଲିପ୍ତ ହୋଇ ନଥାଏ ସେପର୍ଯ୍ୟନ୍ତ ଅବସ୍ଥା ସେପରି ରହେ । ଏହା ବ୍ୟତୀତ ଚୈତ୍ୟସତ୍ତାଙ୍କର ପନ୍ଥା ରହିଛି — ଯେତେବେଳେ ଚୈତ୍ୟସତ୍ତା ତାଙ୍କର ସ୍ୱକୀୟ ଶକ୍ତି ନେଇ ବାହାରି ଆସନ୍ତି, ତାଙ୍କର ଉତ୍ସର୍ଗ ଭାବ, ଉପାସନା, ଭାଗବତ ପ୍ରେମ, ଆତ୍ମଦାନ, ସମର୍ପଣ ଇତ୍ୟାଦିକୁ ମନ, ପ୍ରାଣ ଓ ଶରୀର-ଚେତନା ଉପରେ ଆରୋପ କରନ୍ତି ଓ ସେମାନଙ୍କୁ ସେମାନଙ୍କର ସମସ୍ତ ଗତିବୃତ୍ତିକୁ ଭଗବତ୍ ଅଭିମୁଖୀ କରିବାକୁ ବାଧ୍ୟ କରନ୍ତି । ଯଦି ଚୈତ୍ୟ-ଚେତନା ଦୃଢ଼ ହୁଅନ୍ତି ଓ ସବୁବେଳେ

ପ୍ରଭୁତ୍ୱ ବିସ୍ତାର କରନ୍ତି ତେବେ ସେତେବେଳେ ଆଦୌ ମାନସିକ ଦୁଃଖ, କଷ୍ଟ ରହେ ନାହିଁ ବା ରହିଲେ ଖୁବ୍ ଅଳ୍ପ ରହେ, ଏବଂ ବାହ୍ୟ ଚେତନା (objective) ଆତ୍ମାକୁ ବା ଚେତନାର ଅନ୍ୟ ଅଂଶସବୁ ଉପରେ ପ୍ରତିକ୍ରିୟା ସୃଷ୍ଟି କରିପାରେ ନାହିଁ। ଏହି ପଥ ହେଲା ସୂର୍ଯ୍ୟସ୍ନାତ ଏବଂ ସମୁଦାୟ ସାଧନାର ଫଳ ହୁଏ ମହାନ୍ ଆନନ୍ଦ ଓ ମଧୁରତା। ବାହ୍ୟ ଆକ୍ରମଣ ଓ ପ୍ରତିକୂଳ ପରିସ୍ଥିତି ବିଷୟରେ ଏହା କୁହାଯାଇପାରେ ଯେ ତାହା ଯେଉଁ ଶକ୍ତିସତ୍ତା ସହିତ ବାହ୍ୟ ପ୍ରକୃତିର ସମ୍ପର୍କକୁ ରୂପାନ୍ତରିତ କରେ ତାହାରି କ୍ରିୟା ଉପରେ ନିର୍ଭର କରିବ। ସେହି ଶକ୍ତିର ଯେତିକି ଯେତିକି ଜୟଯାତ୍ରା ହେଉଥିବ ସେତିକି ସେତିକି ଶୀଘ୍ର ସେସବୁ ଅପସାରିତ ହେଉଥିବେ। କିନ୍ତୁ ଯେତେ ଅଧିକ କାଳ ପାଇଁ ସେସବୁ ରହନ୍ତୁ ପଛକେ ସେମାନେ କେବେହେଲେ ସାଧନାରେ ବାଧା ସୃଷ୍ଟି କରି ପାରିବେ ନାହିଁ କାରଣ ସେତେବେଳେ ବିରୋଧୀ ଜିନିଷସବୁ ଓ ଘଟନାସବୁ ଏହାର ଅଗ୍ରଗତିର ଉପାୟ ହୋଇଉଠେ ଓ ଆତ୍ମାର ଅଗ୍ରଗତିରେ ସହାୟକ ହୋଇଥାଏ। ✤

## ଭାରତର ଜାଗ୍ରତ୍ ଶକ୍ତି :

ଯୁଗ-ଯୁଗର ଭାରତ ମୃତ ନୁହେଁ କିଂବା ସେ ତାହାର ଅନ୍ତିମ ସୃଜନୀ ବାଣୀ ପ୍ରକାଶ କରିସାରିଛି ଏହା ମଧ୍ୟ ନୁହେଁ; ସେ ଜୀବନ୍ତ ଏବଂ ନିଜ ପାଇଁ ତଥା ମାନବସମାଜ ପାଇଁ ତା'ର କିଛି କରିବାର ଅଛି। ଏବଂ ବର୍ତ୍ତମାନ ଜାଗ୍ରତ୍ ହେବା ପାଇଁ ତାକୁ ଯେଉଁ ଆଦର୍ଶ ସନ୍ଧାନ କରିବାକୁ ହେବ ତାହା ଏକ ଇଂରାଜୀଭାବାପନ୍ନ ପ୍ରାଚ୍ୟ ମାନବ ନୁହେଁ, ପାଶ୍ଚାତ୍ୟର ଆଜ୍ଞାଧୀନ ଛାତ୍ର ନୁହେଁ, ଏବଂ ପାଶ୍ଚାତ୍ୟର ସଫଳତା ଓ ବିଫଳତାର ଭାଗ୍ୟଚକ୍ରକୁ ପୁନରାବୃତ୍ତି କରି ଚାଲିବା ତାହା ସକାଶେ ବିଧିନିର୍ଦ୍ଦିଷ୍ଟ ନୁହେଁ, ବରଂ ଅଦ୍ୟାପି ତାହାର ପ୍ରାଚୀନ ସ୍ମରଣାତୀତ ଶାଶ୍ୱତୀ ଶକ୍ତିର ଗଭୀରତମ ଆତ୍ମା ପୁନରୁତ୍ଥିତ ହେଉଛି, ଜ୍ୟୋତିଃ ଓ ଶକ୍ତିର ପରମ-ଉତ୍ସ ଦିଗରେ ତାହାର ମସ୍ତକ ଉତ୍ତୋଳନ କରୁଛି ଏବଂ ତାହାର ସନାତନ ଧର୍ମର ସମ୍ପୂର୍ଣ୍ଣ ଅର୍ଥ ଓ ବୃହତ୍ତର ସ୍ୱରୂପକୁ ଆବିଷ୍କାର କରିବା ନିମିତ୍ତ ପ୍ରବୃତ୍ତ ହେଉଛି।

(*The Foundation of Indian Culture*)

## ଭାରତ-ଭାଗ୍ୟାକାଶର ଉଦୀୟମାନ ସୂର୍ଯ୍ୟ :

ଭାରତୀୟମାନଙ୍କର ଏହି ଦୃଢ଼ବିଶ୍ୱାସ ରହିବା ଆବଶ୍ୟକ ଯେ ଭାରତର ଉତ୍ଥାନ ହେବ ଏବଂ ଏହା ମହାନ୍ ହୋଇ ଉଠିବ। ଯାହାକିଛି ଘଟି ଯାଇଛି,— ପ୍ରତ୍ୟେକ ବାଧାବିଘ୍ନ, ପ୍ରତ୍ୟେକ ଓଲଟ-ପାଲଟ — ସେସବୁ ସହାୟକ ହେବ ଏବଂ ପରିଣାମ ଦିଗରେ ଅଗ୍ରସର କରାଇବ। ପ୍ରବୃତ୍ତି ଊର୍ଦ୍ଧ୍ୱମୁଖୀ ହୋଇଛି ଏବଂ କ୍ଷୟମୁଖୀ କାଳର ଅବସାନ ଘଟିଛି। ପ୍ରଭାତ ଆସନ୍ନ ଏବଂ ଆଲୋକ ଦୃଶ୍ୟମାନ। ପୁନଶ୍ଚ ରାତ୍ରିର ଆଗମନ ଅସମ୍ଭବ। ଅତି ଶୀଘ୍ର ଉଷା ଅତୀତ ହେବ ଏବଂ ଦିଗ୍‌ବଳୟରେ ସୂର୍ଯ୍ୟର ଉଦୟ ହେବ। ଭାରତ-ଭାଗ୍ୟାକାଶର ସୂର୍ଯ୍ୟ ଶୀଘ୍ର ଉଦିତ ହୋଇ ତାହାର ଆଲୋକ ଦ୍ୱାରା ସମଗ୍ର ଭାରତକୁ, ଏସିଆକୁ ତଥା ସମଗ୍ର ଜଗତକୁ ପ୍ଲାବିତ କରିବ। ପ୍ରତ୍ୟେକ ମୁହୂର୍ତ୍ତ ଭଗବତ୍ ନିର୍ଦ୍ଧାରିତ ଦିବସର ଉଜ୍ଜ୍ୱଳତାକୁ ନିକଟତର କରାଇବ।

(*Speeches*) — ଶ୍ରୀଅରବିନ୍ଦ

# ବନ୍ଦେ ମାତରମ୍

## ଶ୍ରୀଅରବିନ୍ଦ

### ବିଶ୍ୱାସର ଉତ୍ତୋଳନ ଶକ୍ତି

ଗୁରୁ ନାନକଙ୍କ ସମ୍ପର୍କରେ କୁହାଯାଇଛି ଯେ ଦେହତ୍ୟାଗର ଅବ୍ୟବହିତ ପୂର୍ବରୁ ତାଙ୍କ ଗାଦିର ଉତ୍ତରାଧିକାରୀ କିଏ ହେବ ତା'ର ନାମ ତାଙ୍କୁ ପଚରା ଯାଇଥିଲା । ସେ ସମୟରେ ଏକ ପ୍ରଚଣ୍ଡ ଝଡ଼ର ପ୍ରକୋପ ଦେଖା ଦେଇଥିଲା — ପ୍ରକୃତି ବିକ୍ଷୋଭିତ ହୋଇଉଠୁଥିଲା ସମତାଳରେ ଏକ ମହାନ୍ ଆତ୍ମାର ପ୍ରୟାଣ ସାଥିରେ । ଶିଷ୍ୟଗଣଙ୍କ ଦ୍ୱାରା ପରିବେଷ୍ଟିତ ହୋଇ ନାନକ ସେତେବେଳେ ଏକ ବୃକ୍ଷତଳେ ଉପବେଶନ କରୁଥିଲେ । ଏହା ଥିଲା ସାୟନ୍ତନର ମୁହୂର୍ତ୍ତ ଆଉ ତାଙ୍କ ଶିଷ୍ୟମାନେ ଖାଦ୍ୟ ପାନୀୟକୁ ନିହାତି ଆବଶ୍ୟକ କରୁଛନ୍ତି ବୋଲି ଅନୁଭବ କରିପାରି ସେ ତାଙ୍କ ପୁତ୍ର ଶ୍ରୀଚାନ୍ଦ ଏବଂ ଲକ୍ଷ୍ମୀଚାନ୍ଦଙ୍କୁ ଖାଦ୍ୟ ଅନ୍ୱେଷଣରେ ଯିବାକୁ କହିଲେ । କିନ୍ତୁ ପୁତ୍ରମାନଙ୍କ ମଧ୍ୟରୁ କେହି ହେଲେ ପିତାଙ୍କର ଆଧ୍ୟାତ୍ମିକ ସଦ୍‌ଗୁଣର ଅଧିକାରୀ ନଥିଲେ; ତାଙ୍କ ପିତା ଏକ ଉନ୍ମାଦଗ୍ରସ୍ତ ବ୍ୟକ୍ତି ତୁଳନାରେ ଶ୍ରେଷ୍ଠ ନୁହନ୍ତି ବୋଲି ସେମାନେ ମନେ ମନେ ଧରି ନେଇ ଥିଲେ ଏବଂ ସେଭଳି ଗୁରୁତ୍ୱର ସହିତ ତାଙ୍କ ଆଦେଶ ପାଳନ କରିବା ପାଇଁ ଉତ୍ସୁକ ନଥିଲେ; ବରଂ ଯେତେବେଳେ ମୂଷଳ ଧାରାରେ ବର୍ଷା ଓ ଝଡ଼ ଯୋଗୁଁ ଦୁଆର ଖୋଲି ବାହାରକୁ ଯିବା ପାଇଁ କେହି ଘୁଞ୍ଚିବାକୁ ସାହସ କରିପାରୁ ନଥିଲେ ସେତେବେଳେ ଖାଦ୍ୟ ଅନ୍ୱେଷଣର ଚିନ୍ତା ପ୍ରତି ସେମାନେ ଉପହାସ କରିଥିଲେ । ନାନକ ତା'ପରେ ଜଣେ ଅନୁରକ୍ତ ଶିଷ୍ୟ ଆଡ଼କୁ ଫେରି ଚାହିଁଲେ, ଯିଏ କେବଳ ଖାଦ୍ୟ ପାଇଁ ତା'ର ଗନ୍ତବ୍ୟ ସ୍ଥଳ ବିଷୟରେ ଜାଣିବାକୁ ଚାହିଁଥିଲା ଏବଂ ଉତ୍ତରରେ ତାକୁ ଖାଲି ଏତିକି କୁହାଗଲା ଯେ ସେ କେବଳ ବୃକ୍ଷକୁହିଁ ମାଗିବ ଯାହା ତଳେ ସେମାନେ ଠିକ୍ ସେହି ସମୟରେ ଉପବେଶନ କରିଥିଲେ ଆଉ ଶିଷ୍ୟମାନଙ୍କର ଯାହା ଯାହା ଆବଶ୍ୟକ ଏହି ବୃକ୍ଷହିଁ ସବୁ ଦେବ । କାହାଣୀଟିରେ ଯାହା କୁହାଯାଇଛି ସେଥିରୁ ଜଣାଯାଏ ଶିଷ୍ୟଟି ନାନକଙ୍କର ବୋଲ ମାନିଥିଲା ଏବଂ ପୁରସ୍କାର ସ୍ୱରୂପ ପର୍ଯ୍ୟାପ୍ତ ପରିମାଣର ମିଷ୍ଟାନ୍ନ ତାକୁ ପ୍ରାପ୍ତ ହୋଇଥିଲା । ପରେ ନାନକ ତାଙ୍କ ଶିଷ୍ୟମାନଙ୍କ ସହିତ ନଦୀ କୂଳକୁ ଯାଇଥିଲେ; ବାଟରେ ଗଲାବେଳେ ଯେତେବେଳେ ସେମାନେ ଏକ ମୃତକକୁ ଦେଖିଲେ ନାନକ ତାଙ୍କ ପୁତ୍ରମାନଙ୍କୁ ଆଦେଶ ଦେଲେ ଏହି ଅଦ୍ଭୁତ ଖାଦ୍ୟରୁ କିଛି ଗ୍ରହଣ କରିବା ପାଇଁ । ପୁତ୍ରମାନେ ଏଇ ଧରଣର ଏକ ଆଦେଶକୁ ତାଙ୍କ ପିତାଙ୍କର ପାଗଳପଣର ନିର୍ଧାର୍ଯ୍ୟ ପ୍ରମାଣ ବୋଲି ଧରି ନେଲେ, କିନ୍ତୁ ଉପରୋକ୍ତ ଶିଷ୍ୟଟି ନିର୍ବିବାଦରେ ସେହି ଆଦେଶଟି ମାନିବାକୁ ପ୍ରସ୍ତୁତ ଥିଲା ଓ କେବଳ ଟିକିଏ ରହି କେଉଁଠୁ ଖାଇବାକୁ ଆରମ୍ଭ କରିବ ବୋଲି ପଚାରିଥିଲା, ମୁଣ୍ଡ ଆଡ଼ୁ ନା ପାଦ ଆଡ଼ୁ । ନାନକ ଶିଷ୍ୟଟିର ଏହି ଅଟଳ ବିଶ୍ୱାସରେ ସମ୍ପୂର୍ଣ୍ଣ ପ୍ରୀତ ହୋଇ ତାଙ୍କ ଗାଦିର ଉତ୍ତରାଧିକାରୀ ରୂପେ ତା' ନାମଟିକୁ ଘୋଷଣା କରି ଥିଲେ ତାଙ୍କ ନିଜ ପୁତ୍ରମାନଙ୍କ ପରିବର୍ତ୍ତେ ।

ସମସ୍ତେ ଯେ ଏହି ବୀରୋଚିତ ଆଧ୍ୟାତ୍ମିକ ବିଶ୍ୱାସର ଅଧିକାରୀ ହୁଅନ୍ତୁ ସେକଥା କୁହାଯାଉନି, ଯାହାକୁ ସକଳ ଆଧ୍ୟାତ୍ମିକ ଆଚାର୍ଯ୍ୟଗଣ ଯେକୌଣସି କଷ୍ଟସାଧ୍ୟ 'ସାଧନର' ପ୍ରଥମ ପ୍ରାରମ୍ଭିକ ସର୍ତ୍ତଭାବେ ଜୋର୍ ଦେଇ ଆସିଛନ୍ତି; କିନ୍ତୁ ଏଇ କଥାର ଅନ୍ତର୍ନିହିତ ନୀତି ଶିକ୍ଷାକୁ ସମସ୍ତ ଅଭିଜ୍ଞତା ଯଥାର୍ଥ ବୋଲି ପ୍ରତିପାଦିତ କରେ । ଯେକୌଣସି ମହାନ୍ ଦାୟିତ୍ୱରେ ବିଶ୍ୱାସହିଁ ସାଫଲ୍ୟର ପ୍ରଥମ ସର୍ତ୍ତ । ବିଶ୍ୱାସ ବଳରେ ପର୍ବତକୁ ଯେ ଅପସାରିତ କରାଯାଇ ପାରିବ ଏହି ଉକ୍ତି ଆଦୌ ଅତିରଞ୍ଜିତ ନୁହେଁ । ବିଶ୍ୱାସହିଁ ଅନୁପ୍ରାଣିତ କରେ ଇଚ୍ଛାଶକ୍ତିସମ୍ପନ୍ନ ଓ ଚିନ୍ତାଶୀଳ ବ୍ୟକ୍ତିମାନଙ୍କୁ ନିରନ୍ତର ପ୍ରୟାସ କରିବାକୁ ଅନତିକ୍ରମଣୀୟ ବୋଲି ପ୍ରତୀୟମାନ ହେଉଥିବା ଯାବତୀୟ ବାଧାବିଘ୍ନ ସତ୍ତ୍ୱେ । ଏକ ମହନୀୟ ଉତ୍ତର ଦାୟିତ୍ୱର ଚୂଡ଼ାନ୍ତ ସଫଳତାରେ ସୁଦୃଢ଼ ବିଶ୍ୱାସ ରଖି ସେମାନେ କାର୍ଯ୍ୟଟି ଆରମ୍ଭ କରନ୍ତି; ଏବଂ ତେଣୁ ଯେତେ ଭୟଙ୍କର ବାଧାବିଘ୍ନ ଆସିଲେ ମଧ୍ୟ ସେମାନେ ନିରୁତ୍ସାହିତ ହୋଇ ପଡ଼ନ୍ତି ନାହିଁ । ସମସ୍ତ ମହାତ୍ମାମାନଙ୍କ ପାଇଁ ବିଶ୍ୱାସ ହେଲା ଏକ ପ୍ରଭାବଶାଳୀ ବିଶେଷତ୍ୱ । ବିଶ୍ୱାସର ଦୃଷ୍ଟି ଭେଦ କରିଯାଏ ସୁଦୂର ଭବିଷ୍ୟତକୁ ଓ ଅସମ୍ଭବକୁ ସମ୍ଭବ କରି ତୋଳେ । ରାଜନୀତିର ଇଲାକାରେ ବିଶ୍ୱାସ ହେଉଛି କଳ୍ପନାର ପରିଣାମ ଯାହା ଇତିହାସଲବ୍ଧ ଜ୍ଞାନକୁ ନେଇ ତା' କାର୍ଯ୍ୟ କରିଯାଏ; ଯୁକ୍ତି ଓ ଅଭିଜ୍ଞତା ଉପରେ ଏହା ଦଣ୍ଡାୟମାନ ହୁଏ ଏବଂ ଅତୀତର ସୁଦୃଢ଼ ଭିତ୍ତିଭୂମିରୁ ଆସ୍ପୃହା ଛୁଟେ ତା'ର ଭବିଷ୍ୟତ୍ ଆଡ଼କୁ । ଅନ୍ୟ ଜାତିମାନେ ସେମାନଙ୍କ

ଅଧୋଗତିର ନିମ୍ନତମ ଗହ୍ୱର ମଧ୍ୟରୁ ଜାଗି ଉଠିଛନ୍ତି – ଯେଉଁ ଦୁର୍ବଳତାଗୁଡ଼ିକ ନିର୍ଭୀକ ଓ ଫଳପ୍ରଦ ପ୍ରତିକାର ପାଇଁ ପ୍ରୟାସ କରିବା ଦିଗରେ ଆମର ପ୍ରତିବନ୍ଧକ ସୃଷ୍ଟି କରୁଛି ସେସବୁ ହେଉଛି ସାର୍ବଜନୀନ । ସାହିତ୍ୟର ପ୍ରେରଣାରେ ଜାତିର ଆନ୍ତର ବହ୍ନିକୁ ପ୍ରଜ୍ୱଳିତ କରି ଏବଂ ମୁକ୍ତି ସଂଗ୍ରାମ ପାଇଁ ଉଦ୍ଦୀପନା ସୃଷ୍ଟି କରିହିଁ ସ୍ୱାଧୀନତାର ପୁନରୁଦ୍ଧାର ହୋଇଛି । ଏକ ପରାଧୀନ ଜାତି ନିମନ୍ତେ ମୁକ୍ତି ଅଭିମୁଖେ କୌଣସି ରାଜମାର୍ଗ ନଥାଏ । ସେମାନଙ୍କୁ ଅଗ୍ରସର ହେବାକୁ ପଡ଼ିବ ସଂଘର୍ଷ, ତ୍ୟାଗ ଓ ଆବଶ୍ୟକ ସ୍ଥଳେ ହତ୍ୟାର କଣ୍ଟକିତ ପଥ ଦେଇ । ଇତିହାସ କେବେ କୌଣସି ସଂକ୍ଷିପ୍ତ ପଥର ନିର୍ଦ୍ଦେଶ ଦେଇ ନାହିଁ । ତେବେ କାହିଁକି ଆମେ ଆମର ଆସ୍ଥା ଉପରେ ଏତେ ଚାପ ପ୍ରୟୋଗ କରିବା ଏଇ ବିଶ୍ୱାସଟି ଆଣିବା ପାଇଁ ଯେ ଆମେ ଯଦି ଆବଶ୍ୟକୀୟ ତ୍ୟାଗ ସ୍ୱୀକାର ପାଇଁ କେବଳ ପ୍ରସ୍ତୁତ ହୋଇସାରିଛୁ, ତା'ହେଲେ ଲକ୍ଷ୍ୟଟିକୁ ହାସଲ କରି ନେବା ? ଅନ୍ୟ ଜାତିମାନେ ମଧ୍ୟ ଦୁର୍ବଳ, ବିଚ୍ଛିନ୍ନ ଓ ଜାତୀୟତା-ବିଚ୍ୟୁତ ହୋଇ ପଡ଼ିଥିଲେ ଠିକ୍ ଆମମାନଙ୍କ ପରି । ସ୍ୱାଧୀନତା ପାଇଁ ସଭିଙ୍କର ଗୋଟିଏ ସ୍ୱର ଏଣେ ତେଣେ ବିକ୍ଷିପ୍ତ ହୋଇ ପଡ଼ି ରହିଥିବା ସେମାନଙ୍କର ଛୋଟିଆ ଛୋଟିଆ କେନ୍ଦ୍ରଗୁଡ଼ିକୁ ଏକତ୍ର କରି ଦେଇଥିଲା, ଏକ ବିବଶ ଏବଂ ଯାଦୁକରୀ ସମ୍ମୋହନରେ ସେମାନଙ୍କୁ ଏକାଠି ଟାଣିଧରି । ଯେଉଁମାନେ ସ୍ୱାଧୀନତା ଚାହାନ୍ତି, ସେମାନଙ୍କୁ ପ୍ରଥମେ ଜନସାଧାରଣଙ୍କୁ ଏଇ ଦୃଢ଼ ବିଶ୍ୱାସରେ ଆଚ୍ଛନ୍ନ କରି ରଖିବାକୁ ହେବ ଯେ ସ୍ୱାଧୀନତା ହେଉଛି ଏକ ଏକାନ୍ତ ଜରୁରି ବସ୍ତୁ । ଏକ ମହାନ୍ ଆଦର୍ଶର ଅନୁସରଣ ବିନା କୌଣସି ମହାନ୍ ଆନ୍ଦୋଳନର ସୂତ୍ରପାତ ହୋଇପାରେନା । ପାର୍ଥିବ ସୁଖସୁବିଧାର ଛୋଟ ଛୋଟ ପ୍ରଲୋଭନ ସେମାନଙ୍କୁ କେବେ ହେଲେ ମହାନ୍ ପ୍ରୟାସ ଓ ବୀରୋଚିତ ଆତ୍ମୋତ୍ସର୍ଗର ଅଭିମୁଖୀ କରି ପାରି ନାହିଁ । କେବଳ ଜାତୀୟ ମୁକ୍ତି ଏବଂ ଜାତୀୟ ଗୌରବର ଚିନ୍ତାଧାରା ଭିତରେହିଁ ସେଇ ସମ୍ପୂର୍ଣ୍ଣ ବିଜୟ ବୈଜୟନ୍ତୀର ମନଛୁଆଁ ଆକର୍ଷଣ ରହିଛି । ଅନ୍ୟମାନଙ୍କ ପାଖରେ ଆମେ ଜାନୁପାତି ବସି ରହିବା ବିଧେୟ ନୁହେଁ କିନ୍ତୁ ଅତୀତର ଯୋଗ୍ୟ ଦାୟାଦ ହେବା ପାଇଁ ତ ପ୍ରଚେଷ୍ଟାକୁ ଜାରୀ ରଖିବା – ଏଇଠି ରହିଛି ଏକ ଆଦର୍ଶ, ଫଳରେ ଦୃଢ଼ ବିଶ୍ୱାସ ଓ ସାମର୍ଥ୍ୟର ସହିତ ସେଇ ଆଦର୍ଶଟି ଉଦ୍‌ଘୋଷିତ ହେଲେ ତାହା ଆତ୍ମୋତ୍ସର୍ଗର ପ୍ରକ୍ରିୟାକୁ ଉଦ୍ଦୀପିତ କରିବା ଦିଗରେ କେବେ ବି ବ୍ୟର୍ଥ ହୋଇଯିବ ନାହିଁ । ସର୍ବୋପରି ଆମର ଆବଶ୍ୟକ ହେଉଛି ବିଶ୍ୱାସ; ଆମ ନିଜଠାରେ ବିଶ୍ୱାସ, ଜାତି ନିକଟରେ ବିଶ୍ୱାସ, ଭାରତର ଭବିତବ୍ୟ ପ୍ରତି ବିଶ୍ୱାସ । ଏକ ଡଜନ ବ୍ୟକ୍ତି ସେମାନଙ୍କ ଭବିଷ୍ୟତ୍ ଉପରେ ଆସ୍ଥା ରଖି ଯେଉଁ ଦୁର୍ଜୟ କାର୍ଯ୍ୟ କରି ଗଲେ, ପରବର୍ତ୍ତୀ ସମୟରେ ବିଶାଳ ବିଶାଳ ଦେଶମାନଙ୍କର କେଉଁ ନିଭୃତ କୋଣରେ ସେମାନେହିଁ ଜାତୀୟତାର ପ୍ରଭାବକୁ ସଂକ୍ରମିତ କରିଛନ୍ତି । ଅବିଶ୍ୱାସ ହେଲା ଅନ୍ଧତ୍ୱର ନିଦର୍ଶନ – ଏହା ସୁଦୂର ଆଗକୁ ଦେଖିପାରେନି, ଶକ୍ତିକୁ ପ୍ରଖର କରି ପାରେ ନାହିଁ କି କାର୍ଯ୍ୟାନୁଷ୍ଠାନ ପାଇଁ ଅନୁପ୍ରାଣିତ କରେ ନାହିଁ । ଏଇ ବିଶ୍ୱାସର ଅଭାବହିଁ ଆମ ନରମପନ୍ଥୀ ରାଜନୀତିଜ୍ଞମାନଙ୍କୁ ଏକ ଜୀର୍ଣ୍ଣ ଅପସୃୟମାନ ଆଦର୍ଶ ଭିତରେ ଏପରି ବାନ୍ଧି ରଖିଛି ଯାହାର ବିଶ୍ୱସନୀୟତା ହଜିଯାଇଛି । କୌଣସି ବ୍ୟକ୍ତି ଜାଗିଉଠୁଥିବା ଏକ ଜାତିକୁ ନେତୃତ୍ୱ ଦେଇପାରିବ ନାହିଁ ଯଦି ତା' ପାଖରେ ସର୍ବ ପ୍ରଥମେ ବିଶ୍ୱାସ ବୋଲି କିଛି ନଥାଏ, ଯାହା ତା' ପୂର୍ବରୁ ଅନ୍ୟ ମହାତ୍ମାମାନେ କରି ଯାଇଛନ୍ତି ସେ ମଧ୍ୟ ସେଇୟା କରିପାରେ, ସେଭଳି ଉନ୍ନତ ଧରଣର ନହେଲେ ମଧ୍ୟ – ଅନ୍ୟ ଜାତିମାନେ ଯେଉଁ ସ୍ୱାଧୀନତାକୁ ଜୟ କରି ଆଣିଥିଲେ, ଆମେ ମଧ୍ୟ ଜୟ କରି ଆଣି ପାରିବା ଯଦି ଆମର ବିଶ୍ୱାସ ଥାଏ, ଥାଏ ସଂକଳ୍ପ ।

[ବନ୍ଦେ ମାତରମ୍, ଏପ୍ରିଲ ୨୫, ୧୯୦୭]

## ସମାନୁପାତିକ ବର୍ଜନ (Graduated Boycott)

ନୂତନ ଜାଗୃତିର ବିରୋଧିମାନେ ବର୍ଜନ ଆନ୍ଦୋଳନକୁ ଏକ ଭ୍ରମ ବୋଲି ଆବିଷ୍କାର କରିଛନ୍ତି । ଏକ ସାମଗ୍ରିକ ଆଉ ଗଭୀର ପ୍ରଭାବ ବିସ୍ତାରକାରୀ ବର୍ଜନ ଆନ୍ଦୋଳନ ନୀତିଗତ ଭାବେ ଓ ସ୍ଥୂଳତଃ ଗୋଟିଏ ଅସମ୍ଭବ କଥା ବୋଲି ସେମାନେ କହନ୍ତି; ଏବଂ ସେମାନଙ୍କର ଅମୋଘ କର୍ତ୍ତା ମିଃ. ଗୋଖଲେ କୁଆଡ଼େ ସନ୍ଧାନ ପାଇଛନ୍ତି ଯେ ବର୍ଜନ ଆନ୍ଦୋଳନର ବିକାଶ ଅର୍ଥନୈତିକ ଦୃଷ୍ଟିକୋଣରୁ ଅସମ୍ଭବ । ପ୍ରଥମ ଦୃଢ଼ୋକ୍ତିର ପ୍ରମାଣ ସ୍ୱରୂପ ବଙ୍ଗଳାରେ ସମ୍ପୂର୍ଣ୍ଣ ବର୍ଜନ ଆନ୍ଦୋଳନର ବିଫଳତା ପ୍ରତି ସେମାନେ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି; ସେମାନେ ଭାବୁଛନ୍ତି ଯେ ଦ୍ୱିତୀୟ ଦୃଢ଼ୋକ୍ତିର କୌଣସି ପ୍ରମାଣ ଲୋଡ଼ା ନାହିଁ, କାରଣ ମିଃ. ଗୋଖଲେ ଯାହା କହୁଛନ୍ତି ତାହା କିପରି ଭୁଲ୍ ହୋଇପାରେ ? ଶ୍ରେଣୀଭୁକ୍ତ ବର୍ଜନ ଆନ୍ଦୋଳନ ଯେ ଅସମ୍ଭବ ଏ ସମ୍ପର୍କିତ ଦୃଢ଼ୋକ୍ତି ହେଉଛି ସେଇ ଯୁକ୍ତିଟିର ମାତ୍ର ଏକ

ଉତ୍ତର ଯାହା ସାହାଯ୍ୟରେ ମିଃ. ତିଳକ ମହାରାଷ୍ଟ୍ରରେ ଆନ୍ଦୋଳନକୁ ସମ୍ଭାଳିଛନ୍ତି । ଆନ୍ଦୋଳନର ପ୍ରଥମ ଦିନଗୁଡ଼ିକରେ ରାଜନୈତିକ-ଯୋଗରୂପୀ ବର୍ଜନ ଆନ୍ଦୋଳନ ସମ୍ପର୍କରେ 'କେଶରୀ' ପତ୍ରିକାରେ କ୍ରମାଗତ ଭାବେ ଓଜସ୍ୱିନୀ ଓ ବିଚାରପ୍ରବଣ ସନ୍ଦର୍ଭମାନ ସେ ପ୍ରକାଶ କରିଥିଲେ । ସେ ଯୁକ୍ତି ବାଢ଼ିଥିଲେ ବ୍ରିଟିଶ ଦ୍ରବ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ ବାଦ୍ ଦେଇ ସ୍ୱଦେଶୀ ଦ୍ରବ୍ୟଗୁଡ଼ିକୁ ପାରୁପର୍ଯ୍ୟନ୍ତ ଯେତିକି ସମ୍ଭବ ସେତିକି ସଂଗ୍ରହ କରିବାକୁ, ବାକୀ ଯେତିକି ସମ୍ଭବ ନ ହେଉଛି ତା' ବଦଳରେ ବ୍ରିଟିଶ ସାମ୍ରାଜ୍ୟରେ ଉତ୍ପାଦିତ ନ ହେଉଥିବା ଅନ୍ୟ ବିଦେଶୀ ଦ୍ରବ୍ୟଗୁଡ଼ିକୁ ସଂଗ୍ରହ କରିବାକୁ । ଏଇ କାର୍ଯ୍ୟକ୍ରମଟି ଯେ ହଠାତ୍ ପୂର୍ଣ୍ଣାଙ୍ଗ ରୂପରେଖ ନେବା ସମ୍ଭବପର ନୁହେଁ ଏଇ ତର୍କ ପ୍ରତି ତାଙ୍କର ପ୍ରତ୍ୟୁତ୍ତର ଥିଲା ଯେମିତି ଯୋଗରେ, ସେମିତି ବର୍ଜନରେ ''ଏପରିକି ଏହି ଧର୍ମରୁ ଯତ୍ କିଞ୍ଚିତ୍ ମଧ୍ୟ ଆମକୁ ଏକ ବିପଦପୂର୍ଣ୍ଣ ମହାସଙ୍କଟରୁ ଉଦ୍ଧାର କରିବ'' । ସେଇ ମହାସଙ୍କଟ ହେଉଛି ବିଦେଶୀ ଶୋଷଣ ଦ୍ୱାରା ଦେଶରେ ସର୍ବବ୍ୟାପୀ ଅନାହାର ଏବଂ ସାଧାରଣ ବ୍ୟବହାର୍ଯ୍ୟ ପ୍ରାୟ ସକଳ ଦ୍ରବ୍ୟଗୁଡ଼ିକ ସକାଶେ ବିଦେଶୀମାନଙ୍କ ଉପରେ ପୂରାପୂରି ଓ ଅସହାୟ ଭାବେ ନିର୍ଭରଶୀଳତା । ଯଦି ଏଇ ନିର୍ଭରଶୀଳତା ଅତି ସାମାନ୍ୟ ପରିମାଣରେ ମଧ୍ୟ ହ୍ରାସ ପାଇଯାଏ ତା'ହେଲେ ଜାତୀୟ ସ୍ତରରେ ନିଶ୍ଚୟ ଏକ ଫାଇଦା ମିଳିବ ଆଉ ପୂର୍ଣ୍ଣ ବର୍ଜନର ନୀତି ଏକ ଚୂଡ଼ାନ୍ତ ରୂପ ନନେଲା ପର୍ଯ୍ୟନ୍ତ ଏହାର ହ୍ରାସଟିକୁ ଧୀରେ ଧୀରେ ବ୍ୟାପକ କରିବାକୁ ହେବ । ମିଃ. ତିଳକ ତାଙ୍କର ତୀକ୍ଷ୍ଣ ଓ ପ୍ରତ୍ୟକ୍ଷ ଅନ୍ତର୍ଦୃଷ୍ଟି ବଳରେ ପରିଷ୍କାର ଦେଖି ପାରିଥିଲେ ଯେ ଏ ମୁଣ୍ଡରୁ ସେମୁଣ୍ଡ ପର୍ଯ୍ୟନ୍ତ ସର୍ବତ୍ର ବର୍ଜନ ଆନ୍ଦୋଳନର ଅନତିବିଳମ୍ୱ ଓ ପୂର୍ଣ୍ଣ ସଫଳତା ଭାରତବର୍ଷରେ ସମ୍ଭବପର ନୁହେଁ, କିନ୍ତୁ କ୍ରମଶଃ ଏକ ପ୍ରଭାବଶାଳୀ ବର୍ଜନ ଆନ୍ଦୋଳନ ସ୍ୱାଭାବିକତଃ ପୂରା ଦମ୍‌ରେ ଚାଲୁଥିବା ବର୍ଜନର ଅଭିଯାନରୁହିଁ ସୃଷ୍ଟି ହୋଇପାରିବ । ମିଃ ତିଳକ ତାଙ୍କ ଦୂରଦୃଷ୍ଟିରେ ଯାହା ଦେଖିଥିଲେ ଯଥାର୍ଥରେ ତାହାହିଁ ଘଟି ଚାଲିଛି ।

ବ୍ରିଟିଶ ଉତ୍ପାଦିତ ସାମଗ୍ରୀଗୁଡ଼ିକର ସମ୍ପୂର୍ଣ୍ଣ ପରିତ୍ୟାଗ ହେଉଛି ବର୍ଜନ ଆନ୍ଦୋଳନର ରାଜନୈତିକ ଦିଗ ଯାହା ସମ୍ପର୍କରେ ଆମେ ଏଇ ସନ୍ଦର୍ଭରେ ଆଲୋଚନା କରିବାକୁ ଯାଉ ନାହୁଁ । ଏକଥା କ'ଣ ସତ୍ୟ ଯେ ଏକ ଅର୍ଥନୈତିକ ଆୟୁଧ ଭାବେ ସମାନୁପାତିକ ଏକ ବର୍ଜନ (Graduated Boycott) ଅସମ୍ଭବ ? ବର୍ଜନର ପର୍ଯ୍ୟାୟକୁ ବିଭିନ୍ନ ଉପାୟରେ ସ୍ଥିର କରାଯାଇପାରେ । ପ୍ରଥମଟି ହେଲା, ବିଦେଶୀ ସାମଗ୍ରୀଗୁଡ଼ିକ ପରିତ୍ୟାଗ କରିବା ଚିନ୍ତାଧାରାର କ୍ରମିକ ବିକାଶ ଦ୍ୱାରା ନିର୍ଦ୍ଦିଷ୍ଟ ପ୍ରକାରର ବିଦେଶଜାତ ସାମଗ୍ରୀଗୁଡ଼ିକର ଆମଦାନୀ ଉପରେ ନିୟନ୍ତ୍ରଣଟିକୁ କ୍ରମେ ଅନବରତ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଅନୁରୂପ ଭାବେ ଭାରତବର୍ଷରେ ଉତ୍ପାଦିତ ହେଉଥିବା ସାମଗ୍ରୀଗୁଡ଼ିକର ବ୍ୟବହାର ପାଇଁ ଜନସାଧାରଣଙ୍କୁ ଅନୁପ୍ରାଣିତ କରିବା । ଗୋଟିଏ ସରକାର କ୍ରମାଗତ ଭାବେ କୌଣସି ବିଦେଶୀ ଦ୍ରବ୍ୟର ଆମଦାନୀ ଉପରେ ବାରଂବାର ଶୁଳ୍କ ଆକାରରେ ଧାର୍ଯ୍ୟ କରାଯାଉଥିବା କରକୁ ବୃଦ୍ଧି କରି ଧୀରେ ଧୀରେ ଏହାର ପରିସମାପ୍ତି ଘଟାଇପାରେ ହଠାତ୍ ଅଧିକ ଦର କଷିଦେବା ପରିବର୍ତ୍ତେ; ବର୍ଜନ ଆନ୍ଦୋଳନ ପ୍ରତି ଆବେଗ ବଢ଼ିବାରେ ଲାଗିଲେ ତାହା ଠିକ୍ ଅନୁରୂପେ ଆପଣାଛାଏଁ ଏ ଧରଣର କଟକଣାକୁ ତେଜି ଦେଇପାରିବ । ଭାବପ୍ରବଣତା ବଢ଼ି ବଢ଼ି ଚାଲିଲେ ସ୍ୱଦେଶୀଜାତ ସାମଗ୍ରୀର ଉତ୍ପାଦନରେ ତାହା ସହାୟକ ହେବ ଓ ସ୍ୱଦେଶୀଜାତ ଦ୍ରବ୍ୟର ଉତ୍ପାଦନ ବୃଦ୍ଧି ପାଇଲେ ତାହା ବର୍ଜନ ଆନ୍ଦୋଳନ ପ୍ରତି ଆବେଗର ଅଭିବୃଦ୍ଧି ସାଧନ କରିବ । ଏହିପରି ପରସ୍ପର ପରସ୍ପରକୁ ଉଦ୍ଦୀପିତ କରି ସ୍ୱଦେଶୀ ଓ ବର୍ଜନ ସମତାଳରେ ନିରନ୍ତର ଅଧିକରୁ ଅଧିକତର ଦ୍ରୁତଗତିରେ ଅଗ୍ରସର ହୋଇ ଚାଲିବେ ଯେପର୍ଯ୍ୟନ୍ତ ବିଦେଶୀଜାତ ଦ୍ରବ୍ୟର ଆମଦାନୀ ତା ସଂକୋଚନର ସେଇ ସୀମାକୁ ସ୍ପର୍ଶ ନ କରିଛି ଯେଉଁଠି ପହଞ୍ଚିଗଲେ ଏହାର ଆମଦାନୀ ଆଉ ତେଣିକି ଲାଭଜନକ ହେବନି । ଦେଶରେ ଉପଲବ୍ଧ ପୁଞ୍ଜିର ସ୍ୱଳ୍ପତା ଦ୍ୱାରା କିଂବା ସ୍ୱଦେଶୀ ସାମଗ୍ରୀର ଉତ୍ପାଦନରେ ସ୍ୱୟଂ ଏଇ ପୁଞ୍ଜିନିବେଶ ପ୍ରତି ଆଗ୍ରହ ଦ୍ୱାରା ପ୍ରକ୍ରିୟାଟିକୁ ନିୟନ୍ତ୍ରିତ କରି ହେବ । କିନ୍ତୁ ବର୍ଜନ ଆନ୍ଦୋଳନ ପ୍ରତି ଭାବାବେଶର ବିକାଶ ସାଧିତ ହେଲେ ସ୍ୱୟଂ ଏଇ ପୁଞ୍ଜିହିଁ ପ୍ରେରଣା ଦେବ ଏବଂ ଆଉ ଏ ଦିଗରେ ମଧ୍ୟ ଅନୁପ୍ରାଣିତ କରିଚାଲିବ; ଏହି ବର୍ଜନ ଆନ୍ଦୋଳନ ଯେତିକି ବୃଦ୍ଧି ପାଇବ ସେତିକି ସ୍ୱଦେଶୀ ଦ୍ରବ୍ୟ ପାଇଁ ନିଶ୍ଚିତ ରୂପେ ବିପଣିର ବୃଦ୍ଧି ଘଟିବ ଏବଂ ସ୍ୱଦେଶୀ ଦ୍ରବ୍ୟ ଉତ୍ପାଦନରେ ପୁଞ୍ଜିନିବେଶ ପାଇଁ ଆଗ୍ରହ ମଧ୍ୟ ବଢ଼ିଯିବ । ପର୍ଯ୍ୟାୟ କ୍ରମେ ସ୍ୱଦେଶୀ ଦ୍ରବ୍ୟର ଉତ୍ପାଦନ ବୃଦ୍ଧି ପାଇବାର ଅର୍ଥ ହେଲା ବ୍ୟବସାୟୀ ଗୋଷ୍ଠୀଙ୍କର ଓ ସ୍ୱଦେଶୀ କମ୍ପାନୀଗୁଡ଼ିକରେ ଥିବା ପୁଞ୍ଜିନିବେଶକାରୀମାନଙ୍କ ହାତକୁ ଅଧିକ ଅର୍ଥ ଆସିବ ଏବଂ ସ୍ୱଦେଶୀ ସରଞ୍ଜାମ ନିର୍ମାଣରେ ବିନିଯୋଗ ପାଇଁ ଅଧିକ ପୁଞ୍ଜିର ମଧ୍ୟ ଉପଲବ୍ଧ ହେବ । ଏହି ମର୍ମରେ ଏକ ସ୍ୱୟଂକ୍ରିୟ

ସମାନୁପାତିକ ବର୍ଜନ ଯେ କିଭଳି ଅସମ୍ଭବ ତାହା ଆମେ ବୁଝିବାରେ ବିଫଳ ହେଉଛୁ । ବରଂ ଅନ୍ୟପକ୍ଷରେ କେବଳ ଯଦି ଭାବପ୍ରବଣତାର ଆତିଶଯ୍ୟରେ ଜନତା ବର୍ଜନକୁ ଆଲିଙ୍ଗନ କରନ୍ତି ତା'ହେଲେ ଅର୍ଥନୈତିକ ଦିଗରୁ ଏହା ଅବଶ୍ୟମ୍ଭାବୀ ବୋଲି ଆମକୁ ମନେ ହୁଏ ।

ଅନ୍ୟ ଏକ ଉପାୟ ବଳରେ ମଧ୍ୟ ବର୍ଜନ ଆନ୍ଦୋଳନର କ୍ରମିକ ବିକାଶ ସାଧିତ ହୋଇପାରେ । ବଙ୍ଗଳାରେ ଯେତେବେଳେ ବର୍ଜନ ଆନ୍ଦୋଳନର ଘୋଷଣା କରାଗଲା, ଏହା ବିଶେଷ କରି ବସ୍ତ୍ର, ଚିନି ଓ ଲୁଣ ବିରୋଧରେ ଏବଂ ସାଧାରଣ ରୂପେ କେବଳ ଅନ୍ୟାନ୍ୟ ସାମଗ୍ରୀ ବିରୋଧରେ କରାଯାଇଥିଲା । ତେଣୁ ଇଂଲଣ୍ଡର କାର୍ପାସ ବସ୍ତ୍ର, ଲିଭର୍‌ପୁଲ୍‌ର ଲବଣ ଏବଂ ସାମାନ୍ୟ ପରିମାଣର ହେଲେ ବି ବିଦେଶୀ ଚିନିର ଆମଦାନୀ କ୍ଷତିଗ୍ରସ୍ତ ହୋଇଛି । ଯେତେବେଳେ ଏଇ ସ୍ୱତନ୍ତ୍ର କ୍ଷେତ୍ରରେ ବର୍ଜନ ଆନ୍ଦୋଳନ ଫଳପ୍ରଦ ହୋଇଛି, ସେମିତି ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ଏହା ସାଫଲ୍ୟ ଅର୍ଜନ କରିପାରେ । ତେଣୁ ନିର୍ଦ୍ଦିଷ୍ଟ କିଛି ସାମଗ୍ରୀ ଉପରେ ଖାଲି ବର୍ଜନ ଆନ୍ଦୋଳନର ପ୍ରଭାବ ନୁହେଁ, କିନ୍ତୁ ତା'ର ପ୍ରସାର ଓ ପରିସରରେ ମଧ୍ୟ କ୍ରମେ ବିକାଶ ସାଧନ କରାଯାଇପାରେ । ଏକ ସ୍ୱତନ୍ତ୍ର ବର୍ଜନର କ୍ରମିକ ବିକାଶ ହୁଏତ ଆଂଶିକ ଭାବେ କୃତ୍ରିମ ଏବଂ ଆଂଶିକ ଭାବେ ସ୍ୱୟଂକ୍ରିୟ ହୋଇପାରେ । ଏହା କୃତ୍ରିମ ହୁଏ ଯେତେବେଳେ ଜନସାଧାରଣଙ୍କର ନେତୃବର୍ଗ ଏକ ନିର୍ଦ୍ଦିଷ୍ଟ ସାମଗ୍ରୀ ଉପରେ ଅର୍ଥନୈତିକ ଧର୍ମଯୁଦ୍ଧ (Jehad)ର ଘୋଷଣା କରନ୍ତି ଏବଂ ଲୋକେ ସେମାନଙ୍କର ନିଷ୍ପତ୍ତିକୁ ମାନି ଯାଆନ୍ତି । କିନ୍ତୁ ଏହି କୃତ୍ରିମ ବର୍ଜନ ହୁଏତ ସଫଳ ହୋଇପାରେ ଯଦି ସେଠାରେ ତଦନୁରୂପ ସ୍ୱଦେଶୀ ସାମଗ୍ରୀର ଶିଳ୍ପ ଏକ ଶୈଶବ ଅବସ୍ଥାରେ ରହିଥାଏ କିଂବା ତା' ଯୋଗାଣର ପ୍ରଚଳିତ ମାଧ୍ୟମଗୁଡ଼ିକ ଯାହା ହେଲେ ବି ଆଂଶିକ ହୋଇଥାଏ ଯାହାକୁ ବର୍ଜନ ଆନ୍ଦୋଳନ ଦ୍ୱାରା ପ୍ରୋତ୍ସାହିତ କିଂବା ବ୍ୟାପକ କରାଯାଇପାରେ । ଲିଭର୍‌ପୁଲ୍ ଲୁଣର ଆମଦାନୀ ବାଧାପ୍ରାପ୍ତ ହୋଇଛି ''କର୍କଚ୍'' (Karkach) ମିଳୁଛି ବୋଲି । ବ୍ରିଟିଶ ପ୍ରସ୍ତୁତ ପରିଧେୟ ସାମଗ୍ରୀଗୁଡ଼ିକର ଆମଦାନୀ ବାଧାପ୍ରାପ୍ତ ହୋଇଛି କାରଣ ସେଠାରେ ଆଗରୁ ଏକ ଲୁଗାକଳ ଓ ହସ୍ତତନ୍ତର ଶିଳ୍ପ ରହିଥିଲା ଯାହାକୁ ବର୍ଜନ ଆନ୍ଦୋଳନରେ ପ୍ରଭୂତ ପ୍ରୋତ୍ସାହନ ମିଳିଛି, ଯାହା ଦେଖାଯାଉଛି ବୁଣାକାର-ଗୋଷ୍ଠୀ ବଙ୍ଗଳାରେ ସେମାନଙ୍କର ବାଣିଜ୍ୟ କେନ୍ଦ୍ରକୁ ପଠେଇଥିବା ପାଇକାରୀ ବିକ୍ରୟର ବିବରଣରୁ ଆଉ ତନ୍ତବାୟ କାରଖାନାଗୁଡ଼ିକର ସଂଖ୍ୟାରେ ଅଭିବୃଦ୍ଧିରୁ ତଥା ବର୍ତ୍ତମାନର ଶିଳ୍ପସଂସ୍ଥାମାନେ ପ୍ରଦାନ କରି ଚାଲିଥିବା ଚମତ୍କାର ଲାଭାଂଶରୁ । ଅନ୍ୟପକ୍ଷରେ, ବିଦେଶୀ ଚିନି ବିରୋଧରେ ଅଭିଯାନ ସଫଳ ହୋଇପାରିନି କାରଣ ତା'ର ଯଥାର୍ଥ ବିକଳ୍ପ ଏପର୍ଯ୍ୟନ୍ତ ହାତକୁ ଆସିନି । ସୂତାଗୁଡ଼ିକର ଆମଦାନୀ ପ୍ରଭାବିତ ହୋଇ ନାହିଁ କାରଣ ଭାରତରେ ବୟନ ଶିଳ୍ପ ନଗଣ୍ୟ ପରିମାଣରେ ରହିଛି ଯେତେବେଳେ ସୂତାର ଚାହିଦା ପ୍ରବଳ ମାତ୍ରାରେ ବଢ଼ି ଗଲାଣି । ଉପଯୁକ୍ତ ସମୟରେ, ବିଦେଶୀ ସୂତା ବିରୋଧରେ ଏକ ଜେହାଦ୍ (Jehad) ସମ୍ଭବପର ହେବ । କିନ୍ତୁ ଏଇ ନିର୍ଦ୍ଦିଷ୍ଟ ଧରଣର ବର୍ଜନ ଆପେ ଆପେ ସଂଘଟିତ ହୋଇପାରେ ଯେତେବେଳେ ବର୍ଜନ ପ୍ରତି ସର୍ବସାଧାରଣଙ୍କ ଆବେଗ ଗୋଟିଏ ନିର୍ଦ୍ଦିଷ୍ଟ ସାମଗ୍ରୀ ଉପରେ ବଳ ପ୍ରୟୋଗ କରିବ, ଯେଉଁଥି ପାଇଁ ଦେଶରେ ତା' ବଦଳରେ ସାମଗ୍ରୀର ଉପଲବ୍ଧ ହେଉଛି । ଏହାର ଏକ କ୍ଷୁଦ୍ର ଦୃଷ୍ଟାନ୍ତ ନିଆଯାଉ । ଇଂଲଣ୍ଡରୁ ସଦ୍ୟ ଉତ୍ପାଦିତ ଇସ୍ପାତ ଟ୍ରଙ୍କ୍ ପାଇଁ ବଜାର ଏଭଳି ଭାବେ ହ୍ରାସ ପାଇଲାଣି ଯେ ଇସ୍ପାତ ଟ୍ରଙ୍କ୍ କାରବାର କରୁଥିବା ବେପାରୀମାନଙ୍କର ବିଫଳତାକୁ ଲିପିବଦ୍ଧ କରିବା କାର୍ଯ୍ୟ ଆରମ୍ଭ ହୋଇଗଲାଣି । ଏଠାରେ ପୁଣି ଆମେ ଏକ ସମାନୁପାତିକ ବର୍ଜନର ଅବାସ୍ତବତାକୁ ଲକ୍ଷ୍ୟ କରିବାରେ ବିଫଳ ହୋଇଛୁ । ଏକଥା ନିରାଟ ସତ ଯେ ପ୍ରଥମେ ପ୍ରଥମେ ପ୍ରୋତ୍ସାହିତ କରାଯାଉଥିବା ସ୍ୱଦେଶୀ ଦ୍ରବ୍ୟର ଅଭିବୃଦ୍ଧି ଆମଦାନୀର ଅଭିବୃଦ୍ଧିକୁ ସମ୍ପୂର୍ଣ୍ଣ ରୂପେ ବିଲୋପ କରିବା ପାଇଁ ପର୍ଯ୍ୟାପ୍ତ ହୋଇ ନପାରେ ଏବଂ ଉପରଠାଉରିଆ ଓ ତରବରିଆ ଭାବେ କିଛି କରି ବସିଲେ ତାହା ହୁଏତ ବର୍ଜନର ବ୍ୟର୍ଥତାକୁ ପ୍ରମାଣିତ କରିବ । କିନ୍ତୁ ବର୍ଜନର ବିକାଶ ଦ୍ୱାରା ସ୍ୱଦେଶୀ ଦ୍ରବ୍ୟର ଅଭିବୃଦ୍ଧି କ୍ରମାଗତଭାବେ ବଢ଼ି ଚାଲିବ ଆଉ ବିଦେଶୀଜାତ ଦ୍ରବ୍ୟର ଆମଦାନୀ କ୍ରମେ କ୍ଷୀଣ ହେବାକୁ ଲାଗିବ ଯେପର୍ଯ୍ୟନ୍ତ ଏହା ପ୍ରତ୍ୟକ୍ଷଭାବେ ଏକ ଅବନତିରେ ପରିଣତ ନହୋଇଛି । ବର୍ଜନର ସଫଳତା ଯେ ଏକ କ୍ରମିକ ଧାରାରେ ଆସେ କିନ୍ତୁ ଅଲୌକିକ ଭାବେ ପ୍ରାପ୍ତ ହୁଏନି ବୋଲି ଏଥିରେ କୌଣସି ସଚେତନ ଓ କୃତସଂକଳ୍ପ ବର୍ଜନ ଆନ୍ଦୋଳନକାରୀ (Boycotter)ର ମନରେ ଶଙ୍କା କିଂବା ହତାଶା ଆସିବା ଉଚିତ ନୁହେଁ । ଏକଥା ମଧ୍ୟ ସତ ଯେ ସ୍ୱଦେଶୀ ଦ୍ରବ୍ୟର ଅଭିବୃଦ୍ଧି ବାସ୍ତବ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ବିଦେଶୀ ସାମଗ୍ରୀଗୁଡ଼ିକର ଆମଦାନୀକୁ ପ୍ରୋତ୍ସାହିତ କରିପାରେ ଯଥା ଯନ୍ତ୍ରପାତି କିଂବା

ସୂତାଗୁଡ଼ିକ; କିନ୍ତୁ ଏ ପ୍ରୋତ୍ସାହନ ହେଉଛି ସାମୟିକ, ଆଉ ଆମ ବର୍ଦ୍ଧିତ ପୁଞ୍ଜିର ଅଂଶତକ ମୁକ୍ତ ହୋଇଗଲେ ଓ ନୂଆ ନୂଆ କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ଆଗ୍ରହ ସୃଷ୍ଟି ହେଲେ ଏ ସମସ୍ତ ଦିଗରେ ସଙ୍ଗେ ସଙ୍ଗେ କ୍ରମିକ ବର୍ଜନ ସ୍ୱାଭାବିକଭାବେ ପ୍ରସାରିତ ହୋଇ ଚାଲିବ, ଖୁବ୍ ଶୀଘ୍ର ଅନ୍ୟାନ୍ୟ ସାମଗ୍ରୀ ବର୍ଜନ ତୁଳନାରେ ।

ତେଣୁ ସମାନୁପାତିକ ବର୍ଜନ ଯେ ଅସମ୍ଭବ ଏଇ ସିଦ୍ଧାନ୍ତଟିର ପଶ୍ଚାତ୍‌ରେ ତଥ୍ୟ କିଂବା ଯୁକ୍ତିର କୌଣସି ଭିତ୍ତି ନାହିଁ ବୋଲି ଆମର ମନେ ହେଉଛି । ଏକ ରାଜନୈତିକ ଆୟୁଧଭାବେ ପ୍ରୟୋଗ କଲେ ଏହାର ଭାଗ୍ୟ ଯାହା ହେଉନା କାହିଁକି, ଏକ ଅର୍ଥନୈତିକ ଆୟୁଧଭାବେ ଏହାର ସାଫଲ୍ୟ ନିର୍ଭର କରୁଛି କେବଳ ମାତ୍ର ଯେଉଁ ଅଦମ୍ୟ ଉତ୍ସାହକୁ ନେଇ ଏହାର ପ୍ରଚାର କରାଯିବ ଆଉ ଜନସାଧାରଣ ଯେଉଁଭଳି ତତ୍ପରତା ସହିତ ଏହାକୁ ଗ୍ରହଣ କରିବେ ତାହାରି ଉପରେ ।

## ସହଜାତ ଆନୁଗତ୍ୟ

'ଇଣ୍ଡିଆନ୍ ମିରର୍' ଯେତେବେଳେ ଏହି ବକ୍ତବ୍ୟଟି ଦେଇଛି ତା'ର ଅନ୍ତରର କଥାକୁହିଁ ପ୍ରତିଫଳିତ କରିଛି – ''ଭାରତୀୟ ସ୍ୱୟଂଶାସନର ସ୍ୱପ୍ନଗୁଡ଼ିକ ଭିତରେ ଯେତେ ନିମଜ୍ଜିତ ରହିଲେ ମଧ୍ୟ ଦେଶ ଭିତରେ କେହି ହେଲେ ବ୍ରିଟିଶ ସମ୍ପର୍କକୁ ଛିନ୍ନ କରିବା ପାଇଁ ଏବଂ ଦେଶକୁ ତା' ଆପଣା ଭାଗ୍ୟ ହାତକୁ ଟେକି ଦେବା ପାଇଁ ଚାହିଁବେ ନାହିଁ । ଇଂଲଣ୍ଡ ସହିତ କୌଣସି ପ୍ରକାରର କିଛି ସମ୍ପର୍କ ପ୍ରତି ଏଇ ଯେଉଁ ଅକପଟ ଆସକ୍ତି, ଅନ୍ୟ ଭାଷାରେ କହିଲେ ଇଂଲଣ୍ଡର ରାଜମୁକୁଟ ପ୍ରତି ଏଇ ଆନୁଗତ୍ୟହିଁ ଭାରତୀୟ ଜାତିମାନଙ୍କର ସେମାନଙ୍କ ବ୍ରିଟିଶ ଶାସକବର୍ଗଙ୍କ ପ୍ରତି ମନୋଭାବରେ ଏକ ମହତ୍ତ୍ୱପୂର୍ଣ୍ଣ ଉନ୍ନତି ସମ୍ପର୍କରେ ଆଶାବାଦୀ ହୋଇଉଠିବା ପାଇଁ ସର୍ବୋତ୍ତମ ମୂଳକାରଣ'' । 'ଇଣ୍ଡିଆନ୍ ମିରର୍' ଯେତେବେଳେ ଏହି ଉକ୍ତିଟି ପ୍ରକାଶ କରିଛି ସେଥିରେ ତା' ନିଜ ସ୍ୱାର୍ଥ ବ୍ୟତିରେକେ ଅନ୍ୟ କିଛି ବିଚାରଧାରା ପ୍ରକଟ ହୋଇନି । ମିରର୍‌ର ଦର୍ଶନ ତତ୍ତ୍ୱରେ ପ୍ରତିଫଳିତ ହୋଇଥିବା ସ୍ୱପ୍ନ ଅପେକ୍ଷା ଆହୁରି ଅନେକ କିଛି ରହିଛି ଏଇ ଆକାଶ ଆଉ ଧରଣୀ ବକ୍ଷରେ । ଅସଲ ମର୍ମରେ ପ୍ରକାଶ କରିବାକୁ ଗଲେ ସକଳ ସଦ୍‌ଭାବନାଯୁକ୍ତ ବ୍ୟକ୍ତିମାନଙ୍କ ସହିତ ଗୋଟିଏ ଦେଶକୁ ଯେପର୍ଯ୍ୟନ୍ତ ତା' ନିଜ ନିୟତିର ପଥରେ ଯିବାକୁ ଛାଡ଼ି ଦିଆ ନ ହୋଇଛି ସେପର୍ଯ୍ୟନ୍ତ ସେ ଦେଶ କେବେ ହେଲେ ଯେ ସମୃଦ୍ଧ ହୋଇପାରିବନି ଏହା ସ୍ୱତଃସିଦ୍ଧ କଥା । ଦେଶର ଆବଶ୍ୟକତା ଅପେକ୍ଷା ନିଜର ଆବଶ୍ୟକତା ଉପରେ ଅଧିକ ଧ୍ୟାନ ଦେବା ଦ୍ୱାରା 'ଇଣ୍ଡିଆନ୍ ମିରର୍' ପରି ଧୁରନ୍ଧର ସାମ୍ବାଦିକମାନଙ୍କୁ ନିଜ ସକାଶେ ଏକ ଆରାମଦାୟକ ବେଦ ବାକ୍ୟର ପ୍ରକାଶ ଘଟିଛି । କୌଣସି ରାଜନୈତିକ ମନୀଷୀ ଏଇ ସତ୍ୟଟିକୁ ବଦଳେଇ ଦେବା ପାଇଁ ଏପର୍ଯ୍ୟନ୍ତ ଚାହିଁ ନାହାନ୍ତି ଯେ ଗୋଟିଏ ଜାତି ଭିତରେ ସର୍ବାଙ୍ଗୀନ ପ୍ରଚାରର ଅପରିହାର୍ଯ୍ୟ ସର୍ତ୍ତ ହେଲା ମୁକ୍ତି । କିଛିକାଳ ବନ୍ଦୀ ଜୀବନ ବିତେଇଲା ପରେ ସେ ଜୀବନ ଅଭ୍ୟାସରେ ପରିଣତ ହୋଇଉଠେ – ଲାଠି ଭୟରେ ଜେଲର୍‌ଙ୍କୁ ସମ୍ମାନ ଦେବାକୁ ପଡ଼େ । କିନ୍ତୁ ଏଇସବୁ ବ୍ୟାଧିଗ୍ରସ୍ତ ଏବଂ ଅସ୍ୱାଭାବିକ ଭାବପ୍ରବଣତାକୁ ସ୍ୱାଭାବିକ ଆଉ ସହଜାତ ବୋଲି ଚିତ୍ରଣ କରିବା ଅର୍ଥ ମଣିଷକୁ ଗୋଟିଏ କ୍ରୀତଦାସ ବୋଲି ଭୁଲ୍ ବୁଝିବା । 'ଇଣ୍ଡିଆନ୍ ମିରର୍' ପରି ପତ୍ରିକାମାନେ ଯେ ତଥାପି ଦାସତ୍ୱ ମନୋବୃତ୍ତିର ବେଦବାକ୍ୟକୁ ପ୍ରଚାର କରିବାକୁ ସକ୍ଷମ ହୋଇ ପାରୁଛନ୍ତି ଏହା ଆମେ ଫେରି ପାଇଥିବା ଆତ୍ମସମ୍ମାନବୋଧ ପ୍ରତି ଘୋର ପ୍ରତିକୂଳ ।

[ବନ୍ଦେ ମାତରମ୍, ଏପ୍ରିଲ ୨୬, ୧୯୦୭]

(କ୍ରମଶଃ)

ଅନୁବାଦ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ ❖

ଭାରତ ଏପରି ଏକ ଆଧ୍ୟାତ୍ମିକ ପଥ ପ୍ରଦର୍ଶକ ହେବା ଉଚିତ ଯେ ଯାହା ଯାହା ଘଟୁଛି, ସେସମ୍ବନ୍ଧରେ ବୁଝାଇ ଦେଇପାରିବ ଏବଂ ଗତିକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିବ । କିନ୍ତୁ ଦୁର୍ଭାଗ୍ୟବଶତଃ ପାଶ୍ଚାତ୍ୟକୁ ଅନୁସରଣ କରିବାର ଅନ୍ଧ ଅଭିଳାଷ ହେତୁ ସେ ଜଡ଼ବାଦୀ ହୋଇଉଠିଛି ଏବଂ ତାହାର ଆତ୍ମାକୁ ଅବହେଳା କରୁଛି ।
(ଅକ୍ଟୋବର ୧୩,୧୯୬୫) — ଶ୍ରୀମା

# ଶ୍ରୀଅରବିନ୍ଦଙ୍କ ଆଦର୍ଶ

## ଶ୍ରୀ ନଳିନୀକାନ୍ତ ଗୁପ୍ତ

ତୁମେମାନେ ମୋତେ ପଚାରିଛ, 'ଅରବିନ୍ଦବାବୁ'ଙ୍କର ଜୀବନର ଆଦର୍ଶ କ'ଣ ? ଏ ପ୍ରଶ୍ନର ଉତ୍ତର ମୋତେ ଅଳ୍ପ କଥାରେ ଦେବାକୁ ପଡ଼ିବ, ସୁତରାଂ ମୋଟରେ କେତୋଟି କଥାରେ ମୋତେ କହିବାକୁ ପଡ଼ିବ । ତା'ଫଳରେ ତୁମମାନଙ୍କର ଯଦି ବୁଝିବାରେ କିଛି ଅସୁବିଧା ହୁଏ, କ୍ଷମା କରିବ; ମୋତେ କିନ୍ତୁ ସେଇଥିରେହିଁ ବୁଝାଇବାକୁ ସୁବିଧା ହେବ । ଦ୍ୱିତୀୟ ଆପତ୍ତି ହୋଇପାରେ ତୁମ୍ଭମାନଙ୍କ ତରଫରୁ ମୋର ବୁଝାଇବାର ଭଙ୍ଗି; ମୋତେ ଗଳ୍ପ କହି ଆସେ ନାହିଁ । ମୋର କଥା ହେବ ରୋକଠୋକ — ସାଧୁଭାଷାରେ ଯାହାକୁ କହନ୍ତି ଦାର୍ଶନିକ ଭାଷା । ଏ ଦୁଇଟି ବିଭୀଷିକାରେ ଯଦି ତୁମେମାନେ ଭୟ ନପାଅ ତେବେ ନିଃସଙ୍କୋଚରେ ମୁଁ କହିପାରେ, ତୁମେମାନେ ବି ଅବହିତ ଚିତ୍ତରେ ଶୁଣିପାର । ଉପକ୍ରମଣିକା ନଦେଇ କହୁଛି :

ଅରବିନ୍ଦବାବୁ*ଙ୍କ ଜୀବନର ଆଦର୍ଶ, ଏ ପ୍ରଶ୍ନଟା ପରୀକାହାଣୀର କୌତୂହଳ ନୁହେଁ । ଏ କଥାର ଦୁଇଟି ଅର୍ଥ ହୋଇପାରେ : ଆଦର୍ଶ କଥାଟା ଅରବିନ୍ଦବାବୁଙ୍କ ସହିତ ଯାଉଛି, ନା ଜୀବନ ସହିତ ଯାଉଛି ? ଅର୍ଥାତ୍ ଅରବିନ୍ଦବାବୁ ନିଜ ଜୀବନରେ କ'ଣ କରିବାକୁ ଚାହିଁଛନ୍ତି, ସେକଥା ନା ଜୀବନକୁ, ଅର୍ଥାତ୍ ମାନବ-ଜୀବନକୁ ସେ କ'ଣ କରିବାକୁ, କି ରୂପ ଦେବାକୁ କହୁଛନ୍ତି — ସେ ଦୁଇଟିଯାକ ଶେଷକୁ ମିଳି ଏକ ହୋଇଯାଇଛି । କାରଣ ଅରବିନ୍ଦବାବୁଙ୍କର ଏହା ବି ଏକ ଆଦର୍ଶ ଯେ ନିଜେ ଯାହା କରି ନାହାନ୍ତି, ଅବା କରିପାରି ନାହାନ୍ତି — ସେଇ ଜିନିଷ ସେ ଅପରକୁ କରିବାକୁ କହନ୍ତି ନାହିଁ; ଯେଉଁ ଆଦର୍ଶ ସେ ନିଜେ ମାନ୍ୟକରି ନାହାନ୍ତି, ତା'କୁ ସେ ଅପର ବ୍ୟକ୍ତିକୁ ମାନ୍ୟ କରିବାକୁ କହନ୍ତି ନାହିଁ । ନିଜେ ଯାହା ପାରିଛନ୍ତି, ଗଢ଼ିଛନ୍ତି — ତାହାହିଁ ସେ ଅନ୍ୟକୁ କରିବାକୁ, ହୋଇ ଉଠିବାକୁ କହନ୍ତି । ତେଣୁ ଯେଉଁ ଅର୍ଥରେ ନେଲେ ବି ଉତ୍ତରଟା ଏକା ହେବ । ଅରବିନ୍ଦବାବୁଙ୍କର ଜୀବନର ଆଦର୍ଶ, ଗୋଟିଏ କଥାରେ ମୁଁ କହିବି — 'ଜୀବନ' । ମାତ୍ର ସେ ଜୀବନର ଅର୍ଥ ଠିକ୍ ଠିକ୍ ବୁଝିବା ଦରକାର । ତାଙ୍କ ଜୀବନଟା କ'ଣ ଓ କିପରି ? ସେ ଜୀବନ କ'ଣ ନୁହେଁ — ସେକଥାଟା ଆଗେ ଦେଖାଯାଉ ।

ତୁମମାନଙ୍କ ମଧ୍ୟରେ ଅନେକେ ମନେ କରନ୍ତି ଶ୍ରୀଅରବିନ୍ଦ ସାଧୁ-ସନ୍ନ୍ୟାସୀ, ଏଣୁ ତାଙ୍କୁ ପୂଜା ବି କରନ୍ତି । ଗୋଟିଏ ସମ୍ବାଦପତ୍ରରେ ଥରେ ତାଙ୍କ ବିଷୟରେ ଏକ ସନ୍ଦର୍ଭ ପ୍ରକାଶିତ ହୋଇଥିଲା, ସେଥିରେ ତାଙ୍କୁ ବହୁଗୁଣରେ ଭୂଷିତ କରାଯାଇଥିଲା ଯେମିତି ଜଣେ ସାଧୁ ପୁରୁଷଙ୍କୁ କରାଯାଏ । ସେସବୁ ପଢ଼ି ଶ୍ରୀଅରବିନ୍ଦ ବହୁତ ହସିଥିଲେ, ଏମିତି ବି ଘଟିଛି, ତାଙ୍କୁ ସାଧୁସନ୍ନ୍ୟାସୀ କହିଲେ ସେ ବିରକ୍ତି ପ୍ରକାଶ କରନ୍ତି । ସନ୍ନ୍ୟାସିଗଣ ଇହଲୋକରେ ଜୀବନଧାରଣ ପସନ୍ଦ କରନ୍ତି ନାହିଁ, ସେମାନେ ଏହି ତଥାକଥିତ ଜୀବନର ବାହାରେ, ମାନବ-ଜୀବନ ଉପରେ ଅନ୍ୟ କିଛି ଚାହାନ୍ତି । ମାନବ-ଜୀବନର ସହଜ କାରବାର ଆଦି ଯଥା : ଅନ୍ନ-ବସ୍ତ୍ର ସଂସ୍ଥାନ, ଦେଶ ବା ଦଶର କାମ, ଘରପରିବାର — ଏସବୁ ପାଇଁ ସମାଜରେ ଅନ୍ୟ ସଭିଙ୍କ ସହ ମିଳିମିଶି କର୍ମ କରିବା — ଏସବୁ ସାଧୁଙ୍କର କରଣୀୟ ନୁହେଁ । ଯଦି ଦୈବାତ୍ କେବେ ସେପରି କାମ କରିବାକୁ ପଡ଼େ ତେବେ ଯେତେ ଶୀଘ୍ର ପାରନ୍ତି ତରବରରେ ଶେଷ କରି ସେମାନେ ଧ୍ୟାନ-ଜପ-ସମାଧିରେ ନିଜକୁ ହଜାଇ ଦେବାକୁ ଇଚ୍ଛା କରନ୍ତି । ଅଥଚ କହନ୍ତି ସେମାନେ ଜୀବନକୁ ପରିତ୍ୟାଗ କରି ନାହାନ୍ତି, ହରାଇ ନାହାନ୍ତି, ବରଂ ମାନବ-ଜୀବନର ସାର ପଦାର୍ଥଟିକୁ, ଯାହା ଗଭୀର, ନିବିଡ଼ ଓ ନିଦା — ତାହାକୁ ଲାଭ କରିବାକୁ ଚାହାନ୍ତି । କିନ୍ତୁ ବାହ୍ୟତଃ ସେ ପ୍ରକାର ଜୀବନ ମିଳେ ନାହିଁ ବୋଲି ମନେ ହୁଏ ।

ଶ୍ରୀଅରବିନ୍ଦ ଅନ୍ତତଃ ସେପ୍ରକାର ଜୀବନ ଚାହାନ୍ତି ନାହିଁ ।

* [ଶ୍ରୀଅରବିନ୍ଦ ରାଜନୀତିକ ଜୀବନରୁ ଚାଲିଆସି ପଣ୍ଡିଚେରୀରେ କିଭଳି ଜୀବନ ବିତାଉଛନ୍ତି, ସେତେବେଳେ ଏବଂ ତା'ର କେତେବର୍ଷ ପର୍ଯ୍ୟନ୍ତ ତାଙ୍କ ପରବର୍ତ୍ତୀ ଜୀବନର ରୂପରେଖ କ'ଣ, ସେକଥା ଜାଣିବାକୁ ଅନେକଙ୍କର କୌତୂହଳ ଥିଲା । ସେସମୟରେ ଲୋକେ ତାଙ୍କୁ ଶ୍ରୀଅରବିନ୍ଦ ରୂପେ ଜାଣି ନଥିଲେ, ଜାଣିଥିଲେ 'ଅରବିନ୍ଦବାବୁ' ରୂପେ । ସେଥିପାଇଁ ଏଇ ପତ୍ରରେ ତାଙ୍କ ବିଷୟରେ ଜିଜ୍ଞାସା ଓ ଉତ୍ତର ସେଇ ଧରଣର ହୋଇଛି ।]

ସାଧାରଣ ଭାବରେ ଜୀବନଧାରଣ କହିଲେ ଆମେ ବୁଝୁ : ବଞ୍ଚି ରହିବା, ସୁଖରେ ରହିବା, ସ୍ୱାସ୍ଥ୍ୟବାନ୍ ହୋଇ ରହିବା, ସମାଜର ଅନ୍ୟ ସମସ୍ତଙ୍କର ଯାହା ଦାବି ବା ପାଉଣା – ସେଗୁଡ଼ିକୁ ପୂରଣ କରିବା । ଶ୍ରୀଅରବିନ୍ଦ ମଧ୍ୟ ମୋଟାମୋଟି ସେକଥା କହିଥା'ନ୍ତି । ସନ୍ନ୍ୟାସୀର ଦୃଷ୍ଟିରେ ଜୀବନ ବା ଅଜୀବନକୁ ଧ୍ୟାନ ନଦେଇ ସାଧାରଣତଃ ସହଜ ଜୀବନର ଛାଞ୍ଚରେ ଶ୍ରୀଅରବିନ୍ଦଙ୍କ ଜୀବନର ଆଦର୍ଶ ଢଳାଯାଇଛି, ଜୀବନକୁ ପଛରେ ପକାଇ ନୁହେଁ – ।

ଏକଥା ଯଦି କୁହାଯାଏ, ତେବେ ଶ୍ରୀଅରବିନ୍ଦଙ୍କର ଅନ୍ୟମାନଙ୍କଠାରୁ ପାର୍ଥକ୍ୟ କେଉଁଠି ? ଏମିତି ନିତ୍ୟନୈମିତ୍ତିକ କାମଦାମ, ଯାହା ସମସ୍ତେ କରନ୍ତି, ସେଥିରେ ଆଦର୍ଶ କାହିଁ ? ଏହି ଜିନିଷଟି କରିବା ପାଇଁ କ'ଣ ଶ୍ରୀଅରବିନ୍ଦ ବାରବର୍ଷ କାଳ ଅଜ୍ଞାତବାସ କରିଥିଲେ ? କେବେ ବି ତାହା ନୁହେଁ । ସେ ସାଧାରଣ ଜୀବନ ବୋଲି ଯାହାକୁ କହୁଛନ୍ତି, ତାହା ତୁମ-ଆମ ଭଳି ଲୋକଙ୍କର ନିହାତି ସାଧାରଣ ଜୀବନ ନୁହେଁ; ଖାଇ, ପିଇ, ଶୋଇ ଯେତେ ପାରେ କାମ କରି ଜୀବନ ନିର୍ବାହ କରିବାର ତାହା 'ଜୀବନ' ନୁହେଁ; ଏସବୁ ସହିତ ଶିକ୍ଷା, ଶକ୍ତି, ବିଦ୍ୟା, ଧର୍ମ ପ୍ରଭୃତି ଚର୍ଚ୍ଚା କରୁଥିବା ଜୀବନ ମଧ୍ୟ ତାଙ୍କ ଦୃଷ୍ଟିରେ ସାଧାରଣ ଜୀବନ ନୁହେଁ । ଜୀବନର କ୍ଷେତ୍ରସବୁ ଯେଉଁଠି ଯେଉଁଠି ପ୍ରକାଶିତ, ସେସବୁ ତ ରହିବ । ଜୀବନ ହେବ ପୂର୍ଣ୍ଣ ଜୀବନ, ତା' ସହିତ ସମସ୍ତଙ୍କ ପରିଚିତ ସାଧାରଣ ଜୀବନ ମଧ୍ୟ ରହିବ – ଏ ସମସ୍ତ ହେଉଛି ବାହାରର କଥା; ତେବେ ସେଇ ଜୀବନଟିକୁ ଚଳାଇବାକୁ ହେବ ଭିତରର ଏକ ନୂଆ ଭାବ ନେଇ, ନୂଆ ଆଲୋକ ଦେଇ, ନୂଆ ପ୍ରେରଣାରେ ।

ଶ୍ରୀଅରବିନ୍ଦ କହନ୍ତି : ଜୀବନ ଭିତରେ ଯେଉଁ ଦୁଃଖ-କଷ୍ଟ, ନିରାନନ୍ଦ, ଅସାମର୍ଥ୍ୟ ରହିଛି ବୋଲି ଆମେ ଦେଖୁ, ତାହା ଜୀବନର ଦୋଷ ନୁହେଁ । ଜୀବନକୁ ଯଦି ଆମେ କେମିତି ଚଳାଇବାକୁ ହେବ ଜାଣିପାରନ୍ତୁ, ତେବେ ସେହି ଜୀବନ ହୋଇଉଠନ୍ତା ଆନନ୍ଦର, ସୁଷମାର ପୂର୍ଣ୍ଣ ବିଗ୍ରହ । ଜୀବନ ଯେପରି ଗୋଟାଏ ନଦୀ; ନଦୀ ସବୁପ୍ରକାର କାଦୁଅ-ବାଲି-ଗୋଡ଼ିକୁ ନିଜ ସଙ୍ଗରେ ବୋହି ନେଇଚାଲେ, ସେଥିପାଇଁ ଯେତେବେଳେ ନଦୀର ସମୁଦ୍ର ସଙ୍ଗମରେ ଉପରିଭାଗ ମୋଟା ହୋଇଯାଏ – ଏ କାରଣରୁ ହେଉ ବା ଅନ୍ୟ ପାଞ୍ଚଟା କାରଣରୁ ହେଉ, ତା'ହେଲେ ନଦୀ ମଧ୍ୟରେ ପଠା (ଚଡ଼ା) ସୃଷ୍ଟି ହୁଏ, ନଦୀର ଚେହେରା ଆଉ ସ୍ରୋତସ୍ୱିନୀ ହୋଇ ରହେ ନାହିଁ । ନଦୀର ଧାରା ବିସ୍ତୃତ, ବିସର୍ପିତ, ଧୁକ୍-ଧୁକ୍ ହୋଇ କ୍ଷୀଣ ମୃତପ୍ରାୟ ହୋଇଯାଏ । ଆମ ଜୀବନର ଚେହେରା ଏବେ ଆମକୁ ଠିକ୍ ସେହିଭଳି ବୋଧ ହେଉଛି – ଯଦିବା ପ୍ରସାରିତ ତଥାପି ଶୁଷ୍କପ୍ରାୟ, ମୃତକଳ୍ପ, କାରଣ ଜୀବନର ଅବବାହିକା ଅବରୁଦ୍ଧପ୍ରାୟ । ଆମେ ଜୀବନର ସ୍ରୋତରେ କେତେ ଅଶୁଦ୍ଧି ମଇଳା ବହନ କରି ନେଇ ଚାଲିଛୁ । ଅସଲ ଜୀବନ ସେତିକି ବେଳେ ମିଳିବ, ଯେବେ ସ୍ରୋତସ୍ୱିନୀ ଉଭୟ ତଟକୁ ପ୍ଲାବିତ କରି କୁଳୁକୁଳୁ ହୋଇ ବହି ଚାଲିବ ସଙ୍ଗମ ଆଡ଼କୁ ।

ଜୀବନର ନଦୀ ବହିବାକୁ ଆରମ୍ଭ କରିଛି, ବହି ଚାଲିଛି, ମହାସାଗରରେ ଯାଇଁ ପଡୁଛି, ସେଇ ମହାସାଗରକୁ ଆମକୁ ଖୋଜିବାକୁ ହେବ । ସନ୍ନ୍ୟାସୀମାନେ ଜୀବନର ସେପାରିରେ ଯେଉଁ ଅମୃତର ସନ୍ଧାନ ପାଇଛନ୍ତି, ଶ୍ରୀଅରବିନ୍ଦ କହନ୍ତି ତାଙ୍କ ଜୀବନର ଉତ୍ସ ବି ସେଇଠାରେ, ତାଙ୍କ ଜୀବନର ସାଗର-ସଙ୍ଗମରେ ସେଇ ଅମୃତ ରହିଛି । ତେବେ ପାର୍ଥକ୍ୟ ଏତିକି ଯେ ସାଧୁ-ସନ୍ନ୍ୟାସୀଙ୍କ ପଥ ଭିନ୍ନ, ଜୀବନର ସୁଖ ତ୍ୟାଗ କରି ସେମାନେ ପାଇବାକୁ ଚାହାନ୍ତି ଯେଉଁ ଅମୃତ, ଶ୍ରୀଅରବିନ୍ଦ ଜୀବନକୁ ପୂର୍ଣ୍ଣଭାବେ ବଞ୍ଚି – ସେଇ ଅମୃତକୁ ବାହିନେଇ ଜୀବନକୁ ପୂର୍ଣ୍ଣ, ସିଦ୍ଧ ଓ ସାର୍ଥକ କରି ଦେବାକୁ ସାଧନା କରିଛନ୍ତି ଏବଂ ଅନ୍ୟକୁ ମଧ୍ୟ ସେପରି ପୂର୍ଣ୍ଣଭାବେ ବଞ୍ଚିବାକୁ କହୁଛନ୍ତି; ତାଙ୍କ ଦୃଷ୍ଟିରେ ତାହାହିଁ ସାଧନା ।

ଜୀବନର ମୂଳରେ ସେଇ 'ଅମୃତ' ଜିନିଷଟି କି ପ୍ରକାର ? ସାଧୁ ସନ୍ନ୍ୟାସିଗଣ କହନ୍ତି – 'ବ୍ରହ୍ମ', ସାଧାରଣ ଲୋକ କହନ୍ତି – 'ଭଗବାନ୍' । ଆମକୁ ଯଦି ଜିଜ୍ଞାସା କରାଯିବ, ତେବେ ମୁଁ କହିବି – ଅନ୍ତରାତ୍ମା । ମୋଟରେ କହିଲେ ଏ ତିନୋଟି ନାମ – ଏକହିଁ ଜିନିଷର । ତୁମେ ନିଜେ କ'ଣ, କି ବସ୍ତୁ, କେଉଁ ସତ୍ୟ ତୁମ ମଧ୍ୟରେ ମୂର୍ତ୍ତ ହେଉଛି ? – ତାହାହିଁ ତୁମର ଭାଗବତ ଶକ୍ତି, ତୁମର ବ୍ରହ୍ମ-ସତ୍ତା । ଏ ଜିନିଷଟିର ସ୍ୱରୂପ କ'ଣ, ସେ କଥା କହିବାକୁ ମୋର ଆଉ ଭାଷା ନାହିଁ; ଏତିକି ମାତ୍ର କହିବି ବସ୍ତୁଟି ତୁମ ଅନୁଭବର । ସେଇଟିକୁ ପାଇଲେ ମନୁଷ୍ୟ ବୋଧକରେ ତା'ର ସବୁହିଁ ପୂର୍ଣ୍ଣ, ଅଖଣ୍ଡ – ସେ ହୋଇଯାଇଛି ଅଦୀନ, ସଦାନନ୍ଦ, ଶକ୍ତିମାନ୍, ଜ୍ଞାନବାନ୍ – ସେ ନିଜେ ଯେମିତି ଅନନ୍ତ ଓ ବିରାଟ । ଭିତରେ ଏଇ ଭାବଟି ଜଗାଇବ, ଏହାର ଆଲୋକରେ, ଏହାରହିଁ ପ୍ରେରଣାରେ ତୁମ ଅନ୍ତଃକରଣର ପ୍ରତ୍ୟେକ ସ୍ତରକୁ ଉଜ୍ଜ୍ୱଳ କରିବ, ନୂଆ ଗଢ଼ଣ ଦେଇ ମୂର୍ତ୍ତ କରିବ – ତୁମର ଚିନ୍ତା, ତୁମର ଭାବ, ତୁମର

କର୍ମ — ସମସ୍ତ ବସ୍ତୁରେ ରୂପାନ୍ତର ଆଣିବ ଏବଂ ତୁମେହିଁ ନିଜକୁ ଗୋଟିଏ ନୂଆ ଜୀବନ ଦେବ । ତୁମର ସେ ଜୀବନର ପ୍ରତିଷ୍ଠାନ ଓ କର୍ମର କ୍ଷେତ୍ର ମଧ୍ୟ ଧୀରେ ଧୀରେ ତା'ସହ ରୂପାନ୍ତରିତ, ସଂଜୀବିତ ହୋଇ ଉଠିବ ।

ଅନ୍ତରାତ୍ମାର ଭାଗବତ ଅମୃତ ସିଞ୍ଚନ ଦେଇ ତୁମ ଜୀବନକୁ ପରିଷ୍କାର, ପରିଶୁଦ୍ଧ କରି ଗଢ଼ିବ — ତେବେ ଯାଇଁ ସେ ଜୀବନ ହେବ ପୂର୍ଣ୍ଣ ଶୁଦ୍ଧ । କିନ୍ତୁ ଏଥିପାଇଁ ଧରାବନ୍ଧା କଷ୍ଟକର ସାଧନାର ଦରକାର ନାହିଁ । ସାଧାରଣ ଯୋଗୀମାନେ ଅବା ଧାର୍ମିକମାନେ ଯେଉଁ ପ୍ରକାର ନିୟମାଦି ପାଳନ କରନ୍ତି, ସେ ପ୍ରକାର ନିଜକୁ ଯନ୍ତ୍ରଣା ଦେବ ନାହିଁ । ସାଧାରଣଭାବେ ଜୀବନ ଯେମିତି ଚାହୁଁଛି, ସେମିତି ହିଁ ଚାଲୁ । ଯେଉଁ କାମ କରିବାକୁ ବସିଛ, ସେ କାମ କର; ବାହାର ନିୟମବନ୍ଧନ ଉପରେ ବିଶେଷ ଜୋର୍ ଦିଅ ନାହିଁ, ତୁମେ ବଦଳାଇବାରେ ଲାଗ ଅନ୍ତରରେ ନିଜର ଭାବକୁ — ମନଟାକୁ କ୍ରମଶଃ ଶାନ୍ତ, ଅଚଞ୍ଚଳ କରି ନିଅ, ଆଉ ଅନୁଭବ କରି ଚାଲ ଗଭୀରରେ ଥିବା ଅମୃତ — ଅସୀମ ସତ୍ତାକୁ । ବ୍ରହ୍ମରନ୍ଧ୍ରରୁ ଅଙ୍ଗୁଷ୍ଠ ପର୍ଯ୍ୟନ୍ତ ଯେତେବେଳେ ତୁମର ସମସ୍ତ ବସ୍ତୁ, ତୁମର ସମସ୍ତ ଉପାଦାନ ଭିତରେ ଭିତରେ ଏକ ସାମ୍ୟ, ଶାନ୍ତି, ସୁଖ ଓ ହାସ୍ୟରେ ନିଟୋଳ ହୋଇଉଠିବ, ସେଇ ଭରପୂର ଅମୃତ ସତ୍ତାରୁ ସକଳ କାର୍ଯ୍ୟ ସହଜ ସ୍ଫୂର୍ତ୍ତିରେ ଫୁଟିଉଠିବ, ପ୍ରକଟ ରୂପ ନେବ । ବାହାରର କୌଣସି କାର୍ଯ୍ୟ ଦୂଷଣୀୟ ନୁହେଁ — ଭିତରର ଅମୃତ ସତ୍ତା ସଙ୍ଗେ ତୁମର ଯେଉଁ କାର୍ଯ୍ୟର ଯେତେ ସାକ୍ଷାତ୍ ସମ୍ବନ୍ଧ ହେବ, ସେ କାର୍ଯ୍ୟଟି ବାହ୍ୟ ଦୃଷ୍ଟିରୁ ଯେପରି ବୋଧ ହେଉନା କାହିଁକି, ତାହାହିଁ ତୁମର ଧର୍ମ, ତୁମର ଭାଗବତ ବିଭୂତି, ତୁମ ଦିବ୍ୟଜୀବନର ଆଲମ୍ବନ ହେବ ।

ଏହି ଦିବ୍ୟଜୀବନହିଁ ଶ୍ରୀଅରବିନ୍ଦଙ୍କର ଆଦର୍ଶ । ଏହି ଦିବ୍ୟଜୀବନ ଲାଭ କର — ଏକଥା ସେ ସକଳ ମନୁଷ୍ୟଙ୍କୁ କହୁଛନ୍ତି । ସେ ଏକଥା ବି କହୁଛନ୍ତି ଯେ ତାଙ୍କର ସାଧନା ଖାଲି ତାଙ୍କ ପାଇଁ ନୁହେଁ — ଜଣେ, ଦୁଇଜଣଙ୍କୁ ନେଇ ସନ୍ତୁଷ୍ଟ ହେବାର ଲୋକ ସେ ନୁହନ୍ତି । ମଣିଷସମାଜରୁହିଁ ବାଛିନେଇ ଗଢ଼ି ତୋଳିବାକୁ ହେବ ପୂର୍ଣ୍ଣ ଭାଗବତ ଜୀବନର ଅଧିକାରୀ ଏକ ଦେବସମାଜ । ସେ ଚାହାନ୍ତି ଏପରି କେତେକ ନର-ନାରୀ, ଯେଉଁମାନେ ଏଇଭଳି ଜୀବନଯାପନ କରିବାକୁ ଇଚ୍ଛୁକ ଓ ସମର୍ଥ । ଏଇମାନଙ୍କୁ ନେଇ ଗୋଟିଏ କେନ୍ଦ୍ର ହେଉ ଅବା ବହୁଗୁଡ଼ିଏ କେନ୍ଦ୍ର ହେଉ — ଅନେକ ସମାଜ କ୍ରମଶଃ ଦାନା ବାନ୍ଧିବ; ସମସ୍ତ ଜଗତରେ ତାହା ବିଛାଡ଼ି ହୋଇଯିବ । ଏଇ ଉଦ୍ଦେଶ୍ୟ ନେଇ ତାଙ୍କର ଦେଶସେବା, ତାଙ୍କର ବିଶ୍ୱାସ — ନୂଆ ନୂଆ ସମାଜ ଗଢ଼ିଉଠୁ ଏଇ ଆଦର୍ଶକୁ କେନ୍ଦ୍ରରେ ରଖି, ବିଶେଷ କରି ଭାରତ ବର୍ଷରେ । ଦେବ-ସଂଘର ବୀଜ ଏଇ ଭାରତବର୍ଷରେ — ଏଇ ଦେଶର ସବୁପ୍ରାନ୍ତର ତରୁଣ-ତରୁଣୀଙ୍କ ମଧ୍ୟରେ ମର୍ଯ୍ୟାଦା ପାଉ, ବଙ୍ଗଦେଶରେ ମଧ୍ୟ । ଭାରତର ଭବିଷ୍ୟତ୍ ନରନାରୀ ଯେଉଁ ରୂପ ଗ୍ରହଣ କରିବେ, ଦେଶର ବାଳକବାଳିକା ସେଇ ରୂପକୁ ଅନ୍ତରରେ ପ୍ରଥମେ ଧରିବେ, ସେଇ ଛାଞ୍ଚରେ ଗଢ଼ା ହେବେ, ସେଇ ସେଇ ଭାବକୁ ନିଜ ଜୀବନରେ ଫୁଟାଇବେ, ଫଳବତୀ କରିବେ । ତତ୍‌ପରେ ପରସ୍ପର ପରସ୍ପର ମଧ୍ୟରେ ମିଳିତ ହୋଇ ଦେବସମାଜ ଗଢ଼ିବେ । ଏଇ ବାଳକବାଳିକାଙ୍କ ଉପରେ ତାଙ୍କର ଭରସା ବେଶୀ ।

ଶ୍ରୀଅରବିନ୍ଦ କହନ୍ତି : ଏଇ ଯେଉଁ ନୂତନ ମାନବଜାତି ବା ନୂଆ ଦେବସମାଜ, ଏହା ତାଙ୍କର କଳ୍ପନା ନୁହେଁ । ଏ କାମଟି ଯେ ନିଶ୍ଚୟ ହୋଇଉଠିବ, ଏକଥା ତାଙ୍କୁ ଜଣା । ତୁମେ ବିଶ୍ୱାସ କର ଅବା ନକର କାଳପୁରୁଷ ଏହା କରାଇ ନେବେ । ତୁମର ଶ୍ରଦ୍ଧା ଥିଲେ, ସାମର୍ଥ୍ୟ ଥିଲେ — କାଳପୁରୁଷ ତୁମକୁ ମସ୍ତକ ଉପରେ ଧରି ରଖି ଲକ୍ଷ୍ୟ ସ୍ଥାନରେ ଧାଇଁ ଯାଇ ପହଞ୍ଚାଇ ଦେବେ । ଆଉ ଯଦି ଏଇ ଦେବ-ସଂଘରେ ତୁମର ଶ୍ରଦ୍ଧା ନାହିଁ, ତୁମେ ଯଦି ଅନ୍ଧ ପ୍ରାଣର ଦାସ, ତେବେ ସେଇ କାଳପୁରୁଷ ତୁମକୁ ପାଦରେ ଦଳି ଆଗେଇ ଯିବେ । ଶ୍ରୀଅରବିନ୍ଦ ପ୍ରକୃତିର ବିକାଶମୁଖୀ ଗତି ଦେଖି କହୁଛନ୍ତି : ଉଦ୍ଭିଦରୁ ପଶୁ ହୋଇଛି, ତତ୍‌ପରେ ପଶୁଜାତିରୁ ମଣିଷର ଉଦ୍ଭବ, ଏଥର ତ ମନୁଷ୍ୟଠାରୁ ସିଦ୍ଧ ବା ଦେବତା ପର୍ଯ୍ୟାୟକୁ ଉଠିବାର ବେଳା — ନିୟତି ଆମଠାରୁ ଏହା ଆଶା କରେ । ଏଣିକି ପ୍ରଶ୍ନ — ତୁମେ ନିୟତିର ସହାୟ ହେବ ନା ଅନ୍ତରାୟ ହେବ ?

ମୋର ଯାହା କହିବାର ଥିଲା କହି ଦେଲି । ଯାହା କହିଲି ତାହା ସ୍ପଷ୍ଟ, ତୁମର ବୋଧଗମ୍ୟ ହେଲା କି ନାହିଁ ? କିନ୍ତୁ ଏହା ଜ୍ୟାମିତିର ଏକ ସିଦ୍ଧାନ୍ତ ନୁହେଁ ଯେ ଥରେ ବୁଝାଇ ଦେଲେ ସବୁ ବୁଝିହେବ । ଜିନିଷଟିକୁ ତିଳ ତିଳ କରି ଜୀବନର ପ୍ରତି ପଦରେ ବୁଝି, ଅନୁଭବ କରି ଆଗେଇବାକୁ ପଡ଼ିବ । ମୁଁ ମଧ୍ୟ ଦିନକରେ ବୁଝିନେଇ ନାହିଁ, ଏବେ ମଧ୍ୟ ସବୁକଥା ବୁଝିବା ମୋ ପକ୍ଷେ ସମ୍ଭବ ହୋଇ ନାହିଁ । ଯେତିକି ବୋଧଗମ୍ୟ ହୋଇଛି, ସେଥିପାଇଁ ମୋତେ ସମୟ ଲାଗିଛି ଦଶବର୍ଷ ।

ତତ୍‌ପରେ ଆଉ ଗୋଟିଏ କଥା କହି ପତ୍ରଟି ଶେଷ କରିବି । ତୁମମାନଙ୍କର ହୁଏତ ଜିଜ୍ଞାସା ଥିବ ଯେ ଶ୍ରୀଅରବିନ୍ଦଙ୍କର

ଏଇ ଆଦର୍ଶ ବା ସାଧନା ସମ୍ବନ୍ଧରେ ମୋର ନିଜସ୍ୱ ମତ କ'ଣ ? ମୋର ନିଜର ମତାମତ କହିବା ଦରକାର ନଥା'ନ୍ତା, ତଥାପି କହିଲେ ତୁମମାନଙ୍କର କେବଳ ଯେ କୌତୂହଳ ନିବୃତ୍ତ ହେବ – ତା'ନୁହେଁ, ସମ୍ଭବତଃ କିଛି ଲାଭ ହୋଇପାରେ, ସେଥିପାଇଁ କହିବାକୁ ଯାଉଛି । ଶ୍ରୀଅରବିନ୍ଦଙ୍କର ଯେଉଁ ଶ୍ରଦ୍ଧା, ଯେଉଁ ନିଷ୍ଠା, ମୋର ସେ ପ୍ରକାର ଏବେଯାଏ ହୋଇଉଠି ନାହିଁ । ହୁଏତ ଶ୍ରଦ୍ଧାର ହେତୁ, ସ୍ୱରୂପ – ଯେଉଁସବୁ ଉପଲବ୍ଧି ସେ ପାଇଛନ୍ତି ଏବେ ଯାଏଁ ସେପରି କିଛି ଉପଲବ୍ଧି ମୋର ହୋଇ ନାହିଁ । ମୁଁ ଅଧିକାଂଶ ଲୋକଙ୍କୁ ଏପରି ଦୀନ-ହୀନ ଦେଖୁଛି ଯେ ମୋ ଭିତରେ, ମୋ ଚାରିପଟେ ସମାଜର ସବୁ ଭାଇଭଉଣୀଙ୍କ ମଧ୍ୟରେ ଏତେ କାର୍ପଣ୍ୟ ଦେଖୁଛି ଯେ ଜାଣିପାରୁ ନାହିଁ, ବୁଝିପାରୁ ନାହିଁ କେମିତି ଏମାନେ ଦେବତା ହୋଇ ଉଠିବେ ? ଏହା ହୋଇପାରେ ଯେ ମୁଁ କ୍ଷୁଦ୍ର ଭିତରେ କେବଳ କ୍ଷୁଦ୍ରତାକୁହିଁ ଲକ୍ଷ୍ୟ କରିଛି, ପଙ୍ଗୁ ଭିତରେ ଖାଲି ପଙ୍ଗୁତ୍ୱଟିକୁହିଁ ବଡ଼ କରି ଦେଖିଛି, କ୍ଷୁଦ୍ର ଭିତରେ ବୃହତ୍‌ର କି ପଙ୍ଗୁ ଭିତରେ ସାମର୍ଥ୍ୟର ବର୍ତ୍ତମାନତା ଥିଲେ ବି ମୋର ନଜରରେ ପଡ଼ି ନାହିଁ । ଶ୍ରୀଅରବିନ୍ଦ ପ୍ରାୟଶଃ କହନ୍ତି : ମନୁଷ୍ୟର ଖରାପ ଦିଗ ଉପରେ ମୋଟେ ନଜର ଦିଅ ନାହିଁ, ସେଇ ଜିନିଷକୁ ତାଚ୍ଛଲ୍ୟ କର, କେବଳ ନଜର ରଖ ଭଲ ଦିଗଟା ପ୍ରତି, ଏଇ ଜିନିଷଟି ଉପରେ ନଜର ଦିଅ; ତା'ହେଲେ ଦେଖିବ ଭଲ ଜିନିଷଟି ବେଶ୍ ବିକଶିତ ହେଉଛି ଆଉ ତା' ପାଖରେ ଉପସ୍ଥିତ ଥିବା ମନ୍ଦ ଜିନଷଟି ଶୁଖିଶୁଖି ମରିଯାଉଛି, ଭଲର ମହତ୍ତ୍ୱର ପ୍ରଭାବରେ ।

ଶ୍ରୀଅରବିନ୍ଦଙ୍କ ପରି ପୂର୍ଣ୍ଣ ଶ୍ରଦ୍ଧା ନଥିଲେ ବି, ବିଶ୍ୱାସ ନଥିଲେ ବି ଅଶ୍ରଦ୍ଧା ଓ ଅବିଶ୍ୱାସ ମୋର ନାହିଁ । ଏବଂ ସବୁଠାରୁ ବେଶୀ ଜୋର୍ ମୋର ଏଇଠି ଯେ ଏଇ ଆଦର୍ଶଟି ଯଦି କାଳ୍ପନିକ ବା ଅସମ୍ଭବ ଅବା ଆକାଶ କୁସୁମ ହୋଇଥାଏ, ତେବେ ବି ସେଇ କଳ୍ପନାକୁ, ସେଇ ଅବାସ୍ତବଟିକୁ ମୁଁ ସତ୍ୟ ଅପେକ୍ଷା ବେଶୀ ଭଲପାଏ । ଏବଂ ସେଇ ଆଦର୍ଶ ଯେ ମିଥ୍ୟା, ତାହା ଆଜି ଗୋଟାଏ ଦିନରେ ପ୍ରମାଣିତ କରାଯାଇ ପାରିବ ନାହିଁ, ଦୂରରେ ରହିଲେ ବି ହେବ ନାହିଁ । ସୁନା କି ପିତଳ, ତାହା ଦେଖିବାକୁ ହେବ କଷି କରି । ମୁଁ କଷଟି ପଥରରେ କଷି କରି ଆଦର୍ଶଟିକୁ ବରଣ କରି ନେଇଛି, ତୁମେମାନେ ମଧ୍ୟ ଆସି କଷି କରି ପରଖ କରିପାର ଓ ତା'ପରେ ଗ୍ରହଣ କର ।

(ରଚନାବଳୀ ପଞ୍ଚମ ଖଣ୍ଡ, 'ସ୍ୱଦେଶ-ସମାଜ' ପୁସ୍ତିକାରୁ)

ଅନୁବାଦ : କୃଷ୍ଣାଦେବୀ

ଏପରି ଧରିନେବା ଠିକ୍ ନୁହେଁ ଯେ ଅବତାର ମଣିଷର ଜୀବନ-ଧାରାଠାରୁ ଭିନ୍ନ ଭାବରେ କାର୍ଯ୍ୟ କରନ୍ତି – ସେ ମାନୁଷୀ କ୍ରିୟାକଳାପକୁ ନେଇ, ମାନୁଷୀ ରୀତିରେ ଏବଂ ମାନୁଷୀ ଚେତନା ସହିତ ବାହ୍ୟ ଭାବରେ କାର୍ଯ୍ୟ କରନ୍ତି । କିନ୍ତୁ ତାହା ସହିତ ପଶ୍ଚାତରେ ଥାଏ ତାଙ୍କର ଭଗବତ୍ ଚେତନା । ଯଦି ସେପରି ସେ ନ କରନ୍ତେ ତେବେ ମଣିଷ-ଶରୀର ଗ୍ରହଣ କରିବାର କୌଣସି ଅର୍ଥ ରହନ୍ତା ନାହିଁ, କିଂବା ଅନ୍ୟମାନଙ୍କ ପାଇଁ ତାହା କୌଣସି କାର୍ଯ୍ୟରେ ଲାଗନ୍ତା ନାହିଁ – ସେ କେବଳ ଊର୍ଦ୍ଧ୍ୱରେ ଥାଇ ସେହିଠାରୁହିଁ କାର୍ଯ୍ୟ କରୁଥା'ନ୍ତେ ।

– ଶ୍ରୀଅରବିନ୍ଦ

ବେଦରହସ୍ୟ - (ଦ୍ୱିତୀୟଭାଗ) : ନିର୍ବାଚିତ ସୂକ୍ତାବଳୀ – ୧୦

# ଅଶ୍ୱିନୌ, ଆନନ୍ଦର ଦେବ

## (ଋଗ୍‌ବେଦ : ମଣ୍ଡଳ - ୪, ସୂକ୍ତ : ୪୫, ଋଷି : ବାମଦେବ)

## ଶ୍ରୀଅରବିନ୍ଦ

**ଏଷ ସ୍ୟ ଭାନୁରୁଦିୟର୍ତି ଯୁଜ୍ୟତେ ରଥଃ**
**ପରିଜ୍ମା ଦିବୋ ଅସ୍ୟ ସାନବି ।**
**ପୃକ୍ଷାସୋ ଅସ୍ମିନ୍ ମିଥୁନା ଅଧି ତ୍ରୟୋ**
**ଦୃତିସ୍ତୁରୀୟୋ ମଧୁନୋ ବି ରପ୍‌ଶତେ ॥୧॥**

୧. ଦେଖ, ସେହି 'ଭାସ୍ୱର' [ଏଷଃ ସ୍ୟଃ ଭାନୁଃ] ଉଦିତ ହେଉଛନ୍ତି [ଉଦିୟର୍ତି] ଏବଂ ଏହି ଦେବଲୋକର [ଅସ୍ୟ ଦିବଃ] ସମୁଚ୍ଚ ପ୍ରଦେଶରେ [ସାନବି] ସର୍ବପ୍ରବେଶନଶୀଳ ରଥ [ପରିଜ୍ମା ରଥଃ] ଯୋଚା ଯାଉଛି [ଯୁଜ୍ୟତେ]; ସେମାନଙ୍କର ଯୁଗଳତ୍ରୟଙ୍କ ଉପରେ [ତ୍ରୟଃ ମିଥୁନା ଅଧି] ତୃପ୍ତିକର ଆନନ୍ଦକୁ [ପୃକ୍ଷାସଃ] ସ୍ଥାନାପନ୍ନ କରାଯାଇଛି [ଅସ୍ମିନ୍] ଏବଂ ଚତୁର୍ଥଟି [ତୁରୀୟଃ] ମଧୁ ରୂପକ ଚର୍ମ [ମଧୁନଃ ଦୃତିଃ] ପ୍ରସ୍ରାବିତ ହୋଇଯାଉଛି [ବି ରପ୍‌ଶତେ] ।

**ଉଦ୍ ବାଂ ପୃକ୍ଷାସୋ ମଧୁମନ୍ତ ଈରତେ**
**ରଥା ଅଶ୍ୱାସ ଉଷସୋ ବ୍ୟୁଷ୍ଟିଷୁ ।**
**ଅପୋର୍ଣୁବନ୍ତସ୍ତମ ଆ ପରୀବୃତଂ**
**ସ୍ୱର୍ଣ ଶୁକ୍ରଂ ତନ୍ୱନ୍ତ ଆ ରଜଃ ॥୨॥**

୨. ତୁମ ଦୁହିଁଙ୍କ ମଧୁମୟ ଆନନ୍ଦରାଜି [ବାଂ ମଧୁମନ୍ତଃ ପୃକ୍ଷାସଃ] ଊର୍ଦ୍ଧ୍ୱ ଦିଗରେ ଗତି କରୁଛନ୍ତି [ଉଦ୍ ଈରତେ]; ଉଷାଙ୍କର ବର୍ଣ୍ଣମୟ ବିଭା ମଧ୍ୟରେ [ଉଷସଃ ବ୍ୟୁଷ୍ଟିଷୁ] ଅଶ୍ୱଗଣ ତଥା ରଥଗଣ ଉତ୍ତୋଳିତ ହେଉଛନ୍ତି [ଅଶ୍ୱାସଃ ରଥାଃ] ଏବଂ ସେ ଦୁହେଁ ଚତୁର୍ଦିଗରେ ଘୋଟି ରହିଥିବା ଅନ୍ଧକାର ରୂପକ ପର୍ଦାକୁ [ପରିବୃତଂ ତମଃ] ଅପସାରଣ କରୁଛନ୍ତି [ଅପ-ଊର୍ଣୁବନ୍ତଃ] ତଥା ସେ ଦୁହେଁ ଏହି ଅଧଃସ୍ଥ ଜଗତକୁ [ରଜଃ] ଜ୍ୟୋତିର୍ମୟ ସ୍ୱର୍ଲୋକ ସଦୃଶ [ସ୍ୱଃ ନ] ଭାସ୍ୱର ରୂପରେ [ଶୁକ୍ରମ୍] ପରିବ୍ୟାପ୍ତ କରୁଛନ୍ତି [ଆ ତନ୍ୱନ୍ତ] ।

**ମଧ୍ୱଃ ପିବତଂ ମଧୁପେଭିରାସଭି**
**ରୁତ ପ୍ରିୟଂ ମଧୁନେ ଯୁଞ୍ଜାଥାଂ ରଥମ୍ ।**
**ଆ ବର୍ତନିଂ ମଧୁନା ଜିନ୍ୱଥସ୍ପଥୋ**
**ଦୃତିଂ ବହେଥେ ମଧୁମନ୍ତମଶ୍ୱିନା ॥୩॥**

ଅର୍ଥ – ମଧୁପାୟୀ ମୁଖ ଦ୍ୱାରା [ମଧୁପେଭିଃ ଆସଭିଃ] ତୁମେ ଦୁହେଁ ମଧୁପାନ କର [ମଧ୍ୱଃ ପିବତମ୍], ମଧୁ ନିମନ୍ତେ [ମଧୁନେ] ତୁମ ପ୍ରିୟ ରଥକୁ [ପ୍ରିୟଂ ରଥମ୍] ଯୋଚାକର [ଯୁଞ୍ଜାଥାମ୍] । ମଧୁ ଦ୍ୱାରା [ମଧୁନା] ତୁମେ ଦୁହେଁ ଗତି ଓ ପଥଗୁଡ଼ିକୁ [ବର୍ତନିଂ ପଥଃ] ଆମୋଦିତ କରୁଛ [ଆ ଜିନ୍ୱଥ]; ହେ ଅଶ୍ୱିଦ୍ୱୟ [ଅଶ୍ୱିନା] ! ତୁମେ ଦୁହେଁ ମଧୁପୂର୍ଣ୍ଣ ଚର୍ମକୁ ବହନ କରୁଛ [ମଧୁମନ୍ତଂ ଦୃତିଂ ବହେଥେ] ।

**ହଂସାସୋ ଯେ ବାଂ ମଧୁମନ୍ତୋ ଅସ୍ରିଧୋ**
**ହିରଣ୍ୟପର୍ଣା ଉହୁବ ଉଷର୍ବୁଧଃ ।**
**ଉଦପ୍ରୁତୋ ମନ୍ଦିନୋ ମନ୍ଦିନିସ୍ପୃଶୋ**
**ମଧ୍ୱୋ ନ ମକ୍ଷଃ ସବନାନି ଗଚ୍ଛଥଃ ॥୪॥**

ଅର୍ଥ – ଯେଉଁ ହଂସମାନେ ତୁମ ଦୁହିଁଙ୍କୁ ବହନ କରନ୍ତି [ଯେ ହଂସାସଃ ବାଂ ଉହୁବ] ସେମାନେ ମଧୁପୂର୍ଣ୍ଣ [ମଧୁମନ୍ତଃ], ସୁବର୍ଣ୍ଣ ପକ୍ଷଯୁକ୍ତ [ହିରଣ୍ୟପର୍ଣାଃ], ଉଷା କାଳରେ ପ୍ରବୋଧିତ ହୁଅନ୍ତି [ଉଷର୍ବୁଧଃ], ଆଘାତ ଦେବା ପାଇଁ ସେମାନେ ଆସି ନଥା'ନ୍ତି [ଅସ୍ରିଧଃ]; ସେମାନେ ବୃଷ୍ଟି ଉଦ୍‌ଗାର କରିଥା'ନ୍ତି [ଉଦପ୍ରୁତଃ], ସେମାନେ ଆନନ୍ଦପୂର୍ଣ୍ଣ [ମନ୍ଦିନଃ] ଏବଂ ତାଙ୍କ ସ୍ପର୍ଶ ଆନନ୍ଦ ବହନ କରେ [ମନ୍ଦିନି ସ୍ପୃଶଃ] । ମଧୁସ୍ରାବ ପ୍ରତି ମଧୁମକ୍ଷିକାଙ୍କ ଗମନ ପରି [ମଧ୍ୱଃ ମକ୍ଷଃ ନ] ତୁମେ ଦୁହେଁ ସୋମାହୁତି ପ୍ରତି ଯାତ୍ରା କରିଥାଅ [ସବନାନି ଗଚ୍ଛଥଃ] ।

**ସ୍ୱଧ୍ୱରାସୋ ମଧୁମନ୍ତୋ ଅଗ୍ନୟ ଉସ୍ରା**
**ଜରନ୍ତେ ପ୍ରତି ବସ୍ତୋରଶ୍ୱିନା ।**
**ଯନ୍ନିକ୍ତହସ୍ତ ସ୍ତରଣିର୍ବିଚକ୍ଷଣଃ**
**ସୋମଂ ସୁଷାବ ମଧୁମନ୍ତମଦ୍ରିଭିଃ ॥୫॥**

ଅର୍ଥ – ମଧୁମନ୍ତ ଅଗ୍ନିଗଣ [ମଧୁମନ୍ତଃ ଅଗ୍ନୟଃ] ଯଜ୍ଞର

ସୁନେତା ଅଟନ୍ତି [ସ୍ୱଧ୍ୱରାସଃ] ଏବଂ ପ୍ରତିଦିନ [ପ୍ରତିବସ୍ତୋଃ] ସେମାନେ ତୁମର ଭାସ୍ୱରତାକୁ ପ୍ରାର୍ଥନା କରନ୍ତି [ଉସ୍ରାଃ ଜରନ୍ତେ], ହେ ଅଶ୍ୱିଦ୍ୱୟ [ଅଶ୍ୱିନା] ! ଯେତେବେଳେ କି [ୟତ୍] ଜଣେ ବିଶୋଧିତ ହସ୍ତ ଦ୍ୱାରା [ନିକ୍ତହସ୍ତଃ], ସମ୍ୟକ୍ ଦୂରଦୃଷ୍ଟିର ସହ [ବିଚକ୍ଷଣଃ], ଲକ୍ଷ୍ୟସ୍ଥଳ ପର୍ଯ୍ୟନ୍ତ ଯାତ୍ରା କରିବାର ଶକ୍ତିରେ ଯୁକ୍ତ ହୋଇ [ତରଣିଃ] ପେଷା ପଥରଗୁଡ଼ିକ ଦ୍ୱାରା [ଅଦ୍ରିଭିଃ] ମଧୁମନ୍ତ ସୋମ ମଦ୍ୟକୁ ନିଷ୍କାସନ କରିଛନ୍ତି [ମଧୁମନ୍ତଂ ସୋମଂ ସୁଷାବ]।

**ଆକେନିପାସୋ ଅହଭିର୍ଦବିଧ୍ୱତଃ**
**ସ୍ୱର୍ଣ ଶୁକ୍ରଂ ତନ୍ୱନ୍ତ ଆ ରଜଃ ।**
**ସୁରଶ୍ଚିଦଶ୍ୱାନ୍ ୟୁୟୁଜାନ ଈୟତେ**
**ବିଶ୍ୱାଁ ଅନୁ ସ୍ୱଧୟା ଚେତଥସ୍ପଥଃ ।।୬।।**

ଅର୍ଥ – ଅଗ୍ନିଗଣ ସେମାନଙ୍କ ନିକଟରେ ସୋମମଦ୍ୟ ପାନପୂର୍ବକ [ଆକେନିପାସଃ] ଅଶ୍ୱାରୋହଣ କରି ଧାଇଁବାରେ ଲାଗନ୍ତି [ଅହଭିଃ ଦବିଧ୍ୱତଃ] ଏବଂ ନିମ୍ନ ଜଗତକୁ [ରଜଃ] ଜ୍ୟୋତିର୍ମୟ ସ୍ୱର୍ ସଦୃଶ [ସ୍ୱର୍ ନ] ପ୍ରୋଜ୍ଜ୍ୱଳ ସ୍ୱରୂପରେ ବିସ୍ତାରିତ କରନ୍ତି [ଶୁକ୍ରମ୍ ଆତନ୍ୱନ୍ତ]। ସୂର୍ଯ୍ୟ ମଧ ନିଜ ଅଶ୍ୱମାନଙ୍କୁ ଯୋଚି ଯାତ୍ରା କରନ୍ତି [ସୁରଃ ଚିତ୍ ଅଶ୍ୱାନ୍ ୟୁୟୁଜାନଃ ଈୟତେ]; ''ପ୍ରକୃତି''ର ସୁବ୍ୟବସ୍ଥାପିକା ଶକ୍ତି ଦ୍ୱାରା [ସ୍ୱଧୟା] ସକଳ ପଥ ଅନୁସରଣପୂର୍ବକ [ବିଶ୍ୱାନ୍ ପଥଃ ଅନୁ] ତୁମେ ଦୁହେଁ ସଚେତନଭାବେ ଗତି କରୁଛ [ଚେତଥଃ]।[୧]

**ପ୍ର ବାମବୋଚମଶ୍ୱିନା ଧିୟଂଧା**
**ରଥଃ ସ୍ୱଶ୍ୱୋ ଅଜରୋ ୟୋ ଅସ୍ତି ।**
**ୟେନ ସଦ୍ୟଃ ପରି ରଜାଂସି ୟାଥୋ**
**ହବିଷ୍ମନ୍ତଂ ତରଣିଂ ଭୋଜମଚ୍ଛ ।।୭।।**

ଅର୍ଥ – ହେ ଅଶ୍ୱିଦ୍ୱୟ [ଅଶ୍ୱିନା] ! ମୋ ନିଜ ମଧ୍ୟରେ ଧୀ-ଧାରଣପୂର୍ବକ [ଧିୟଂଧାଃ] ମୁଁ ବାକ୍ ପ୍ରକାଶ କରିଛି ଯେ [ପ୍ର ଅବୋଚମ୍], ତୁମ ଦୁହିଁଙ୍କ ଯେଉଁ ରଥ [ବାଂ ୟଃ ରଥଃ] ଅକ୍ଷୟ [ଅଜରଃ] ଏବଂ ସର୍ବାଙ୍ଗ ପରିପୂର୍ଣ୍ଣ ଅଶ୍ୱଙ୍କ ଦ୍ୱାରା ବାହିତ [ସ୍ୱଶ୍ୱଃ] – ତୁମ ଦୁହିଁଙ୍କ (ଯେଉଁ) ରଥ ଦ୍ୱାରା [ୟେନ] ତୁମେ ଏକ କ୍ଷଣରେ [ସଦ୍ୟଃ] ସକଳ ଭୁବନକୁ ପରିଭ୍ରମଣ କରିଥାଅ [ରଜାଂସି ପରି ୟାୟଃ] (ତାହା) ହବିଃରେ ସମୃଦ୍ଧ ଭୋଗ ପ୍ରତି ଗତିଶୀଳ [ହବିଷ୍ମନ୍ତଂ ଭୋଜମ୍ ଅଚ୍ଛ], ତାହା ଲକ୍ଷ୍ୟରେ ନେଇ ପହଞ୍ଚାଇ ଦେଇଥାଏ [ତରଣିମ୍]।

**ଶ୍ରୀଅରବିନ୍ଦଙ୍କ ଭାଷ୍ୟ**

ଋଗ୍‌ବେଦର ଏହି ସୂକ୍ତଗୁଡ଼ିକ ଋଭୁଗଣଙ୍କୁ ସମ୍ବୋଧନ କରାଯାଇଥିବା ସୂକ୍ତଗୁଡ଼ିକ ଭଳି ସେହି ଯମଜ ଉଜ୍ଜ୍ୱଳଦ୍ୱୟଙ୍କ ପ୍ରତି ସମ୍ବୋଧିତ, ଏଗୁଡ଼ିକରେ ପ୍ରତୀକବାଦର ଅଭିବ୍ୟକ୍ତି ପୂରି ରହିଛି ଏବଂ ସେମାନଙ୍କ ପ୍ରତୀକବାଦ ବିଷୟରେ ଏକ ଦୃଢ଼ ସଂଜ୍ଞାନ ବିନା ବୁଝିବା ସମ୍ଭବ ନୁହେଁ। ଅଶ୍ୱିଦ୍ୱୟଙ୍କ ପ୍ରତି ଉଦ୍ଦିଷ୍ଟ ଏହିସବୁ ସୂକ୍ତର ତିନୋଟି ବିଶେଷ ଅଙ୍ଗ ରହିଛି, ସେମାନଙ୍କ ରଥର, ସେମାନଙ୍କ ଅଶ୍ୱର ଏବଂ ସେମାନଙ୍କ ସର୍ବବ୍ୟାପୀ ତୀବ୍ର ଗତିବୃତ୍ତିର ସ୍ତୁତି; ସେମାନଙ୍କର ମଧୁ ଅନ୍ୱେଷଣ ଓ ମଧୁ ମଧ୍ୟରେ ସେମାନଙ୍କର ପ୍ରହର୍ଷ, ଏବଂ ସେମାନଙ୍କ ରଥରେ ବହନ କରି ଆଣୁଥିବା ପରିତୋଷକର ଆନନ୍ଦ; ତୃତୀୟରେ ସୂର୍ଯ୍ୟଙ୍କ ସହିତ, ସୂର୍ଯ୍ୟଙ୍କ କନ୍ୟା ସୂର୍ଯ୍ୟାଙ୍କ ସହିତ ତଥା ଉଷାଙ୍କ ସହିତ ସେମାନଙ୍କର ଘନିଷ୍ଠ ସମ୍ପର୍କ।

ଅନ୍ୟ ଦେବଗଣଙ୍କ ପରି ଅଶ୍ୱିଦ୍ୱୟ ମଧ ସତ୍ୟଚେତନା ବା **ଋତମ୍** ମଧରୁ ଅବତରଣ କରିଥା'ନ୍ତି; ସେ ଦୁହିଁଙ୍କର ଜନ୍ମ ବା ଅଭିବ୍ୟକ୍ତି ଘଟିଛି ସ୍ୱର୍ଗରୁ। **ଦ୍ୟୌଃ** ବା ବିଶୁଦ୍ଧ ମନରୁ; ଏ ଦୁହିଁଙ୍କର ଗତି ସର୍ବଲୋକକୁ ବ୍ୟାପୀ ରହିଛି,– ଏ ଦୁହିଁଙ୍କର କ୍ରିୟା ଦେହଠାରୁ ଆରମ୍ଭ କରି ପ୍ରାଣିକ ପୁରୁଷ ଓ ଚିନ୍ତନ ମଧ ଦେଇ ଅତିଚେତନ 'ସତ୍ୟ' ପର୍ଯ୍ୟନ୍ତ ବିସ୍ତୃତ ହୋଇ ରହିଛି। ପ୍ରକୃତରେ ମହାସମୁଦ୍ରଠାରୁ ଏହି ସତ୍ତାର ଅନିଶ୍ଚିତତା ଠାରୁ ଆରମ୍ଭ ହୋଇ ଅବଚେତନାରୁ ଊର୍ଦ୍ଧ୍ୱକୁ ଉଠି ଆସିଥାଏ ଏବଂ ସେହିସବୁ ଜଳରାଶିର ବନ୍ୟା ମଧ୍ୟରେ ଆତ୍ମାକୁ ସେ ଦୁହେଁ ପରିଚାଳନା କରିଥା'ନ୍ତି ଏବଂ ଏହି ଯାତ୍ରାପଥରେ ଆତ୍ମା ଯେପରି ଜଳମଗ୍ନ ହୋଇ ନଯାଏ ସେଥିରୁ ଏହାକୁ ରକ୍ଷା କରିଥା'ନ୍ତି। ସେହି କାରଣରୁ ସେ ଦୁହିଁଙ୍କୁ **ନାଶତ୍ୟା**, ଗତିର ଦେବତା, ଯାତ୍ରା ବା ସମୁଦ୍ରଯାତ୍ରାର ନେତା ବୋଲି କୁହାଯାଇଥାଏ।

ସେ ଦୁହେଁ ମନୁଷ୍ୟକୁ 'ସତ୍ୟ' ଦ୍ୱାରା ସାହାଯ୍ୟ କରିଥା'ନ୍ତି। ବିଶେଷତଃ ଯେଉଁ ସତ୍ୟ ସତ୍ୟ-ରୂପକ ସୂର୍ଯ୍ୟଙ୍କ

୧. ଅଥବା, ବିଧିପୂର୍ବକ ତୁମେ ଦୁହେଁ ସକଳ ପଥର ଜ୍ଞାନ ଲାଭ କରୁଛ।

ସହିତ ଏବଂ ତାଙ୍କର କନ୍ୟା 'ସୂର୍ଯ୍ୟା'ଙ୍କ ସହିତ ସମ୍ପର୍କ ହେତୁ ଲାଭ ହୋଇଥାଏ, କିନ୍ତୁ ଅଧିକ ନିର୍ଦ୍ଦିଷ୍ଟ ଭାବରେ କହିଲେ ସେ ଦୁହେଁ ସତ୍ତାର ଆନନ୍ଦ ଦ୍ୱାରା ତାକୁ ସାହାଯ୍ୟ କରିଥା'ନ୍ତି । ସେ ଦୁହେଁ ଆନନ୍ଦର ଦେବତା, '**ଶୁଭସ୍ପତୀ**'; ସେ ଦୁହିଁଙ୍କର ରଥ ବା ଗତିବୃତ୍ତି ସତ୍ତାର ସକଳ ସ୍ତରରେ ଥିବା ଆନନ୍ଦର ଭୋଗଗୁଡ଼ିକ ଦ୍ୱାରା ଭରା ହୋଇ ରହିଥାଏ; ସେ ଦୁହେଁ ମଧୁ ଉଛୁଳା ଚର୍ମକୁ ଧାରଣ କରିଥା'ନ୍ତି; ସେ ଦୁହେଁ ମଧୁ ବା ମାଧୁର୍ଯ୍ୟର ଅନ୍ୱେଷଣ କରନ୍ତି ଏବଂ ସବୁକିଛିକୁ ସେଥିରେ ଭରି ଦିଅନ୍ତି । ତେଣୁ ସେ ଦୁହେଁ ସେହି 'ଆନନ୍ଦ'ର ଫଳପ୍ରଦ ଶକ୍ତିଦ୍ୱୟ ଯାହା ଋତଚିତ୍ ମଧ୍ୟରୁ ପ୍ରବାହିତ ଏବଂ ତ୍ରିଲୋକରେ ଯାହା ବିବିଧ ପ୍ରକାରେ ଅଭିବ୍ୟକ୍ତ ହୋଇ ମନୁଷ୍ୟର ଯାତ୍ରାରେ ସହାୟକ ହୋଇଥାଏ । ତେଣୁ ସେ ଦୁହିଙ୍କ ଗତି ଓ କ୍ରିୟା ସର୍ବଲୋକରେ ପ୍ରସାରିତ । ତାଙ୍କର ନାମରୁ ଯାହା ସୂଚନା ମିଳେ ସେ ଦୁହେଁ ବିଶେଷତଃ ଅଶ୍ୱାରୋହୀ ଅଥବା ଅଶ୍ୱ-ଚାଳକ, **ଅଶ୍ୱିନୌ** – ମନୁଷ୍ୟ-ସତ୍ତାର ସତ୍ତ୍ୱକୁ ସେମାନେ ଯାତ୍ରାର ପ୍ରଚାଳକ ଶକ୍ତିଭାବେ ବ୍ୟବହାର କରନ୍ତି : ଆହୁରି ମଧ୍ୟ ସେମାନେ ମନୁଷ୍ୟମାନଙ୍କ ଚିନ୍ତାରେ କାର୍ଯ୍ୟ କରି ନିର୍ଦ୍ଦିଷ୍ଟ ସତ୍ୟଦିଗରେ ପରିଚାଳନା କରନ୍ତି । ସେମାନେ ଦେହକୁ ଦେଇଥା'ନ୍ତି ସ୍ୱାସ୍ଥ୍ୟ, ସୌନ୍ଦର୍ଯ୍ୟ ଓ ସମଗ୍ରତା; ସେମାନେ ହେଉଛନ୍ତି ଦିବ୍ୟବୈଦ୍ୟ । ଅନ୍ୟ ଦେବତାମାନଙ୍କ ମଧ୍ୟରେ ଏହି ଦୁହେଁ ମନୁଷ୍ୟ ନିକଟକୁ ଆସି ତା' ପାଇଁ ଆରାମ ଓ ହର୍ଷ ସୃଷ୍ଟି କରିବାକୁ ପ୍ରସ୍ତୁତ ହୋଇ ରହିଥା'ନ୍ତି, **ଆଗମିଷ୍ଠା**, **ଶୁଭସ୍ପତୀ** । କାରଣ ଏହା ହେଉଛି ସେ ଦୁହିଙ୍କର ବିଶିଷ୍ଟ ତଥା ପୂର୍ଣ୍ଣ କ୍ରିୟା । ମୁଖ୍ୟତଃ ଏ ଦୁହେଁ ହେଉଛନ୍ତି ମଙ୍ଗଳର ତଥା ଆନନ୍ଦର ଦେବତା, **ଶୁଭସ୍ପତୀ** ।

ଏହି ପ୍ରସ୍ତୁତ ସୂକ୍ତରେ ବାମଦେବଙ୍କ ଦ୍ୱାରା ଅଶ୍ୱିଦ୍ୱୟଙ୍କ ସ୍ୱରୂପ ନିରନ୍ତର ଗୁରୁତ୍ୱର ସହିତ ଉପସ୍ଥାପିତ ହୋଇଛି । ପ୍ରାୟ ସମସ୍ତ ମନ୍ତ୍ରରେ 'ମଧୁ', 'ମଧୁମାନ୍' ଶବ୍ଦ ଦୁଇଟିର ସମ୍ବନ୍ଧ ଅବିରତ ପୁନରାବୃତ୍ତି ଘଟିଛି । ଏହି ସୂକ୍ତଟି ସତ୍ତାର ମାଧୁର୍ଯ୍ୟ ପ୍ରତି ଉଦ୍ଦିଷ୍ଟ; ଆଧାରଗତ ଆନନ୍ଦର ଏହା ଏକ ସ୍ତୁତି ।

ଜ୍ୟୋତିଃଗୁଡ଼ିକ ମଧ୍ୟରେ ଯେ ମହାନ୍ 'ଜ୍ୟୋତିଃ' ଯିଏ 'ସତ୍ୟସୂର୍ଯ୍ୟ', ଯାହା ହେଉଛି ଋତ୍‌ଚିତ୍‌ର ପ୍ରଦୀପନ ତାହା ଜୀବନର ଗତିବୃତ୍ତି ମଧ୍ୟରୁ କ୍ରମେ ଉଦିତ ହେଉଛି, ତାହା ପ୍ରଦୀପ୍ତ 'ମନ' ବା 'ସ୍ୱର୍'କୁ ସୃଷ୍ଟି କରିବ, ଯାହା ନିମ୍ନସ୍ଥ ତ୍ରିବିଧ ଜଗତର ବିବର୍ତ୍ତନକୁ ପୂର୍ଣ୍ଣତା ପ୍ରଦାନ କରିବ, **ଏଷ ସ୍ୟଃ ଭାନୁଃ ଉଦିୟର୍ତି** । ମନୁଷ୍ୟ ମଧ୍ୟରେ 'ସୂର୍ଯ୍ୟ'ଙ୍କର ଏହି ଉଦୟ ଦ୍ୱାରା ଅଶ୍ୱିଦ୍ୱୟଙ୍କର ପୂର୍ଣ୍ଣ କ୍ରିୟାକଳାପ ସମ୍ଭବ ହୋଇଥାଏ; କାରଣ 'ଋତ' ଦ୍ୱାରା 'ଉପଲବ୍ଧ' ଆନନ୍ଦ, ଯାହା ସ୍ୱର୍ଗୀୟ ଆନନ୍ଦ ଅବତରି ଆସିଥାଏ । ସେହି କାରଣରୁ ଅଶ୍ୱିଦ୍ୱୟଙ୍କ ରଥ ଏହି ଦ୍ୟୌଃରେ, ପ୍ରଦୀପ୍ତ ମନର ସେହି ଉଚ୍ଚସ୍ତର ବା ଲୋକରେ ଯୋଚା ହୋଇ ରହିଥାଏ । ସେହି ରଥ ସର୍ବବ୍ୟାପୀ; ଏହା ସର୍ବତ୍ର ଗମନ କରିଥାଏ । ଆମ ଚେତନାର ସକଳ ଲୋକରେ ଏହାର ତୀବ୍ରତା ମୁକ୍ତଭାବେ ସଂଚରି ଯାଇଥାଏ । '**ଯୁଜ୍ୟତେ ରଥଃ ପରିଜ୍ମା ଦିବୋ ଅସ୍ୟ ସାନବି** ।'

ଅଶ୍ୱିଦ୍ୱୟଙ୍କର ପୂର୍ଣ୍ଣ ସର୍ବବ୍ୟାପୀ ଗତିବିଧି ନିଜ ସହିତ ଆଣିଥାଏ ସତ୍ତାଗତ ଆନନ୍ଦର ସମସ୍ତ ସମ୍ଭାବ୍ୟ ଚରିତାର୍ଥତାର ପରିପୂର୍ଣ୍ଣତା । ବେଦର ଭାଷାରେ ପ୍ରତୀକାତ୍ମକ ଭାବେ କୁହାଯାଇଛି ଯେ ସେଦୁହିଁଙ୍କ ରଥସ୍ଥ ପରିତୃପ୍ତିଗୁଡ଼ିକ, **ପୃକ୍ଷାସଃ**, ତିନି ଯୁଗଳ (ମିଥୁନ)ରେ ଉପଲବ୍ଧ ହୋଇଥାଏ, **ପୃକ୍ଷାସଃ ଅସ୍ମିନ୍ ମିଥୁନା ଅଧି ତ୍ରୟଃ** । କର୍ମକାଣ୍ଡୀୟ ଟୀକାରେ ଏହି 'ପୃକ୍ଷାସ' ଶବ୍ଦଟିର ଅର୍ଥ 'ଅନ୍ନ' କରାଯାଇଛି, ସେହିପରି 'ପ୍ରୟସ୍' ଶବ୍ଦଟିର ମଧ୍ୟ । ଏଥିରେ ଥିବା ଧାତୁର ଅର୍ଥ ହେଉଛି ପରିଭୋଗ, ସମଗ୍ରତା, ତୃପ୍ତି ପ୍ରଭୃତି, ତା'ଛଡ଼ା ଭୌତିକ ଅର୍ଥରେ ''ସ୍ୱାଦୁତା'' ବା ତୃପ୍ତିକର ଅନ୍ନ ପ୍ରଭୃତି ଏବଂ ମନସ୍ତାତ୍ତ୍ୱିକ ଦୃଷ୍ଟିରୁ ପ୍ରହର୍ଷ, ଆମୋଦ ବା ତୃପ୍ତି ପ୍ରଭୃତି ଅର୍ଥ ଏଥିରେ ହୁଏତ ଥାଇପାରେ । ତାହା ହେଲେ ଅଶ୍ୱିଦ୍ୱୟଙ୍କ ରଥରେ ଯେଉଁ ସବୁ ପରିତୃପ୍ତି ବା ସ୍ୱାଦୁତା ପରିବହନ କରାଯାଇଛି ତାହା ତ୍ରିଯୁଗଳରେ ବିଭକ୍ତ; ଅଥବା ବାକ୍ୟାଂଶଟିର ସରଳ ଅର୍ଥ ଅନୁଯାୟୀ ସେମାନେ ତିନି କିନ୍ତୁ ନିବିଡ଼ଭାବେ ଏକତ୍ର ରହିଛନ୍ତି । ସେ ଯାହା ବି ହେଉ ଏହା ତ୍ରିବିଧ ତୃପ୍ତି ବା ସୁଖଭୋଗ ସହିତ ସମ୍ପର୍କିତ ଯାହା ଆମ ପ୍ରଗତିଶୀଳ ଚେତନାର ତ୍ରିବିଧ ଗତିବିଧି ବା ଜଗତର ଅନ୍ତର୍ଗତ,– ଦେହର ତୃପ୍ତି, ପ୍ରାଣର ତୃପ୍ତି, ମନର ତୃପ୍ତି । ସେମାନେ ଯଦି ତିନି ଯୁଗଳ ହେଲେ, ତେବେ ଆମେ ଅବଶ୍ୟ ବୁଝିବା ଯେ ଅଶ୍ୱିଦ୍ୱୟଙ୍କ ପରି ଦ୍ୱୈତ ତଥା ଆପେ ସଂଯୁକ୍ତ ଯୁଗଳ ପ୍ରତ୍ୟେକ ଲୋକର ରହିଛି, ଯାହା ଆନନ୍ଦର ଦ୍ୱୈତ ଗତିବୃତ୍ତି । ଏହି ଉଜ୍ଜ୍ୱଳ ତଥା ଶୁଭପ୍ରଦ 'ଯୁଗଳ'ଙ୍କ ପ୍ରଭେଦ ଦର୍ଶାଇବା ଅଥବା ଏହି ଉଭୟଙ୍କ ମଧ୍ୟରୁ ପ୍ରତ୍ୟେକେ କେଉଁ ଗୁଣର ବହୁଳ ପ୍ରତିନିଧିତ୍ୱ କରନ୍ତି ତାହା ନିର୍ଣ୍ଣୟ କରିବା ସ୍ୱୟଂ ବେଦ ପକ୍ଷେ ବି କଷ୍ଟସାଧ୍ୟ । 'ଋଭୁ'ତ୍ରୟଙ୍କ କ୍ଷେତ୍ରରେ ଆମକୁ ଯେପରି ସଙ୍କେତ ଦିଆଯାଇ ଥିଲା ଏ କ୍ଷେତ୍ରରେ ସେଭଳି କିଛି ସଙ୍କେତ ନାହିଁ । ତଥାପି ସ୍ୱର୍ଗସୁତଭାବେ ପରିଚିତ

ସେହି ଯମଜଦ୍ୱୟଙ୍କର ଯେଉଁ ଗ୍ରୀକ୍ ନାମ ''ଡିଓସ୍କୋରୋଇ'' (Dioskouroi), **ଦିବୋ ନପାତା** (ବେଦ) ରହିଛି, ଏହିଠାରେ ରହିଛି କିଛି ଜାଣିବାର ସୂତ୍ର । ଜ୍ୟେଷ୍ଠଜଣଙ୍କ ନାମ ''କାଷ୍ଟୋର'' ଯିଏ ସମ୍ଭବତଃ 'କାସ୍ତୃ' ହୋଇ ପାରନ୍ତି, ଯାହାର ଅର୍ଥ 'ପ୍ରଭାସ୍ୱର ଦେବ'; କନିଷ୍ଠ ଜଣକ ''ପୋଲୁଡ୍ୟୁକସ୍''[୨] ସମ୍ଭବତଃ ହୋଇପାରନ୍ତି 'ପୁରୁଦଂଶସ୍', ଯାହା ବେଦରେ 'ଅଶ୍ୱିଦ୍ୱୟ'ଙ୍କର ଏକ ବିଶେଷଣ ବୋଧକ ନାମ ରୂପେ ପ୍ରଯୁକ୍ତ ହୋଇଛି, ଯାହାର ଅର୍ଥ କର୍ମରେ ଯିଏ ବିବିଧ । ଯଦି ଏପରି ହୁଏ ତେବେ 'ଅଶ୍ୱିନ'ଙ୍କର ଯମଜଭାବେ ଜନ୍ମ ନେବା ଆମକୁ ସତତ ଦର୍ଶିତ ବୈଦିକ ଦ୍ୱୈତତା ସ୍ମରଣ କରାଇଦିଏ – ଶକ୍ତି ଓ ଜ୍ୟୋତିଃ, ଜ୍ଞାନ ଓ ସଂକଳ୍ପ, ଚେତନା ଓ ଊର୍ଜା, ଗୋ ଓ ଅଶ୍ୱ । ଅଶ୍ୱିଦ୍ୱୟ ଯେଉଁ ସମସ୍ତ ତୃପ୍ତି ଆମ ନିକଟକୁ ଆଣନ୍ତି ସେଥିରେ ଏହି ଦୁଇତତ୍ତ୍ୱ ଅବିଭାଜ୍ୟ ଭାବେ ଏକ ହୋଇ ରହିଛି; 'ଜ୍ୟୋତିଃ' ବା 'ଚେତନା' ଯେଉଁଠି ରୂପଗ୍ରହଣ କରିଛି ସେଥିରେ 'ଶକ୍ତି' ଓ 'ଊର୍ଜା' ବିଦ୍ୟମାନ; ଯେଉଁଠାରେ 'ଶକ୍ତି' ବା 'ଊର୍ଜା'ର ରୂପ ବିଦ୍ୟମାନ ସେଠାରେ 'ଆଲୋକ' ଓ 'ଚେତନା' ନିହିତ ।

କିନ୍ତୁ ସେ ଦୁହିଁଙ୍କ ରଥ ଆମ ନିମନ୍ତେ ଯେଉଁ ସମସ୍ତ ତୃପ୍ତି ବହନ କରିଥାଏ, ତାହା କେବଳ ଏହି ତିନି ସ୍ୱରୂପ ନୁହେଁ; ଅନ୍ୟ ଗୋଟିଏ ଅଛି, ତାହା ଚତୁର୍ଥ ତୃପ୍ତି, ମଧୁପୂର୍ଣ୍ଣ ଚର୍ମ ଏବଂ ଏହି ଚର୍ମର ବହିର୍ଭାଗରେ ଏହି ମଧୁ କ୍ଷରିତ ହେଉଛି ତଥା ଉଚ୍ଛୁଳି ସବୁ ଆଡ଼କୁ ବହିଯାଉଛି । **ଦୃତିଃ ତୁରୀୟଃ ମଧୁନଃ ବି ରପ୍‌ଶତେ** । ମନ, ପ୍ରାଣ ଓ ଦେହ ଏମାନେ ହେଲେ ତିନି; ଚେତନାର ଚତୁର୍ଥ ସ୍ତର **ତୁରୀୟ**, ହେଉଛି ଅତିଚେତନ, ଋତଚିତ୍ । ଅଶ୍ୱିଦେବଦ୍ୱୟ ନିଜ ସହିତ ଏକ ଚର୍ମ, ଦୃତି, ଆଣନ୍ତି; ଆକ୍ଷରିକ ଅର୍ଥରେ ଏହା ଏକ କର୍ତ୍ତିତ ବା ଛିନ୍ନ ବସ୍ତୁ, ଋତଚିତ୍‌ର ଏକ ଆଂଶିକ ଗଠନ, ଯେଉଁଥିରେ ଅତିଚେତନ ଆନନ୍ଦର ମଧୁକୁ ରଖିବାର ଅଛି; କିନ୍ତୁ ଏହା ତାହାକୁ ଧରି ରଖି ପାରିବ ନାହିଁ; ସେହି ଅଜେୟ ଭରା ପ୍ରାଚୁର୍ଯ୍ୟ ତଥା ଅସୀମ ମଧୁରତା ଫାଟି ପଡୁଛି ଏବଂ ଆମର ସମଗ୍ର ଅସ୍ତିତ୍ୱକୁ ଆନନ୍ଦସିକ୍ତ କରି କରି ସବୁଆଡ଼କୁ ଉଚ୍ଛୁଳି ପଡୁଛି । [ମନ୍ତ୍ର-୧]

(*କ୍ରମଶଃ*)

[ଶ୍ରୀଅରବିନ୍ଦଙ୍କ CWSA, Vol. 15, '*The Secret of the Veda*', Part - II, Chapter - X, "**The Ashwins, Lord of Bliss**"]

ଅନୁବାଦ : ଶ୍ରୀ ମଧୁସୂଦନ ମହାପାତ୍ର ✥

୨. Poludeukesର k ଅକ୍ଷରଟି ମୂଳତଃ 'ଶ' ଥିବାର ସଙ୍କେତ ଦେଉଛି; ସେହି ଅବସ୍ଥାରେ ନାମଟି ବୋଧହୁଏ ''ପୁରୁଦଂଶସ୍'' ଥିଲା; କିନ୍ତୁ ସେ କାଳର ଆର୍ଯ୍ୟ ଭାଷାଗୁଡ଼ିକର ପ୍ରାରମ୍ଭିକ ଚଳମାନ ଅବସ୍ଥାରେ ଉଷ୍ମବର୍ଣ୍ଣଗୁଡ଼ିକରେ ଏଭଳି ଅଦଳବଦଳ ବେଶ୍ ସାଧାରଣ କଥା ଥିଲା ।

ଅବତାର ଯେଉଁ କାରଣରୁ ପୃଥିବୀ ଉପରେ ଜନ୍ମ ନେଇଥା'ନ୍ତି, ତାହା ହେଉଛି ମଣିଷଜାତିର ବାରଂବାର ଅଭ୍ୟୁତ୍‌ଥାନ ସକାଶେ; ତାହା ମଧ୍ୟରେ ଏକ ଉଚ୍ଚରୁ ଉଚ୍ଚତର ମାନବ ଚେତନାର ବିକାଶ କରିବା ନିମନ୍ତେ ଏବଂ ଅଧିକରୁ ଅଧିକ ମହାନ୍ ଦିବ୍ୟସତ୍ତାର ବିକାଶ ସକାଶେ । ଯେପର୍ଯ୍ୟନ୍ତ ଆମ ଶ୍ରମ ସାର୍ଥକ ହୋଇ ନାହିଁ, କାର୍ଯ୍ୟ ସଂପୂର୍ଣ୍ଣ ହୋଇ ନାହିଁ, ଏବଂ ଯେପର୍ଯ୍ୟନ୍ତ ସଚ୍ଚିଦାନନ୍ଦ ସମସ୍ତଙ୍କ ମଧ୍ୟରେ ଏପରିକି ଜଡ଼ ଜଗତରେ ପୂର୍ଣ୍ଣ ପ୍ରକଟିତ ହୋଇ ନାହାନ୍ତି, ସେପର୍ଯ୍ୟନ୍ତ ବାରଂବାର ଏହି ପୃଥିବୀ ଉପରକୁ ଅଧିକରୁ ଅଧିକ ମାତ୍ରାରେ ସ୍ୱର୍ଗକୁ ଆନୟନ କରାଯାଉଥିବ ।

– ଶ୍ରୀଅରବିନ୍ଦ

# ଶ୍ରୀଅରବିନ୍ଦ

## ଡକ୍ଟର ସି. ଆର. ରେଡ୍ଡୀ*

ମାନନୀୟ ଚାନ୍ସେଲର୍ ମହୋଦୟ,

ଏଇ ଯେଉଁ ଜାତୀୟ ପୁରସ୍କାରର ବ୍ୟବସ୍ଥା ଆମେ କରିଛୁ, ଏହାର ଉଦ୍ଦେଶ୍ୟ ଆନ୍ଧ୍ର ବିଶ୍ୱବିଦ୍ୟାଳୟର ସଦସ୍ୟବୃନ୍ଦ ଏବଂ ସମସାମୟିକ ଭାରତର ଯେଉଁମାନେ ଶ୍ରେଷ୍ଠ ବ୍ୟକ୍ତି – ଯେଉଁମାନଙ୍କ ପ୍ରେରଣାଦାୟକ ବ୍ୟକ୍ତିତ୍ୱର ପ୍ରଭାବ ଦ୍ୱାରା ଇତିହାସ ରଚିତ ହୁଏ ଏବଂ ଯେଉଁମାନେ ଇତିହାସରେ ବଞ୍ଚି ରହନ୍ତି ସ୍ଥାୟୀ ଜ୍ୟୋତିଃ ସଦୃଶ, ଯେଉଁ ଜ୍ୟୋତିଃ ଚତୁର୍ଦ୍ଦିଗରୁ ଆଚ୍ଛାଦିତ ହୋଇ ରହିଥିବା ଘନାୟମାନ ଅନ୍ଧକାର ମଧ୍ୟରେ ବି ଆମକୁ ପଥ ପ୍ରଦର୍ଶନ କରାଏ – ସେଇ ଦୁଇପକ୍ଷଙ୍କ ମଧ୍ୟରେ ଏକ ପରିଚୟ ଓ ଯୋଗାଯୋଗ ଆଣିଦେବା । ସୁତରାଂ ଏହାହିଁ ଯଦି ଆମର ଉଦ୍ଦେଶ୍ୟ ହୋଇଥାଏ, ତା'ହେଲେ ଆମେ ଆଜି ଆମ ସାର୍ଥକତାର ଶୀର୍ଷରେ ପହଞ୍ଚିଛୁ, ଯେହେତୁ ଶ୍ରୀଅରବିନ୍ଦ ଅନୁଗ୍ରହ କରି ଆମର ଏ ଅର୍ଘ୍ୟ ଗ୍ରହଣ କରିବାକୁ ଅଙ୍ଗୀକାର କରିଛନ୍ତି । ଏହା ଦେଇ ଆମେ ତାଙ୍କୁ ପୁରସ୍କୃତ କରିବାକୁ ଯାଉ ନାହୁଁ, ବରଂ ଏକ ସବିନୟ ଅର୍ଘ୍ୟ ଅର୍ପଣ କରୁଛୁ । ମନୁଷ୍ୟ ସମାଜ ପାଇଁ ଶ୍ରୀଅରବିନ୍ଦଙ୍କର ଅବଦାନର ମହନୀୟତା ଯଦି ଆମର ଏଇ ଶ୍ରଦ୍ଧା ନିବେଦନରେ ସୂଚିତ ହୁଏ, ତେବେ ତାଙ୍କର ଏହାକୁ ଗ୍ରହଣ କରିବାକୁ ସମ୍ମତ ହେବାହିଁ ଆନ୍ଧ୍ର ବିଶ୍ୱ-ବିଦ୍ୟାଳୟ ପକ୍ଷରେ ଶ୍ରେଷ୍ଠ ସୌଭାଗ୍ୟ ଓ ଆଶୀର୍ବାଦ ବୋଲି ମନେ କରୁଛୁ ।

ଅଧୁନାତନ ଯୁଗର ଶ୍ରେଷ୍ଠତମ ଏକକ ପ୍ରତିଭା ରୂପେ ଶ୍ରୀଅରବିନ୍ଦଙ୍କୁ ମୁଁ ଭକ୍ତିପୂତ ବିନମ୍ର ଚିତ୍ତରେ ଅଗ୍ରପୂଜ୍ୟ ରୂପେ ବରଣ କରୁଛି । ରାଷ୍ଟ୍ରର ବୀର ଜନନାୟକମାନଙ୍କ ଅପେକ୍ଷା ମଧ୍ୟ ତାଙ୍କର ଆସନ ମହତ୍ତର । ମାନବଜାତିର ତ୍ରାଣକର୍ତ୍ତାମାନଙ୍କ ମଧ୍ୟରେ ଅନ୍ୟତମ ଯିଏ କି ସର୍ବକାଳର ସର୍ବଜାତିର ଆପଣାର – 'ସନାତନ' ନାମରେ ଯେଉଁମାନେ ପରିଚିତ ହୋଇ ଆସିଛନ୍ତି, ସେମାନେ ନିଜର ସାକ୍ଷାତ୍ ଶାଶ୍ୱତ ଉପସ୍ଥିତିର ପ୍ରଭାବ ଦେଇ ଆମ ଜୀବନଧାରାକୁ ସଂଜୀବିତ କରି ଆସିଛନ୍ତି, ସେବିଷୟରେ ଆମେ ସଚେତନ ଥାଉ ଅବା ନଥାଉ ।

ହିନ୍ଦୁ ସଂସ୍କୃତିରେ ଋଷି ପରମ୍ପରାହିଁ ସବୁଠାରୁ ଗୌରବୋଜ୍ଜ୍ୱଳ ତଥା ଅମୂଲ୍ୟ ସମ୍ପଦ । ଏହାର ଉତ୍ସ କେଉଁ ସୁପ୍ରାଚୀନ କାଳର ଗହନ-ଗଭୀରରେ ବିସ୍ତୃତ, କିନ୍ତୁ ଯାହାର ପ୍ରବାହଧାରା ଏବେ ବି ଅବ୍ୟାହତ । ଅନନ୍ତ କାଳ ଯାଏଁ ଏଇ ମହତ୍ ସ୍ରୋତ ବହିଚାଲିବ, ଯେତେବେଳ ଯାଏଁ ଏହା ଶାଶ୍ୱତରେ ମିଳିତ ନ ହୋଇଛି । ବୈଦିକ ଯୁଗରୁ ପୁରୁଷ ପୁରୁଷ ଧରି ଆମର ଏଇ ପରମ୍ପରା ଗଡ଼ି ଚାଲିଛି । ଉପନିଷଦ୍ ଯୁଗର ଋଷିଗଣଙ୍କ ପରେ ମହାବୀର, ତତ୍ପରେ ଆସିଲେ ସିଦ୍ଧାର୍ଥ ଗୌତମ, ମାନବିକତାର ସାର୍ଥକ ବିକଚ କୁସୁମ ଭଳି ପରିପୂର୍ଣ୍ଣତାକୁ ସମନ୍ୱିତ କରି ଧରାପୃଷ୍ଠରୁ ସ୍ୱର୍ଗର ଉଚ୍ଚତମ ଶୀର୍ଷ ଯାଏଁ ଉଠିଯାଇଛି ଯାହାଙ୍କର କୀର୍ତ୍ତି । ଏବଂ ତା'ପରେ ନାନକ, ଶିବାଜିଙ୍କୁ ଅନୁପ୍ରାଣିତ କରିଥିବା ରାମଦାସ ତଥା ଆମ୍ଭମାନଙ୍କର ଏଇ ଯୁଗରେ ଦୟାନନ୍ଦ ସରସ୍ୱତୀ, ଶ୍ରୀରାମକୃଷ୍ଣ ପରମହଂସ, ରମଣମହର୍ଷି ଏବଂ ଆମେ ଆଜି ଯାହାଙ୍କୁ ଜାତୀୟ ପୁରସ୍କାରରେ ଭୂଷିତ କରିବାକୁ ଯାଉଛୁ, ସେହି ଶ୍ରୀଅରବିନ୍ଦଙ୍କ ପର୍ଯ୍ୟନ୍ତ ।

ଜନୈକ ମହାନ୍ ଫରାସୀ ମନୀଷୀ ଶ୍ରୀଅରବିନ୍ଦଙ୍କୁ ଏଇ ଋଷି-ପରମ୍ପରାର ସର୍ବଶେଷ ଋଷି ବୋଲି ସମ୍ମାନିତ କରିଛନ୍ତି ।

* ୧୯୪୮ ମସିହା ଡିସେମ୍ବର ୧୧ ତାରିଖରେ ଆନ୍ଧ୍ର ବିଶ୍ୱବିଦ୍ୟାଳୟ ଶ୍ରୀଅରବିନ୍ଦଙ୍କୁ ଯେଉଁ ପୁରସ୍କାର ଦେଇ ସମ୍ମାନିତ କରିଥିଲା, ତାହାର ନାମ ଥିଲା : 'କାଟାମାଞ୍ଚି ରାମଲିଙ୍ଗ ଜାତୀୟ ପୁରସ୍କାର' । ଏଇ ଅନନ୍ୟ ପୁରସ୍କାରଟି ସ୍ୱାଧୀନତା ପରବର୍ତ୍ତୀ ସମୟର ଶ୍ରେଷ୍ଠ ପୁରସ୍କାର ଥିଲା, ଯାହା ଗୃହୀତ ହୋଇଥିଲା ଶ୍ରୀଅରବିନ୍ଦଙ୍କ ଦ୍ୱାରା । ପରବର୍ତ୍ତୀ କାଳରେ ଏହା ଆଉ କାହାରିକୁ ଅର୍ପଣ କରାଯାଇ ନାହିଁ । ସେଇ ଉପଲକ୍ଷ୍ୟରେ ଆନ୍ଧ୍ର ବିଶ୍ୱବିଦ୍ୟାଳୟର ଉପାଚାର୍ଯ୍ୟ ଶ୍ରୀଯୁକ୍ତ ସି. ଆର. ରେଡ୍ଡୀ ଯେଉଁ ଉଦ୍‌ଭାଷଣ ଦେଇଥିଲେ ତାହା ଏହି ପ୍ରବନ୍ଧର କଥାବସ୍ତୁ । ସୌଭାଗ୍ୟର ବିଷୟ ଏଇ ଯେ ଏହାକୁ ଅର୍ଘ୍ୟ ରୂପେ ଶ୍ରୀଅରବିନ୍ଦଙ୍କୁ ନିବେଦନ କରାଗଲା ଯାହା ଗ୍ରହଣ କରିବାକୁ ସେ ସ୍ୱୀକୃତ ହେଲେ ।

– ସଂପାଦକ

କାଳ ଦୃଷ୍ଟିରୁ ଦେଖିଲେ ସେ ଆମର ନିକଟତମ; ମୃତ୍ୟୁ ଓ ଶୋକ ଜର୍ଜରିତ ଏ ଜଗତରେ ଋଷିମାନେ ହେଉଛନ୍ତି ଅମୃତ ଆନନ୍ଦର ବ୍ୟକ୍ତିସତ୍ତା ଏବଂ ଯୁଗେ ଯୁଗେ ସେମାନେ ସୁଦୂର ପ୍ରସାରୀ ଜ୍ୟୋତିର୍ମୟ ଉଦ୍ଭାସର ସ୍ପନ୍ଦନ ଦେଇ ଆମକୁ ସଂଜୀବିତ କରୁଛନ୍ତି ସେଇସବୁ ଜ୍ୟୋତିଷ୍କମାନଙ୍କ ଭଳି — ଯାହାଙ୍କୁ ଜ୍ୟୋତିର୍ବିତ୍‌ମାନେ ନୈସର୍ଗିକ ଲୋକର 'ବତିଘର' ବୋଲି ଆଖ୍ୟା ଦେଇଛନ୍ତି ।

ଶ୍ରୀଅରବିନ୍ଦ ତାଙ୍କର ପ୍ରତିଭାର ବିପୁଳତା ଓ ବ୍ୟାପକତାରେ ସୀମାତିକ୍ରମ କରିଛନ୍ତି । ଏକାଧାରରେ ସେ କବି, ନାଟ୍ୟକାର, ଦାର୍ଶନିକ, ସମାଲୋଚକ, ଶାସ୍ତ୍ର-ବ୍ୟାଖ୍ୟାକାର ଏବଂ ବେଦ ତଥା ଗୀତାର ଓ ଭାରତର ଅତ୍ୟୁତ୍କୃଷ୍ଟ ଗାଥା ତଥା ଉପାଖ୍ୟାନଗୁଡ଼ିକର ବିଶଦ ଭାଷ୍ୟକାର । ପୁନରାୟ ଏତଦ୍‌ବ୍ୟତୀତ ସେ ଏ ସମସ୍ତର ଊର୍ଦ୍ଧ୍ୱରେ ଅନ୍ୟ କିଛି — ଏପରି ଏକ ମହାନ୍ ଆତ୍ମା ଯିଏ ବିଶ୍ୱାତ୍ମାଙ୍କ ସହ ଏକାତ୍ମତା ଲାଭ କରିଛନ୍ତି ଓ ସାଧନାର ଗଭୀରତା ମଧ୍ୟରୁ ଐଶ୍ୱର୍ଯ୍ୟମାନ ତୋଳି ଆଣିଛନ୍ତି ଯାହା ଅମୂଲ୍ୟ ଓ ପ୍ରୋଜ୍ଜ୍ୱଳ । ମାତ୍ର ଶ୍ରୀଅରବିନ୍ଦଙ୍କର ଏଇ ବହୁବିଧ ବିଭାବ ଭାବନା, ପ୍ରେରଣା ଓ ଉଦ୍ଦେଶ୍ୟ ଭିତରେ ବିଦ୍ୟମାନ ଏକ ସ୍ୱାଭାବିକ ସଂହତି । ସେଗୁଡ଼ିକ ଯେପରି ତାଙ୍କ ନିଜ ଭିତରେ ଥିବା ଅସୀମ ଶାଶ୍ୱତର ବିବିଧ ପର୍ଯ୍ୟାୟର ପ୍ରତିଫଳନ ।

ଶ୍ରୀଅରବିନ୍ଦଙ୍କ ବର୍ଷଭିତ୍ତିକ ଜୀବନ ପଞ୍ଜିକା ଏଠାରେ ମୁଁ ଉପସ୍ଥାପନ କରିବାକୁ ଯାଉ ନାହିଁ । ଆମର ପ୍ରାଧ୍ୟାପକ ଶ୍ରୀନିବାସ ଆୟେଙ୍ଗାର ମହାଶୟଙ୍କ ଲିଖିତ ଶ୍ରୀଅରବିନ୍ଦଙ୍କ ଅନୁପମ ଜୀବନୀ ଗ୍ରନ୍ଥ ରହିଛି ଆମ ସମସ୍ତଙ୍କର ପ୍ରଣିଧାନ ନିମନ୍ତେ — ଗ୍ରନ୍ଥଟିର ରଚନାଶୈଳୀ ଏତେ ଚିତ୍ତାକର୍ଷକ ଓ ଶକ୍ତିଶାଳୀ ଯେ ଇଂରାଜୀ ସାହିତ୍ୟ-କ୍ଷେତ୍ରରେ ଏହା ମହତ୍ତ୍ୱପୂର୍ଣ୍ଣ ଶ୍ରେଷ୍ଠ କୃତି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ସମ୍ଭବତଃ ଶ୍ରୀଅରବିନ୍ଦଙ୍କର ନିଜସ୍ୱ ଆଲୋକର ପ୍ରତିଫଳନରେ ମୁଁ ନିଜେ ଉଦ୍ଭାସିତ ହୋଇ ଉଠିବାର କ୍ଷୁଦ୍ର କ୍ଷମଣୀୟ ଲାଳସା ପ୍ରେରିତ ହୋଇ କହିବାକୁ ଯାଉଛି ଯେ ଆମେ ଉଭୟେ କେମ୍ବ୍ରିଜର ଅନ୍ତେବାସୀ, ଅବଶ୍ୟ ସେ ମୋର ପୂର୍ବଗାମୀ ଥିଲେ ଏବଂ ବରୋଦା କଲେଜରେ ଉପାଧ୍ୟକ୍ଷ ରୂପେ ମୁଁ ତାଙ୍କର ଆସନରେ ଉପସ୍ଥାପିତ ହୋଇଥିଲି । ତାଙ୍କୁ, ତାଙ୍କର ପୂର୍ବାଶ୍ରମରେ ଜାଣିବାର ସୌଭାଗ୍ୟ ମୋର ହୋଇଛି, ଯଦିବା ତାହା ଅତିସାମାନ୍ୟ । ଆମ ଦୁଇଜଣଙ୍କର କେତେ ଜଣ ସମାନ ଆତ୍ମୀୟ-ବନ୍ଧୁ ଥିଲେ; ସେମାନଙ୍କ ମଧ୍ୟରେ ମୁଖ୍ୟ ଥିଲେ ସୁବୋଧ ମଲ୍ଲିକ । ବରୋଦା କଲେଜର ଅଧ୍ୟକ୍ଷ Mr. A. B. Clark ଥରେ ମୋତେ କହିଲେ, ''ତା' ହେଲେ ତୁମେ ଅରବିନ୍ଦ ଘୋଷଙ୍କୁ ଭେଟିଛ ? ତାଙ୍କ ଚକ୍ଷୁଦୁଇଟିକୁ ଲକ୍ଷ୍ୟ କରିଛ ? ସେଦୁଇଟିରେ କେମିତି ଏକ ଅଲୌକିକ ଅଗ୍ନି ଓ ଆଲୋକ ରହିଛି, ସେଗୁଡ଼ିକ ଯେପରି ସେପାରକୁ ଭେଦ କରୁଛି ।'' ତା'ପରେ ସେ ପୁଣି ମନ୍ତବ୍ୟ କଲେ, ''ଯଦି ଜୋନ୍-ଅଫ୍-ଆର୍କ ସ୍ୱର୍ଗୀୟ ବାଣୀ ଶୁଣୁଥିଲେ, ଅରବିନ୍ଦ ନିଶ୍ଚୟ ହୁଏତ ସ୍ୱର୍ଗୀୟ ଦୃଶ୍ୟାବଳୀ ଦେଖୁଥିବେ ।'' କ୍ଲାର୍କ ସାହେବ ଥିଲେ ବସ୍ତୁବାଦୀମାନଙ୍କ ଭିତରେ ବି ବସ୍ତୁବାଦୀ । ସେଭଳି ସଂସାର-ମୁଖୀ କିନ୍ତୁ ଚମତ୍କାର ଲୋକଟି କେମିତି ଯେ ଏଭଳି ଆଭାସ ପାଇଥିଲେ,— ଏହା ଭାବିଲେ ମୋତେ ଆଶ୍ଚର୍ଯ୍ୟ ଲାଗେ, ବିଶେଷ କରି ସେତେବେଳ ଯାଏଁ ଏହିସବୁ ପ୍ରଭା ପ୍ରଚ୍ଛନ୍ନ, ଅପ୍ରକଟ ଥିଲା । ମାତ୍ର କେବେ କେବେ କ'ଣ କଳାମେଘ ଭିତରୁ ବିଦ୍ୟୁତ୍‌ର ଝଲକ ମୁହୂର୍ତ୍ତକ ପାଇଁ ପ୍ରକଟିତ ହୋଇ ଆଖି ଝଲସାଇ ଦିଏ ନାହିଁ ? ଆଲିପୁର ଜେଲରେ ଶ୍ରୀଅରବିନ୍ଦଙ୍କୁ ନିର୍ଜନ ସେଲ୍ କକ୍ଷରେ ରଖାଯାଇଥିଲା, ସେଠାରେ ସେ ବର୍ଷେକାଳ ନୀରବ ଧ୍ୟାନରେ ମଗ୍ନ ଥିଲେ, ସେଇଠାରେହିଁ ତାଙ୍କ ଜୀବନର ମୋଡ଼ ବଦଳି ଗଲା । ବ୍ରିଟିଶ ସରକାର ତାଙ୍କ କାୟାକୁ ବନ୍ଦୀ କଲା ସିନା, ଆତ୍ମାକୁ ତାଙ୍କର ମୁକ୍ତ କରିଦେଲା । ଅବଶ୍ୟ ସେମାନଙ୍କ ଉଦ୍ଦେଶ୍ୟ ସେପରି ନ ଥିଲା । ତେବେ ଆମର ସର୍ବୋତ୍ତମ କୃତି ବୋଲି ଆମେ ଯାହାକୁ ମନେକରୁ, ତାହା ପ୍ରାୟଶଃ ଆମର ଅଜାଣତରେ, କଦବା କ୍ୱଚିତ୍ ସ୍ୱାଭାବିକ ଭାବେ ହୋଇଥାଏ । ଶରୀରର ବନ୍ଦିତ୍ୱ, ଅଥଚ ଆତ୍ମ-ପୁରୁଷର ମୁକ୍ତିହିଁ ତାଙ୍କ କାରାଜୀବନର ଅଦ୍ଭୁତ ପରିଣତି — ଏହାହିଁ ବିଚିତ୍ର ! ଏଇଠାରେହିଁ ତାଙ୍କର ଅତୀନ୍ଦ୍ରିୟ ଉପଲବ୍ଧିଟି* ଘଟିଥିଲା ଏବଂ ଯେଉଁଥିରେ ତାଙ୍କର ଶାଶ୍ୱତ ସତ୍ୟର ପ୍ରତ୍ୟକ୍ଷ ଅନୁଭବ ହେଲା, ଯାହା ଆମ ସ୍କୁଟ-ତତ୍ତ୍ୱର ସିଦ୍ଧାନ୍ତ ଅନୁଯାୟୀ ଚିରକାଳ ଧରି ବିଦ୍ୟମାନ ତଥା ବ୍ୟୋମାକାଶରେ ନିତ୍ୟ ଭାସମାନ ରହି ଏ ବିଶ୍ୱଭୁବନକୁ ଆବେଷ୍ଟନ କରି ରହିଛି । ଆତ୍ମୋପଲବ୍ଧିର ଆରମ୍ଭ

* ଭାରତ ମାଟିରେ ପାଦଦେବା ମୁହୂର୍ତ୍ତରେହିଁ ଏଇ ପ୍ରକାର ଅଲୌକିକ ଉପଲବ୍ଧି ଘଟିବା ତାଙ୍କର ଆରମ୍ଭ ହୋଇଥିଲା । ବରୋଦାରେ ଲେଲେଙ୍କ ସହ ସାଧନାରତ ଥିଲାବେଳେ ତାଙ୍କର ମହାନ୍ ଉପଲବ୍ଧି ଘଟିଲା ଯାହା ଥିଲା ଅଦ୍ୱୈତ-ଭିତ୍ତିକ ।

ପର୍ବରେ ସେ ପଣ୍ଡିଚେରୀକୁ ଚାଲିଆସିଲେ ୧୯୧୦ ମସିହାରେ । ତେବେ କୌଣସି ଋଷି କ'ଣ କେବେ ଅବସର ନେଇ ପାରନ୍ତି ? ହୁଏତ ସିଏ ଶାରୀରିକଭାବେ କର୍ମକ୍ଷେତ୍ରରୁ ଅବସର ନେଇ ପାରନ୍ତି; ଅନେକ ସମୟରେ କର୍ମକ୍ଷେତ୍ରରୁ ଏଇ ଅବସର ଗ୍ରହଣ ସାଧକର ସୁ-ଉଚ୍ଚ ସ୍ୱର୍ଗାଭିମୁଖରେ ଆତ୍ମ-ଉତ୍ତରଣ ତଥା ସୂକ୍ଷ୍ମଭାବେ ବିଶ୍ୱ-ପରିକ୍ରମଣ ପର୍ବର ମୁଖବନ୍ଧ ଭଳି । ତାଙ୍କର ଭୌତିକସତ୍ତା ପଣ୍ଡିଚେରୀରେ ଅବସ୍ଥାନ କରୁଥିଲେ ବି ତାଙ୍କର ପ୍ରଭାବ – ତାହାର ସୀମାକୁ କ'ଣ ଦେଶ ଓ କାଳର ଅବଧି ମଧ୍ୟରେ ବାନ୍ଧି ପାରିବା ? ଆଉ ତାଙ୍କର ଆଶ୍ରମ, ତାହା ଯେପରି ସମଗ୍ର ପୃଥିବୀରେ ବିକିରଣ କରୁଥିବା ଏକ ଜ୍ୟୋତିଃ କେନ୍ଦ୍ର: ଯେଉଁଠିକୁ ଜାତି ଓ ଦେଶ ନିର୍ବିଶେଷରେ ନାନା ଦେଶର ଅନୁରାଗୀ ଭକ୍ତ ତଥା ଚିନ୍ତାଶୀଳ ମାନବ ଆକର୍ଷିତ ହୋଇ ଆସୁଛନ୍ତି । ବୟସର ଦୃଷ୍ଟିରୁ ଦେଖିଲେ (୧୯୪୮ ମସିହା ବେଳକୁ) ତାଙ୍କର ବୟଃକ୍ରମ ଛଅସ୍ତରି ବର୍ଷ, କିନ୍ତୁ ଯଥାର୍ଥରେ କାଳ ତାଙ୍କୁ ସ୍ପର୍ଶକରି ପାରି ନାହିଁ କିଂବା ପୃଥିବୀ ଅବା ପାର୍ଥିବ ମଳିନତା ତାଙ୍କୁ ଛୁଇଁପାରି ନାହିଁ । ତାଙ୍କର ଅନ୍ତରାତ୍ମା ଜ୍ୟୋତିଷ୍କ ଭଳି ଓ ତାହା ସବୁଥିରୁ ପୃଥକ୍ ଓ ସ୍ୱତନ୍ତ୍ର ।

ଶ୍ରୀଅରବିନ୍ଦଙ୍କଠାରେ ସାହିତ୍ୟ, ତତ୍ତ୍ୱ-ଦର୍ଶନ ଏବଂ ଉପଲବ୍ଧିର ସାଧନା, ଯେପରି ଏ ସମସ୍ତ ପରସ୍ପରର ସହଯୋଗିତା ତଥା ସଙ୍ଗତି ରକ୍ଷା କରି ଧରାପୃଷ୍ଠରୁ ସ୍ୱର୍ଗାଭିମୁଖେ ଊର୍ଦ୍ଧ୍ୱାୟନରେ ଚାଲିଛନ୍ତି । କେ. ଆର୍. ଆୟଙ୍ଗାର ମହାଶୟଙ୍କର ଚମତ୍କାର ସଂକ୍ଷିପ୍ତ ଭାଷାରେ କୁହାଯାଇଛି : ''ତାଙ୍କଠାରେ ଦ୍ରଷ୍ଟା ହୋଇଛନ୍ତି ବାସ୍ତବର ସମ୍ମୁଖୀନ; କବି ଗାନ କରିଛନ୍ତି ତାଙ୍କର ସମାଧିସ୍ଥ ମହିମାମୟ ବ୍ୟାପ୍ତିର ବର୍ଣ୍ଣନା; ଦାର୍ଶନିକ ତାଙ୍କର ଅନ୍ତର୍ଦର୍ଶନକୁ ବ୍ୟାଖ୍ୟା କରିବାକୁ ସଚେଷ୍ଟ ଯୌକ୍ତିକ ମାର୍ଗ ନେଇଛନ୍ତି; ଯୋଗୀ ମାନବ-ଚେତନାର ଆକାଙ୍କ୍ଷିତ ପରିବର୍ତ୍ତନରେ ଉପନୀତ ହେବା ପାଇଁ ଏକ ପଦ୍ଧତି ତଥା ବହୁବିଧ ସାଧନବିଶିଷ୍ଟ ଏକ ଉପାୟ ଆମ ଆଗରେ ରଖି ଦେଇଛନ୍ତି; ସମାଜ-ବିଜ୍ଞାନୀ ଆଗାମୀ କାଲିର ଜଗତକୁ ଗଠନ କରିବା ପାଇଁ ଅର୍ଥପୂର୍ଣ୍ଣ ଇଙ୍ଗିତ ଓ ସୂଚନାମାନ ଆଙ୍କି ଦେଇଛନ୍ତି; ଏବଂ ସୃଜନଶୀଳ ସମାଲୋଚକ, 'ଭାବିଯୁଗର କାବ୍ୟ'ର ଛନ୍ଦ-ଧ୍ୱନିକୁ ଅନୁଭବ କରି ନେଇ 'ନବୀନ' କବି କେମିତି ଭାବେ ମୌଳିକ ଆଧ୍ୟାତ୍ମିକତାର ଡେଣାରେ ଭରାଦେଇ ଉଡ଼ିଚାଲିବ ଆଉ ଆତ୍ମାର ଅମୋଘ ଛନ୍ଦସବୁକୁ ଭାଷାରେ ରୂପାୟଣ କରିବ – ସେ କଥା ସେ ବର୍ଣ୍ଣନା କରିଛନ୍ତି ।''

କବି ହିସାବରେ ଶ୍ରୀଅରବିନ୍ଦଙ୍କ ସ୍ଥାନ ବହୁ ଊର୍ଦ୍ଧ୍ୱରେ । ଛନ୍ଦଶାସ୍ତ୍ର ଦୃଷ୍ଟିରୁ ଅତିକଠିନ ଯେଉଁ କାବ୍ୟଛନ୍ଦ Blank Verse, ଯାହା ଅପରିଣତ ହାତରେ ପୂରାପୂରି ଗଦ୍ୟ ଭଳି ହୋଇ ଉଠିବାର ଆଶଙ୍କା ରହିଛି, ସେଇ ଛନ୍ଦଶୈଳୀକୁ ଆପଣାର ନିଜସ୍ୱ ଢଙ୍ଗରେ ଏକ ଉଚ୍ଚତମ ଅନନ୍ୟ ମାଧ୍ୟମ ରୂପେ ନେଇ ସେ 'ଉର୍ବଶୀ', 'ପ୍ରେମ ଓ ମୃତ୍ୟୁ' ଏବଂ 'ସାବିତ୍ରୀ' – ଏକ ଗାଥା ଓ ପ୍ରତୀକ ଇତ୍ୟାଦି କାବ୍ୟକୁ ଇଂରାଜୀ ସାହିତ୍ୟରେ ଲାଳିତ୍ୟ ଓ ସୌନ୍ଦର୍ଯ୍ୟ ଦୃଷ୍ଟିରୁ ଅତୁଳନୀୟ ଅବଦାନ ଭାବେ ରଖିଛନ୍ତି । ହେକ୍ସାମିଟର୍ ଛନ୍ଦ ଯେଉଁ କ୍ଲାସିକାଲ ଛନ୍ଦକୁ ଆଧୁନିକ କାବ୍ୟଭୂମିରେ ରୋପଣ କରିବା କଷ୍ଟସାଧ୍ୟ, ସେଥିରେ ସେ ଛନ୍ଦୋବଦ୍ଧିତ 'ଅହନା' ଓ 'ଇଲିୟନ' ଭଳି ଅତ୍ୟୁତ୍କୃଷ୍ଟ ରଚନା ସୃଷ୍ଟି କରିଛନ୍ତି । 'ସାବିତ୍ରୀ' ଏବେ ପର୍ଯ୍ୟନ୍ତ ଉଚ୍ଚତା ତଥା କଳେବରରେ ବିକଶିତ ହୋଇଚାଲିଛି, ସୌନ୍ଦର୍ଯ୍ୟ ଓ ଲାବଣ୍ୟର ପରିପୂର୍ଣ୍ଣତାରେ ପହଞ୍ଚି ନାହିଁ ଏବଂ ସେଇଟି ଯେତେବେଳେ ପୂର୍ଣ୍ଣାବୟବ ଲାଭ କରିବ ସେତେବେଳେ ମହାଭାରତର ଏଇ ଅମର ଉପାଖ୍ୟାନଟି ନୂତନ ବର୍ଣ୍ଣଶୋଭା, ନୂତନ ଜୀବନରେ ସ୍ପନ୍ଦିତ ହେବ ଓ ନୂତନ ଆକର୍ଷଣ ନେଇ ଉଦ୍ଭାସିତ ହେବ ।

ଶ୍ରୀଅରବିନ୍ଦ ତାଙ୍କର ସମାଲୋଚନାମୂଳକ ଅଧିକାଂଶ ରଚନାରେ, ବେଦ ଓ ଗୀତାର ବ୍ୟାଖ୍ୟାରେ ତାଙ୍କର ବିପୁଳ ତଥ୍ୟାନୁସନ୍ଧାନ, କବିସୁଲଭ ସମ୍ବୋଧି, ଦାର୍ଶନିକର ଅନ୍ତର୍ଜ୍ଞାନ ସହିତ ଆର୍ଷ ଦୃଷ୍ଟିକୁ ସମ୍ମିଳିତ କରିଛନ୍ତି । ତାଙ୍କର ଏକ ବାର୍ତ୍ତା ବିଶ୍ୱ-ଜାତିସଂଘକୁ ଅନୁପ୍ରାଣିତ କରିବାକୁ ସକ୍ଷମ ଏବଂ ସେଥିରେ ଆଧ୍ୟାତ୍ମିକ ଭିତ୍ତିଭୂମି ଓ ଆଶା ସଂଯୋଜିତ କରିପାରେ; ସେଇଟି ଏଠାରେ ଉଦ୍ଧୃତ : ''ନାନା ବିବିଧତା ଭିତରୁହିଁ ବିବର୍ତ୍ତନ ଯାତ୍ରାରମ୍ଭ କରେ ସରଳରୁ ନେଇ ବହୁଧା ଜଟିଳ ଐକ୍ୟ ଅଭିମୁଖରେ । ମାନବଜାତି ଐକ୍ୟ-ପ୍ରତିଷ୍ଠା ଦିଗରେହିଁ ଗତି କରୁଛି ଏବଂ ଦିନେ ନା ଦିନେ ଏହା ସେଇଠାରେ ଉପନୀତ ହେବ ।'' ଏଇ ଉକ୍ତି ଯଥା : 'ଜଟିଳ ଐକ୍ୟ' ଅତି ସୁନ୍ଦର ଗୋଟିଏ କଥା ଯାହା ସୁଦୂରଲଭ୍ୟ ଆଶା ଓ ଆଶ୍ୱାସନାର ରଶ୍ମିରେଖା । ଯଦ୍ୟପି ଅଧୁନା ଆମେ ଜଟିଳତାର ଅତିଶୟ ଭାରରେ ବିହ୍ୱଳ ଏବଂ ଆଣବିକ ବୋମାର ପ୍ରଳୟଙ୍କର ଚାପ ବ୍ୟତୀତ ଅନ୍ୟ କୌଣସି ପ୍ରକାର ଐକ୍ୟର ସନ୍ନିକଟରେ ପହଞ୍ଚି ପାରିବୁ ବୋଲି ଭାବି ପାରୁ ନାହୁଁ ।

ଶ୍ରୀଅରବିନ୍ଦଙ୍କର ବିଶ୍ୱାସ ଥିଲା ସଂଗତିପୂର୍ଣ୍ଣ ବହୁଧା

ବୈଚିତ୍ର୍ୟର ଭିତର ଦେଇ ବିବର୍ତ୍ତନ ଧୀର ତଥା ସୁସ୍ଥ ଗତିରେ ନିଶ୍ଚିତ ଭାବେ ମାନବ-ଐକ୍ୟରେ ଉପନୀତ ହେବ; ତାଙ୍କର ଏଇ ଆସ୍ଥା ଏତେ ଦୃଢ଼ ଯେ ବାହାରର ରୂଢ଼ କଠୋର ଘଟନାବଳୀ ତାହାକୁ ଖର୍ବ କରିପାରିବ ନାହିଁ କି ତା'ର ପ୍ରତିବନ୍ଧକ ହୋଇପାରିବ ନାହିଁ । ପରନ୍ତୁ, ଏହି ବିଶ୍ୱାସ ଏପରି ଦୃଢ଼ ଯାହା ଘଟନାପ୍ରବାହକୁ ଆପଣା ଆୟତ୍ତ ମଧ୍ୟକୁ ଆଣି, ସେସବୁକୁ ଆପଣା ହୃଦୟର ଅଭିଳାଷ ଅନୁରୂପ ସଜାଡ଼ି ପୁନର୍ଗଠନ କରି ଚାଲିବ । ସେ ସେଇସବୁ ମହାପୁରୁଷମାନଙ୍କ ମଧ୍ୟରୁ ଅନ୍ୟତମ, ଯିଏ ବର୍ତ୍ତମାନ ସମୟକୁ ଏକ ମଧ୍ୟବର୍ତ୍ତିକାଳୀନ ଅସ୍ଥାୟୀ ମୁହୂର୍ତ୍ତ ରୂପେ ଗଣନା କରନ୍ତି – ସେଇ ମୁହୂର୍ତ୍ତ ଯାହା ମନୁଷ୍ୟର ଭାବିକାଳର ଆଶାଭରସାକୁ ବାଟ ଓଗାଳିବାକୁ ଅକ୍ଷମ ।

ଶ୍ରୀଅରବିନ୍ଦଙ୍କୁ କେବଳ ଜଣେ ସାହିତ୍ୟିକ ଅବା ଦାର୍ଶନିକ ଭାବେ ଅନନ୍ୟ ବ୍ୟକ୍ତିତ୍ୱ ବୋଲି କହିଲେ ପର୍ଯ୍ୟାପ୍ତ ହେବ ନାହିଁ, ବରଂ ଊର୍ଦ୍ଧ୍ୱସ୍ଥ ଜ୍ୟୋତିଃରେ ଭାସ୍ୱର ହୋଇ ଯୋଗୀ ରୂପେ ସେ-ଲୋକର ଐଶ୍ୱର୍ଯ୍ୟର ଆନନ୍ଦମୟ ବିପୁଳତାକୁ ଅକାତରେ ଇହଲୋକରେ ବିକୀର୍ଣ୍ଣ କରି ଚାଲିଛନ୍ତି ସିଏ । ସେ ହେଉଛନ୍ତି 'ଦିବ୍ୟଜୀବନ'ର ଉଦ୍‌ଗାତା ତଥା ମନ୍ତ୍ରଦାତା । ତାଙ୍କଠାରେ ଏହାର ଉପଲବ୍ଧି ଘଟିଛି, ଏହା କେବଳ ତାଙ୍କ ମନର ଧାରଣା ମାତ୍ର ନୁହେଁ । ଅନ୍ୟମାନେ ମଧ୍ୟ ସେଇ ଉପଲବ୍ଧିରେ ପହଞ୍ଚି ପାରନ୍ତି । ତାଙ୍କ ଅଧ୍ୟାତ୍ମ-ଅନ୍ୱେଷଣା ଯେଉଁ ମହାନ୍ ଲକ୍ଷ୍ୟରେ ପହଞ୍ଚିବାରେ ସଫଳ ହୋଇଛି, ତାହାର ସ୍ୱରୂପ ବିଷୟରେ ସେ ଚିତ୍ତରଂଜନ ଦାସଙ୍କୁ, ଯିଏ ଆଲିପୁର ମାମଲାରେ ତାଙ୍କ ପକ୍ଷରୁ ଲଢ଼ିଥିଲେ, ଏହିପରି ଲେଖିଥିଲେ : 'ମୁଁ କ୍ରମଶଃ ଅଧିକରୁ ଅଧିକ ପରିଷ୍କାର ଭାବେ ଦେଖି ସାରିଲିଣି ଯେ ମଣିଷ ସର୍ବଦା ଏଇ ବୃଥା ଚକ୍ରାବର୍ତ୍ତର ପଥରେ ନିଷ୍ଫଳ ଯାତ୍ରାରେ ଘୂରି ଘୂରି କେବେ ହେଲେ ବି ଏଥିରୁ ନିଷ୍କୃତି ପାଇବ ନାହିଁ, ସେତେବେଳ ଯାଏଁ ଏପରି ଚାଲିବ, ଯେତେବେଳ ଯାଏଁ ଅନ୍ୟ ଏକ ପ୍ରତିଷ୍ଠ ଭୂମିକୁ ସେ ଉନ୍ନୀତ ନ ହୋଇଛି । ଆମ ସତ୍ତାର ବର୍ତ୍ତମାନର କରଣସବୁକୁ – ବୁଦ୍ଧି, ପ୍ରାଣ, ମନ ତଥା ଦେହକୁ ଏଇ ମହାନ୍ ରୂପାନ୍ତର ସକାଶେ କି ପ୍ରକାର ସତ୍ୟଧର୍ମୀ ଓ ପୂର୍ଣ୍ଣାଙ୍ଗ ମାଧ୍ୟମ ରୂପେ ନିଆଯାଇ ପାରିବ ? ଏଇ ସମସ୍ୟାଟିକୁ ମୁଁ ଏତେଦିନ ଧରି ମୋର ନିଜସ୍ୱ ଅଭିଜ୍ଞତା ଉପରେ ପର୍ଯ୍ୟବେକ୍ଷଣ କରିଛି, ଏବଂ ତା' ଫଳରେ ମୁଁ ଏକ ନିଶ୍ଚିତ ଭିତ୍ତି ତଥା ବୃହତ୍ତର ଜ୍ଞାନ ଲାଭ କରି ସେଇ ଅଜ୍ଞାତ ରହସ୍ୟ ଉପରେ କିଛି ପରିମାଣରେ କର୍ତ୍ତୃତ୍ୱର ଅଧିକାରୀ ହୋଇଛି ।'

ସେ ତାଙ୍କର ତତ୍ତ୍ୱ ଉପସ୍ଥାପିତ କରିଛନ୍ତି 'ଦିବ୍ୟ-ଜୀବନ' ଗ୍ରନ୍ଥରେ; ସେଇଟି ମନୁଷ୍ୟର ଚିନ୍ତା ଓ ଅଭୀପ୍ସାର ଇତିହାସରେ ଏକ ସ୍ମରଣଯୋଗ୍ୟ କୀର୍ତ୍ତିସ୍ତମ୍ଭ, ଯାହାର ରଚନା ସମ୍ବନ୍ଧରେ ସାର୍ ଫ୍ରାନ୍ସିସ୍ ୟଙ୍ଗ ହଜ୍‌ବାଣ୍ଡ୍ ଘୋଷଣା କରିଛନ୍ତି : 'ମୋ ଜୀବନକାଳ ମଧ୍ୟରେ ଯେତେ ଗ୍ରନ୍ଥ ପ୍ରକାଶିତ ହୋଇଛି, ସେଗୁଡ଼ିକ ମଧ୍ୟରେ ଏଇ ଗ୍ରନ୍ଥଟି ସର୍ବଶ୍ରେଷ୍ଠ' । ପିଥାଗୋରସ୍ ସ୍ୱର୍ଗଲୋକର ସଂଗୀତର କଥା କହିଛନ୍ତି, କିନ୍ତୁ ଏଇଥିରେ ରହିଛି ମାନବଜାତିର ସଂଗୀତ, ସେ ସଂଗୀତର ବିଷାଦର ଧ୍ୱନି ନାହିଁ, ବରଂ ଏହା ସ୍ୱର୍ଗାଭିମୁଖରେ ଏକ ଆରୋହଣ । ଶ୍ରୀଅରବିନ୍ଦ ବିଶ୍ୱାସ କରନ୍ତି ଯେ ଆମ ସତ୍ତାର ଉଚ୍ଚତର ପର୍ଯ୍ୟାୟକୁ ଆମେ ବିବର୍ତ୍ତିତ ହୋଇଯିବୁ ଏବଂ ଏଇ ବିବର୍ତ୍ତନ ଆମର ବର୍ତ୍ତମାନର ଅସ୍ତିତ୍ୱରେ ଥିବା ଯାବତୀୟ ସୀମାବଦ୍ଧତା ଆଉ ଦୁଃଖଯନ୍ତ୍ରଣାକୁ ଅତିକ୍ରମ କରି ଯିବାରେ ଆମକୁ ସମର୍ଥ କରାଇବ ଆଉ ଏପରି ଏକ ଜଗତ୍ ମଧ୍ୟକୁ ବାଟ କଢ଼ାଇନେବ ଯାହାର ଗତିପ୍ରକୃତି ସମଶାନ୍ତ ଓ ପରିଶୁଦ୍ଧ – ସେ ଜୀବନ ହୋଇଥିବ ସୁସଙ୍ଗତିପୂର୍ଣ୍ଣ ତଥା ଆନନ୍ଦମୟ । ବିବର୍ତ୍ତନର ଏଇ ପ୍ରକ୍ରିୟାଟି ସ୍ୱତଃସ୍ଫୂର୍ତ୍ତଭାବେ ବାସ୍ତବ । ଏବେ ଏହା ସର୍ବତ୍ର କାର୍ଯ୍ୟରତ, ଏବଂ ସ୍ୱୀୟ କାର୍ଯ୍ୟକାରିତାରେ ସଂପୂର୍ଣ୍ଣ ନ ହେବାଯାଏଁ ଏହାର ବିରାମ ନାହିଁ । କାଳକ୍ରମେ ମନୁଷ୍ୟ ଉପନୀତ ହେବ '**ନବଜୀବନ**'ରେ, ଯେଉଁଠି ବେଦନା ଓ ଯନ୍ତ୍ରଣାର ସ୍ଥିତି ନାହିଁ, ନାହିଁ ମୃତ୍ୟୁର ଦଂଶନ ।

ଶ୍ରୀଅରବିନ୍ଦ ଆମର ନୈରାଶ୍ୟକୁ ଦୂର କରିଛନ୍ତି ଏକ ନିଶ୍ଚିତ ଆଗମନୀର ବରାଭୟ ଦେଇ । ଆମମାନଙ୍କର ଏଇ ମରଜଗତରେ **ଅମର** ସେ, ଆଣି ଦେଇଛନ୍ତି ଅମୃତତ୍ୱର ଅଭୟ ଆଶ୍ୱାସନା । ହେ ଶ୍ରୀଅରବିନ୍ଦ ! ଏ ଜଗତ୍ ଆପଣଙ୍କୁ ଏକାନ୍ତଭାବେ କାମନା କରେ ଏବଂ ସେଇ ହେତୁରୁହିଁ ଆପଣ ଆମମାନଙ୍କ ଭିତରେ ରହିଛନ୍ତି ।

ଚାନ୍ସେଲର୍ ମହାଶୟ ! ମୋର ଆପଣଙ୍କୁ ଅନୁରୋଧ ଯେ ଏଇ ଆନ୍ଧ୍ର ବିଶ୍ୱବିଦ୍ୟାଳୟ ତରଫରୁ ଅନୁଗ୍ରହପୂର୍ବକ ଶ୍ରୀଅରବିନ୍ଦଙ୍କୁ ଏଇ **ଜାତୀୟ ପୁରସ୍କାର**ଟି ଅର୍ପଣ କରନ୍ତୁ; ମୋର ଅଯୋଗ୍ୟତା ସତ୍ତ୍ୱେ ବି ସୌଭାଗ୍ୟ କ୍ରମେ ମୋ ନାମ ଏଥି ସହିତ ସଂପୃକ୍ତ, ସ୍ୱୟଂ ଶ୍ରୀଅରବିନ୍ଦ ଏଠାରେ ଅନୁପସ୍ଥିତ ଥିବା ସତ୍ତ୍ୱେ ବି ଏଇ ଅର୍ଘ୍ୟ ତାଙ୍କ ଉଦ୍ଦେଶ୍ୟରେ । ମୋର ସନ୍ଦେହ ହେଉଛି ଏଇ 'ଅନୁପସ୍ଥିତ' ଶବ୍ଦଟି ଏଠାରେ ଯଥାର୍ଥରେ କେତେଦୂର ପ୍ରଯୁଜ୍ୟ । ଶ୍ରୀଅରବିନ୍ଦ ଯଦ୍ୟପି କଠୋର ତଥା ଏକାନ୍ତ ଜୀବନଯାପନ କରନ୍ତି, କଦବା କ୍ୱଚିତ୍ ଲୋକଙ୍କ

ସାକ୍ଷାତ୍‌ରେ ଆସନ୍ତି ବା ଲୋକଙ୍କୁ ଦର୍ଶନ ଦିଅନ୍ତି, ତଥାପି ପୃଥିବୀର ନାନା ପ୍ରାନ୍ତର ସହସ୍ର ସଂଖ୍ୟାରେ ଭକ୍ତ ଅନୁଗାମୀ ତାଙ୍କ ପ୍ରତ୍ୟକ୍ଷ ଉପସ୍ଥିତି ଅନୁଭବ କରନ୍ତି । ସେ ଏ ପାର୍ଥିବ ଜଗତର ନୁହନ୍ତି ଓ ଏଇ ପାର୍ଥିବ ବାୟୁମଣ୍ଡଳ ତାଙ୍କୁ ଛୁଇଁ ନାହିଁ, ତେବେ ବି, ସ୍ୱର୍ଗ ଧରାକୁ ଘେରି ରଖିବା ପରି ସେ ଆମ ସମସ୍ତଙ୍କୁ ଆବୋରି ରହିଛନ୍ତି । ସୁତରାଂ, ଚାନ୍ସେଲର୍ ମହାଶୟ, ଆପଣ ଯଦି ମୋର ବକ୍ତବ୍ୟକୁ ବାହୁଲ୍ୟ ମନେ ନକରନ୍ତି, ତା'ହେଲେ ଏଇ 'କାଟାମାଞ୍ଚି ରାମଲିଙ୍ଗ ରେଡ୍ଡୀ ଜାତୀୟ ପୁରସ୍କାର'ରେ ଶ୍ରୀଅରବିନ୍ଦଙ୍କୁ ଭୂଷିତ କରି ଆନ୍ଧ୍ର ବିଶ୍ୱବିଦ୍ୟାଳୟକୁ ଗୌରବାନ୍ୱିତ କରନ୍ତୁ ଓ ତା'ଦ୍ୱାରା ନିଜେ ମଧ୍ୟ ଧନ୍ୟ ହୁଅନ୍ତୁ । ❖

*(୧୯୬୬ ମସିହାରେ ଆନ୍ଧ୍ର ବିଶ୍ୱବିଦ୍ୟାଳୟ ପ୍ରେସ୍‌ରୁ ପ୍ରକାଶିତ ଶ୍ରୀନିବାସ ଆୟଙ୍ଗାର୍‌ଙ୍କ ଦ୍ୱାରା ସମ୍ପାଦିତ C. R. Reddy ଙ୍କର 'Essays & Addresses'ରୁ ଗୃହୀତ ।)*

ଶ୍ରୀଅରବିନ୍ଦ ଭବିଷ୍ୟତର ସମ୍ପଦ; ଭବିଷ୍ୟତର ବାର୍ତ୍ତାବହ । ଦିବ୍ୟପରମଇଚ୍ଛାଙ୍କ ଦ୍ୱାରା ଅଭିପ୍ରେତ ହୋଇ ରହିଥିବା ଏକ ଗୌରବମୟ ଭବିଷ୍ୟତର ଉପଲବ୍ଧିକୁ ତ୍ୱରାନ୍ୱିତ କରିବା ନିମନ୍ତେ ଆମକୁ ଯେଉଁ ମାର୍ଗରେ ଯିବାକୁ ହେବ, ସିଏ ସେହି ମାର୍ଗଟିକୁ ଏବେ ମଧ୍ୟ ଦେଖାଇ ଦେଉଛନ୍ତି ।

ସମଗ୍ର ମାନବଜାତିର ଅଗ୍ରଗତି ଏବଂ ଭାରତର ସେହି ଆଲୋକମୟ ନିୟତିକୁ ସମ୍ଭବ କରିବାର କାର୍ଯ୍ୟରେ ଯେଉଁମାନେ ସହଯୋଗ କରିବାକୁ ଇଚ୍ଛା କରୁଛନ୍ତି, ସେମାନଙ୍କୁ ଏକ ଅତୀନ୍ଦ୍ରିୟଦର୍ଶୀ ଅଭୀପ୍ସା ଏବଂ ଏକ ସନ୍ଦୀପିତ କର୍ମ-ଯୋଜନାରେ ପରସ୍ପର ସହିତ ସମ୍ମିଳିତ ହୋଇ ଆସିବାକୁ ପଡ଼ିବ ।

*୧୫ ଅଗଷ୍ଟ ୧୯୭୧*

*

ଅତିମାନସ ଜଗତଟି ଯେ ପ୍ରକୃତରେ ସମ୍ଭବ ହେବାକୁ ଯାଉଛି, ତାହାରି ଘୋଷଣା କରିବା ଲାଗି ଶ୍ରୀଅରବିନ୍ଦ ପୃଥିବୀକୁ ଆସିଥିଲେ । ସିଏ ଯେ କେବଳ ସେହି ଅଭିବ୍ୟକ୍ତିଟିର ଘୋଷଣା କରିଥିଲେ ତା' ନୁହେଁ, ମାତ୍ର ଅତିମାନସ ଶକ୍ତିକୁ ଆଂଶିକ ଭାବରେ ନିଜ ଜୀବନରେ ମଧ୍ୟ ମୂର୍ତ୍ତ କରି ପାରିଥିଲେ, ଏବଂ ସେହି ଜଗତଟିକୁ ଅଭିବ୍ୟକ୍ତ କରି ପାରିବା ସକାଶେ ପ୍ରସ୍ତୁତ ହେବା ଲାଗି ଆମକୁ କ'ଣ ସବୁ କରିବାକୁ ପଡ଼ିବ, ଦୃଷ୍ଟାନ୍ତ ଦ୍ୱାରା ତାହା ଦେଖାଇ ଦେଇଥିଲେ । ସିଏ ଆମକୁ ଯାହାସବୁ କହିଛନ୍ତି, ତାହାର ଅଧ୍ୟୟନ କରିବା ଏବଂ ତାଙ୍କର ଦୃଷ୍ଟାନ୍ତଟିର ଅନୁସରଣ କରିବା ପାଇଁ ପ୍ରୟାସ କରିବା ତଥା ନୂତନ ଅଭିବ୍ୟକ୍ତିଟି ନିମନ୍ତେ ଆପଣାକୁ ପ୍ରସ୍ତୁତ କରିବା – ଆମ ଲାଗି ଏହାହିଁ ସର୍ବୋତ୍ତମ କାର୍ଯ୍ୟ ।

ଏହାରି ଦ୍ୱାରାହିଁ ଆମେ ଜୀବନର ଯଥାର୍ଥ ବୋଧଟିକୁ ଲାଭ କରି ପାରିବା ଏବଂ ତାହା ଯାବତୀୟ ପ୍ରତିବନ୍ଧକକୁ ଅତିକ୍ରମ କରିଯିବା ସକାଶେ ଆମକୁ ଅବଶ୍ୟ ସାହାଯ୍ୟ କରିବ ।

ତେଣୁ, ଆମେ ସେହି ନୂତନ ସୃଜନ ଲାଗି ଜୀବନ ବଞ୍ଚିବା ଏବଂ ତରୁଣ ତଥା ଅଗ୍ରଗତିକାମୀ ହୋଇ ରହିବା ସଙ୍ଗେ ସଙ୍ଗେ ଆପଣାକୁ ଅଧିକରୁ ଅଧିକ ଶକ୍ତିଶାଳୀ କରି ଗଢ଼ିବା ।

*୩୦ ଜାନୁଆରୀ ୧୯୭୨* — ଶ୍ରୀମା

# ଶ୍ରୀଅରବିନ୍ଦଙ୍କର ଯୋଗ ଓ ଦେବଗଣ

## ଶ୍ରୀ ମାଧବ ପଣ୍ଡିତ

ଶ୍ରୀଅରବିନ୍ଦ ପାଠଚକ୍ରର ଜନୈକ କର୍ମୀ ଥରେ ଜିଜ୍ଞାସା କରିଥିଲେ : ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କର ଶିଷ୍ୟମାନେ – ଯେଉଁମାନେ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିଛନ୍ତି, ସେମାନେ ଦୁର୍ଗା, କୃଷ୍ଣ ଇତ୍ୟାଦି ବଂଶପରମ୍ପରାଗତ କୁଳ-ଦେବତାଙ୍କର ପୂଜା କରିପାରିବେ କି ନାହିଁ ? ଶ୍ରୀଅରବିନ୍ଦ ପାଠଚକ୍ରରେ ସାମାଜିକ ଭାବରେ ଏହିସବୁ ପୂଜା ଚଳିପାରିବ କି ନାହିଁ ?

ସେତେବେଳ ପାଇଁ ସଂକ୍ଷେପରେ ଏହି ପ୍ରଶ୍ନର ଉତ୍ତର ଦେଇଥିଲି; ସମାଜର ମଣିଷ ହିସାବରେ ସାମାଜିକ ରୀତିନୀତିର ଅଙ୍ଗ ହିସାବରେ ଘରେ କୁଳଦେବତାଙ୍କର ପୂଜା କରିପାରନ୍ତି, କିନ୍ତୁ ପାଠଚକ୍ରରେ, ଅର୍ଥାତ୍ ଶ୍ରୀଅରବିନ୍ଦଙ୍କର ଆଦର୍ଶ ଓ ଯୋଗ ସମ୍ବନ୍ଧରେ ପଢ଼ାଶୁଣା କରିବା ପାଇଁ ଏବଂ ସେ ପଥରେ ଅଗ୍ରସର ହେବା ଦିଗରେ ସହାୟତା ଦେବା ଉଦ୍ଦେଶ୍ୟରେହିଁ ଯାହା ସ୍ଥାପିତ ହୋଇଛି, ସେଠାରେ ସେସବୁକୁ ନେଇ ଆସିବାର କୌଣସି ପ୍ରଶ୍ନ ମଧ୍ୟ ଉଠେ ନାହିଁ । ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କର ଶିକ୍ଷାକୁ ଜାଣିବା, ବୁଝିବା ଓ ଅନୁଶୀଳନ କରିବା ପକ୍ଷରେ ଯାହା ସହାୟକ ନୁହେଁ, ଏହା ସହିତ ଯାହାର କୌଣସି ସମ୍ପର୍କ ନାହିଁ, ସେଭଳି ରୀତିନୀତିକୁ କେନ୍ଦ୍ରର କର୍ମଧାରାର ଅନ୍ତର୍ଭୁକ୍ତ ନ କରିବାହିଁ ସଙ୍ଗତ ।

ପରେ କୌଣସି ଭକ୍ତମଣ୍ଡଳୀ ନିକଟରେ ଏହି କଥାଟି ବୁଝାଇ କହିବା ଦରକାର ହୋଇଥିଲା, କାରଣ ସେମାନଙ୍କଠାରେ କଥାଟି ଏକ ବୁଝାମଣାର ପ୍ରଶ୍ନ ରୂପେ ଓ ସାମଞ୍ଜସ୍ୟ ସାଧନର ସମସ୍ୟା ରୂପେ ଦେଖା ଦେଇଥିଲା । ସେମାନଙ୍କର ପ୍ରଶ୍ନ ଥିଲା : ବହୁକାଳ ଧରି ପୂଜିତ ଦେବଗଣଙ୍କୁ ଆରାଧନା କରି ନୂତନ ଆଦର୍ଶର ଉପଲବ୍ଧି ସମ୍ଭବ ହେବ ନାହିଁ କାହିଁକି ? ଏହି ଦେବତାମାନେ କ'ଣ ଆମର ମନୋବାଞ୍ଛା ପୂର୍ଣ୍ଣ କରିପାରିବେ ନାହିଁ ? ସେମାନେ କ'ଣ ଭଗବାନ୍ ନୁହନ୍ତି ?

ଆଜିକାଲି ସବୁଆଡ଼େ ଶୁଣାଯାଏ – ସବୁ ଦେବତା ଏକ, ଯାହାକୁ ପୂଜା କରନା କାହିଁକି, କିଛି ଯାଏ ଆସେ ନାହିଁ ସେଥିରେ । ଏହିସବୁ କ୍ଷେତ୍ରରେ ଏହି ଧରଣର ଅଭ୍ୟାସ, ସହଜ ସାମାନ୍ୟୀକରଣରେ ବିଭ୍ରାନ୍ତ ହେବା ଖୁବ୍ ସ୍ୱାଭାବିକ । ଏପରିକି ବିଜ୍ଞଜନେ ମଧ୍ୟ 'ଏକଂ ସତ୍ ବିପ୍ରାଃ ବହୁଧା ବଦନ୍ତି' ଧରଣର ଗୋଟାଏ, ଦୁଇଟି ବେଦବାକ୍ୟ ଉଦ୍ଧାର କରି ଆହୁରି ଜୋର୍ ଦେଇ ସେଇ ମତର ପୁନରାବୃତ୍ତି କରିଥା'ନ୍ତି, ''ଆମମାନଙ୍କୁ ଉଦାର ବିଶ୍ୱଜନୀନ ମନୋଭାବ ଅବଲମ୍ବନ କରିବାକୁ ପଡ଼ିବ; ସମସ୍ତଙ୍କର ଧର୍ମବିଶ୍ୱାସ ଓ ଦେବତାଙ୍କ ପ୍ରତି ଶ୍ରଦ୍ଧାଶୀଳ ହେବାକୁ ପଡ଼ିବ, କାରଣ ଶେଷକୁ ସବୁ ଧର୍ମ, ସବୁ ଦେବତା ଏକ ।'' ଅବଶ୍ୟ ଏପରି ଲୋକ ମଧ୍ୟ ଅଛନ୍ତି ଯେଉଁମାନଙ୍କୁ ଦେବତା ନାମ ଶୁଣିଲେ ହସ ଲାଗେ । ସେମାନେ କହନ୍ତି, ଦେବାଦେବୀ କେହି ନାହାନ୍ତି । ଲୋକେ ଯାହାଙ୍କୁ ପୂଜା କରନ୍ତି, ସେସବୁ ହେଉଛି ମଣିଷର ମନଗଢ଼ା ଏକ ଏକ ଅବଲମ୍ବନ ।

ସେ ଯାହାହେଉ, ଶେଷ ପ୍ରଶ୍ନଟିକୁ ନେଇ ଆଲୋଚନା ଆରମ୍ଭ କରାଯାଉ । ପରମ ଭଗବାନ୍ ବିଶ୍ୱାତୀତ, ଅନନ୍ତ, ଅନିର୍ବଚନୀୟ, ନାମରୂପର ଅତୀତ ଏକ ନିର୍ବିଶେଷ ଅସ୍ତିତ୍ୱ ମାତ୍ର । କିନ୍ତୁ ଏତିକିମାତ୍ର ତା'ର ସମଗ୍ର ସତ୍ୟ ନୁହେଁ । ସେହି ନିର୍ବିଶେଷ ଅସ୍ତିତ୍ୱ ମଧ୍ୟରେହିଁ ସକଳ ବିଶେଷ, ସକଳ ନାମରୂପ ସଂଗୋପିତ ରହିଛି । ଭଗବାନ୍ ଯେତେବେଳେ ପ୍ରକାଶୋନ୍ମୁଖ, ସେତିକିବେଳେ ଆସେ ରୂପ । ରୂପ ମାଧ୍ୟମରେ ନହେଲେ ସେହି ପରମ 'ସତ୍' ସଙ୍ଗରେ ଏହି ଜଗତର କୌଣସି ସମ୍ପର୍କ ରହି ନପାରେ । ଅଭିବ୍ୟକ୍ତିର କ୍ଷେତ୍ରରେ ଜଣେ ବ୍ୟକ୍ତିର ଜୀବନର ଉଦ୍ଦେଶ୍ୟ ଦିଗରୁ ଅନନ୍ତଙ୍କ ସହିତ କି ସମ୍ପର୍କ ଥାଇପାରେ ? ଭାବଲକ୍ଷଣହୀନ ଶାନ୍ତି ନିକଟରେ, ଅନିର୍ବଚନୀୟ ଆନନ୍ଦ ନିକଟରେ କେଉଁ ପ୍ରାର୍ଥନା କରାଯାଇପାରେ ? ସର୍ବତ୍ର ପରିବ୍ୟାପ୍ତ ବିଦ୍ୟୁତ୍ ଶକ୍ତିକୁ ସେହିଭାବେ ବ୍ୟବହାର କରାଯାଇପାରେ ନାହିଁ, ବିଶେଷ ଉଦ୍ଦେଶ୍ୟରେ ତାକୁ କାମରେ ଲଗାଇବାକୁ ହେଲେ ଏକ ବିଶେଷ ସ୍ଥାନରେ ତାକୁ କେନ୍ଦ୍ରୀଭୂତ ଓ ପ୍ରବାହିତ କରିବାକୁ ପଡ଼େ । ସେହିଭଳି ଅଭିବ୍ୟକ୍ତିର ଉଦ୍ଦେଶ୍ୟକୁ ସଫଳ କରିବା ଲାଗି ଅନନ୍ତ ତାଙ୍କର ଚେତନାକୁ ସୃଷ୍ଟି ମଧ୍ୟରେ ନାନାଭାବରେ କେନ୍ଦ୍ରୀଭୂତ କରନ୍ତି । ସୃଷ୍ଟି ଯେପରି ବିକଶିତ ହୋଇଉଠୁଛି, ନୂତନ ନୂତନ ସତ୍ୟସବୁ ଅବତରଣ କରିଆସୁଛି ଅଭିବ୍ୟକ୍ତି ମଧ୍ୟକୁ, ଭଗବାନଙ୍କର ଗୋଟିଏ ଗୋଟିଏ ଶକ୍ତିରୂପ ମଧ୍ୟ ଅବତରଣ କରି ଆସି ଗୋଟିଏ ଗୋଟିଏ କାର୍ଯ୍ୟଭାର ଗ୍ରହଣ କରନ୍ତି । ଏମାନେ ହେଲେ ଭଗବାନଙ୍କର ଶକ୍ତିର ବା ବ୍ୟକ୍ତିତ୍ୱର ଗୋଟିଏ ଗୋଟିଏ ଦିଗ – ଜଗତ୍-ଶୃଙ୍ଖଳାର ସଙ୍ଗଠନ ଓ

ସଂରକ୍ଷଣରେ ବିଶେଷ ବିଶେଷ ଭାରପ୍ରାପ୍ତ ଗୋଟିଏ ଗୋଟିଏ ଦେବତା । ମଣିଷ ସହିତ ଏମାନଙ୍କର ସମ୍ପର୍କ ନାନାଭାବରେ ରହିଛି; ମଣିଷ ଏମାନଙ୍କୁ ନାନା ନାମରେ ଜାଣିଛି । ଏମାନଙ୍କର ରହିଛି ନିଜର ଲୋକସବୁ, ରହିଛି ସ୍ତରପରମ୍ପରାରେ କର୍ମଧାରାର ବିନ୍ୟାସ ଏବଂ ପ୍ରତ୍ୟେକଙ୍କର ସ୍ୱତନ୍ତ୍ର କର୍ମକ୍ଷେତ୍ର । ଦେବତାଙ୍କର ରୂପ ମଧ୍ୟ ଅଛି; ଆମର ବୋଧକ୍ଷେତ୍ରରେ ସେ ରୂପ ସ୍ଥିର, ନିର୍ଦ୍ଦିଷ୍ଟ ନୁହେଁ; ବିଭିନ୍ନ ଲୋକ ସମଷ୍ଟିର ଚେତନାର ଅବସ୍ଥା ଓ ଗଢ଼ଣ ଅନୁସାରେ ମଣିଷର ମନରେ ସେହି ରୂପ ବିଭିନ୍ନ ଭାବରେ ପ୍ରତିଫଳିତ ହୁଏ ।

ଦେବତାଗଣ ବିବର୍ତ୍ତନଧାରାର ବାହାରେ ଅବସ୍ଥିତ, ବିଶେଷ ଉଦ୍ଦେଶ୍ୟରେ ନିୟୋଜିତ ଗୋଟିଏ ଗୋଟିଏ ବିଶେଷ ଧରଣର ଅପରିବର୍ତ୍ତନୀୟ ସତ୍ତା । ଏହାଛଡ଼ା ପାର୍ଥିବ ବିବର୍ତ୍ତନ କ୍ଷେତ୍ରରେ ବିଶେଷ ଉଦ୍ଦେଶ୍ୟ ସାଧନ ନିମିତ୍ତ କେବେ କେବେ ଭଗବାନ୍ ସିଧାସଳଖ ନିଜକୁ ମଧ୍ୟ ପ୍ରକାଶ କରନ୍ତି ଅବତାର ରୂପରେ । ଯୁଗେ ଯୁଗେ ଅବତାର ଆସନ୍ତି ଏହି କ୍ରମବିକାଶଶୀଳ ସୃଷ୍ଟିକୁ ଊର୍ଦ୍ଧ୍ୱତର ସ୍ତରରେ ତୋଳି ଧରିବା ପାଇଁ, ଏହି ସୃଷ୍ଟି ମଧ୍ୟରେ ଏକ ନୂତନ ସତ୍ୟକୁ ପ୍ରତିଷ୍ଠା କରିବା ପାଇଁ । ଏହି ଭାବରେ ଦେବତା ହୁଅନ୍ତୁ ବା ଅବତାର ହୁଅନ୍ତୁ, ଏମାନେ ପ୍ରକାଶମାନ ସତ୍ୟର ଏକ ଏକ ବିଶେଷ ଧାରାର ବାହକ, ସେହି ଧାରା ସେମାନଙ୍କ ମଧ୍ୟରେ ପୌରୁଷେୟ ହୋଇଛି, ଶରୀରୀ ହୋଇଛି । ସେମାନେ ସେମାନଙ୍କର ଆପଣା ଆପଣା ସତ୍ତାର ସତ୍ୟକୁ ସୃଷ୍ଟି ମଧ୍ୟରେ ସକ୍ରିୟ କରି ଧରିଛନ୍ତି ଏବଂ ମଣିଷକୁ ବ୍ୟକ୍ତିଗତ ଭାବରେ ସେହି ସତ୍ୟ ଉପଲବ୍ଧି କରିବାରେ ଓ ଜୀବନରେ ପରିସ୍ଫୁଟ କରିବାରେ ସାହାଯ୍ୟ କରନ୍ତି । କୌଣସି ଦେବତାଙ୍କର ଶରଣାପନ୍ନ ହେଲେ, ସେ ନିଜ ମଧ୍ୟରେ ଯେତିକି ଧାରଣ କରୁଛନ୍ତି, ସେତିକି ଦେଇପାରନ୍ତି – ସତ୍ୟର ସେହି ବିଶେଷ ଦିଗଟିକୁହିଁ ପୂର୍ଣ୍ଣମାତ୍ରାରେ ଦେଇପାରନ୍ତି । ଦେବତାଗଣ ପରମ ଭଗବାନଙ୍କଠାରୁ ଉତ୍ସାରିତ ଏବଂ ସ୍ୱରୂପତଃ ସେମାନେ ଭଗବାନଙ୍କରହିଁ ଅଂଶ – ଏକଥା ସତ; ତା' ବୋଲି ଭଗବାନଙ୍କର ଅନ୍ତହୀନ ବିଭାବର ସବୁଗୁଡ଼ିକୁ ନେଇ ସେମାନେ କାର୍ଯ୍ୟ କରିପାରନ୍ତି ନାହିଁ । ଏହି ବିଶ୍ୱ-ସଂଗଠନର ଗୋଟିଏ ଗୋଟିଏ ଅଂଶ ରୂପେ ସେମାନଙ୍କର ଉପଯୋଗିତା ଆପଣା ଆପଣା ଧାରା ମଧ୍ୟରେ ସୀମାବଦ୍ଧ । ସେଇଥିପାଇଁ ଦେଖାଯାଏ, ବେଦର ଋଷି ଯେତେବେଳେ ଚେତନାର ବୃହତ୍ ବ୍ୟାପ୍ତି ଆକାଙ୍କ୍ଷା କରନ୍ତି, ସେତେବେଳେ ସେ ପ୍ରାର୍ଥନା କରନ୍ତି ବରୁଣଙ୍କ ନିକଟରେ; ଯେତେବେଳେ ଦେହ-ପ୍ରାଣ-ମନର ସୁସ୍ଥତା କାମନା କରନ୍ତି, ସେତେବେଳେ ଅଶ୍ୱିନୀ ଅଥବା ରୁଦ୍ରଙ୍କୁ ଡାକନ୍ତି ସାହାଯ୍ୟ ପାଇଁ, ଅନ୍ତରରେ ଯେତେବେଳେ ଜଳାଇବାକୁ ହେବ ବଳିଷ୍ଠ ଅଭୀପ୍ସାର ଶିଖା, ଅଜ୍ଞାନତାର ବାଧାର ପ୍ରାଚୀର ବିଦୀର୍ଣ୍ଣ କରିବା ପାଇଁ ଗଢ଼ିବାକୁ ହେବ ଅପ୍ରତିରୋଧକ ଇଚ୍ଛାଶକ୍ତି, ଋଷି ସେତେବେଳେ ଆହ୍ୱାନ କରନ୍ତି ଅଗ୍ନିକୁ । ଋଷିମାନେ ଭଲଭାବରେ ଜାଣନ୍ତି, ସବୁ ଦେବତା ସେହି 'ଏକ'ର ବିଭିନ୍ନ ରୂପ, ସଙ୍ଗେ ସଙ୍ଗେ ପୁଣି ଏକଥା ମଧ୍ୟ ଜାଣନ୍ତି, ସେମାନେ ହେଲେ ଭଗବାନଙ୍କର ଗୋଟିଏ ଗୋଟିଏ ବିଶେଷ ଶକ୍ତିର ଅଭିବ୍ୟକ୍ତି, ତେଣୁ ଯେତେବେଳେ ଯାହାର ପ୍ରୟୋଜନ, ଅର୍ଥାତ୍ ତାଙ୍କର ଉଦ୍ଦେଶ୍ୟ ସହିତ ଯେ ସମ୍ପୃକ୍ତ, ସେତେବେଳେ କେବଳ ତାଙ୍କୁହିଁ ସେମାନେ ଡାକନ୍ତି ।

ହନୁମାନ୍ ହେଲେ ଜୀବନୀଶକ୍ତିର ଦେବତା । ମୁଁ ଯଦି ହନୁମାନଙ୍କ ନିକଟରେ ପ୍ରାର୍ଥନା କରେ, ତେବେ ସେ ମୋତେ କେବଳ ଜୀବନୀଶକ୍ତି ଦେଇପାରନ୍ତି, ତା'ଛଡ଼ା ଅନ୍ୟକିଛି, ଯାହା ଅନ୍ୟ ଦେବତାଙ୍କର ଅଧିକାରରେ ଅଛି, ସେପରି କିଛି ସେ ଦେଇପାରନ୍ତି ନାହିଁ । ଅବତାରଙ୍କ କ୍ଷେତ୍ରରେ ମଧ୍ୟ ଠିକ୍ ସେହିଭଳି – ଶ୍ରୀରାମ ଏବଂ ଶ୍ରୀକୃଷ୍ଣଙ୍କ ପାଖରୁ ଆମେ ପାଇପାରୁ କେବଳ ସେତିକି ସତ୍ୟର ଉପଲବ୍ଧି, ଯାହା ସେମାନେ ଜଗତରେ ପ୍ରକାଶ ଓ ପ୍ରତିଷ୍ଠା କରିଯାଇଛନ୍ତି । ପ୍ରତ୍ୟେକ ଦେବତା ସତ୍ୟ-ଚେତନାର ଏକ ଏକ ଧାରାର ପ୍ରକାଶ । ମୁଁ ଯଦି କୌଣସି ଏକ ଧାରା ଉପଲବ୍ଧି କରିବାକୁ ଚାହେଁ, ତେବେ ମୋତେ ଆବେଦନ କରିବାକୁ ହେବ ଜଗତ୍-ଶୃଙ୍ଖଳାର ସେହି କେନ୍ଦ୍ରରେ, ଅର୍ଥାତ୍ ସେହି ଦେବତାଙ୍କ ନିକଟରେ ଯାହାଙ୍କ ଉପରେ ସେହି ଧାରାଟିର ପ୍ରକାଶଭାର ରହିଛି । ଆଜି ଯଦି ମୁଁ ସତ୍ତାର ଅତିମାନସ ସିଦ୍ଧି ଓ ରୂପାନ୍ତର ଚାହେଁ, ତେବେ ମୋତେ ଆବେଦନ କରିବାକୁ ହେବ ସେହି ଶକ୍ତିକେନ୍ଦ୍ରରେ, ଯାହା ସେହି ଉଦ୍ଦେଶ୍ୟରେହିଁ କ୍ରିୟାଶୀଳ; ଆଉ ସେହି ଶକ୍ତି କେନ୍ଦ୍ରୀଭୂତ ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ମଧ୍ୟରେ । ଭଗବାନଙ୍କର ଅନ୍ୟ କୌଣସି ପ୍ରତିନିଧିଙ୍କଠାରୁ ତାହା ପାଇବାର କୌଣସି ସମ୍ଭାବନା ନାହିଁ । 'ସବୁ ଦେବତା ଏକ ଭଗବାନ୍, ସବୁଦେବତାଙ୍କଠାରୁ ସବୁକିଛି ମିଳିପାରେ' – ଏହା କହି ଯେଉଁମାନେ କଥାଟାକୁ ଗୋଳେଇ ଦେବାକୁ ଚାହାନ୍ତି, ସେମାନଙ୍କର ଏହି ବିଶେଷ ସତ୍ୟଟିକୁ ମନେରଖିବା ଦରକାର । କାରଣ ଏହି ଧାରଣାର ବଶବର୍ତ୍ତୀ ହୋଇ ଶେଷକୁ କିଛି ମିଳେ ନାହିଁ ।

କୌଣସି ଦେବତା ବା ଅବତାର ଯଦି ସବୁ ରକମ ସିଦ୍ଧି ଦେଇପାରନ୍ତି ତେବେ ଏତେ ଦେବତା, ଏତେ ଅବତାରର କୌଣସି ପ୍ରୟୋଜନ ନଥିଲା । ଏତେ ଦେବତା ରହିଛନ୍ତି ଏହି କାରଣରୁ ଯେ ଏମାନେ ଜଣେ ଜଣେ ସତ୍ୟର ଗୋଟିଏ ଗୋଟିଏ ଦିଗ ପ୍ରକାଶ କରୁଛନ୍ତି ଏବଂ ପ୍ରତ୍ୟେକଙ୍କ ପାଇଁ ନିର୍ଦ୍ଦିଷ୍ଟ ରହିଛି ତାଙ୍କର ନିଜର ସ୍ୱତନ୍ତ୍ର କ୍ଷେତ୍ର । ଏହା ଉପରେ ପୁଣି ଯେତେବେଳେ ଆହୁରି ଗୋଟିଏ ନୂତନ ସତ୍ୟ ପ୍ରକାଶ କରିବାକୁ ହୁଏ, ସେତେବେଳେ ନୂତନ ଶକ୍ତି ଅବତରଣ କରିଆସେ ନୂତନ ଅବତାର ରୂପରେ ।

କିଏ ଜଣେ କହିଥିଲେ, ଶ୍ରୀକୃଷ୍ଣ ଆଉ ଶ୍ରୀଅରବିନ୍ଦ ଏକ; ଅତଏବ ଶ୍ରୀକୃଷ୍ଣ ଦେଇପାରନ୍ତି ପୂର୍ଣ୍ଣଯୋଗର ସିଦ୍ଧି । ଏହା ତ ସାଧାରଣ ବୁଦ୍ଧିରେ ବି ବୁଝାଯାଏ ଯେ ଶ୍ରୀଅରବିନ୍ଦ ଯେଉଁ ସତ୍ୟର ଧାରକ, ତାହା ଯଦି ଶ୍ରୀକୃଷ୍ଣ ଯାହା ପ୍ରକାଶ କରିଛନ୍ତି ତା'ଠାରୁ ଅଧିକ କିଛି ହୋଇ ନଥା'ନ୍ତା, ତେବେ ଶ୍ରୀକୃଷ୍ଣଙ୍କୁ ପୁଣି ଶ୍ରୀଅରବିନ୍ଦଙ୍କ ରୂପରେ ଆସିବାକୁ ହୋଇ ନଥା'ନ୍ତା । ଶ୍ରୀକୃଷ୍ଣ ଆସିଥିଲେ ପୃଥିବୀରେ ଅଧିମାନସ ଚେତନା ପ୍ରତିଷ୍ଠା କରିବା ପାଇଁ । ତା'ର କେତେ ଶତାବ୍ଦୀ ପରେ, ଇତି ମଧ୍ୟରେ ମାନବ-ଚେତନା ଯେତେବେଳେ ଆହୁରି ଉନ୍ନତ ହୋଇଛି ଏବଂ ଆହୁରି ଏକ ଊର୍ଦ୍ଧ୍ୱତର ସତ୍ୟର, ଅତିମାନସ ସତ୍ୟର ପ୍ରକାଶ ନିମିତ୍ତ ସମୟ ଉପସ୍ଥିତ ହୋଇଛି, ସେତେବେଳେ ଆହୁରି ଜଣେ ଅବତାରଙ୍କୁ ଆସିବାକୁ ହୋଇଛି ଶ୍ରୀଅରବିନ୍ଦଙ୍କ ରୂପରେ । ଶ୍ରୀଅରବିନ୍ଦ ପୃଥିବୀକୁ ଯାହା ଆଣିଛନ୍ତି, ସେ ନିଜେ କିଂବା ତାଙ୍କର ଶକ୍ତିହିଁ କେବଳ ତାହା ଦେଇପାରନ୍ତି – ସେ କ୍ଷେତ୍ରରେ ସେମାନଙ୍କର ଦେହର ପ୍ରୟୋଜନୀୟତା ଅପରିହାର୍ଯ୍ୟ ନୁହେଁ, ସେମାନଙ୍କର ଆଧ୍ୟାତ୍ମିକ ବ୍ୟକ୍ତିତ୍ୱହିଁ ତାହା ଦେଇପାରେ । ଭଗବାନ୍ ଗୋଟିଏ ଭାବରେ ଆତ୍ମପ୍ରକାଶ କରନ୍ତି ନାହିଁ, ତାଙ୍କ ସୃଷ୍ଟି ମଧ୍ୟରେ ବି କୌଣସି ପୁନରାବୃତ୍ତି ନାହିଁ । ସତ୍ୟ ବହୁବିଧ, ତା'ର ଅଭିବ୍ୟକ୍ତିର ମଧ୍ୟ ରହିଛି ବହୁଦିଗ,– ସ୍ତରପରମ୍ପରାରେ ସୁବିନ୍ୟସ୍ତ । ତେଣୁ ମାନବ-ଚେତନାରେ ସତ୍ୟର ଉପଲବ୍ଧି ମଧ୍ୟ ବିଭିନ୍ନ ସ୍ତରରେ ବିଭିନ୍ନ ଧରଣର, ଉପଲବ୍ଧିର ଉପାୟ ମଧ୍ୟ ତଦ୍‌ରୂପ ।

ପରିଷ୍କାର ଭାବରେ ବୁଝିବା ପାଇଁ କଥାଗୁଡ଼ିକୁ ଟିକିଏ କାଟଛାଟ କରି କହିଛି; କିନ୍ତୁ ବାସ୍ତବରେ ଭଗବାନଙ୍କର ଅଭିବ୍ୟକ୍ତିର ଧାରା ଓ ଦେବତାମାନଙ୍କର କାର୍ଯ୍ୟକଳାପର ନିୟମତାନ୍ତ୍ରିକ ବିଭାଗ ଏତେ କଡ଼ା ନୁହେଁ, ବରଂ ଯଥେଷ୍ଟ ନମନୀୟତା ଅଛି ସେଥିରେ । କୌଣସି କୌଣସି ଦେବତାଙ୍କ ମଧ୍ୟରେ ପାରସ୍ପରିକ ବିନିମୟ ମଧ୍ୟ ଚଳେ, କିନ୍ତୁ ତାହା ସେମାନଙ୍କର ସ୍ୱତନ୍ତ୍ର ପ୍ରକୃତିକୁ କ୍ଷୁଣ୍ଣ କରେ ନାହିଁ – ଏପରିକି ଏହି ପାରମ୍ପରିକତା ଚଳେ କେବଳ ସେହିସବୁ ଦେବତାଙ୍କ ମଧ୍ୟରେ, ଯେଉଁମାନେ ଅଭିବ୍ୟକ୍ତିର ଏକା ସ୍ତରରେ କାମ କରନ୍ତି ବିଭିନ୍ନ ବିଭାଗରେ । ଏକା ସ୍ତରର ଦେବତା ଅନ୍ୟ ସ୍ତରରେ ଯାଇ କାର୍ଯ୍ୟ କରିପାରନ୍ତି ନାହିଁ ।

ଦ୍ୱିତୀୟ ପ୍ରଶ୍ନଟି ଥିଲା, ଅତିମାନସ ସିଦ୍ଧି ବା ରୂପାନ୍ତର କାର୍ଯ୍ୟ ରାମ, ସୀତା, କୃଷ୍ଣ ବା ହନୁମାନ୍‌ଙ୍କ ଦ୍ୱାରା ନହେଲେ ମଧ୍ୟ ସେମାନେ ଅତିମାନସ ରାଜ୍ୟରେ ପହଞ୍ଚିବାରେ ସାହାଯ୍ୟ କରିପାରିବେ କି ନାହିଁ ? ବେଦ ଏବଂ ଉପନିଷଦର ଋଷିମାନଙ୍କ ଅଭିଜ୍ଞତାର ପରିପ୍ରେକ୍ଷୀରେ କୁହାଯାଏ ଯେ ଦେବତାମାନେ ସାଧାରଣତଃ କେହି ସେମାନଙ୍କୁ ଅତିକ୍ରମ କରି ଉପରକୁ ଉଠି ଯାଆନ୍ତୁ, ଏହା ଚାହାନ୍ତି ନାହିଁ । କୌଣସି କୌଣସି ଦେବତା କିପରି ସାଧକମାନଙ୍କର ଅଗ୍ରଗତିକୁ ରୋଧକରି ରଖିଛନ୍ତି, ତା'ର ବର୍ଣ୍ଣନା ଋଗ୍‌ବେଦରେ ରହିଛି । ଉପନିଷଦ୍ ମତରେ ମଣିଷ କାଳେ ବେଶୀ ଜାଣିଯିବ, ଏହି ଆଶଙ୍କାରେ ଦେବତାମାନେ ଖୁବ୍ ଉଦ୍‌ବିଗ୍ନ ଥାଆନ୍ତି । ଅବଶ୍ୟ ଆନ୍ତରିକତା ଓ ଇଚ୍ଛାଶକ୍ତି ବଳରେ ଗୋଟିଏ ପରେ ଗୋଟିଏ ସିଦ୍ଧିର ଦ୍ୱାର ପାର ହୋଇଯିବା ଅସମ୍ଭବ ନୁହେଁ, କିନ୍ତୁ ତାହା ସମସ୍ତଙ୍କ ପାଇଁ ନୁହେଁ, ଅସାଧାରଣ ଶକ୍ତିସମ୍ପନ୍ନ ସାଧକମାନେହିଁ କେବଳ ତାହା କରିପାରନ୍ତି । କୌଣସି କୌଣସି ଉଦାର-ଭାବାପନ୍ନ ଦେବତା ମଧ୍ୟ ସେଥିରେ ସାହାଯ୍ୟ କରିପାରନ୍ତି । କିନ୍ତୁ ସାଧାରଣତଃ ଏପରି ହୁଏ ନାହିଁ । ଏଗୁଡ଼ିକ ହେଲା ସାଧାରଣ ନିୟମର ବ୍ୟତିକ୍ରମ ।

ତେବେ ସାଧାରଣ ମନୁଷ୍ୟର କର୍ତ୍ତବ୍ୟ କ'ଣ – ଏହା ଥିଲା ଶେଷ ପ୍ରଶ୍ନ । ସେମାନେ ବଂଶପରମ୍ପରାଗତ କୁଳଦେବତାଙ୍କୁହିଁ ପୂଜା କରନ୍ତି । ହଠାତ୍ ସେମାନଙ୍କୁ ଅଗ୍ରାହ୍ୟ କରି ନୂତନ ଦେବତା ଗ୍ରହଣ କରିବା କଥା ସେମାନଙ୍କୁ କୁହାଯାଇପାରେ ନାହିଁ । ଅଭ୍ୟସ୍ତ ପଥରେହିଁ ସେମାନଙ୍କୁ ଚଳାଇବାକୁ ହେବ – ଏହି ଆଶା ରଖି ଯେ ଅଭିଜ୍ଞତା ଫଳରେ କିଂବା ନୂତନ ଚିନ୍ତାର ପ୍ରଭାବରେ ଧୀରେ ଧୀରେ ସେମାନଙ୍କର ପରିବର୍ତ୍ତନ ହେବ ।

ଶ୍ରୀଅରବିନ୍ଦ ପରିଷ୍କାର ଭାବରେ କହି ନାହାନ୍ତି କି, ସତ୍ୟକୁ ଅନ୍ୟ ଉପରେ ଲଦି ଦେବାରେ ସେ ବିଶ୍ୱାସୀ ନୁହନ୍ତି ? ଯେଉଁମାନଙ୍କର ଜିଜ୍ଞାସା ଜାଗିଛି, ବର୍ତ୍ତମାନର ଉପାୟଗୁଡ଼ିକ ଯେଉଁମାନଙ୍କୁ ଅପ୍ରତୁଳ ମନେ ହେଉଛି, ସେମାନଙ୍କ ଅନ୍ତରର

*(ଅବଶିଷ୍ଟାଂଶ ପୃଷ୍ଠା ୪୪ରେ ଦେଖନ୍ତୁ)*

# ଭବିଷ୍ୟତର ଆହ୍ୱାନ

## ଶ୍ରୀ ପ୍ରପତ୍ତି

ଶ୍ରୀଅରବିନ୍ଦ ମାନବଜାତିର କଲ୍ୟାଣାର୍ଥେ ଯାହା କରି ଯାଇଛନ୍ତି, ତାହା କେହି କେବେ କଳ୍ପନା କରି ପାରିବେ ନାହିଁ । ସେ ଚାହିଁଛନ୍ତି ପୃଥିବୀପୃଷ୍ଠରେ ଏକ ନୂତନ ମାନବଜାତି, ନୂତନ ସମାଜ, ଏକ ନୂତନ ସୃଷ୍ଟି । ଏହି ନୂତନ ସୃଷ୍ଟି ଏକ ନୂତନ ଚେତନାର ପ୍ରତିଷ୍ଠା ଦ୍ୱାରାହିଁ ସମ୍ଭବ ହେବ । ଏହି ନୂତନ ଚେତନାର ସକ୍ରିୟତା, ଅର୍ଥାତ୍ ପରିଚାଳନା ଓ ନିୟନ୍ତ୍ରଣ ଏବଂ କାର୍ଯ୍ୟକାରିତା ଉପରେ ସବୁକିଛି ନିର୍ଭର କରେ । ଏହି ଚେତନାର ଆବିର୍ଭାବ ବିଶ୍ୱସୃଷ୍ଟିର ବିବର୍ତ୍ତନଧାରାରେ ଅବଶ୍ୟମ୍ଭାବୀ । ଏହା ଯେକୌଣସି ବ୍ୟକ୍ତି ଯୁକ୍ତି ଓ ଚିନ୍ତା ସାହାଯ୍ୟରେ ଉପଲବ୍ଧି ଓ ନିର୍ଦ୍ଧାରଣ କରି ପାରିବ । ଯଥାର୍ଥରେ ଏହି ଚେତନାର ସ୍ୱରୂପ କ'ଣ, କାହିଁକି ଏହାର ପ୍ରକାଶ ପୃଥିବୀରେ କ୍ରମୋତ୍ତରଣ ପଥରେ ଅବଶ୍ୟମ୍ଭାବୀ ଏବଂ ଏହା ପ୍ରତିଷ୍ଠିତ ହେଲେ କି କି ବିଶେଷ ପରିବର୍ତ୍ତନ ହେବ,– ଏ ସମ୍ବନ୍ଧରେ ଶ୍ରୀଅରବିନ୍ଦ ତଦୀୟ 'ଦିବ୍ୟଜୀବନ' ଗ୍ରନ୍ଥ ଓ ଅନ୍ୟାନ୍ୟ ବହୁ ପୁସ୍ତକରେ ବିସ୍ତୃତଭାବେ ଆଲୋଚନା କରିଛନ୍ତି । ଆମ୍ଭେମାନେ ଯେଉଁ ନୂତନ ଭବିଷ୍ୟତ୍ ଦିଗରେ ଅଗ୍ରସର ହେଉଛୁ, ଯେଉଁ ଭବିଷ୍ୟତର ବିଷୟ ଶ୍ରୀଅରବିନ୍ଦ ବାରଂବାର ଘୋଷଣା କରିଛନ୍ତି, ତାହା ହେଲା ଏହି ଅତିମାନସ ସୃଷ୍ଟି ।

ଚେତନାହିଁ ଶକ୍ତି, ସାମର୍ଥ୍ୟ, ତେଜ ଏବଂ ଏହା ସୂକ୍ଷ୍ମ ଓ ସ୍ଥୂଳର ମୂଳ ତତ୍ତ୍ୱ ଓ ସୃଷ୍ଟିର ଆଦିମ ରହସ୍ୟ । ସକଳ ସୃଷ୍ଟିର ମୂଳରେ ଏହି ଚେତନାହିଁ ବିଦ୍ୟମାନ । ଜଡ଼, ପ୍ରାଣ ଓ ମନ ଏହି ସାର୍ବଭୌମ ଚେତନାର ବିଭିନ୍ନ ପାହାଚ । ବର୍ତ୍ତମାନ ଜଗତରେ ମନହିଁ ହେଲା ପ୍ରକାଶିତ ଚେତନାର ସର୍ବୋଚ୍ଚ ଭୂମି । ଅନ୍ୟ କଥାରେ ମନ ବିବର୍ତ୍ତମାନ ଚେତନାର ବର୍ତ୍ତମାନହିଁ ସର୍ବୋଚ୍ଚ ଭୂମି । କିନ୍ତୁ ଏହି ଅବସ୍ଥାରେ ଚେତନା ଖଣ୍ଡିତ, ଅର୍ଦ୍ଧସ୍ଫୁଟ, ଅପରିଣତ ଓ ଅବିକଶିତ । ମନ ପୂର୍ଣ୍ଣ ଚେତନାର ଭୂମି ନୁହେଁ । ମନରେ ପୂର୍ଣ୍ଣ ଜ୍ୟୋତିର୍ମୟତା ନାହିଁ । ସ୍ୱଚ୍ଛତା, ଦୀପ୍ତତା ବା ସ୍ପଷ୍ଟତା ମଧ୍ୟ ନାହିଁ । ସେଥିପାଇଁ ମନର ଯୁକ୍ତିବୁଦ୍ଧି, ବିଚାର ଓ ମନୀଷା ପ୍ରାଣଶକ୍ତି ଉପରେ ପ୍ରଭାବ ବିସ୍ତାର କରିପାରେ ନାହିଁ । ପ୍ରାଣ ଆହୁରି ଅପରିଣତ, ଦୁର୍ଦ୍ଦାନ୍ତ ଓ ଅସଂସ୍କୃତ ହୋଇ ପଡ଼ି ରହେ । ମନର ଉର୍ଦ୍ଧ୍ୱରେ ରହିଛି ବହୁ ବିଭିନ୍ନ ଭୂମି – ପୂର୍ଣ୍ଣ ଚେତନାର ଦିଗରେ ବିଭିନ୍ନ ପାବଚ୍ଛ । ଏହିସବୁ ସୋପାନଗୁଡ଼ିକ ନିର୍ଣ୍ଣୟ କରି ଶ୍ରୀଅରବିନ୍ଦ ଉଲ୍ଲେଖ କରିଛନ୍ତି ଯେ ପୂର୍ଣ୍ଣ ଚେତନା, ପୂର୍ଣ୍ଣ ଜ୍ଞାନ, ପୂର୍ଣ୍ଣ ଆନନ୍ଦ ଓ ପୂର୍ଣ୍ଣ ଶକ୍ତିରେ ପ୍ରବେଶ କରିବା ପୂର୍ବରୁ ଏହିସବୁ ଭୂମିଗୁଡ଼ିକୁ ଅତିକ୍ରମ କରିବା ଅନିବାର୍ଯ୍ୟ । କିନ୍ତୁ ବିବର୍ତ୍ତନରେ ଏହି ବିଭିନ୍ନ ସ୍ତରସମୂହର କ୍ରିୟାବଳୀ କିଛି ଦେଖିବାକୁ ମିଳେ । ଏହି ସ୍ତରଗୁଡ଼ିକ ହେଲା ଉଚ୍ଚତର ମାନସ, ପ୍ରଦୀପ୍ତ ମାନସ, ବୋଧି ମାନସ, ଅଧିମାନସ ଓ ଅତିମାନସ । ଅର୍ଥାତ୍, ମନୋଭୂମି ପରେ ପରେ ଏବଂ ଅତିମାନସ (Supermind)ରେ ପହଞ୍ଚିବା ପୂର୍ବରୁ ଚାରୋଟି ପର୍ଯ୍ୟାୟ ଦେଖିବାକୁ ମିଳେ,– ତାହାହିଁ ହେଲା ଉଚ୍ଚତର ମାନସ, ପ୍ରଦୀପ୍ତ ମାନସ, ବୋଧି ମାନସ ଏବଂ ଅଧିମାନସ । ବର୍ତ୍ତମାନ ପୃଥିବୀରେ ସର୍ବୋଚ୍ଚ ଅଧ୍ୟାତ୍ମଚେତନା ରୂପେ ଅଧିମାନସ ଚେତନାହିଁ ରହିଛି । ଅଧିମାନସ ଭୂମି ହେଲା ଦେବ-ଦେବୀମାନଙ୍କର ଭୂମି; ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, କାଳୀ ଏବଂ ଦୁର୍ଗା ପ୍ରଭୃତି ଏହି ଭୂମିର ଦେବତା । କିନ୍ତୁ ଅତିମାନସ ଏହାଠାରୁ ଉଚ୍ଚତର ଭୂମି, ଏଠାରେ ପୂର୍ଣ୍ଣ ଚେତନା, ପୂର୍ଣ୍ଣ ଶକ୍ତି, ପୂର୍ଣ୍ଣ ଜ୍ଞାନ ଓ ପୂର୍ଣ୍ଣ ଆନନ୍ଦ ଅବସ୍ଥିତ । ଏହି ଭୂମିର ଅବତରଣ ଫଳରେ ଅର୍ଥାତ୍ ପୃଥିବୀରେ ଏହି ଚେତନାକୁ ଯଦି ପ୍ରତିଷ୍ଠା କରାଯାଇପାରେ ତେବେ ବର୍ତ୍ତମାନ ସୃଷ୍ଟିର ଏକ ଆମୂଳଚୂଳ ପରିବର୍ତ୍ତନ ହେବ । ବର୍ତ୍ତମାନ ମନୁଷ୍ୟ ଯାହା,– ଅର୍ଥାତ୍ ତାହାର ସ୍ୱଭାବ, କର୍ମ ଓ ଅଭ୍ୟାସ ତାହାର ଖଣ୍ଡିତ ଚେତନାର ଅନୁପାତରେ ଯେପରି ତିଆରି ହୋଇଛି ତାହାର ପରିବର୍ତ୍ତନ ହେବ ।

ମନୁଷ୍ୟର ବ୍ୟକ୍ତିତ୍ୱର ମୂଳରେ ତାହାର ଚେତନାହିଁ ବିଦ୍ୟମାନ । ତାହା ମଧ୍ୟରେ ଚେତନାର ବହୁ ବିଭିନ୍ନ ସ୍ତର ରହିଛି । ଏହି ଚେତନାକୁ ଯଦି ଉଜ୍ଜ୍ୱଳ, ସ୍ୱଚ୍ଛ, ସାର୍ବଭୌମ ଓ ଈଶ୍ୱରାଭିମୁଖୀ କରାଯାଇପାରେ, ଜୀବନର ପଟ୍ଟଭୂମିର ପରିବର୍ତ୍ତନ ସଙ୍ଗେ ସଙ୍ଗେ ଅଭ୍ୟାସ ଓ କର୍ମରାଜିର ପରିବର୍ତ୍ତନ ହେବ ଏବଂ ଧୀରେ ଧୀରେ ସମଗ୍ର ଆନ୍ତର ଚେତନାର ପ୍ରବାହ ପରିବର୍ତ୍ତିତ ହୋଇ ପ୍ରାଣ ଓ ମନ ପରିଶୁଦ୍ଧ, ସଂଯତ ହୋଇ ରୂପାନ୍ତରିତ ମଧ୍ୟ ହୋଇଯାଇ ପାରିବ । ପୂର୍ଣ୍ଣ ଚେତନାର ପ୍ରକ୍ରିୟା ଦିବ୍ୟ, ଆଧ୍ୟାତ୍ମିକ, ଶୁଦ୍ଧ ଓ ଜ୍ୟୋତିର୍ମୟ । ଯଦି ବର୍ତ୍ତମାନ ଜୀବନ ଓ କର୍ମ ମଧ୍ୟରେ ଏହି ଚେତନାର ସମ୍ପର୍କ ସ୍ଥାପିତ ହୋଇପାରେ ଏବଂ ଏହି ଚେତନାର ପ୍ରଭାବକୁ ଅଣାଯାଇ ବର୍ତ୍ତମାନ ଅପୂର୍ଣ୍ଣ,

ଖଣ୍ଡିତ ଓ ଦ୍ୱିଧାଯୁକ୍ତ ଚେତନାର ସ୍ଥାନରେ ସ୍ଥାପନା କରାଯାଇ ପାରେ, ତେବେ ମନୁଷ୍ୟର ଜୀବନଧାରା ଏବଂ ତତ୍ ସଙ୍ଗେ ସଙ୍ଗେ ସମଗ୍ର ସୃଷ୍ଟିର ମଧ୍ୟ ପରିବର୍ତ୍ତନ ହେବ । ଶ୍ରୀଅରବିନ୍ଦ କହୁଛନ୍ତି ଯେ ଏହି ନୂତନ ଚେତନାର ଆବିର୍ଭାବ ଫଳରେ ମାନବଜୀବନ ଜରା, ରୋଗ ଓ ମୃତ୍ୟୁର ଅଧୀନରୁ ମୁକ୍ତ ହୋଇ ଅମରତ୍ୱ ଲାଭ କରିବ ଏବଂ ତାହାହିଁ ହେବ ଦିବ୍ୟଜୀବନ । ଏହି ନୂତନ ଦିବ୍ୟଜୀବନ ପ୍ରତିଷ୍ଠିତ ହେବ ଅତିମାନସର ପ୍ରକ୍ରିୟା ଫଳରେ । ବର୍ତ୍ତମାନର ମନୁଷ୍ୟ ବି ପରିବର୍ତ୍ତିତ ହୋଇପାରିବ ଏବଂ ନୂତନଭାବେ ଦେବ-ମାନବର ମଧ୍ୟ ଆବିର୍ଭାବ ହୋଇପାରିବ । ଶ୍ରୀଅରବିନ୍ଦ ଏହିସବୁ ବିଷୟ ''ପୃଥିବୀପୃଷ୍ଠରେ ଅତିମାନସର ଅବତରଣ'' (The Supermental Manifestation upon Earth) ନାମକ ପୁସ୍ତକରେ ଆଲୋଚନା କରିଛନ୍ତି ।

ସୁତରାଂ ଶ୍ରୀଅରବିନ୍ଦ ଯେଉଁ ନୂତନ ମାନବଜାତିର କଥା କହୁଛନ୍ତି ତାହା ଏକ ସମ୍ପୂର୍ଣ୍ଣ ନୂତନ ସୃଷ୍ଟି, ତାହା ନୈତିକ ବା ଧର୍ମପ୍ରାଣ, ଅଳ୍ପ-ବେଶୀ ଅଧ୍ୟାତ୍ମଭାବସମ୍ପନ୍ନ ବ୍ୟକ୍ତି ନୁହେଁ, ତାହା ପୂର୍ଣ୍ଣ ରୂପାନ୍ତରିତ ଦିବ୍ୟପୁରୁଷ । ଅବଶ୍ୟ ଏପରି ଏକ ମନୁଷ୍ୟର ଆବିର୍ଭାବ ପୂର୍ବରୁ ଏକ ମଧ୍ୟବର୍ତ୍ତୀ ସ୍ତର ଦେଖାଦେବ । ଏହି ଅବସ୍ଥାରେ ମନୁଷ୍ୟର ଚେତନାରେ ପରିବର୍ତ୍ତନ ହୋଇଥିଲେ ମଧ୍ୟ ବାହାରେ ବିଶେଷ କିଛି ପରିବର୍ତ୍ତନ ଦେଖାଦେବ ନାହିଁ । ଅବଶ୍ୟ ସେ ଦୀର୍ଘାୟୁ, ସ୍ୱାସ୍ଥ୍ୟବାନ୍, ନୀରୋଗ ଓ ଶୁଦ୍ଧ ପ୍ରାଣ ଓ ଜ୍ୟୋତିର୍ମୟ ମନର ଅଧିକାରୀ ହେବ । ତା'ର ଶାରୀରିକ, ପ୍ରାଣିକ ଓ ମାନସିକ ସତ୍ତା ଓ ତତ୍ତ୍ୱ ବହୁଭାବରେ ପରିବର୍ତ୍ତିତ ହେବା ଫଳରେ ଆଗାମୀ କାଳର ଏକ ନୂତନ ମାନବଜାତି ଆବିର୍ଭୂତ ହେବାର ପଥ ପରିଷ୍କାର ହେବ ।

କିନ୍ତୁ ଏହି କାର୍ଯ୍ୟ ସମ୍ଭବ ହେବ କେଉଁ ଉପାୟରେ ? କିପରି ଭାବରେ ମନୁଷ୍ୟ ଏହି ନୂତନ ପରିବର୍ତ୍ତନ ଦିଗରେ ଅଗ୍ରସର ହେବ । ନୂତନ ସମାଜ ପ୍ରତିଷ୍ଠାର ଅର୍ଥହିଁ ନୂତନ ତତ୍ତ୍ୱରେ ଗଠିତ ନୂତନ ମନୁଷ୍ୟର ଆବିର୍ଭାବ ।

ଏହି ମହାନ୍ କାର୍ଯ୍ୟର ଦୁଇଟି ଦିଗ ଅଛି । ସାର୍ବଜନୀନ ବିଶ୍ୱ ପ୍ରକୃତିର ଏକ ପ୍ରକ୍ରିୟା ଚାଲିଛି ଯାହା କ୍ରମୋନ୍ନତି ପଥରେ ମନୁଷ୍ୟକୁ ଧୀରେ ଧୀରେ ନେଇଯାଉଛି । କିନ୍ତୁ ଏହି ଗତିଧାରା ଅତ୍ୟନ୍ତ ଶିଥିଳ, ବକ୍ର ଓ କୁଟିଳ । ଏହାହିଁ ପ୍ରାକୃତିକ ବିବର୍ତ୍ତନ । ଏହି ବିବର୍ତ୍ତନର ଧାରାକୁ ତ୍ୱରାନ୍ୱିତ, ସରଳ ଓ ସୁସ୍ପଷ୍ଟ କରାଇବା ନିମିତ୍ତ ଦିବ୍ୟ-ଅତିମାନସ ଶକ୍ତିର ଅବତରଣ ଘଟିଲା । ଏହି ଅବତରଣ ଫଳରେ ବିଶ୍ୱପ୍ରକୃତି ମଧ୍ୟରେ; ଅଜ୍ଞାନ, ଅନ୍ଧକାର ଓ ତାମସ ମଧ୍ୟରେ ଏକ ସର୍ବସାମର୍ଥ୍ୟଯୁକ୍ତ, ସ୍ୱୟମ୍ଭୂ ପରମା ଜ୍ୟୋତିର୍ମୟୀ ଶକ୍ତିର ଆବିର୍ଭାବ ଫଳରେ ଅକଳ୍ପନୀୟ ପରିଣାମ ଦେଖାଦେବ । ପ୍ରଥମତଃ, ପାର୍ଥିବ ପ୍ରକୃତି ଏହି ପୂର୍ଣ୍ଣ ଜ୍ଞାନମୟୀ ଦିବ୍ୟଶକ୍ତିର ଭାର ବହନ ନକରି ପାରି ଏହାକୁ ପ୍ରତ୍ୟାଖ୍ୟାନ କରିବ । ଏହାହିଁ ଅନେକ ପରିମାଣରେ ବ୍ୟକ୍ତିଗତ ଓ ବିଶ୍ୱଗତ ଜୀବନରେ ଘଟିଛି । ସାଧାରଣତଃ ଆମ୍ଭେମାନେ ଦିବ୍ୟପ୍ରକୃତିର ଭାର ବହନ କରିବାକୁ ଅସ୍ୱୀକାର କରୁ । ଏହା ଦ୍ୱାରା ଆମର ଚିରାଚରିତ ଅଭ୍ୟାସ ଓ ଜୀବନଯାତ୍ରାରେ ବହୁ ବସ୍ତୁକୁ ବର୍ଜନ କରିବାକୁ ପଡ଼େ ।

ସେଥିପାଇଁ ଆବଶ୍ୟକ ସର୍ବାଦୌ ଏକ ସ୍ଥିର, ଅଟଳ ଓ ଦୃଢ଼ ସଂକଳ୍ପ । ଏହି ସଂକଳ୍ପହିଁ ହେଲା ସତ୍ତାର – ସମଗ୍ର ସତ୍ତାର କେନ୍ଦ୍ରୀୟ ଊର୍ଦ୍ଧ୍ୱଗାମୀ ଅଭୀପ୍ସା । ଏହି ଅଭୀପ୍ସା ଯଦି ବଳବତ୍ତର ହୁଏ ଏବଂ ମନୁଷ୍ୟ ଚତୁଃପାର୍ଶ୍ୱସ୍ଥ ଦିବ୍ୟଶକ୍ତିକୁ ଯଥାର୍ଥରେ ବରଣ କରିବାକୁ ପ୍ରସ୍ତୁତ ହୁଏ, ତେବେ ଭାଗବତୀ ଶକ୍ତିର କ୍ରିୟା ଆରମ୍ଭ ହୁଏ ଏବଂ ସେହି ଚିରାଚରିତ ବ୍ୟକ୍ତିତ୍ୱ ନୂତନ ଭାବରେ ଗଢ଼ିଉଠେ । ଏହାହିଁ ନବଜନ୍ମ, ନୂତନ କେନ୍ଦ୍ର ଓ ନୂତନ ଚେତନାର ଭିତ୍ତିସ୍ଥାପନ ।

ବର୍ତ୍ତମାନ ଜଗତ ଏହିପରି ଏକ ବିପୁଳ ପରିବର୍ତ୍ତନର ସମ୍ମୁଖୀନ ହୋଇଛି । ଦିବ୍ୟ-ଅତିମାନସ ଶକ୍ତିର କ୍ରିୟା ଫଳରେ ଏକ ନୂତନ ସୃଷ୍ଟିର ସମ୍ଭାବନା ଦେଖା ଦେଇଛି । ସେଥିପାଇଁ ଏପରି ଏକ ଅବ୍ୟବସ୍ଥା, ବିଶୃଙ୍ଖଳା ଓ ବିକ୍ଷୋଭ ଦେଖା ଦେଇଛି । କୌଣସି ନୂତନ ପରିସ୍ଥିତି ଦେଖାଦେବା ପୂର୍ବରୁ ଏହିପରି ବାରମ୍ବାର ଘଟେ । ଯେଉଁ ସାମୂହିକ ଓ ଗୋଷ୍ଠୀଗତ ଓ ବ୍ୟଷ୍ଟିଗତ ପରିବର୍ତ୍ତନ ହେବ ତାହା ବିରାଟ ସାହସିକତା ଓ ବୀରତ୍ୱ ଉପରେ ନିର୍ଭର କରିବ ।

"Blessed are those who take a leap towards the Future."

(CWM, Vol. 15, p. 175) – The Mother

''ସେହିମାନେହିଁ ଆଶୀର୍ବାଦର ପାତ୍ର ଯେଉଁମାନେ ଏହି ଭବିଷ୍ୟତ୍ ଦିଗରେ ଲମ୍ଫ ପ୍ରଦାନ କରନ୍ତି ।''

– ଶ୍ରୀମା

ଭବିଷ୍ୟତର ଆହ୍ୱାନ ହିଁ (The challenge of the Future) ବର୍ତ୍ତମାନର ସମସ୍ୟା ।

ଯଦି ବର୍ତ୍ତମାନ ମନୁଷ୍ୟ ଏହି ଭବିଷ୍ୟତ୍ ସମସ୍ୟାର ସମ୍ମୁଖୀନ ହୋଇପାରିବ ଏବଂ ଆଗାମୀ କାଳର ଦାବିକୁ ପୂରଣ

କରିପାରିବ, ତେବେ ସେ ବଞ୍ଚିବ, ନଚେତ୍ ଡୁବିଯିବ, ଲୀନ ହୋଇଯିବ । କି ବିଶାଳ, ମହାନ୍, ବିରାଟ ଓ ଅକଳ୍ପନୀୟ ଏହି ଦିବ୍ୟସୃଷ୍ଟି ! ଏହି ନୂତନ ପରିବର୍ତ୍ତନ ! ଯେଉଁମାନେ ଏହି ପରିବର୍ତ୍ତନର ସମ୍ମୁଖୀନ ହେବେ ସେମାନଙ୍କୁ ଐକାନ୍ତିକତା (Sincerity)ର ଅଗ୍ନିରେ ବାରମ୍ବାର ଝାସ ଦେବାକୁ ହେବ । ଏହା ହେଉଛି ସୁବର୍ଣ୍ଣର ସୃଷ୍ଟି ଏବଂ ଯେପର୍ଯ୍ୟନ୍ତ ମନୁଷ୍ୟ-ବ୍ୟକ୍ତିତ୍ୱ ଶୁଦ୍ଧ ସୁବର୍ଣ୍ଣରେ ପରିଣତ ନ ହୋଇଛି ସେପର୍ଯ୍ୟନ୍ତ ଅଗ୍ନିରେ ପୋଡ଼ିବା ଓ ଝାଳିହେବା ଆବଶ୍ୟକ ନୁହେଁ ବରଂ ଅନିବାର୍ଯ୍ୟ ଓ ଅବଶ୍ୟମ୍ଭାବୀ । ସମଗ୍ର ପୃଥିବୀ ଏହି ଅଗ୍ନି ପରୀକ୍ଷାରୁ ଉତ୍ତୀର୍ଣ୍ଣ ହେବ ।

ଆଜି ସ୍ଥିର, ଧୀର ଏବଂ ଏକାନ୍ତ ନିଷ୍ଠା, ବିନମ୍ରତା ସହ ଯଦି ମନୁଷ୍ୟ ଚାହେଁ ସେହି ନୂତନ ସୁବର୍ଣ୍ଣ ସୃଷ୍ଟିର ଅଧିକାରୀ ହେବାକୁ ତେବେ ସେ ନିଜକୁ ଏହି ଦେବ-ମୁହୂର୍ତ୍ତରେ ସମ୍ପୂର୍ଣ୍ଣ ରୂପେ ଉତ୍ସର୍ଗ କରିବା ବିଧେୟ । ✤

---

*(ପୃଷ୍ଠା ୪୧ର ଅବଶିଷ୍ଟାଂଶ)*

ଦାବି ପୂରଣ କରିପାରୁ ନାହିଁ, ଯେଉଁମାନଙ୍କର ବର୍ତ୍ତମାନ ଧର୍ମ ଓ ଧର୍ମୀୟ ଅନୁଷ୍ଠାନଗୁଡ଼ିକୁ, ଜୀବନର ବର୍ତ୍ତମାନ ଆଦର୍ଶକୁ ଆଉ ଜୀବନ୍ତଶକ୍ତି ବୋଲି ମନେହେଉ ନାହିଁ, ସେମାନେ ବୃହତ୍ତର ଗୋଟିଏ ନୂତନ ସତ୍ୟର ଅନୁସନ୍ଧାନ କରିବାକୁ ବାଧ୍ୟ । କେବଳ ଆଦର୍ଶ କ'ଣ, ତାହାର ଉପଲବ୍ଧିର ବାଟ କ'ଣ, ଏ ସାଧନାରେ ଅଦ୍ୟାବଧି କ'ଣ ଫଳ ମିଳିଛି, କେବଳ ଏହିସବୁ କଥା ଜଣାଇବା ମଧ୍ୟରେହିଁ ପ୍ରଚାର କାର୍ଯ୍ୟକୁ ସୀମାବଦ୍ଧ ରଖିବାକୁ ହେବ । ମାନବ ଜୀବନକୁ ଦିବ୍ୟଜୀବନରେ ରୂପାନ୍ତରିତ କରିବାର ଯେଉଁ ଆଦର୍ଶ ଏବଂ ସିଦ୍ଧିର ଯେଉଁ ଉପାୟ ଶ୍ରୀଅରବିନ୍ଦ ଓ ଶ୍ରୀମା ଦେଖାଇଛନ୍ତି, ଲୋକମାନେ ତାହା ଜାଣିବାକୁ, ବୁଝିବାକୁ ଓ ଅଭ୍ୟାସ କରିବାକୁ ଚାହିଁଲେ, ତାହା ଯେପରି କରିପାରନ୍ତି ତା'ର ବ୍ୟବସ୍ଥା କରିବା ଓ ସୁଯୋଗ ସୃଷ୍ଟି କରିବା ହେବ କେନ୍ଦ୍ରଗୁଡ଼ିକର କାର୍ଯ୍ୟ । ଗୋଟିଏ ଗୋଟିଏ କେନ୍ଦ୍ରରେ ଗୋଟିଏ ଲୋକ ବି ଯଦି ଆନ୍ତରିକଭାବେ ଏ ପଥରେ ଜୀବନ ଉତ୍ସର୍ଗ କରିଥା'ନ୍ତି, ନିରହଂକାର ଓ ଶୁଭେଚ୍ଛା-ପରାୟଣ ହୋଇ ମାଆଙ୍କର ଆଲୋକକୁ ହୃଦୟରେ ଧାରଣ କରିପାରନ୍ତି, ତେବେ ତାହାହିଁ ଗୋଟିଏ କେନ୍ଦ୍ରକୁ ବିଶିଷ୍ଟ କରି ତୋଳିବା ପକ୍ଷରେହିଁ ଯଥେଷ୍ଟ । ସେହି ହେବେ ଏକ ପ୍ରଦୀପ, ଯେକି ଆଉ ସବୁ ପ୍ରଦୀପକୁ ଜଳାଇ ଦେଇପାରିବେ । ସ୍ୱଭାବତଃହିଁ ଏସବୁ ହେଲା ସେହିମାନଙ୍କ ପାଇଁ, ଯେଉଁମାନେ ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କର ଶିକ୍ଷା, ଦିବ୍ୟଜୀବନର ଯୋଗ ଜୀବନରେ ଗ୍ରହଣ କରିବେ ।

ଏହାର ପୁଣି ଅନ୍ୟ ଦିଗ ମଧ୍ୟ ରହିଛି, ଯାହା ସମଗ୍ର ମାନବଜାତିକୁ, ତା'ର ସମାଜ, ରାଷ୍ଟ୍ର, କୃଷ୍ଟି, ନୀତିଜ୍ଞାନ ଇତ୍ୟାଦି ସର୍ବ ସ୍ତରରେ ସ୍ପର୍ଶ କରେ ଏବଂ ଯେକୌଣସି ଲୋକ ତା'ର ବର୍ତ୍ତମାନର ସ୍ଥିତାବସ୍ଥାର ବିପର୍ଯ୍ୟୟ ନଘଟାଇ ତଦ୍ୱାରା ତା'ର ଜୀବନକୁ ଆଲୋକିତ କରିପାରେ ।

(ଲେଖକଙ୍କର 'Life Behind Life' ପୁସ୍ତକର 'Gods and our Sadhana' ନାମକ ପ୍ରବନ୍ଧର ଅନୁବାଦ ।) ✤

---

ଆମେ କୌଣସି ସମ୍ପ୍ରଦାୟ, କୌଣସି ଧର୍ମ ବିରୋଧରେ ସଂଘର୍ଷ କରୁନା ।
ଆମେ କୌଣସି ସରକାର ବା ଶାସନ ବ୍ୟବସ୍ଥା ବିରୋଧରେ ସଂଘର୍ଷ କରୁନା ।
ଆମେ କୌଣସି ସାମାଜିକ ଶ୍ରେଣୀ ବିରୋଧରେ ସଂଘର୍ଷ କରୁନା ।
ଆମେ କୌଣସି ଦେଶ, ଜାତି ବା ସଭ୍ୟତା ବିରୋଧରେ ସଂଘର୍ଷ କରୁନା ।
ଆମେ ସଂଘର୍ଷ କରୁ ବିଭାଜନ, ଅଚେତନା, ଅଜ୍ଞାନତା, ଜଡ଼ତା ଓ ମିଥ୍ୟାଚାର ବିରୋଧରେ ।

— ଶ୍ରୀମା

# ଉଦ୍‌ଭ୍ରାନ୍ତ ସ୍ୱର୍ଣ୍ଣକାତରତା

## ଶ୍ରୀ ମନୋଜ ଦାସ

''ଜେଜେ !'' ବଡ଼ ସରାଗରେ ବୃଦ୍ଧଙ୍କ ପାଖକୁ ଭିଡ଼ିଯାଇ ପ୍ରଶ୍ନ କଲା ନାତି, ''ତୁମେ ରାତିରେ ତୁମ ଦାଢ଼ିକୁ ଚାଦର ତଳେ ରଖ୍ ନା ତା' ଉପରେ ରଖ୍ ଶୋଇଥାଅ ?''

ବାସ୍, ରାତିରେ ବୃଦ୍ଧଙ୍କ ନିର୍ବିଘ୍ନ ନିଦ୍ରାର ଇତିହାସରେ ଦେଖାଦେଲା ସଙ୍କଟ । ସତରେ, ସେ କ'ଣ କରନ୍ତି ? କ'ଣ କରିବା ସମୀଚୀନ – ଦାଢ଼ୀକୁ ଚଦର ଉପରେ ଭସାଇ ରଖିବା ନା ତଳେ ନିମଗ୍ନ ରଖିବା ? ବିଚରା ଭଦ୍ରଲୋକଙ୍କୁ କଦାପି ବିବ୍ରତ କରି ନଥିଲା ଏ ପ୍ରଶ୍ନ ।

ରାଜସ୍ଥାନର ସରକାରୀ ଆରୋଗ୍ୟ ନିକେତନ ସମୂହରେ ଚିକିତ୍ସାଧୀନ ଥିବା ଆସନ୍ନ-ପ୍ରସବା ମହିଳାମାନଙ୍କ ମଧ୍ୟରୁ କେତେକଙ୍କୁ ମଧ୍ୟ ଅଦ୍ୟାବଧି ବିବ୍ରତ କରି ନଥିଲା ଏ ଅଜବ ପ୍ରଶ୍ନ : ସବୁଦିନ ସେମାନେ ଶୁଣୁଥିବା ଏବଂ ଶୁଣିବା ଫଳରେ ସେମାନଙ୍କ ଯନ୍ତ୍ରଣା ଲାଘବ ହେଉଛି ବୋଲି ହୃଦୟଙ୍ଗମ କରୁଥିବା ସଙ୍ଗୀତର ଜାତି କ'ଣ ? ତାହା ଶୁଣି ସେମାନେ ଯେଉଁ ପ୍ରଶାନ୍ତି ଅନୁଭବ କରୁଥିଲେ, ତାହା ବାସ୍ତବ ନା ଭ୍ରାନ୍ତି ? ତାହା ଧର୍ମ-ନିରପେକ୍ଷ ଧ୍ୱନି ନା ହିନ୍ଦୁ ଧ୍ୱନି ?

କଥା ହେଲା, ସେ ରାଜ୍ୟର ଆରୋଗ୍ୟ ନିକେତନ ସମୂହରେ ଅତୀବ ମୃଦୁମଧୁର ଯନ୍ତ୍ରବାଦ୍ୟ ସମାହାରେ ଗାୟତ୍ରୀ ମନ୍ତ୍ର ପରିବେଷଣ କରାଯାଉଥିଲା । ବିଶ୍ୱାସ କରିବାର ଯଥେଷ୍ଟ କାରଣ ଥିଲା ଯେ ସେ ଧ୍ୱନିର ପ୍ରଭାବ ପ୍ରସବ ବେଦନାକୁ ପ୍ରାୟ ଭୁଲାଇ ଦେଉଥିଲା; ଏକ ସଙ୍କଟଜନକ ମୁହୂର୍ତ୍ତରେ ତାହା ମାଆମାନଙ୍କୁ ଧ୍ୟାନତନ୍ଦ୍ରା ଭଳି ଅନୁଭବରେ ଆବିଷ୍ଟ କରି ରଖୁଥିଲା; କିନ୍ତୁ ସଂପ୍ରତି ଏକ ଅଣହିନ୍ଦୁ ସଙ୍ଗଠନ ସେ କାର୍ଯ୍ୟକ୍ରମ ବନ୍ଦ ହେଉ ବୋଲି ଦାବି କରିଛନ୍ତି । ସେମାନେ ହଠାତ୍ ଜାଣିବାକୁ ପାଇଲେ ଯେ ତାହା ଗାୟତ୍ରୀ ମନ୍ତ୍ର; ହିନ୍ଦୁ ଧର୍ମର ଅନ୍ତର୍ଭୁକ୍ତ– ଅତଏବ ଧର୍ମନିରପେକ୍ଷ ରାଷ୍ଟ୍ରର ଆରୋଗ୍ୟ ନିକେତନସବୁରେ ଅଣହିନ୍ଦୁ ମହିଳାଙ୍କୁ ତାହା ଶୁଣାଇବାର ଅଧିକାର କର୍ତ୍ତୃପକ୍ଷଙ୍କର ନାହିଁ ।

କେତେ ବର୍ଷ ତଳର କଥା । ବଙ୍କିମ ଚନ୍ଦ୍ରଙ୍କର ଯୁଗାନ୍ତକାରୀ ମାନ୍ତ୍ରିକ ଗୀତ ''ବନ୍ଦେ ମାତରମ୍''ର ଶତବାର୍ଷିକୀ ଉପଲକ୍ଷ୍ୟେ ସାହିତ୍ୟ ଏକାଦେମି ଆନୁକୂଲ୍ୟରେ କଲିକତାରେ ଏକ ବିଶେଷ ସମାବେଶ ଆହୂତ ହୋଇଥାଏ । ଏ ଲେଖକ ଥିଲା ଉଦ୍‌ଘାଟକ । ନିଜ ଭାଷଣ ଭିତରେ ସେ ବିଂଶ ଶତାବ୍ଦୀର ପ୍ରଥମ ଦଶକରେ ସ୍ୱଦେଶୀ ଆନ୍ଦୋଳନର ଜଣେ ବିଶିଷ୍ଟ ନେତା ମୌଲବୀ ଲିଆକତ୍ ହୋସେନ୍ କିପରି ପ୍ରତ୍ୟେକ ଦିନ ପ୍ରଭାତରେ କଲିକତାର ମୁଖ୍ୟ ରାଜପଥମାନଙ୍କରେ ତାଙ୍କ ଉଦାତ୍ତ କଣ୍ଠରେ ବନ୍ଦେ ମାତରମ୍ ଗାନ କରି ହିନ୍ଦୁ ଓ ମୁସଲିମ ଯୁବକମାନଙ୍କର ଶୋଭାଯାତ୍ରାର ନେତୃତ୍ୱ ନେଉଥା'ନ୍ତି ଏବଂ ସହସ୍ର କଣ୍ଠ ତାଙ୍କୁ ଅନୁସରଣ କରିବା ଫଳରେ ଅପୂର୍ବ ଉନ୍ମାଦନା ସୃଷ୍ଟି ହେଉଥାଏ – ଇଂରେଜ ସରକାର ତାଙ୍କୁ ବେଆଇନ ଭାବେ କାରାରୁଦ୍ଧ କରିବା ଯାଏ – ସେକଥା ବର୍ଣ୍ଣନା କରିବା ବେଳେ ଶ୍ରୋତୃମଣ୍ଡଳୀ ବିପୁଳ କରତାଳି ଧ୍ୱନି ଦେଲେ ଏବଂ ସେଥିରେ ଅକୃପଣ ଭାବରେ ଯୋଗ ଦେଲେ ମଞ୍ଚାସୀନ ଜନୈକ ସଂଖ୍ୟାଲଘୁ ସଂପ୍ରଦାୟର ନେତା । ଲେଖକ ଯେତେବେଳେ କହିଲା କି ଇତିହାସର ଏକ ଏକ ବିଶେଷ ମୁହୂର୍ତ୍ତରେ ଗୋଟିଏ ଗୋଟିଏ ଅଭିବ୍ୟକ୍ତି କୌଣସି ମହାନ୍ ସତ୍ୟର ପ୍ରତୀକରେ ରୂପାନ୍ତରିତ ହୋଇଯା'ନ୍ତି ଏବଂ ଭବିଷ୍ୟତ୍ ତା'ର ସେହି ମର୍ଯ୍ୟାଦା ଅକ୍ଷୁଣ୍ଣ ରଖିବା ଦ୍ୱାରାହିଁ ନିଜ ଇତିହାସ ପ୍ରତି ବିଶ୍ୱସ୍ତ ରହିପାରିବ, ସେତେବେଳେ ମଧ୍ୟ ବିପୁଳ କରତାଳି ହେଲା ଏବଂ ନେତା ମହାଶୟ ସେ ଧ୍ୱନି ପ୍ରତି ମଧ୍ୟ ତାଙ୍କର ସୋତ୍ସାହ ଅବଦାନ ଦେବାରେ ତ୍ରୁଟି କଲେ ନାହିଁ । ଏସବୁ ପର୍ଯ୍ୟବେକ୍ଷଣ କରୁଥିଲେ ମୋର ପରିଚିତ ଦୁଇ ତିନି ଜଣ ମହାନଗରବାସୀ ସାମ୍ବାଦିକ ।

ପରବର୍ତ୍ତୀ ଜଣେ ଦୁଇଜଣ ବକ୍ତାଙ୍କ ପରେ ଭାଷଣ ଦେଲେ ବହୁବର୍ଷ ବିଦେଶରେ ଅଧ୍ୟାପନା କରି ସ୍ୱଦେଶ ପ୍ରତ୍ୟାଗତ ଜଣେ ସ୍ୱନାମଧନ୍ୟ ସମାଜତତ୍ତ୍ୱବିଦ୍ । ତାଙ୍କର ଅନ୍ୟତମ ପରିଚୟ ସେ ଜଣେ ''ଧର୍ମନିରପେକ୍ଷ ହିନ୍ଦୁ'' । ମହାଶୟ ଅକାତରେ ଏବଂ ବିଦ୍ରୂପାତ୍ମକ ଶୈଳୀରେ ଘୋଷଣା କଲେ କି ''ଆଜି'' କୌଣସି ଅଣହିନ୍ଦୁ ଜନ୍ମଭୂମିକୁ ମାତା ରୂପେ ଦେଖିବ, ଆମେ ସେ ଆଶା କରିବା ଅବାସ୍ତବ ହେବ । ସେତେବେଳେ ହଠାତ୍ କରତାଳି ଦେଲେ ମଞ୍ଚାସୀନ ନେତା – ଅଧିକନ୍ତୁ ପୂର୍ବରୁ ଗମ୍ଭୀର ଥିବା ବଦନରେ ସ୍ମିତହାସ୍ୟର ଘନ ଘନ ବିଜୁଳି ସହକାରେ । ବିଶାଳ ସମାବେଶର ଦୁଇ ଚାରି

କୋଣରୁ କେତୋଟି ମାତ୍ର ନିସ୍ତେଜ କରତାଳି ତାଙ୍କୁ ସହଯୋଗ କଲେ ।

ଯାହା ଏ ଲେଖକକୁ ବିଶେଷ ଦୁଃଖ ଦେଲା, ତାହା ''ଆଜି'' ଉପରେ ନେତାଙ୍କ ପ୍ରଦତ୍ତ ଗୁରୁତ୍ୱ । ଆମେ ସାଂପ୍ରତିକ ମଣିଷମାନେ ହିଁ ''ଆଜି''ର ନିର୍ମାତା । ଗତକାଲିର କୌଣସି ମହତ ସିଦ୍ଧିର ପ୍ରତୀକକୁ ଯଦି ଆମେ ଆଜି ଭୂଲୁଣ୍ଠିତ କରୁଁ, ଆମର ସେଭଳି କର୍ମ ସକାଶେ କ'ଣ ''ଆଜି'' ହିଁ ଯଥେଷ୍ଟ ଯୁକ୍ତି ? ଅବଶ୍ୟ ଗୋଟାଏ ବାସ୍ତବତାକୁ ଅସ୍ୱୀକାର କରି ହେବ ନାହିଁ । ବିଂଶ ଶତାବ୍ଦୀର ପ୍ରଥମ ଦଶକରେ ମାତୃଭୂମିର ଧାରଣା ସ୍ୱତଃସ୍ଫୂର୍ତ୍ତ ଭାବରେ ଯେଉଁ ଭାବାବେଗ ଉଦ୍ରେକ କରୁଥିଲା, ଦେଶ ଖଣ୍ଡ-ବିଖଣ୍ଡ ହେବା ଫଳରେ ସେ ଭାବାବେଗ ମାନ୍ଦା ହୋଇଯାଇଛି; କିନ୍ତୁ ସଭ୍ୟତାର ଉଷାକାଳରୁ ଭାରତବର୍ଷର ଯେଉଁ ଐତିହ୍ୟ ପ୍ରସ୍ତୁତ ହୋଇଛି, ତାହା ଏ ସମଗ୍ର ଭୂଖଣ୍ଡର ଐଶ୍ୱର୍ଯ୍ୟ । ଭୂଖଣ୍ଡର ଜନସାଧାରଣ ହିନ୍ଦୁ, ମୁସଲମାନ, ଜୈନ, ବୌଦ୍ଧ, ଖ୍ରୀଷ୍ଟିଆନ, ଶିଖ୍ ଇତ୍ୟାଦି ଧର୍ମ ମତରେ ଚିହ୍ନିତ ହେବାର ବହୁ ପୂର୍ବରୁ ସେ ଐତିହ୍ୟର ସୂତ୍ରପାତ ।

ଏହି ଐତିହ୍ୟର ଅନ୍ୟତମ ବିଭବ ହେଲା ମନ୍ତ୍ର । ଯେଉଁ ବୈଦିକ ଋଷିବୃନ୍ଦ ଏହି ଅନନ୍ୟ ଶକ୍ତିର ପ୍ରବର୍ତ୍ତକ, ସେମାନଙ୍କ ଚେତନାରେ ଆଜିର ଧର୍ମ ସଂସ୍କାର ନଥିଲା । ମନ୍ତ୍ର ହେଲା ଏକ ବିଶେଷ ଆଧ୍ୟାତ୍ମିକ ବିଭୂତି ଯୋଗେ ସଞ୍ଜୀବିତ ବିଶେଷ ଧ୍ୱନି, ବିଶେଷ ଉଚ୍ଚାରଣ ଏବଂ ବିଶେଷ ଅର୍ଥ ସମ୍ବଳିତ ଶବ୍ଦ ସମାହାର । ଆମ ଭିତରେ ହେତୁବୋଧ ପ୍ରାଧାନ୍ୟ ଲାଭ କରିବାର ବହୁ ପୂର୍ବରୁ, ମହତ୍ତର ପ୍ରଜ୍ଞାଲୋକରୁ ଋଷି-ଚେତନା ଆହରଣ କରୁଥିବା ଶକ୍ତିର ଆଧାର ସେସବୁ । ଆପାତତଃ ସେସବୁର ଆଧ୍ୟାତ୍ମିକ ତାତ୍ପର୍ଯ୍ୟ ବିଷୟ ଆମ ଭାବନା ପରିସର ବାହାରେ ରଖାଯାଉ । ପ୍ରତ୍ୟେକ ମାମୁଲି ଧ୍ୱନିର ଯେ ଆମ ଉପରେ ପ୍ରଭାବ ରହିଛି, ପ୍ରତ୍ୟେକ ଶ୍ରୁତ ଶବ୍ଦର ଊଣା ଅଧିକ ପ୍ରତିକ୍ରିୟା ଯେ ଆମ ମନରେ ଅନିବାର୍ଯ୍ୟ, ପୁଣି ଏକହିଁ ଶବ୍ଦ ଯେ ଉଚ୍ଚାରଣକାରୀ ତାହା ଉଚ୍ଚାରଣ କରିବାବେଳେ ସେଥିରେ ପ୍ରୟୋଗ କରିଥିବା ଆବେଗ ଅନୁସାରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ସୃଜିପାରେ, ଏତକ ବାସ୍ତବତା ଆମ ସାଧାରଣଜ୍ଞାନ ଅବଶ୍ୟ ସ୍ୱୀକାର କରିବ । ଯଦି ସେହି ସ୍ୱାଭାବିକ ନିୟମ ଧାରାରେ ଆରୋଗ୍ୟ ନିକେତନମାନଙ୍କରେ ଗାୟତ୍ରୀ ପରିବେଷଣ ପ୍ରସୂତି ମାନସରେ ପ୍ରଶାନ୍ତି ଆଣି ଦେଉଥିଲା, ତେବେ ସେ ବ୍ୟବସ୍ଥା ଭିତରକୁ ଧର୍ମଚ୍ୟୁତି ଭୟ ଆଣିବାର ଯାଥାର୍ଥ୍ୟ କ'ଣ ?

ଏକ ମହାଜାତିର ଐତିହ୍ୟ କୌଣସି ଧର୍ମଗୋଷ୍ଠୀର ଏକଚାଟିଆ ନୁହେଁ । ବିଡ଼ମ୍ବନା ହେଲା, କେହି କେହି ତଥାକଥିତ ଧର୍ମ-ନିରପେକ୍ଷ ହିନ୍ଦୁ ବୁଦ୍ଧିଜୀବୀ ଗୋଟାଏ ପ୍ରକାର ଅସ୍ୱାଭାବିକ ମାନସିକତା-ଚାଳିତ ହୋଇ ଅଣ-ହିନ୍ଦୁମାନଙ୍କ ସ୍ୱାର୍ଥରକ୍ଷା ନାମରେ ସେମାନଙ୍କୁ ସେମାନଙ୍କ ଐତିହ୍ୟରୁ ବଞ୍ଚିତ କରୁଛନ୍ତି । ହୁଏତ ସେମାନଙ୍କ ଉଦ୍ଦେଶ୍ୟ ମନ୍ଦ ନୁହେଁ; କିନ୍ତୁ ସେମାନଙ୍କ ଧାରଣା ବଡ଼ ସୀମିତ; ସେଥିରେ ଦୂରଦୃଷ୍ଟି ନାହିଁ – ପଛକୁ ନୁହେଁ କି ଆଗକୁ ନୁହେଁ । ୧୯୯୮ ମସିହାରେ ତତ୍‌କାଳୀନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ମୁରଲି ମନୋହର ଯୋଶୀ ଭାରତର ସବୁ ରାଜ୍ୟର ଶିକ୍ଷା ମନ୍ତ୍ରୀମାନଙ୍କର ଏକ ବୈଠକ ଆବାହନ କଲେ କିଛି ଆଲୋଚନା ପାଇଁ । ପ୍ରଥମେ ଅନୁଷ୍ଠାନର ପରିବେଶରେ ଗାମ୍ଭୀର୍ଯ୍ୟ ଆଣିବା ନିମନ୍ତେ ଯେମିତି ପରମ୍ପରାଗତ ସରସ୍ୱତୀ ବନ୍ଦନା ଆରମ୍ଭ କରାଯାଇଛି, କେନ୍ଦ୍ରରେ ଥିବା ଶାସକ ଦଳଠୁଁ ଭିନ୍ନ ଦଳର ଶିକ୍ଷା ମନ୍ତ୍ରୀମାନେ ଚିତ୍କାର ଓ ଆକସ୍ମିକ ଭାବରେ ଭୂତଗ୍ରସ୍ତ ହେବାଭଳି ଅଙ୍ଗଭଙ୍ଗୀ (ସମ୍ବାଦପତ୍ରରେ ପ୍ରକାଶିତ) ଯୋଗେ ସଭାସ୍ଥଳ ଛାଡ଼ି ଚାଲିଗଲେ । ସେଦିନ ମୁଁ ପ୍ରାର୍ଥନା କରିଥିଲି, ଭାରତର ଇତିହାସରେ ଶିକ୍ଷାଭ୍ରଷ୍ଟତାର ସେଭଳି ବିକଳ ଦୃଷ୍ଟାନ୍ତର ପୁନରାବୃତ୍ତି ନହେଉ ! (କ୍ଷୋଭ-ଜର୍ଜର ନିବନ୍ଧଟିଏ ଲେଖିଥିଲି ''ସମାଜ''ରେ ଏହି ଶିରୋନାମାରେ : ''ଏହି ଶିକ୍ଷାଭ୍ରଷ୍ଟ ଶିକ୍ଷାମନ୍ତ୍ରୀଙ୍କୁ ମଧ୍ୟ ଦିନେ କ୍ଷମା କରିଦେବ ଭାରତର ଆତ୍ମା !'') ସେଦିନ ସେ ମନ୍ତ୍ରୀବର୍ଗ ଦୁଇ ତିନି ମିନିଟ ନିରବ ରହି ପ୍ରାର୍ଥନାଟି ଶୁଣି ନେଇ ତା'ପରେ ଆଲୋଚନାରେ ଭାଗ ନେଇଥିଲେ ସେମାନଙ୍କ ଗସ୍ତ ଖର୍ଚ୍ଚ ବାବଦରେ ଦେଶର ଅର୍ଥ ବରବାଦ ହୋଇ ନ ଥା'ନ୍ତା କି ସେମାନଙ୍କ ଧର୍ମ-ନିରପେକ୍ଷତାର ସର୍ବନାଶ ହୋଇ ନ ଥା'ନ୍ତା । ତେବେ ତାହା ଭିନ୍ନ ପ୍ରସଙ୍ଗ । ବାସ୍ତବତା ହେଲା, ସରସ୍ୱତୀ ତତ୍ତ୍ୱର ଉଦ୍ଭବ ହେବାବେଳେ ଆଜିର ଗୋଷ୍ଠୀଭିତ୍ତିକ ହିନ୍ଦୁ ଜାତି ନ ଥିଲେ । ଆଜି ହିନ୍ଦୁମାନେ ସରସ୍ୱତୀଙ୍କୁ ଦେବୀ ରୂପେ ପୂଜା କରୁଛନ୍ତି, ତାହାହିଁ ଯଦି ଅନ୍ୟ କୌଣସି ଧର୍ମଗୋଷ୍ଠୀ ସେ ପରମ୍ପରାକୁ ତ୍ୟାଗପତ୍ର ଦେବାର ଯୁକ୍ତି ହୋଇପାରେ, ତେବେ ଆହୁରି ବହୁ ବିଭବକୁ ତ୍ୟାଗପତ୍ର ଦେବାକୁ ପଡ଼ିବ । ଗାୟତ୍ରୀ-ମନ୍ତ୍ର-ଭୁକ୍ତ ସୂର୍ଯ୍ୟଙ୍କୁ ଏଡ଼ାଇ ଯିବାକୁ ପଡ଼ିବ । ସମ୍ଭବ ନୁହେଁ ନିଶ୍ଚୟ । ଯୁଗ ଯୁଗ ଧରି ପ୍ରତ୍ୟହ ସନ୍ଧ୍ୟାରେ ହରିଦ୍ୱାର ଏବଂ ବାରାଣସୀଠାରେ ବିପୁଳ ଆଡ଼ମ୍ବର ସହକାରେ ଏବଂ ଅନ୍ୟ ବହୁ ସ୍ଥାନରେ ଅନାଡ଼ମ୍ବରେ ନଦୀ ଗଙ୍ଗାଙ୍କୁ ଦେବୀ ରୂପେ ଆରତି ଓ ପୂଜା କରନ୍ତି ହିନ୍ଦୁମାନେ ।

ଅଣହିନ୍ଦୁମାନେ ସେଥିଯୋଗୁଁ ଗଙ୍ଗା ନୀରକୁ ବ୍ୟବହାର କରିବାରୁ ଏବଂ ହିନ୍ଦୁମାନଙ୍କ ଭଳି ତାକୁ ପ୍ରଦୂଷିତ କରିବାରୁ ବିରତ ରହିପାରିବେ କି ? ଗଙ୍ଗା ସଭିଙ୍କ ଐତିହ୍ୟ; ଯେମିତି ହିନ୍ଦୁମାନଙ୍କ ଦ୍ୱାରା ପୂଜିତ ହିମାଳୟ ସଭିଙ୍କ ଐତିହ୍ୟ । ଆୟୁର୍ବେଦ ବା ଯୋଗ ସହ ହିନ୍ଦୁତ୍ୱର ସମ୍ପର୍କ ଅବିଚ୍ଛେଦ୍ୟ ହେବା ସତ୍ତ୍ୱେ ସେସବୁ ଆଜି ସମଗ୍ର ମାନବଜାତିର ଐତିହ୍ୟ ଭାବେ ସ୍ୱୀକୃତ । ୟୁନାନି ଚିକିତ୍ସା ପଦ୍ଧତି ମୁସଲିମମାନେ ବାଇଜାଣ୍ଟାଇନ୍ ଗ୍ରୀସ୍‌ରୁ ଆନୟନ କରିଥିଲେ; କିନ୍ତୁ ତାହା ଭାରତରେ ଅଣହିନ୍ଦୁମାନଙ୍କ ଦ୍ୱାରା ବର୍ଜିତ ହେବାର ପ୍ରଶ୍ନ ଉଠି ନାହିଁ ।

ଆଜି ହିନ୍ଦୁ ଭାବେ ପରିଚିତ ଭାରତୀୟମାନେ କମ୍ ଗ୍ଲାନିଯୁକ୍ତ ନୁହନ୍ତି । ଏଣେ ନିଜ ଭିତରେ ଲଜ୍ଜାଜନକ ଜାତିଭେଦ-ପୀଡ଼ିତ, ତେଣେ କେହି କେହି ଉଗ୍ର ହିନ୍ଦୁଧର୍ମବାଦୀ ଅଧର୍ମରେ ଲିପ୍ତ । ଏ ଉଭୟ ଅଭିଶାପ ଅଜ୍ଞାନତାର ହିଁ କରାମତି । ବୁଦ୍ଧିଜୀବୀମାନେ ଏହି ଅଜ୍ଞାନତା ଦୂର କରିବାରେ ସେମାନଙ୍କ ଶକ୍ତି ପ୍ରୟୋଗ କରିବା ଜରୁରୀ । ସଙ୍ଗେ ସଙ୍ଗେ ବୁଦ୍ଧିଜୀବୀମାନେ ଅଣ-ହିନ୍ଦୁମାନଙ୍କର ସ୍ୱାତନ୍ତ୍ର୍ୟର ମର୍ଯ୍ୟାଦା ଭ୍ରାନ୍ତ ମାର୍ଗରେ ଦିଅନ୍ତୁ ନାହିଁ । ସେମାନେ ଆମ ମହାଜାତୀୟ ଐଶ୍ୱର୍ଯ୍ୟର ଅଂଶୀଦାର, ସେମାନଙ୍କ ଭିତରେ ଏହି ଚେତନାର ବିକାଶ ହୋଇପାରିଲେ ହିଁ ଜାତୀୟ ଐକ୍ୟ ଦୃଢ଼ତର ହେବ । ଗାୟତ୍ରୀ ବା ସରସ୍ୱତୀ-ବନ୍ଦନା ଶ୍ରବଣ ସମ୍ପର୍କରେ ତୀବ୍ର ସ୍ପର୍ଶକାତରତାର ଅବସାନ ବାସ୍ତବତା ଦୃଷ୍ଟିରୁ ଶୁଭଙ୍କର ।

(ସୌଜନ୍ୟ : ''ଗୋପବନ୍ଧୁ ଶ୍ରାଦ୍ଧ ସଂଖ୍ୟା-୨୦୧୯'', 'ସମାଜ') ✤

Obey your soul, it alone has the right to govern your life.
(CWM Vol. 14, p. 331) – The Mother

*With best compliments from :*

**AUM SWASTIK FOODS**

**MAITAPUR, BALASORE, ODISHA**

# ଶ୍ରୀଅରବିନ୍ଦ ଓ ଦିଲୀପକୁମାର
## (୧୧)

[ବିଖ୍ୟାତ ସଂଗୀତଜ୍ଞ, ଶ୍ରୀଅରବିନ୍ଦଙ୍କର ଅତ୍ୟନ୍ତ ପ୍ରିୟ ଶିଷ୍ୟ ଶ୍ରୀ ଦିଲୀପକୁମାର ରାୟଙ୍କର ଶ୍ରୀଅରବିନ୍ଦଙ୍କ ସହିତ କଥୋପକଥନ ଓ ସେହି ସମୟର ଅଭିଜ୍ଞତା]

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

ଏଠାରେ ସାଧାରଣ ପାଠକର ଜାଣିବା ପାଇଁ ବ୍ୟାପାରଟିର ଇତିହାସ କହୁଛି । ଶ୍ରୀଅରବିନ୍ଦଙ୍କଠାରୁ ଶୁଣିସାରି, ଯେଉଁମାନେ ଏ ଘଟଣାଟିକୁ ସ୍ୱଚକ୍ଷୁରେ ଦେଖିଥିଲେ ସେମାନଙ୍କ ଭିତରୁ ଜଣେ ଦୁଇଜଣଙ୍କ ପାଖକୁ ମୁଁ ଯାଇଥିଲି ।... ସବୁଠାରୁ ସନ୍ତୋଷଜନକ ଖବର ଅମୃତଙ୍କଠାରୁ ପାଇଥିଲି, କାରଣ ସେ ଏହି ଉତ୍ପାତଟିର ଗୋଟିଏ ରିର୍ପୋଟ ଲେଖିଥିଲେ ଟିକିନିଖି କରି । ସେଥିରୁ ଜଣାଗଲା ଯେ ଶ୍ରୀଅରବିନ୍ଦଙ୍କ ନିକଟରେ ବାତଲ୍ ନାମକ ଲୋକଟିଏ କାମ କରୁଥିଲା । କୌଣସି କାରଣରୁ ତାକୁ ଆଉ ନ ରଖିବାରୁ ସେ ରାଗି ଯାଇ କହିଥିଲା ଯେ ସେ ସମସ୍ତଙ୍କୁ ସେଠାରୁ ବାହାର କରିଦେବ । ସେ ଯାଇ ଜଣେ ମୁସଲମାନ ଫକିରଙ୍କ ପାଖରେ ପହଞ୍ଚିଲା । ସେ ତନ୍ତ୍ରମନ୍ତ୍ର ଜାଣିଥିଲା । ସେହି ତାନ୍ତ୍ରିକ ଯୋଗୁହିଁ ଏହି ଉତ୍ପାତ ଘଟିଥିଲା ।

ମୁଁ ଅମୃତଙ୍କୁ ପଚାରିଲି, ''ଟେକାଗୁଡ଼ିକ ଦେଖିବାରେ ଭୁଲ୍ ହୋଇଯାଇ ନାହିଁ ତ ?'' ସେ ହସି କହିଲେ, ଅନେକ ଲୋକ ଟେକାଗୁଡ଼ିକୁ ଦେଖିବାକୁ ଆସୁଥିଲେ ବୋଲି ବହୁଦିନ ପର୍ଯ୍ୟନ୍ତ ମୁଁ ସେଗୁଡ଼ିକ ଝୁଡ଼ିରେ ଜମା କରି ରଖିଥିଲି । ସେ ଟେକାଗୁଡ଼ିକ ବଡ଼ ଶକ୍ତ ଥିଲା, ଉଭେଇ ଯିବାର କିଛି ଲକ୍ଷଣ ମଧ୍ୟ ନଥିଲା ସେଥିରେ । ଆଉ ଗୋଟିଏ ଅଦ୍ଭୁତ କଥା ହେଲା, ଟେକାଗୁଡ଼ିକରେ ସମୁଦ୍ର ଶୈବାଳ ଥିଲା । ଖବର ନେବାରୁ ଜଣାଗଲା ଯେ ଉପେନ୍ଦ୍ରନାଥ ବନ୍ଦୋପାଧ୍ୟାୟ ମହାଶୟ ପ୍ରଥମେ ଏସବୁ ଭୌତିକ କାଣ୍ଡ କଥା ଶୁଣି ହସି ଉଡ଼ାଇ ଦେଇଥିଲେ । ସେ ଜଣେ କଠୋର ବୁଦ୍ଧିବାଦୀ । ସେ କହିଥିଲେ ଯେ, ଯେଉଁସବୁ ଭୂତ ଏସବୁ ଟେକା ଛାଡ଼ିଥିଲେ, ସେମାନଙ୍କୁ ଜବରଦସ୍ତି କାବୁ କରି ସେ ଦେଖାଇ ଦେବେ ଯେ ସେମାନେ କେହି ମରି ନାହାନ୍ତି । କିନ୍ତୁ ଶେଷରେ ବହୁ ତଦନ୍ତ କରି ମଧ୍ୟ ସେ କିଛି କୂଳ-କିନାରା ପାଇ ନଥିଲେ । ତା'ପରେ ଉପସଂହାରଟି କହୁଛି ।

ଉତ୍ପାତ ବନ୍ଦ ହୋଇଯିବା ପରେ, ବାତଲ୍‌ର ସ୍ତ୍ରୀ ଦିନେ 'ରକ୍ଷାକର', 'ରକ୍ଷାକର' କହି କହି ଶ୍ରୀମା, ଶ୍ରୀଅରବିନ୍ଦଙ୍କ ନିକଟରେ ହାଜର ହେଲା । ବାତଲ୍‌ର ବଞ୍ଚିବାର ଆଶା ନଥାଏ । ବାତଲ୍ ଏସବୁ ମାରଣ କ୍ରିୟାର ହାଲଚାଲ ଜାଣିଥିଲା । ମାରଣ ଶକ୍ତି ଯଦି ଏପରି ଲୋକଙ୍କ ବିରୋଧରେ ପ୍ରୟୋଗ କରାଯାଏ, ଯେଉଁମାନଙ୍କର ସେସବୁକୁ ପ୍ରତ୍ୟାଖ୍ୟାନ କରିବାର ଶକ୍ତି ଅଛି, ତେବେ ସେ ଶକ୍ତି ଫେରିଯାଇ ସେ ମାରକଙ୍କୁହିଁ ଆକ୍ରମଣ କରେ ।

(କନାନ୍ ଡଏଲ୍‌ଙ୍କର ବିଖ୍ୟାତ 'The Speckled Band' ନାମକ ସାପ ଗପଟି ମନେ ପଡ଼ୁଛି । ସେର୍‌ଲକ୍ ହୋମ୍‌ସ୍ ସାପଟିକୁ ବେତ ମାରିଥିଲେ, ଯେତେବେଳେ ଗଭୀର ରାତିରେ ସାପଟି ଛାତରୁ ଝୁଲିଥିବା ଗୋଟିଏ ଦଉଡ଼ି ଦେଇ ଭିତରକୁ ଆସିଥିଲା । ଅନ୍ୟ ଘରେ ସାବତ ପିତା ତାଙ୍କ ସାବତ କନ୍ୟାକୁ ମାରିବା ପାଇଁ ସାପଟିକୁ ପଠାଇଥିଲେ । ଝିଅ ଘରେ ମାଡ଼ ଖାଇ ସାପଟି ଫେରିଯାଇ ପିତାକୁ ଦଂଶନ କଲା ।)

ଶ୍ରୀମାଙ୍କ ଦ୍ୱାରା ଏହି ଶକ୍ତି ପ୍ରତିହତ ହେବା ପରେ ହିଁ ଏପରି ଭୟଙ୍କର ଅସୁସ୍ଥତା ବାତଲ୍‌କୁ ମାଡ଼ି ବସିଥିଲା ଯେ ଡାକ୍ତରମାନେ ତାକୁ ସୁସ୍ଥ କରିପାରିଲେନି । ଶ୍ରୀଅରବିନ୍ଦଙ୍କ ପାଖକୁ ଆସି ବାତଲ୍‌ର ସ୍ତ୍ରୀ କନ୍ଦାକଟା କରିବାରୁ କ୍ଷମାଶୀଳ ଶ୍ରୀଅରବିନ୍ଦ କରୁଣାର୍ଦ୍ର ହୋଇ ଅମୃତଙ୍କ ସାମନାରେହିଁ କହିଥିଲେ, ''ଏଥିପାଇଁ ତାକୁ ମରିବାକୁ ହେବ ନାହିଁ । ମା ଭୈଃ ।'' ତା'ପରେ ବାତଲ୍ ଆରୋଗ୍ୟ ହୋଇଗଲା ।

*

ଗୁରୁଦେବ କାହାଣୀ ଶେଷ କରି କହିଲେ, ''ଶ୍ରୀମା ଉତ୍ତର ଆଫ୍ରିକା (ଆଲ୍‌ଜେରିଆ)ରେ ଗୁହ୍ୟତତ୍ତ୍ୱ ସମ୍ବନ୍ଧରେ ଶିକ୍ଷା କରିଥିଲେ ବୋଲି ଏ ବ୍ୟାପାରଟିକୁ ବୁଝି ପାରିଥିଲେ ।''

— ''ଆଉ ଆପଣ ?''

ଶ୍ରୀଅରବିନ୍ଦ ଟିକିଏ ନୀରବ ରହି କହିଲେ, ''ମୋର ମଧ୍ୟ ସେସବୁ ଶକ୍ତି ସମ୍ବନ୍ଧରେ ଅନେକ କିଛି ଅଭିଜ୍ଞତା ବି ରହିଛି ।''

''ଭୂମିରୁ ଶୂନ୍ୟକୁ ଉଠିଯିବା ସମ୍ବନ୍ଧରେ ଆପଣ କ'ଣ ମନେ କରନ୍ତି ?'' – ମୁଁ ପଚାରିଲି ।

''ଏହା ସମ୍ଭବ ବୋଲି ମୁଁ ମନେ କରେ । କାରଣ ପ୍ରାକୃତ ଶକ୍ତିଗୁଡ଼ିକର ଗତିବିଧି ସମ୍ବନ୍ଧରେ ମୋର ଅଭିଜ୍ଞତାରୁ ଏପରି ସିଦ୍ଧାନ୍ତ ନେଇଛି ଯେ ସେହି ଶକ୍ତିଗୁଡ଼ିକର ବିକାଶ କରିବା ଶିଖିଗଲେ; ଶୂନ୍ୟକୁ ଉଠିଯିବା ବା ଶୂନ୍ୟରେ ଚାଲିବା ଆଦୌ ଅସାଧ ହେବ ନାହିଁ । ଏହା ବ୍ୟତୀତ, ମୋର ଏପରି ଦୈହିକ ଉପଲବ୍ଧି ହୋଇଛି, ଯାହାକି ଏସବୁ ଶକ୍ତି ମିଥ୍ୟା ହୋଇଥିଲେ କେବେ ବି ଘଟି ପାରି ନଥା'ନ୍ତା ।''

– ''ତା'ହେଲେ ଆଧୁନିକ ମଣିଷର ମନ ଏସବୁ ଅଭିଜ୍ଞତାର ସାକ୍ଷ୍ୟ ମାନି ନେବାକୁ ନାରାଜ ହୁଏ କାହିଁକି ?''

ଗୁରୁଦେବ କହିଲେ, ''ମୋର ଅନେକ ଲେଖାରେ ମୁଁ ଏହାର କାରଣ ଦର୍ଶାଇଛି । ଆମର ମନ ହେଲା ଅଜ୍ଞାନର ଜ୍ଞାନୋନ୍ମୁଖ ଯନ୍ତ୍ର (...the mind is an instrument of Ignorance growing towards knowledge...) । ଆଧ୍ୟାତ୍ମିକ ଜୀବନରେ ମନର କୌଣସି ସ୍ଥାନ ନାହିଁ ବୋଲି ମୁଁ ଅବଶ୍ୟ କହୁ ନାହିଁ, କିନ୍ତୁ ଏକଥା କହିବାକୁ ହେବ ଯେ ସେ ମଣିଷ ଚେତନାର ପ୍ରଧାନ ଯନ୍ତ୍ର ହୋଇପାରିବ ନାହିଁ । ସେ ଏପରି କିଛି ମହାମହୋପାଧ୍ୟାୟ ମଧ୍ୟ ନୁହେଁ, ଯାହାର ରାୟ ସବୁକ୍ଷେତ୍ରରେ ମଞ୍ଜୁର ହେବ । ଯେଉଁ ଉଚ୍ଚତର ଚେତନାର ମୁହାଣରେ ତା'ର ଗତିପଥର ଆରମ୍ଭ, ସେହି ଚେତନା ପାଖରେ ତାକୁ ମଥାନତ କରିବାକୁ ପଡ଼ିବ । ନିଜର ମାନକୁ, ଇଚ୍ଛାକୁ ଉପରବାଲାର ମୁଣ୍ଡରେ ଚପାଇବାକୁ ଚାହିଁଲେ ଚଳିବ ନାହିଁ । ମନ ପକ୍ଷରେ ଏହା ସୁସାଧ ନୁହେଁ । କାରଣ ତାହାର ଧର୍ମ ହେଉଛି ସେ ଯୁଗପତ୍ ଦୁଇଟା ଜିନିଷ ଦେଖିପାରେ ନାହିଁ । ପୃଥକ୍ ପୃଥକ୍ କରି ଦେଖିଲେହିଁ ସେ ପରିଷ୍କାର ଦେଖିପାରେ । ଜୀବନକୁ ଭାଗ ଭାଗ କରି ଦେଖିଲେହିଁ ସେ ସ୍ପଷ୍ଟ ଦେଖିପାରେ । ଜୀବନକୁ ଟିକିନିଖି କରି ଭାଗ କଲେ ଯାଇ ସେ ଠିକ୍ ଭାବରେ ଜୀବନ ମଧ୍ୟକୁ ଅଭିନିବିଷ୍ଟ ହୋଇପାରେ । ଟିକିନିଖି କରି ପରୀକ୍ଷା କଲେହିଁ ସେ ସ୍ୱଧର୍ମ ପାଳନ କରିପାରେ । ଏ ପଦ୍ଧତିର ମୁଖ୍ୟ ସାର୍ଥକତା ହେଉଛି, ଏ ପଥରେ ଚାଲିବା ଦ୍ୱାରାହିଁ ସେ ପ୍ରଥମ ଆବଶ୍ୟକୀୟ ଶିକ୍ଷା ପାଇଯାଏ, ଯେଉଁ ଶିକ୍ଷା ଦ୍ୱାରା ସେ ନିଜ ସମ୍ମୁଖରେ ଅମୂର୍ତ୍ତ ବା ପରମର ଭାବ ରୂପକୁ ରଖିପାରେ ଓ ସେହି ଆଡ଼କୁ ନିଜକୁ ଉନ୍ମୁଖ କରିପାରେ । ତେବେ ବି ମୁଁ କହିବି ଯେ ବୁଦ୍ଧିର ଯୁକ୍ତି କେବଳ ପରମଙ୍କର ଅସ୍ପଷ୍ଟ ଆଭାସ ଦେଇପାରେ । କୌଣସିମତେ ଝୁଣ୍ଟି, ପଡ଼ି-ଉଠି ଚାଲିପାରେ ସେଇ ଦିଗରେ କିଂବା ଅତିବେଶୀରେ ପୃଥିବୀରେ ତାହାର ଆଂଶିକ ବିଭାସର ଇଙ୍ଗିତ ଦେଇପାରେ । କିନ୍ତୁ ସେ ପରମଙ୍କୁ ଜାଣିପାରେ ନାହିଁ କିଂବା ତାଙ୍କ ଭିତରେ ପ୍ରବେଶ କରିପାରେ ନାହିଁ । କିନ୍ତୁ ତୁମେ ଯଦି ପୂର୍ଣ୍ଣଯୋଗ, ପୂର୍ଣ୍ଣଜ୍ଞାନର ଦୀକ୍ଷା ନେବାକୁ ଆସିଛ, ତୁମେ କାହିଁକି ମାନସିକ ସଂସ୍କାରର ଚୌହଦି ଭିତରେ ବନ୍ଦୀ ହୋଇ ରହିବ ? – ମାନେ, ସମ୍ଭବ ଓ ଅସମ୍ଭବର ମନଗଢ଼ା ପୂର୍ବ ନିର୍ଦ୍ଧାରିତ ଧାରଣା ମଧ୍ୟରେ ବନ୍ଧା ପଡ଼ିବ କାହିଁକି ? କେଉଁ ଦୁଃଖରେ ? ମନୁଷ୍ୟ ତା'ର ଲୌକିକ ଚେତନାର ସ୍ତରରେ ଅବସ୍ଥିତ ଥାଇ ମଧ୍ୟ ତା'ଠାରୁ ଊର୍ଦ୍ଧ୍ୱତର ଚେତନା ସମ୍ବନ୍ଧରେ ଯେ ରାୟ ଦେଇପାରେ, ଏହି ଧାରଣାଟି ଭ୍ରାନ୍ତ । ଊର୍ଦ୍ଧ୍ୱତର ଚେତନାକୁ ଉଠିବାକୁ ହେଲେ ମନକୁ ପ୍ରଥମେ ଯଥାସମ୍ଭବ ନିସ୍ପୃହ କରିବା ଦରକାର । ତୁମେ ଯଦି ସେତିକି କରିପାରିବ, ତୁମର ସବୁଠାରୁ ବେଶୀ ମଙ୍ଗଳ ହେବ । ଅସଲ କଥାଟି ହେଉଛି ଚେତନାର ବିକାଶ କରିବା, ଯାହା ଦ୍ୱାରା ଊର୍ଦ୍ଧ୍ୱତର ସତ୍ୟ ଆମର ଉପଲବ୍ଧିର ପରିଧି ଭିତରକୁ ଆସେ । ତୁମେ ଯଦି ତୁମର ଚୈତ୍ୟ ପୁରୁଷଙ୍କୁ ଦିଗ୍‌ଦର୍ଶକ କରିବାକୁ ଶିଖିଯାଅ, ତେବେ ତୁମେ ଯଥା ସମୟରେ ସେହି ଉନ୍ମୋଚନ ପାଖରେ ପହଞ୍ଚି ପାରିବ, ଯାହା ତୁମେ ଚାହିଁଛ । ସେଠାରେ ମନ ଆଉ ତା'ର ଅଧା ଛାଇ, ଅଧା ଆଲୁଅର ଚେତନା ନେଇ ତୁମର ଦୃଷ୍ଟିକୁ ବ୍ୟାହତ କରିପାରିବ ନାହିଁ । କାରଣ ସେତେବେଳେ ଊର୍ଦ୍ଧ୍ୱର ଆଲୋକ... (ସେ ହାତରେ ମସ୍ତକ ଉପରକୁ ନିର୍ଦ୍ଦେଶ କରି କହିଲେ) ଓହ୍ଲାଇ ଆସି ତା'ର ସ୍ଥାନ ଅଧିକାର କରିବ । ସେତେବେଳେ ମନ ଉପରର ସ୍ତରଗୁଡ଼ିକରୁ ଅଧିମାନସ ଓ ଅତିମାନସ ପର୍ଯ୍ୟନ୍ତ ଆଲୋକର ପ୍ରପାତ ଓହ୍ଲାଇ ଆସିବ । ଏହା ମୋର ଯୋଗ । ଜାଣିଲ ତ ?''

ମନମରା ହୋଇ ଉତ୍ତର ଦେଲି, ''ଜାଣେ ତ ନିଶ୍ଚୟ । ଆଉ ଏହା ମଧ୍ୟ ବୁଝିପାରୁଛି ଯେ ଏ ବିଷୟରେ ମନର ନିସ୍ପୃହତା କାମରେ ଆସିପାରେ, ଯଦି କୌଣସିମତେ ସେହି ଅବସ୍ଥା ଲାଭ କରାଯାଇପାରେ । କିନ୍ତୁ ମୁସ୍କିଲ୍ ହେଉଛି ମୋ ମନ ଭାରି ଏକଜିଦିଆ । ନିଜର ସିଂହାସନ ଛାଡ଼ି ଦେବାକୁ ସେ ଆଦୌ ଚାହେଁ ନାହିଁ । ତା' ଛଡ଼ା ମନରେ ଦ୍ୱିଧା ହୁଏ, ପ୍ରଶ୍ନ ମଧ୍ୟ ଆସେ – ମୋର ସଂଶୟ ଗ୍ରନ୍ଥିଗୁଡ଼ିକ କ'ଣ ଅକାରଣ ? ତାହା ଦ୍ୱାରା କ'ଣ କିଛି ଉଦ୍ଦେଶ୍ୟ ସାଧନ ହୁଏ ନାହିଁ ? ଏ ବିଷୟରେ କୌଣସି କବିଙ୍କର ଗୋଟିଏ କବିତା ମୋତେ ଖୁବ୍ ଭଲ ଲାଗେ ।

"They are but the slaves of light,
Who have never known the gloom,
And between the dark and bright
Willed in freedom their own doom."
''ସେମାନେ କେବଳ ଆଲୋକର କ୍ରୀତଦାସ,
ଯେଉଁମାନେ ଅନ୍ଧାରର ପରିଚୟ ଜାଣନ୍ତି ନାହିଁ,
ତମସା ଓ ଉଜ୍ଜ୍ୱଳତା ଭିତରେ ସେମାନେ
ସ୍ୱେଚ୍ଛାରେ ବରଣ କରି ନେଇଛନ୍ତି ନିଜର ନିୟତିକୁ ।''

ଏ ପ୍ରଶ୍ନର ଉତ୍ତରରେ ଗୁରୁଦେବ ଯାହା କହିଥିଲେ, ମୋର ମନେ ରହିଲା ନାହିଁ ବୋଲି ମୁଁ ପୁଣି ତାଙ୍କର ଶରଣାପନ୍ନ ହେଲି, କିନ୍ତୁ ତାହା ସହିତ ଆଉ କେତୋଟି କଥା ପରବର୍ତ୍ତୀ ଦିନ ତାଙ୍କ ନିକଟକୁ ଲେଖି ପଠାଇଲି । ସେଥିରେ ମୁଁ ତାଙ୍କର 'Life Divine'ରୁ ଗୋଟିଏ ଅପୂର୍ବ, ଗଭୀର ଦର୍ଶନ ଉଦ୍ଧାର କରିଥିଲି । ତାହାର ଭାବାନୁବାଦ ଏଠାରେ ଦେଉଛି ।

''ଚେତନାର ଉପଲବ୍ଧି ବ୍ୟତିରେକେ ପରମାନନ୍ଦଙ୍କର ଅନନ୍ତ ମହିମାର ମର୍ମ କିଏ ବା ଜାଣିପାରେ ? ଚିରନ୍ତନ ବ୍ୟଥାର ଜନନୀହିଁ ଆନନ୍ଦ । ଜ୍ୟୋତିର୍ମଣ୍ଡଳର ମଧ୍ୟମଣି ହେଉଛି ଜ୍ଞାନ । ଅଜ୍ଞାନର ଉପାନ୍ତ ଦେଶରେ, ଅଧା ଆଲୋକ ଓ ଅଧା ଛାଇର ଧ୍ୱନି କମ୍ପିତ ହେଉଥାଏ ।

''ଭ୍ରାନ୍ତିର ଅର୍ଥ କ'ଣ ? ସେ ହିଁ ସତ୍ୟ ସାଧନାର ପୁରୋହିତ । ସତ୍ୟର ଆବିର୍ଭାବ ପୂର୍ବରୁ ଆସନ୍ନ ପ୍ରଭାତର ଅଙ୍ଗୀକାର ଏଇ ଭ୍ରାନ୍ତି । କ୍ଳୀବତା ଓ ପରାଜୟ ମଧ୍ୟରେହିଁ ଥାଏ ଅଚଳ ଶକ୍ତିର ଆଦିମନ୍ତ୍ର, ନିଗୂଢ଼ ଓଁକାର ଜାଗିଉଠେ । ପରିଣତିର ତାହାହିଁ ଅଗ୍ରଦୂତ । ବିରହ ମଧ୍ୟରେ ହିଁ ମିଳନର ବିଳାସ ଲାଗି ସୁମଧୁର ବିଚିତ୍ର ଉଚ୍ଛ୍ୱାସର, ଉଲ୍ଲାସର ହୁଳହୁଳି ଶୁଭେ ।''

(କ୍ରମଶଃ)

(ଦିଲୀପକୁମାର ରାୟଙ୍କ ବଙ୍ଗଳାରେ ଲିଖିତ 'ତୀର୍ଥଙ୍କର' ପୁସ୍ତକରୁ ଅନୂଦିତ ।)

ଅନୁବାଦ : ମମତା ଦାଶ

Give us faith in a glorious future and the capacity to realise it.
– The Mother

*With best compliments from :*

**SRI JAGANNATH RICE MILL**

**MAITAPUR, BALASORE (ODISHA)**

ସାଧନା-ପରମ୍ପରା :

# ଅଶ୍ୱଘୋଷଙ୍କ ବୁଦ୍ଧଚରିତ

[ସଂସ୍କୃତ ଭାଷାରେ ରଚିତ ଅଶ୍ୱଘୋଷଙ୍କ କାବ୍ୟ **'ବୁଦ୍ଧ ଚରିତ'** ପୃଥିବୀର ବିଭିନ୍ନ ଭାଷାରେ ଅନୂଦିତ ହୋଇ ବହୁ ପ୍ରସିଦ୍ଧି ଲାଭ କରିଛି । ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀର ପ୍ରାରମ୍ଭ ପର୍ଯ୍ୟନ୍ତ ଅଶ୍ୱଘୋଷ ଜୀବିତ ଥିଲେ । ସେ ସାକେତର ଏକ ବ୍ରାହ୍ମଣ ବଂଶରେ ଜନ୍ମ ଗ୍ରହଣ କରି ବ୍ରାହ୍ମଣ୍ୟ ଶାସ୍ତ୍ରରେ ଅସାଧାରଣ ପାଣ୍ଡିତ୍ୟ ଲାଭ କରିଥିଲେ ଓ ପରେ ବୌଦ୍ଧ ହୋଇ ଯାଇଥିଲେ । ତାଙ୍କର ଏହି କାବ୍ୟ ୪୧୪-୪୨୧ ଖ୍ରୀଷ୍ଟାବ୍ଦରେ ଚୀନ୍ ଭାଷାରେ ଅନୂଦିତ ହୋଇଥିଲା । ପରେ ତିବ୍ବତ, ଜାପାନ ଓ ଇଉରୋପର ବିଭିନ୍ନ ଭାଷାରେ ଅନୂଦିତ ହୋଇ ଇଉରୋପୀୟ ପଣ୍ଡିତସମାଜରେ ବହୁ ସମାଦର ଲାଭ କରିଥିଲା । ଏପରିକି ଅନେକେ ଏହି କାବ୍ୟକୁ କାଳିଦାସଙ୍କ କାବ୍ୟର ସମପର୍ଯ୍ୟାୟର ବୋଲି ମନେ କରନ୍ତି । ଏହି କାବ୍ୟର କେତେକ ନିର୍ବାଚିତ ଅଂଶ 'ନବଜ୍ୟୋତି'ର କେତୋଟି ସଂଖ୍ୟାରେ ଧାରାବାହିକ ଭାବେ ପ୍ରକାଶ କରାଯିବ । – ସଂପାଦକ]

ପରମ ସଂପଦ ଦାନ କରି ଯେ ବିଧାତାଙ୍କୁ ଜୟ କରିଛନ୍ତି, ଅନ୍ଧକାର ଦୂର କରି ଯେ ସୂର୍ଯ୍ୟଙ୍କୁ ଅଭିଭୂତ କରିଛନ୍ତି, ଉତ୍ତାପ ହରଣ କରି ଯେ ଚାରୁଚନ୍ଦ୍ରମାଙ୍କୁ ପରାଜିତ କରିଛନ୍ତି, ସେଇ ଅନୁପମ ଅର୍ହତଙ୍କୁ ମୁଁ ବନ୍ଦନା କରୁଛି ।

ମହର୍ଷି କପିଳଙ୍କ ଆବାସସ୍ଥଳୀ କପିଳବାସ୍ତୁ ନଗରୀ, ମେଘମାଳା ପରି ବିଶାଳ ଓ ସମୁଚ୍ଚ ଉପତ୍ୟକା ଶୋଭା ଦ୍ୱାରା ପରିବେଷ୍ଟିତ ଏବଂ ଆକାଶଚୁମ୍ବୀ ଉଚ୍ଚ ପ୍ରାସାଦ ସମୂହରେ ପରିପୂର୍ଣ୍ଣ ଥିଲା । ସେହି ନଗରୀ ନିଜର ଶୁଭ୍ରତା ଏବଂ ଉଚ୍ଚତା ଦ୍ୱାରା କୈଳାସ ପର୍ବତର ଶ୍ରେଷ୍ଠ ଶୋଭା ହରଣ କରୁଥିଲା । ସେହି ନଗରୀର ପ୍ରତିଟି ଗୃହ ରତ୍ନବିମଣ୍ଡିତ ବେଦିକା, ତୋରଣ ଓ ସିଂହକର୍ଣ୍ଣ ଦ୍ୱାରା ଶୋଭିତ ହୋଇ ସମଗ୍ର ଜଗତରେ ନିଜ ଭଳି ଅନ୍ୟ କୌଣସି ପୁରୀ ଦେଖିବାକୁ ନ ପାଇ ଯେପରି ନିଜର ଗୃହ ସମୂହ ଭିତରେ ପରସ୍ପର ସହିତ ପ୍ରତିଦ୍ୱନ୍ଦ୍ୱିତା କରାଉ ଥିଲା । ସେହି ନଗରୀ ନିଜର ରଜତାଳୟରେ ନିପତିତ ଚନ୍ଦ୍ରକିରଣ ଦ୍ୱାରା ରାତ୍ରିକାଳରେ କୁମୁଦକୁ ପ୍ରଫୁଲ୍ଲ କରି ଦିବାଭାଗରେ ନିଜ ସୁବର୍ଣ୍ଣ ହର୍ମ୍ୟରେ ପତିତ ସୂର୍ଯ୍ୟକିରଣ ଦ୍ୱାରା ପଦ୍ମର ଶୋଭା ବିସ୍ତାର କରୁଥିଲା ।

ମହୀପାଳମାନଙ୍କ ମଧ୍ୟରେ ଶୀର୍ଷସ୍ଥାନ ଲାଭ କରିଥିବା ସୂର୍ଯ୍ୟବଂଶୀୟ ରାଜା ଶୁଦ୍ଧୋଦନ ଉଦାର ନରପତି ରୂପେ ସେହି ସର୍ବୋତ୍ତମ ନଗରୀକୁ ବିକଶିତ ପଦ୍ମ ପରି ଅଳଂକୃତ କରିଥିଲେ । ସେ ସତତ ଦାନଶୀଳ ହୋଇ ମଧ୍ୟ ଅହଂକାରୀ ନଥିଲେ । ଅଧୀଶ୍ୱର ହୋଇ ମଧ୍ୟ ସର୍ବଦା ସମଦୃଷ୍ଟିସମ୍ପନ୍ନ ଏବଂ ସୌମ୍ୟଭାବସଂପନ୍ନ ହୋଇ ମଧ୍ୟ ମହା ଶକ୍ତିଶାଳୀ ଥିଲେ । ତାଙ୍କର ପରିଚାଳନାରେ ଧର୍ମ, ଅର୍ଥ ଓ କାମ ପରସ୍ପରର ସହଯୋଗୀ ଥିଲେ । ଅସଂଖ୍ୟ ବିଦ୍ୱାନ୍ ମନ୍ତ୍ରୀମାନଙ୍କ ଦ୍ୱାରା ପରିବେଷ୍ଟିତ ହୋଇ ସେହି ଶାକ୍ୟ ବଂଶର ଇନ୍ଦ୍ର ସ୍ୱରୂପ ରାଜା, ସମପ୍ରଭାସମ୍ପନ୍ନ ତାରକାବେଷ୍ଟିତ ଚନ୍ଦ୍ରଙ୍କ ପରି ଅଧିକତର ଶୋଭା ପାଉଥିଲେ ।

ପରମ ଶୋଭା-ସଂପନ୍ନା ଓ ତମଃ ପ୍ରଭାବରୁ ମୁକ୍ତ ରବିପ୍ରଭା ଭଳି ମହିଷୀମାନଙ୍କ ମଧ୍ୟରେ ଅଗ୍ରମହିଷୀ, ମାୟାରୁ ବିମୁକ୍ତା, ମାୟା ନାମ୍ନୀ ତାଙ୍କର ଏକ ରାଣ୍ଡୀ ଥିଲେ । ମାତା ଭଳି ସେ ଥିଲେ ପ୍ରଜାମାନଙ୍କ ମଙ୍ଗଳରେ ପ୍ରବୃତ୍ତା, ମୂର୍ତ୍ତିମତୀ ଭକ୍ତି ଭଳି ଗୁରୁଜନମାନଙ୍କ ଅନୁଗତା ଏବଂ ରାଜକୁଳରେ ଲକ୍ଷ୍ମୀଙ୍କ ପରି ପ୍ରଭା ବିସ୍ତାର କରି ଜଗତର ଦେବୀମାନଙ୍କ ମଧ୍ୟରେ ଶ୍ରେଷ୍ଠା ।

ତାଙ୍କରି ଗର୍ଭରେ ବୋଧିସତ୍ତ୍ୱୋତ୍ତମ ସିଦ୍ଧାର୍ଥ, ସ୍ମରଣ କରିବା ମାତ୍ରେ ନନ୍ଦା ଗୁହା ମଧ୍ୟରେ ନାଗରାଜ ପ୍ରବେଶ କଲା ପରି ତ୍ରିଲୋକ ଉଦ୍ଭାସିତ କରି ପ୍ରବେଶ କଲେ । ସେ ମହୀପତି ଶୁଦ୍ଧୋଦନ-ମହିଷୀଙ୍କ ଗର୍ଭରେ ହିମାଦ୍ରି ପରି ଧବଳ ରୂପ ଧାରଣ କରି ଜଗତର ଦୁଃଖ ନିବାରଣ ପାଇଁ ପ୍ରବେଶ କରିଥିଲେ । ମେଘମାଳା ସମୂହ ଯେପରି ବିଦ୍ୟୁତ୍ ବିଳାସକୁ ଧାରଣ କରନ୍ତି, ସେହିପରି ମାୟାଦେବୀ ତାଙ୍କୁ ନିଜ ଗର୍ଭରେ ଧାରଣ କଲେ ।

ଏକଦା ରାଜାଙ୍କ ଅନୁମତି କ୍ରମେ ଅନ୍ତଃପୁରଜନମାନଙ୍କ ସହ ସେହି ଦେବୀ ଲୁମ୍ବିନୀ ନାମକ ଉପବନକୁ ଗମନ କରିଥିଲେ । ଦେବୀ ଯେତେବେଳେ ଏକ ପୁଷ୍ପଭାରାନତ ଶାଖା ଅବଲମ୍ବନ କରି ଦଣ୍ଡାୟମାନା ଥିଲେ ସେତେବେଳେ ବୋଧିସତ୍ତ୍ୱ ତାଙ୍କ ଗର୍ଭରୁ ଅବିଳମ୍ବେ ବିନିର୍ଗତ ହେଲେ । ସେହି ସମୟରେ

ପୁଷ୍ୟା ନକ୍ଷତ୍ର ପ୍ରସନ୍ନ ଥିଲା ଓ ଗର୍ଭବେଦନା ବିନା, ନିରାମୟରେ, ଲୋକହିତ ପାଇଁ ସେହି ପୁତ୍ର ଜନ୍ମଗ୍ରହଣ କଲେ । ପ୍ରାତଃକାଳରେ ସୂର୍ଯ୍ୟ ପରି ନିଜ ତେଜରେ ଅନ୍ଧକାରକୁ ଦୂର କରି ସେ ଜଗତକୁ ସୁବର୍ଣ୍ଣ ପରି ଉଜ୍ଜ୍ୱଳ କରି ଦେଲେ । ଆକାଶରୁ ସେହି ବୋଧିସତ୍ତ୍ୱଙ୍କ ମସ୍ତକ ଉପରେ ମନ୍ଦାର ପୁଷ୍ପ ସହ ଦୁଇଟି ନିର୍ମଳ ବାରିଧାରା ନିପତିତ ହୋଇଥିଲା । ଧୀରେ ଧୀରେ ଗର୍ଭରୁ ଅଭିନିଃସୃତ ଅଲୌକିକଜନ୍ମା ସେହି ପୁରୁଷ ଯେପରି ସ୍ୱର୍ଗରୁ ଆଗମନ କଲେ । ଯୁଗଯୁଗାନ୍ତରର ଧ୍ୟାନ ଦ୍ୱାରା ପରିପୂର୍ଣ୍ଣ ହୃଦୟ ସେହି ବୋଧିସତ୍ତ୍ୱ, ମୂଢ଼ ଭାବରେ ନୁହେଁ ସଜ୍ଞାନରେହିଁ ଜନ୍ମ ଗ୍ରହଣ କଲେ ।

ଦୀପ୍ତି, ଧୈର୍ଯ୍ୟ ଓ କାନ୍ତି ସହ ସେହି ବାଳକ ଭୂମିରେ ଅବତୀର୍ଣ୍ଣ ସୂର୍ଯ୍ୟଙ୍କ ପରି ବିରାଜ କରିବାକୁ ଲାଗିଲେ । ସୂର୍ଯ୍ୟଙ୍କ ପରି ଅତ୍ୟୁଜ୍ଜ୍ୱଳ ହୋଇଥିଲେ ମଧ୍ୟ, ଚନ୍ଦ୍ରଙ୍କ ପରି ସେ ସମସ୍ତଙ୍କ ଦୃଷ୍ଟିକୁ ମୋହିତ କଲେ । ଅନାକୁଳ, ଆୟତ, ଧୀର, ଗୁରୁଗମ୍ଭୀର ଚରଣ ବିକ୍ଷେପ ଦ୍ୱାରା କମଳ ପ୍ରସ୍ଫୁଟିତ କରି ସେ ସପ୍ତର୍ଷି ନକ୍ଷତ୍ର ସଦୃଶ ସପ୍ତପଦ ଗମନ କଲେ । ସିଂହଗତି ନେଇ ସେହି ବୋଧିସତ୍ତ୍ୱ, ଚତୁର୍ଦିଗ ନିରୀକ୍ଷଣପୂର୍ବକ, ''ମୁଁ ବୋଧିର ନିମନ୍ତେ ଓ ଜଗତର ହିତ ସାଧନ ପାଇଁ ଜନ୍ମ ଗ୍ରହଣ କରିଛି, ଏହାହିଁ ମୋର ଶେଷ ଉତ୍ପତ୍ତି'' ଏହି ଭବିଷ୍ୟତ ବାଣୀ ଉଚ୍ଚାରଣ କଲେ । ଚନ୍ଦ୍ରକିରଣ ପରି ଶୁଭ୍ର-ଶୀତୋଷ୍ଣ, ଗଗନ-ପ୍ରସୂତ ଦୁଇଟି ବାରିଧାରା ତାଙ୍କ ସୌମ୍ୟ ମସ୍ତକ ଉପରେ ନିପତିତ ହେଲା ।

ଶୋଭନୀୟ ବିତାନବିଶିଷ୍ଟ କନକୋଜ୍ଜ୍ୱଳ ଏବଂ ବୈଦୁର୍ଯ୍ୟପାଦଯୁକ୍ତ ଶଯ୍ୟାରେ ଶୟନ କରି ନିଜର ଗୌରବ-ବଶତଃ କାଞ୍ଚନ ପଦ୍ମହସ୍ତ ଯକ୍ଷ ରାଜଗଣଙ୍କ ଦ୍ୱାରା ସେ ପରିବୃତ୍ତ ହେଲେ । ସେହି ମାୟା-ତନୁଜଙ୍କ ପ୍ରଭାବରେ ଦେବଗଣ ନତଶିର ହୋଇ ଆକାଶରେ ଶୁଭ୍ର ଛତ୍ରମାନ ଧାରଣ କଲେ । ଏବଂ ତାହାଙ୍କ ବୋଧି ନିମନ୍ତେ ପରମ ଆଶୀର୍ବଚନ ଜପ କରିବାକୁ ଲାଗିଲେ । ଅତୀତ ବୁଦ୍ଧମାନଙ୍କୁ ଯେଉଁମାନେ ସେବା କରିଥିଲେ ସେହି ଭକ୍ତିପୂର୍ଣ୍ଣନୟନ ମହୋରଗଗଣ ସଦ୍ଧର୍ମ ପିପାସାରେ ତାଙ୍କର ବ୍ୟଜନ କରିବାରେ ଓ ମନ୍ଦାରପୁଷ୍ପରାଜି ବର୍ଷଣ କରିବାକୁ ଲାଗିଲେ । ତଥାଗତଙ୍କ ଉତ୍ପତ୍ତି ହେତୁ ତୁଷ୍ଟ, ବିଶୁଦ୍ଧପ୍ରକୃତି ଶୁଦ୍ଧାଧିବାସ ଦେବଗଣ, ଅନୁରାଗଶୂନ୍ୟ ହୋଇ ମଧ୍ୟ ଦୁଃଖ-ନିମଗ୍ନ ଜଗତର ମଙ୍ଗଳର ଆଶାରେ ଆନନ୍ଦିତ ହେଲେ । ସେ ଜନ୍ମ ହେବାରେ ହିମାଳୟରୂପ ଶଙ୍କୁଯୁକ୍ତା ଧରଣୀ, ବାତାହତ ନୌକା ପରି ଚଞ୍ଚଳ ହୋଇ ଉଠିଲା ଓ ଅଭ୍ରଶୂନ୍ୟ ଗଗନମଣ୍ଡଳରୁ ଉତ୍ପଳ ଓ ପଦ୍ମ ସହିତ ଚନ୍ଦନର ବୃଷ୍ଟି ହେଲା । ମନୋଜ୍ଞ ସ୍ପର୍ଶସୁଖକର ସମୀରଣ, ଦିବ୍ୟ ବସନ ସମୂହ ବର୍ଷଣ କରି ପ୍ରବାହିତ ହେଲା, ସେହି ଏକହିଁ ସୂର୍ଯ୍ୟ ଅଧିକତର ପ୍ରକାଶ ପାଇଲା ଓ ଅନ୍ୟ କାହାର ଚେଷ୍ଟା ବିନା ଅଗ୍ନି ମନୋଜ୍ଞ ସୌମ୍ୟ ଶିଖା ଧାରଣ କରି ଆପେ ଆପେ ପ୍ରଜ୍ୱଳିତ ହେଲା ।

ତାଙ୍କର ନିବାସସ୍ଥଳର ପୂର୍ବୋତ୍ତର ପ୍ରଦେଶରେ ଶୁଭ୍ର ବାରିବିଶିଷ୍ଟ ଏକ କୂପ ଆପେ ଆପେ ଆବିର୍ଭୂତ ହେଲା । ଅନ୍ତଃପୁରବାସିନୀମାନେ ବିସ୍ମୟାବିଷ୍ଟା ହୋଇ ତୀର୍ଥ ଭଳି ସେହି ସ୍ଥାନରେ ମାଙ୍ଗଳିକ କ୍ରିୟାର ଅନୁଷ୍ଠାନ କଲେ । ତାଙ୍କର ଦର୍ଶନ-ପ୍ରତ୍ୟାଶାରେ ଆଗତ ଧର୍ମାର୍ଥୀମାନଙ୍କ ଦ୍ୱାରା ଓ ଦିବ୍ୟ ସତ୍ତ୍ୱଗଣମାନଙ୍କ ଦ୍ୱାରା ସେହି ଉପବନ ପୂର୍ଣ୍ଣ ହୋଇ ଉଠିଲା । ବୃକ୍ଷମାନେ ଯେପରି କୌତୂହଳପୂର୍ଣ୍ଣ ହୋଇ ସୁଗନ୍ଧିତ ପୁଷ୍ପ ଦ୍ୱାରା ତାଙ୍କର ପୂଜା କଲେ । ସମୀରଣବାହିତ ସୁଗନ୍ଧରେ ଦିଗପୂର୍ଣ୍ଣ କରି ପୁଷ୍ପମାନେ ପ୍ରସ୍ଫୁଟିତ ହେଲେ । ସେହି ପୁଷ୍ପରାଜି ଉଦ୍‌ଭ୍ରାନ୍ତ ଭୃଙ୍ଗବଧୂମାନଙ୍କ ଦ୍ୱାରା ଗୁଞ୍ଜରିତ ଏବଂ ଭୁଜଙ୍ଗମାନଙ୍କ ଦ୍ୱାରା ଛତ୍ର ପରି ଆଚ୍ଛାଦିତ ହେଲେ । କୌଣସି କୌଣସି ସ୍ଥାନରେ ପଥର ଉଭୟ ପାର୍ଶ୍ୱରେ ଚଞ୍ଚଳ-କୁଣ୍ଡଳ-ଭୂଷିତା ନାରୀମାନଙ୍କ ତୂର୍ଯ୍ୟ ଓ ମୃଦଙ୍ଗ ସଙ୍ଗୀତରେ ଏବଂ ବୀଣା, ମୁକୁନ୍ଦ ଓ ମୁରଜ ଆଦି ବାଦ୍ୟରେ ସେହି ନଗର ମନୋରମ ହୋଇ ଉଠିଲା ।

ରାଜା ଶୁଦ୍ଧୋଦନ ପୁତ୍ରର ଏହି ଅଲୌକିକ ଜନ୍ମ ଦେଖି, ସ୍ୱଭାବତଃ ଧୀର ଗମ୍ଭୀର ପ୍ରକୃତି ସମ୍ପନ୍ନ ହେଲେ ମଧ୍ୟ ଅତିଶୟ ବ୍ୟାକୁଳ ହୋଇ ଉଠିଲେ । ତାଙ୍କର ସ୍ନେହପ୍ରବଣ ହୃଦୟ ଦ୍ରବୀଭୂତ ହେଲା । ଚକ୍ଷୁରୁ ଆନନ୍ଦ ଓ ଆଶଙ୍କାର ଅଶ୍ରୁଧାରା ନିର୍ଗତ ହେଲା । ପ୍ରଥିତଯଶା ଶୁଦ୍ଧଚରିତ ବିଦ୍ୱାନ୍ ବ୍ରାହ୍ମଣଗଣ କୁମାରଙ୍କର ଏହି ଅଲୋକିତ ଜନ୍ମ ଓ ଅସ୍ୱାଭାବିକ ଘଟଣାବଳୀ ବିଷୟ ଶ୍ରବଣ କରି ରାଜା ଶୁଦ୍ଧୋଦନଙ୍କ ନିକଟକୁ ଆସିଲେ । ସେମାନେ ଆନନ୍ଦୋତ୍‌ଫୁଲ୍ଲ ବଦନରେ ରାଜାଙ୍କୁ ଉତ୍ସାହିତ କରି କହିବାକୁ ଲାଗିଲେ :

''ମହାରାଜ ! ଆନନ୍ଦିତ ହୁଅନ୍ତୁ । ଆଜି ମହୋତ୍ସବର ଦିନ । ହୃଦୟରେ କୌଣସି ଉଦ୍‌ବେଗ, କୌଣସି ଆଶଙ୍କାକୁ ସ୍ଥାନ ଦେବେ ନାହିଁ । ଆଜି ଯେ ଆପଣଙ୍କ ପୁତ୍ର ରୂପେ ଜନ୍ମ ଗ୍ରହଣ କରିଛନ୍ତି, ଜଗତର ସମସ୍ତ ଦୁଃଖସନ୍ତପ୍ତ ଜନଗଣଙ୍କର ସେ ହେବେ ଉଦ୍ଧାରକର୍ତ୍ତା, ପଥପ୍ରଦର୍ଶକ, ଅଧିନେତା । ଏହି

ଉଜ୍ଜ୍ୱଳ କାଞ୍ଚନବର୍ଣ୍ଣ ଅନୁତ୍ତର ଶିଶୁର ଯେଉଁ ଲକ୍ଷଣସମୂହ ଦର୍ଶନ କରୁଛୁ, ତହିଁରେ ନିଃସନ୍ଦେହ ଭାବରେ କୁହାଯାଇପାରେ ଯେ ହୁଏତ ଏ ଜଣେ ମହାମୁନି ହୋଇ ପରମ ସିଦ୍ଧି ଲାଭ କରିବେ ନତୁବା ସମସ୍ତ ଜଗତର ଚକ୍ରବର୍ତ୍ତୀ ସମ୍ରାଟ ହେବେ । ଯଦି ଏ ପାର୍ଥିବ ସମ୍ପଦ ଇଚ୍ଛା କରନ୍ତି, ତେବେ ନିଜର ଅଲୌକିକ ଶକ୍ତି ଦ୍ୱାରା, ସୌର ଜଗତରେ ସୂର୍ଯ୍ୟଙ୍କ ପରି, ପୃଥିବୀର ସମସ୍ତ ରାଜାଙ୍କର ମୁକୁଟ ମଣି ହେବେ, ଅଥବା ଯଦି ଏ ପରମଗତି ଆକାଂକ୍ଷା କରି ସଂସାର-ପରିତ୍ୟାଗପୂର୍ବକ ଅରଣ୍ୟ ଗମନ କରନ୍ତି ତା'ହେଲେ ନିଜର ଅଲୌକିକ ତପସ୍ୟାଲବ୍ଧ ତତ୍ତ୍ୱ ଦ୍ୱାରା ଜଗତର ସମସ୍ତ ମତବାଦକୁ ନିରସ୍ତ କରି, ପର୍ବତମାନଙ୍କ ମଧ୍ୟରେ ମେରୁ ସଦୃଶ ସର୍ବୋପରି ବିରାଜ କରିବେ । ଧାତୁମାନଙ୍କ ମଧ୍ୟରେ ଯେପରି ସୁବର୍ଣ୍ଣ, ଗିରିମାନଙ୍କ ମଧ୍ୟରେ ଯେପରି ମେରୁ, ଜଳରାଶି ମଧ୍ୟରେ ଯେପରି ସାଗର, ଗ୍ରହମାନଙ୍କ ମଧ୍ୟରେ ଯେପରି ଚନ୍ଦ୍ର, ତେଜୋରାଶି ମଧ୍ୟରେ ଯେପରି ସୂର୍ଯ୍ୟ, ସେହିପରି ଜଗତର ସମସ୍ତ ଜନଗଣଙ୍କ ମଧ୍ୟରେ ଆପଣଙ୍କ ପୁତ୍ର ହେବେ ସର୍ବୋତ୍ତମ ।

ରାଜା ଏସମସ୍ତ ଶ୍ରବଣ କରି ସେହି ଦ୍ୱିଜମାନଙ୍କୁ ପ୍ରଶ୍ନ କଲେ, ''ପୂର୍ବେ ମହାଶକ୍ତିମାନ୍ ରାଜର୍ଷିଗଣଙ୍କ ମଧ୍ୟରେ ବି ଯେଉଁ ଲକ୍ଷଣସବୁ ଦୃଷ୍ଟ ହୋଇ ନାହିଁ, ସେମାନେ ଯାହା କରିବାକୁ ସମର୍ଥ ହୋଇ ନାହାନ୍ତି ଏ ତାହା କରିବାକୁ ସମର୍ଥ ହେବେ, ଏହା କିପରି ସମ୍ଭବ ?''

ବ୍ରାହ୍ମଣମାନେ ଉତ୍ତର ଦେଲେ, ''ଏ ବିଷୟରେ ପୂର୍ବପର ବୋଲି କିଛି ନିୟମ ନାହିଁ । ଗୋତ୍ର ପ୍ରତିଷ୍ଠାତା ଋଷି ଭୃଗୁ ଓ ଅଙ୍ଗିରା ଯେଉଁ ଶାସ୍ତ୍ର ରଚନା କରିପାରି ନ ଥିଲେ ପରେ ତାଙ୍କର ପୁତ୍ର ଶୁକ୍ର ଓ ବୃହସ୍ପତି ତାହା ରଚନା କରିଥିଲେ । ବଶିଷ୍ଠ ଯେଉଁ ବେଦକୁ ବିଭକ୍ତ କରିବାକୁ ଅସମର୍ଥ ହୋଇଥିଲେ, ବ୍ୟାସ ସେହି ବେଦକୁ ବହୁ ଭାଗରେ ବିଭକ୍ତ କଲେ । ମହର୍ଷି ଚ୍ୟବନ ଯାହା ରଚନା କରି ପାରି ନ ଥିଲେ, ବାଲ୍ମୀକି ସେହି ପଦ୍ୟ ରଚନା କଲେ । ପୂର୍ବେ ଅତ୍ରି ଯେଉଁ ଚିକିତ୍ସାଶାସ୍ତ୍ର ପ୍ରଣୟନ କରି ପାରି ନ ଥିଲେ, ଆତ୍ରେୟ ଋଷି ତାହା କରି ପାରିଥିଲେ । କୁଶିକ ଯେଉଁ ଦ୍ୱିଜତ୍ୱ ଲାଭ କରି ପାରି ନ ଥିଲେ, ଗାଧିଙ୍କ ପୁତ୍ର ତାହା ଲାଭ କଲେ । ଇକ୍ଷ୍ୱାକୁଙ୍କ ପୁତ୍ରମାନେ ଯେଉଁ ସମୁଦ୍ରବେଳାକୁ ବାନ୍ଧି ପାରି ନ ଥିଲେ, ପରେ ସଗର ସେହି ସମୁଦ୍ରବେଳାକୁ ବାନ୍ଧିଥିଲେ । ଯୋଗକ୍ରିୟା ଦ୍ୱାରା ବ୍ରାହ୍ମଣଗଣ ଯେଉଁ ଆଚାର୍ଯ୍ୟତ୍ୱ ପାଇ ନ ଥିଲେ, ଜନକ ତାହା ପ୍ରାପ୍ତ ହୋଇଥିଲେ । ନୃପତି ଓ ଋଷିଗଣଙ୍କ ପୂର୍ବ-ପୁରୁଷମାନେ ଯେଉଁ କାର୍ଯ୍ୟସମୂହ ସଂପନ୍ନ କରି ପାରି ନ ଥିଲେ, ସେମାନଙ୍କ ପୁତ୍ର-ପୌତ୍ରଗଣଙ୍କ ଦ୍ୱାରା ତାହା ଅନୁଷ୍ଠିତ ହୋଇଛି । ସୁତରାଂ ବୟସ ଓ ବଂଶ ଏ ବିଷୟରେ ପ୍ରାମାଣ୍ୟ ନୁହେଁ; ଜଗତରେ ଯେ କୌଣସି ସ୍ଥାନରୁ ଯେ କୌଣସି ବ୍ୟକ୍ତି ଶ୍ରେଷ୍ଠ ହୋଇପାରେ । ଏହିପରି ଦ୍ୱିଜଗଣଙ୍କ ଦ୍ୱାରା ଆଶ୍ୱାସିତ ହୋଇ ନରପତି ଶୁଦ୍ଧୋଦନ ଚିତ୍ତରୁ ସମସ୍ତ ଅନିଷ୍ଟ ଆଶଙ୍କା ଦୂର କରି ହର୍ଷ ଲାଭ କଲେ ଓ ଦ୍ୱିଜମାନଙ୍କୁ ସତ୍କାରପୂର୍ବକ ବହୁଧନ ପ୍ରଦାନ କଲେ ।

ଅନନ୍ତର, ବ୍ରାହ୍ମୀଶ୍ରୀ ଓ ତପଃଶ୍ରୀ ଦ୍ୱାରା ଉଜ୍ଜ୍ୱଳ ବ୍ରହ୍ମବିଦ୍‌ମାନଙ୍କ ମଧ୍ୟରେ ସର୍ବୋତ୍ତମ ମହର୍ଷି ଅସିତ ରାଜ-ସଦନରେ ପ୍ରବେଶ କଲେ । ତାହା ପରେ ନୃପତି ଶୁଦ୍ଧୋଦନ ମୁନିଙ୍କୁ ପାଦାର୍ଘ୍ୟ ପ୍ରଦାନ କରି କହିଲେ, ''ଭଗବାନ୍ ମୋତେ ଦେଖିବାକୁ ଆସିଛନ୍ତି, ମୁଁ ଧନ୍ୟ ହୋଇଛି, ମୋର ବଂଶ ଆପଣଙ୍କ ଅନୁଗ୍ରହ ଲାଭ କରିଛି । ମୁଁ ଆପଣଙ୍କ ଶିଷ୍ୟ, କ'ଣ କରିବାକୁ ହେବ ଆଜ୍ଞା କରନ୍ତୁ ।'' ଋଷି କହିଲେ, ''ବୋଧିଲାଭ ନିମନ୍ତେ ତୁମର ଏକ ପୁତ୍ର ଜନ୍ମ ଗ୍ରହଣ କରିଛି । ମୁଁ ଆକାଶମାର୍ଗରେ ଏହି ଦିବ୍ୟବାଣୀ ଶୁଣିଲି । ସେହି ବାଣୀ ଶ୍ରବଣ କରି ଧ୍ୟାନଯୋଗରେ ପୁତ୍ରର ଅଲୌକିକ ଲକ୍ଷଣସବୁ ଅବଗତ ହୋଇ ତାହାଙ୍କ ଦର୍ଶନଲାଭ ପାଇଁ ଏଠାରେ ଉପସ୍ଥିତ ହୋଇଛି ।'' ଏହା ଶୁଣି ଆନନ୍ଦରେ ନରପତି ଶୁଦ୍ଧୋଦନ ଧାତ୍ରୀକ୍ରୋଡ଼ସ୍ଥିତ କୁମାରଙ୍କୁ ଆନୟନ କରି ତପୋଧନଙ୍କୁ ଦର୍ଶନ କରାଇଲେ ।

ମହର୍ଷି ବିସ୍ମୟର ସହ ସେହି ରାଜପୁତ୍ରଙ୍କୁ ଦର୍ଶନ କଲେ । ପାର୍ବତୀଙ୍କ କ୍ରୋଡ଼ରେ କୁମାର କାର୍ତ୍ତିକେୟଙ୍କ ପରି ଧାତ୍ରୀକ୍ରୋଡ଼ରେ ସେହି କୁମାରଙ୍କୁ ଦର୍ଶନ କରି ତାଙ୍କର ଚକ୍ଷୁ-ପଲ୍ଲବରେ ଅଶ୍ରୁ ସଞ୍ଚିତ ହେଲା ଓ ସେ ଦୀର୍ଘ ନିଃଶ୍ୱାସ ତ୍ୟାଗ କରି ଆକାଶ ଦିଗରେ ଦୃଷ୍ଟିପାତ କଲେ । ମହର୍ଷି ଅସିତଙ୍କ ଚକ୍ଷୁ ଅଶ୍ରୁପ୍ଲାବିତ ହୋଇଥିବାର ଦେଖି ନରପତି ନତମସ୍ତକ ହୋଇ ବାଷ୍ପରୁଦ୍ଧ କଣ୍ଠରେ ଜିଜ୍ଞାସା କରିଲେ, ''ଦେବଗଣଙ୍କ ଦେହ ସହିତ ଯାହାର ଦେହର ପ୍ରଭେଦ ଅତି ଅଳ୍ପ, ଯାହାର ଜନ୍ମ ଜ୍ୟୋତିର୍ମୟ, ତାହାଙ୍କୁ ଦେଖି ଆପଣଙ୍କ ନୟନ ଅଶ୍ରୁସିକ୍ତ ହେଲା କାହିଁକି ? ସୁପ୍ତ ହୋଇଲେ ମଧ୍ୟ ଯେଉଁ ପୁତ୍ର ଦିଗରେ ମୋର ଗୋଟିଏ ଆଖି ଅନିମେଷ ଭାବରେ ଚାହିଁ ରହିଥାଏ ମୋର ଯଶର ଆଧାର ସେହି ପୁତ୍ର ଅକ୍ଷୟ ହେବ ତ ? ଏହି କୁଳ-କିଶଳୟ ଉତ୍ପନ୍ନ ହୋଇ ଅପ୍ରସ୍ଫୁଟିତ ଅବସ୍ଥାରେ କେବେ

ହେଲେ ଶୁଷ୍କ ହେବ ନାହିଁ । ହେ ବିଭୋ ! ମୁଁ ଅଶାନ୍ତ ହୋଇଛି, ଆପଣ ସତ୍ୱର ଉତ୍ତର ଦିଅନ୍ତୁ ।''

ନରପତି ଅମଙ୍ଗଳ ଆଶଙ୍କାରେ ଉଦ୍‌ବିଗ୍ନ ହେଉଥିବା ମନେ କରି ମୁନି କହିଲେ, ''ହେ ରାଜନ୍ ! ତୁମେ ଅନ୍ୟ କିଛି ଆଶଙ୍କା କର ନାହିଁ । ମୁଁ ଯାହା କହୁଛି ତାହା ନିଃସନ୍ଦେହ ଭାବରେ ସତ୍ୟ । ଏହାର ଅନ୍ୟଥା କିଛି ହେବ ବୋଲି ଯେ ମୋର ମନ ଚଞ୍ଚଳ ହେଉଛି ତାହା ନୁହେଁ । ମୁଁ ସ୍ୱୟଂ ବଞ୍ଚିତ ହେଲି ବୋଲି ଭାବି ମୋର ମନ ବିକଳ ହେଉଛି । ମୋର ପରଲୋକ ଯାତ୍ରାର ଦିନ ଆଗତପ୍ରାୟ । ହାୟ, ଏପରି ସମୟରେ ଏହି ଦୁର୍ଲଭ, ପୁନର୍ଜନ୍ମ କ୍ଷୟର ଉପାୟଜ୍ଞ ପୁରୁଷ ଜନ୍ମ ଗ୍ରହଣ କଲେ । ରାଜ୍ୟତ୍ୟାଗୀ, ବିଷୟରେ ଆସ୍ଥାଶୂନ୍ୟ, ତୀବ୍ର ପ୍ରଯତ୍ନ ଦ୍ୱାରା ଅଧିଗତ ତତ୍ତ୍ୱ ଏହି ଜ୍ଞାନମୟ ସୂର୍ଯ୍ୟ ମୋହାନ୍ଧକାର ଦୂର କରିବା ପାଇଁ ଜଗତରେ ପ୍ରଜ୍ୱଳିତ ହେଲେ । ହାୟ, ଏହି ସଂସାର ଯେପରି ଦୁଃଖର ସାଗର । ବ୍ୟାଧି ଏହାର ଫେନ ସ୍ୱରୂପ । ଜରା ଏହାର ତରଙ୍ଗ । ମୃତ୍ୟୁ ଏହାର ବେଗକୁ ଉଗ୍ର କରୁଛି । ସମସ୍ତ ଜଗତ ଏହି ଦୁଃଖ-ସାଗରରେ ଭାସି ଚାଲିଛି ।

''ଏହି ମହାମାନବ ତାଙ୍କର ପ୍ରଜ୍ଞାତରଣୀ ବାହି ଏହି ଆର୍ତ୍ତ ଜଗତକୁ ଉଦ୍ଧାର କରିବେ । ଏହାଙ୍କର ପ୍ରବର୍ତ୍ତିତ ଧର୍ମ ସ୍ରୋତସ୍ୱିନୀ ନଦୀ ପରି ବହି ଚାଲିବ । ପ୍ରଜ୍ଞା ହେବ ଏହାର ବାରି । ସମାଧି ସେହି ବାରିକୁ ଶୀତଳ କରିବ । ସ୍ଥିର ଶୀଳ ହେବ ତାହାର ତଟ । ବ୍ରତ ହେବ ଚକ୍ରବାକ । ଏହି ଉତ୍ତମା ସ୍ରୋତସ୍ୱିନୀରୁ ତୃଷାର୍ତ୍ତ ଜୀବଲୋକ ତୃଷ୍ଣା ନିବାରଣ କରିବ । ରୌଦ୍ରତାପ ପରେ ବୃଷ୍ଟି ଦ୍ୱାରା ମହାମେଘ ଯେପରି ଜଗତର ତାପ ଦୂର କରେ ସେହିପରି ବିଷୟାଗ୍ନି ଦ୍ୱାରା ଦହ୍ୟମାନ ଜନସମୂହଙ୍କୁ ଧର୍ମବୃଷ୍ଟି ଦ୍ୱାରା ଏ ଆନନ୍ଦ ବିତରଣ କରିବେ । ଏହି ଧର୍ମରାଜ ବୋଧି ଲାଭ କରି ମୋହପାଶରେ ବେଷ୍ଟିତ ଦୁଃଖାଭିଭୂତ; ନିରାଶ୍ରୟ ଜନସମୂହଙ୍କ ବନ୍ଧନମୋଚନ କରିବେ । ଏହାଙ୍କ ଧର୍ମ ଶ୍ରବଣରୁ ବଞ୍ଚିତ ହୋଇ ସ୍ୱର୍ଗରେ ବାସ କରିବାକୁ ମଧ୍ୟ ମୁଁ ଏକ ବିପତ୍ତି ବୋଲି ମନେ କରୁଛି ।''

ଏହା ଶୁଣି ନରପତି ବିଷାଦ ତ୍ୟାଗ କରି ଭାର୍ଯ୍ୟା ଓ ସୁହୃଦମାନଙ୍କ ସହ ଆନନ୍ଦରେ ମଗ୍ନ ହେଲେ । ପୁତ୍ରଜନ୍ମରେ ଆନନ୍ଦିତ ପୁତ୍ରପ୍ରିୟ ନରପତି ତାଙ୍କ ରାଜ୍ୟର ସମସ୍ତ ବନ୍ଦୀମାନଙ୍କୁ ମୁକ୍ତ କରି ଦେଲେ । ସନ୍ତାନର ଜାତକର୍ମାଦି ଯଥାବିଧି ସଂପନ୍ନ କଲେ । ଦଶ ଦିବସ ଅତୀତ ହେଲା ପରେ ସଂଯତଚିତ୍ତ ଓ ପରମ ଆନନ୍ଦିତ ସେହି ରାଜା ପୁତ୍ରର କଲ୍ୟାଣ ପାଇଁ ଜପ-ହୋମାଦି ଏବଂ ଦେବତାମାନଙ୍କ ଉଦ୍ଦେଶ୍ୟରେ ଯଜ୍ଞ କରାଇଲେ । ଦ୍ୱିଜମାନଙ୍କୁ ଶତସହସ୍ର ବଳିଷ୍ଠ ବତ୍ସାଯୁକ୍ତ ପୟସ୍ୱିନୀ ଗାଭୀ ଦାନ କଲେ । ସଂଯତମନା ନରପତି ନିଜ ହୃଦୟତୋଷକ ବହୁକ୍ରିୟା ଅନୁଷ୍ଠାନପୂର୍ବକ ହର୍ଷାନ୍ୱିତ ହୋଇ ଶୁଭ ଦିବସରେ, ଶୁଭ ମୂହୂର୍ତ୍ତରେ ପୁରପ୍ରବେଶର ସଂକଳ୍ପ କଲେ ।

ଅତଃପର ପୁତ୍ରବତୀ ଦେବୀ, କଲ୍ୟାଣ-କାମନାରେ ଦେବଗଣଙ୍କୁ ପ୍ରଣାମ କରି ମହାର୍ଘ ଶ୍ୱେତବର୍ଣ୍ଣ ସିତପୁଷ୍ପାନ୍ୱିତ ରତ୍ନୋଜ୍ଜ୍ୱଳା ଶିବିକାରେ ଆରୋହଣ କଲେ । ପତ୍ନୀଙ୍କୁ ସନ୍ତାନ ସହ ଅଗ୍ରେ ପୁର ମଧ୍ୟରେ ପ୍ରବେଶ କରାଇ, ଦେବତାମାନଙ୍କ ଦ୍ୱାରା ଅର୍ଚ୍ଚ୍ୟମାନ ଇନ୍ଦ୍ର ଯେପରି ସ୍ୱର୍ଗରେ ପ୍ରବେଶ କରନ୍ତି ନରପତି ଶୁଦ୍ଧୋଦନ ସେହିପରି ପୌରଜନଙ୍କ ଦ୍ୱାରା ପୂଜିତ ହୋଇ ନିଜ ପୁରରେ ପ୍ରବେଶ କଲେ । ଷଡ଼ାନନଙ୍କ ଜନ୍ମରେ ସନ୍ତୁଷ୍ଟ ମହାଦେବଙ୍କ ପରି ମହାରାଜ ପ୍ରାସାଦକୁ ଗମନ କରି, ହର୍ଷୋତ୍‌ଫୁଲ୍ଲ ବଦନରେ ନାନା ନିର୍ଦ୍ଦେଶ ଦାନପୂର୍ବକ ବହୁ ଉନ୍ନୟନମୂଳକ ଓ ଯଶଙ୍କର କର୍ମର ଅନୁଷ୍ଠାନ କଲେ । ଏହିପରି ଜନପଦ ସହ କପିଳଙ୍କ ନାମରେ ପ୍ରଖ୍ୟାତ ସେହି ନଗରୀ ନଳ-କୁବେରଙ୍କର ଜନ୍ମରେ ଅପ୍ସରାବିରାଜିତ ଅଳକାପୁରୀ ପରି ରାଜପୁତ୍ରଙ୍କ ମହିମମୟ ଜନ୍ମ ହେତୁ ହର୍ଷପୂର୍ଣ୍ଣ ହୋଇ ଉଠିଲା ।

(କ୍ରମଶଃ) ❖

ମୁଁ କହିପାରେ ଭଗବାନ୍ ଯେ ଅଭିବ୍ୟକ୍ତ ହେଉଛନ୍ତି ସେ ସମ୍ପର୍କରେ ପୃଥିବୀ ସଚେତ ହେଉ ।

୮ ଅପ୍ରେଲ ୧୯୩୫ — ଶ୍ରୀମା

ଅନ୍ତରାଳ ଜଗତ୍ :

# କଳା ଓ ଯୋଗ

## ଶ୍ରୀମା

*ପ୍ରଶ୍ନ : ... ଯଦି କେହି ଯୋଗ କରେ ତେବେ 'ସେକ୍ସପିଅର୍' କିଂବା 'ସେଲି'ଙ୍କ ଭଳି ସେହି ଉଚ୍ଚତାକୁ ଉଠି ପାରେ କି ? ଏପରି କିଛି ଦୃଷ୍ଟାନ୍ତ ଦେଖିବାକୁ ମିଳେ ନାହିଁ ।*

ଉତ୍ତର : କାହିଁକି ନୁହେଁ ? ସେକ୍ସପିଅର୍ କିଂବା ଅନ୍ୟ କୌଣସି କବିଙ୍କର ଯେ କୌଣସି ସୃଷ୍ଟିଠାରୁ ମହାଭାରତ ଓ ରାମାୟଣ କୌଣସି ଗୁଣରେ ନ୍ୟୂନ ନୁହନ୍ତି ଏବଂ ସେସବୁ କାର୍ଯ୍ୟ ଏପରି ବ୍ୟକ୍ତିମାନଙ୍କ ଦ୍ୱାରା ହୋଇଥିବାର କୁହାଯାଏ, ଯେଉଁମାନେ କି ଥିଲେ ଋଷି ଏବଂ ସେମାନେ ଯୌଗିକ ତପସ୍ୟା କରିଥିଲେ । ଉପନିଷଦ୍ ଭଳି ଗୀତା ମଧ୍ୟ ଏକସଙ୍ଗେ ସର୍ବବୃହତ୍ ସାହିତ୍ୟିକ ଏବଂ ସର୍ବବୃହତ୍ ଆଧ୍ୟାତ୍ମିକ କୃତି ମଧ୍ୟରେ ପରିଗଣିତ ହୁଏ, ଯାହାକି ଯୋଗର ଅନୁଭୂତି ନଥିବା କୌଣସି ବ୍ୟକ୍ତି ଦ୍ୱାରା ଲେଖା ଯାଇ ନଥିଲା । ଭାରତରେ ହେଉ ବା ପାରସ୍ୟରେ ହେଉ କିଂବା ଅନ୍ୟ କୌଣସି ସ୍ଥାନରେ ହେଉ, ସାଧୁ, ସନ୍ଥ, ସୁଫି କିଂବା ଭକ୍ତମାନଙ୍କ ଦ୍ୱାରା ଲିଖିତ ବିଖ୍ୟାତ ପଦ୍ୟସବୁ ତୁମର 'ମିଲ୍‌ଟନ୍' ଏବଂ 'ଶେଲି'ଙ୍କ ରଚନାଠାରୁ କେଉଁ ଗୁଣରେ ନ୍ୟୂନ ? ତା'ଛଡ଼ା ଯୋଗୀମାନଙ୍କୁ ଓ ସେମାନଙ୍କର କର୍ମକୁ ତୁମେ କେତେ ବା କ'ଣ ଜାଣିଛ ? ତୁମେ କ'ଣ କହିପାରିବ କବି ଏବଂ ସ୍ରଷ୍ଟାମାନଙ୍କ ମଧ୍ୟରେ କେଉଁ କେଉଁମାନେ ଭଗବାନଙ୍କ ସଂସ୍ପର୍ଶରେ ସଚେତନ ଭାବରେ ଆସି ନାହାନ୍ତି ? ଏପରି କେତେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ବାହାରେ ଯୋଗୀ ଭଳି ଦେଖାଯାଆନ୍ତି ନାହିଁ, ସେମାନେ ଗୁରୁ ନୁହନ୍ତି ଏବଂ ସେମାନଙ୍କର କୌଣସି ଶିଷ୍ୟ ନଥା'ନ୍ତି; ସେମାନେ କ'ଣ କରନ୍ତି ତାହା ସଂସାରରେ କେହି ଜାଣନ୍ତି ନାହିଁ; ସେମାନେ ଖ୍ୟାତି ପାଇଁ ଉଦ୍‌ବିଗ୍ନ ନୁହନ୍ତି, ଏବଂ ସେମାନେ ନିଜ ଆଡ଼କୁ ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ଚାହାନ୍ତି ନାହିଁ; କିନ୍ତୁ ସେମାନଙ୍କର ଉଚ୍ଚତର ଚେତନା ଥାଏ, ସେମାନେ ଏକ ଭଗବତ୍ ଶକ୍ତିର ସଂସ୍ପର୍ଶରେ ଆସିଥା'ନ୍ତି ଏବଂ ସେମାନେ ଯେତେବେଳେ କିଛି ସୃଷ୍ଟି କରନ୍ତି, ତାହା ସେହି ସ୍ତରରୁହିଁ କରିଥା'ନ୍ତି । ଭାରତର ବିଖ୍ୟାତ ଚିତ୍ରକଳା ଏବଂ ବିଖ୍ୟାତ ଭାସ୍କର୍ଯ୍ୟ ଓ ସ୍ଥାପତ୍ୟମାନଙ୍କ ମଧ୍ୟରୁ ଅଧିକାଂଶ ବୌଦ୍ଧ ସନ୍ନ୍ୟାସୀମାନଙ୍କ ଦ୍ୱାରା ସୃଷ୍ଟି କରାଯାଇଥିଲା । ଯେଉଁମାନେ ଆଧ୍ୟାତ୍ମିକ ଅନୁଶୀଳନ ଓ ଅଭ୍ୟାସ ମଧ୍ୟଦେଇ ତାଙ୍କର ଜୀବନ ଅତିବାହିତ କରିଥିଲେ; ସେମାନେ ସର୍ବଶ୍ରେଷ୍ଠ କାରୁକାର୍ଯ୍ୟମାନ କରିଥିଲେ, କିନ୍ତୁ ଭବିଷ୍ୟତରେ ନିଜର ସ୍ମୃତିରକ୍ଷା ପାଇଁ କିଛି କରିଯାଇ ନଥିଲେ । ଯୋଗୀମାନେ ତାଙ୍କର କଳାକୃତି ପାଇଁ ସାଧାରଣତଃ ବାହାରକୁ ଜଣା ଯାଆନ୍ତି ନାହିଁ, କାରଣ ସେମାନେ ତାଙ୍କର କଳା ଅଭିବ୍ୟକ୍ତିକୁ ସେମାନଙ୍କ ଜୀବନର ସବୁଠାରୁ ମୁଖ୍ୟ କାର୍ଯ୍ୟ ବୋଲି ବିଚାର କରନ୍ତି ନାହିଁ ଏବଂ ସାଧାରଣ ଶିଳ୍ପୀ ଭଳି ଏ ଦିଗରେ ଯଥେଷ୍ଟ ସମୟ ଏବଂ ଶକ୍ତି ବିନିଯୋଗ କରନ୍ତି ନାହିଁ । ସେମାନେ ଯାହା କିଛି କରନ୍ତି ସର୍ବଦା ତାହା ସାଧାରଣ ଲୋକଙ୍କ ପାଖରେ ପହଞ୍ଚିପାରେ ନାହିଁ । କେତେଜଣ ଏପରି ଅଛନ୍ତି ଯେଉଁମାନେ କି ଖୁବ୍ ବୃହତ୍ କାର୍ଯ୍ୟ କରିଥିଲେ ମଧ୍ୟ ତାକୁ ପୃଥିବୀରେ ପ୍ରଚାର କରି ନାହାନ୍ତି ! [...]

କଳା ମଧ୍ୟରେ ନିହିତ ମୌଳିକ ସତ୍ୟ ଭଗବତ୍ ପରିପ୍ରକାଶର ସୌନ୍ଦର୍ଯ୍ୟ ଦୃଷ୍ଟିରୁ କିଛି ଊଣା ନୁହେଁ । ସମ୍ଭବତଃ ଏହି କଥାକୁ ବିଚାର କଲେ ଖୁବ୍ କମ୍ ପ୍ରକୃତ କଳାକାର ମିଳି ପାରିବେ; ତଥାପି ଏପରି କେତେକେ ଅଛନ୍ତି ଯେଉଁମାନଙ୍କୁ ଯୋଗୀ ଭାବରେ ଗ୍ରହଣ କରାଯାଇପାରେ । କାରଣ, ଜଣେ କଳାକାରକୁ ଯୋଗୀ ଭଳି ପ୍ରେରଣା ପାଇବା ପାଇଁ ଅପେକ୍ଷା କରିବା ନିମନ୍ତେ ଖୁବ୍ ଗଭୀର ଧ୍ୟାନରେ ନିମଗ୍ନ ହେବାକୁ ପଡ଼ିଥାଏ । ପ୍ରକୃତରେ କିଛି ସୁନ୍ଦର ସୃଷ୍ଟି କରିବାକୁ ହେଲେ କଳାକାରଙ୍କୁ ପ୍ରଥମେ ତାହା ନିଜ ମଧ୍ୟରେ ଦେଖିବାକୁ ପଡ଼େ ଏବଂ ତାଙ୍କ ନିଜ ଚେତନାରେ ତାହାକୁ ପୂର୍ଣ୍ଣରୂପେ ଉପଲବ୍ଧି କରିବାକୁ ପଡ଼ିବ; କେବଳ ଯେତେବେଳେ ସେ ଏହା ଅନୁଭବ କରି ପାରିବେ, ଦେଖିପାରିବେ ଏବଂ ନିଜ ଭିତରେ ଧାରଣ କରି ପାରିବେ ସେତେବେଳେହିଁ ସେ ବାହାରେ ତାକୁ କାର୍ଯ୍ୟକାରୀ କରି ପାରିବେ; ତାଙ୍କର ମହାନ୍ ଅନ୍ତର୍ଦୃଷ୍ଟି ଅନୁଯାୟୀ ସେ ଏହା ସୃଷ୍ଟି କରି ପାରିବେ । ଏହା ମଧ୍ୟ ଏକପ୍ରକାର ଯୌଗିକ ଶୃଙ୍ଖଳା, କାରଣ ଏହା ଦ୍ୱାରା ସେ ଅନ୍ତର୍ଜଗତ ସହିତ ଘନିଷ୍ଠ ସଂପର୍କ ସ୍ଥାପନ କରି ପାରନ୍ତି । ଲିଓନାର୍ଦୋ ଦା' ଭିନ୍‌ସି

ଜଣେ ଯୋଗୀ ଭିନ୍ନ ଅନ୍ୟ କିଛି ନଥିଲେ ଏବଂ ସେ ଖୁବ୍ ବଡ଼ ନହେଲେ ମଧ୍ୟ ଅନ୍ତତଃ ବିଶିଷ୍ଟ ଚିତ୍ରକରଙ୍କ ମଧ୍ୟରେ ତାଙ୍କର ସ୍ଥାନ ଥିଲା – ଯଦିଓ କେବଳ ଚିତ୍ରବିଦ୍ୟାରେ ତାଙ୍କର କଳା ସୀମିତ ନଥିଲା ।

ସଂଗୀତ ମଧ୍ୟ ମୁଖ୍ୟତଃ ଏକ ଆଧ୍ୟାତ୍ମିକ କଳା ଏବଂ ତାହା ସର୍ବଦା ଧାର୍ମିକ ମନୋଭାବ ଏବଂ ଏକ ଆନ୍ତର ଜୀବନ ସହିତ ସଂପର୍କ ପ୍ରତିଷ୍ଠା କରି ଆସିଛି । କିନ୍ତୁ ଏଠାରେ ମଧ୍ୟ ଆମ୍ଭେମାନେ ସଂଗୀତକୁ ଏକପ୍ରକାର ସ୍ୱାଧୀନ ଓ ସ୍ୱୟଂସମ୍ପୂର୍ଣ୍ଣ ଏବଂ ସ୍ୱଳ୍ପକାଳ ସ୍ଥାୟୀ କଳାରେ ପରିଣତ କରିଛୁ – ଯେପରି ଅପେରା ସଂଗୀତରେ କରାଯାଇଥାଏ । ଆମେ ଯେତେସବୁ କଳାତ୍ମକ ସୃଷ୍ଟି ଦେଖୁ ସେଗୁଡ଼ିକ ଏହି ପ୍ରକାରର ଏବଂ କଳା କୌଶଳ ଦୃଷ୍ଟିରୁ ଏହା ବେଶ୍ ଆମୋଦଦାୟକ । ମୁଁ କହୁ ନାହିଁ ଯେ ଅପେରା ସଂଗୀତ ଉଚ୍ଚତର କଳା ଅଭିବ୍ୟକ୍ତିର ମାଧ୍ୟମ ରୂପେ ବ୍ୟବହୃତ ହୋଇପାରିବ ନାହିଁ; କାରଣ ଯାହା କିଛି ରୂପ ନେଇଥାଉ ପଛକେ ଏହା ଗଭୀର ଉଦ୍ଦେଶ୍ୟ ପାଇଁ ବ୍ୟବହାର କରାଯାଇପାରେ । ସବୁକିଛି ନିର୍ଭର କରେ ଏହି କଥା ଉପରେ ଯେ ଏହା କିପରି ବ୍ୟବହୃତ ହେଉଛି ଏବଂ ଏହା ପଛରେ କି ଉଦ୍ଦେଶ୍ୟ ରହିଛି । ଏପରି କିଛି ନାହିଁ ଯାହାକି ଭଗବତ୍ କାର୍ଯ୍ୟରେ ବିନିଯୋଗ କରାଯାଇ ପାରିବ ନାହିଁ – ଯେପରିକି କୌଣସି ଜିନିଷକୁ ଦିବ୍ୟ ବୋଲି ଛଳନା କରାଯାଇଥିଲେ ମଧ୍ୟ ତାହା ସ୍ୱଳ୍ପକ୍ଷଣ ସ୍ଥାୟୀ ହୋଇଥାଏ ।

ଆଧୁନିକ ବିଖ୍ୟାତ ସଙ୍ଗୀତଜ୍ଞମାନଙ୍କ ମଧ୍ୟରେ ଏପରି ଅନେକେ ଅଛନ୍ତି ଯେଉଁମାନେ କି ସୃଷ୍ଟି କରିବା ସମୟରେ ଉଚ୍ଚତର ଚେତନା ସଂସ୍ପର୍ଶରେ ଆସିଥିଲେ । ସେଜାର୍ ଫ୍ରାଙ୍କ୍ ଅର୍ଗାନ ବଜାଇବା ସମୟରେ ଖୁବ୍ ଅନୁପ୍ରାଣିତ ହୋଇଥିଲେ; ତାଙ୍କର ଚୈତ୍ୟଜୀବନ ଉନ୍ମୁକ୍ତ ହୋଇଥିଲା, ସେ ଏ ବିଷୟରେ ସଚେତନ ଥିଲେ ଏବଂ ଏହାକୁ ଉତ୍ତମ ଭାବରେ ପ୍ରକାଶ କରିଥିଲେ । ବିଥୋଭେନ୍ ତାଙ୍କର ନବମ ସିମ୍ଫୋନି ରଚନା କରିବା ସମୟରେ ଏକ ଊର୍ଦ୍ଧ୍ୱତର ଜଗତକୁ ଉନ୍ମୋଚିତ ହୋଇ ଯିବାର ଏବଂ ଊର୍ଦ୍ଧ୍ୱତର ଜଗତ୍ ପୃଥିବୀପୃଷ୍ଠକୁ ଅବତରଣ କରିବାର ସୂକ୍ଷ୍ମଦର୍ଶନ କରିଥିଲେ । ଓ୍ୟାଗ୍‌ନର୍‌ଙ୍କର ଗୁହ୍ୟଜଗତ୍ ସହିତ ଦୃଢ଼ ଏବଂ ଶକ୍ତିଶାଳୀ ସଂପର୍କ ରହିଥିଲା; ତାଙ୍କର ଗୁହ୍ୟବିଦ୍ୟା ସଂପର୍କରେ ପ୍ରବୃତ୍ତି ଥିଲା ଓ ନିଗୂଢ଼ ଅନୁଭୂତି ଥିଲା ଏବଂ ଏହା ମାଧ୍ୟମରେ ସେ ସର୍ବୋତ୍କୃଷ୍ଟ ପ୍ରେରଣାମାନ ପାଇଥିଲେ । କିନ୍ତୁ ସେ ମୁଖ୍ୟତଃ ପ୍ରାଣସ୍ତରରେ କାର୍ଯ୍ୟ କରିଥିଲେ ଏବଂ ତାଙ୍କର ମନ ସର୍ବଦା ତାଙ୍କର ପ୍ରେରଣାକୁ ବାଧା ଦେଉଥିଲା ଏବଂ ଏହା ସବୁକିଛିକୁ ଯାନ୍ତ୍ରିକ କରି ଦେଉଥିଲା । ସେଥିପାଇଁ ତାଙ୍କ କାର୍ଯ୍ୟର ବେଶୀ ଭାଗ ବହୁତ ମିଶ୍ରିତ ଥିଲା । ଅଧିକାଂଶ ସମୟରେ ତାହା ଅବୋଧ୍ୟ ଏବଂ କଷ୍ଟକର ଥିଲେ ମଧ୍ୟ ଶକ୍ତିଶାଳୀ ଥିଲା ଏବଂ ଯେତେବେଳେ ସେ ପ୍ରାଣସ୍ତର ଓ ମନଃସ୍ତରକୁ ପାର ହୋଇ ଏକ ଉଚ୍ଚତର ଜଗତରେ ପ୍ରବେଶ କଲେ ସେତେବେଳେ ସେ ପାଇଥିବା କେତେକ ଆଭାସ ଅତୀବ ସୁନ୍ଦର ଥିଲା; ଯାହାକି 'ପାର୍ସିଫଲ୍' (Parsifal) ଓ 'ଟ୍ରିସ୍ତାନ'(Tristan)ର କେତେକ ଅଂଶରେ ଏବଂ 'ଇସଲଟ୍'(Iseult)ର ଶେଷ ଦୃଶ୍ୟରେ ଦେଖିବାକୁ ମିଳିଥିଲା ।

ଆଧୁନିକ ବ୍ୟକ୍ତିମାନେ ନୃତ୍ୟକୁ କ'ଣ କରିଛନ୍ତି ତାହା ପୁନରାୟ ଦେଖ; ନୃତ୍ୟଶୈଳୀ ଆଗରୁ କିପରି ଥିଲା ଓ ଏବେ କିପରି ଅଛି ତା' ସହିତ ଏହାକୁ ତୁଳନା କର । ନୃତ୍ୟ ଏକ ସମୟରେ ଆନ୍ତର ଜୀବନର ଉଚ୍ଚତମ ଅଭିବ୍ୟକ୍ତିମାନଙ୍କ ମଧ୍ୟରୁ ଗୋଟିଏ ଥିଲା; ଏହା ଧର୍ମ ସହିତ ସଂପୃକ୍ତ ଥିଲା ଏବଂ ପବିତ୍ର ଅନୁଷ୍ଠାନ, ଉତ୍ସବମାନଙ୍କରେ ଏବଂ ଭଗବତ୍ ଉପାସନା-ମାନଙ୍କରେ ଏହା ଏକ ମୁଖ୍ୟ ଅଂଶ ସ୍ୱରୂପ ଥିଲା । କେତେକ ଦେଶରେ ଏହା ସୌନ୍ଦର୍ଯ୍ୟର ଖୁବ୍ ଉଚ୍ଚସ୍ତର ଏବଂ ଅସାଧାରଣ ପରିପୂର୍ଣ୍ଣତାରେ ପହଞ୍ଚି ପାରିଥିଲା । ଜାପାନରେ ସେମାନେ ଧାର୍ମିକ ଜୀବନର ଅଂଶ ସ୍ୱରୂପ ନୃତ୍ୟର ଏହି ପରମ୍ପରା ରକ୍ଷା କରିଥିଲେ । କାରଣ ଜାପାନୀମାନଙ୍କର ସୌନ୍ଦର୍ଯ୍ୟ ଓ କଳା ପ୍ରତି ନିବିଡ଼ ଆକର୍ଷଣ ଏକ ସ୍ୱାଭାବିକ ଅଧିକାର ହୋଇଥିବାରୁ ସେମାନେ ଏହାକୁ କମ୍ ତାତ୍ପର୍ଯ୍ୟପୂର୍ଣ୍ଣ ଏବଂ କ୍ଷୁଦ୍ର ଉଦ୍ଦେଶ୍ୟରେ ବ୍ୟବହାର କରି ତାହାର ଅଧଃପତନ ଘଟାଇବାକୁ ଚାହୁଁ ନ ଥିଲେ । ଭାରତରେ ମଧ୍ୟ ଏହିପରି ହେଉଥିଲା । ଏହା ସତ୍ୟ ଯେ ଆମ ସମୟରେ ପୁରାତନ ଗ୍ରୀକ୍‌ର ନୃତ୍ୟ ଓ ଅନ୍ୟ ନୃତ୍ୟକୁ ପୁନଃପ୍ରଚଳନ କରିବାକୁ ଚେଷ୍ଟା କରାଯାଇଅଛି; କିନ୍ତୁ ସେପରି ପୁନଃ ପ୍ରଚଳନରେ ଧାର୍ମିକ ଭାବର ଅଭାବ ଦେଖା ଦେଇଥିଲା, ଏବଂ ସେସବୁ ନୃତ୍ୟ ଅପେକ୍ଷା ଛନ୍ଦର କସରତ ଭଳି ଜଣା ପଡୁଥିଲା । [...]

ମନ ଉପରେ ଆଉ ଏପରି ଏକ ରାଜ୍ୟ ରହିଛି ଯାହାକୁ ଆମେ କହିପାରିବା ସଂଗତିର ରାଜ୍ୟ ଏବଂ ତୁମେ ଯଦି ସେଠାରେ ପହଞ୍ଚିବ ତାହା ହେଲେ ଯେକୌଣସି ରୂପରେ ସେହି ସଂଗତି ପୃଥିବୀପୃଷ୍ଠରେ ପ୍ରକାଶିତ ହେଉଥାଉ ନା କାହିଁକି

ତାହାର ମୂଳ ଉତ୍ସ ତୁମେ ସେହିଠାରେ ଦେଖିପାରିବ । ଉଦାହରଣ ସ୍ୱରୂପ ସଂଗୀତ-ବିଦ୍ୟାରେ କେତେକ ସର୍ବୋଚ୍ଚ ଧ୍ୱନି ରହିଥିଲା ଯାହାକି ଜଣକ ପରେ ଜଣେ କଳାକାରଙ୍କର କଳା ଅଭିବ୍ୟକ୍ତିର ପଶ୍ଚାତ୍‌ରେ ଥିଲା । ଗୋଟିଏ ହେଉଛି 'ବାକ୍'ଙ୍କର ଐକ୍ୟତାନ ସଙ୍ଗୀତ ଓ ଅନ୍ୟଟି 'ବିଥୋଭେନ୍'ଙ୍କ ଐକ୍ୟତାନ ସଙ୍ଗୀତ । ସେ ଦୁଇଟି ଲିଖିତ ଭାଷାରେ ଏକା ଭଳି ନଥିଲା ଏବଂ କାନକୁ ମଧ୍ୟ ଭିନ୍ନ ଶୁଣା ଯାଉଥିଲା । କିନ୍ତୁ ତତ୍ତ୍ୱତଃ ସେମାନେ ଏକ । ଏକ ଚେତନାର ସ୍ପନ୍ଦନ, ଏକାପ୍ରକାର ଅର୍ଥବୋଧ ଓ ସାମଞ୍ଜସ୍ୟର ଲହରୀ ଏ ଦୁହିଙ୍କୁ ସ୍ପର୍ଶ କରିଥିଲା । 'ବିଥୋଭେନ୍' ଏକ ବୃହତ୍ତର ଅଂଶକୁ ଧରି ପାରିଥିଲେ କିନ୍ତୁ ତାଙ୍କ ଭିତରେ ତାଙ୍କ ମନର ଉଦ୍‌ଭାବନ ଏବଂ ମନର ପ୍ରକ୍ଷିପ୍ତ ବିଷୟ ମିଶ୍ରିତ ଭାବରେ ରହିଥିଲା; 'ବାକ୍' ଟିକିଏ କମ୍ ଗ୍ରହଣ କରିଥିଲେ କିନ୍ତୁ ସେ ଯାହା ପାଇଥିଲେ ତାହା ଅଧିକ ପବିତ୍ର ଥିଲା । ତାହାର ସ୍ପନ୍ଦନ ଥିଲା ଚେତନାର ବିଜୟୀ ଆକସ୍ମିକ ଆବିର୍ଭାବ, ଯେଉଁ ଚେତନା କି ଅଚେତନର ଗର୍ଭକୁ ବିଦାରି ବିଜୟ ଉଲ୍ଲାସରେ ଜନ୍ମ ନେଇଥିଲା ।

ଯୋଗ ଦ୍ୱାରା ତୁମେ ଯଦି ସମସ୍ତ ପ୍ରକାର କଳାର ଏହି ମୂଳ ଉତ୍ସରେ ପହଞ୍ଚିବାକୁ ସକ୍ଷମ ହେବ, ତାହା ହେଲେ ତୁମେ ଇଚ୍ଛା କଲେ ସବୁ 'କଳାର' ପ୍ରଭୁ ହୋଇପାରିବ । ଯେଉଁମାନେ ପୂର୍ବରୁ ସେଠାକୁ ଯାଇଛନ୍ତି, ସେମାନେ ବୋଧ ହୁଏ ସେହି ଉତ୍ସକୁ ଅଧିକ ସୁଖକର ଓ ଆନନ୍ଦଦାୟକ ମନେ କରୁଥିଲେ କିଂବା ତାହାକୁ ଉଲ୍ଲାସଜନକ ଓ ସ୍ୱାଚ୍ଛନ୍ଦ୍ୟରେ ପରିପୂର୍ଣ୍ଣ ବୋଲି ମନେ କରି ତାହାକୁ ବାହାରେ ପ୍ରକାଶ ନକରି, ପୃଥିବୀପୃଷ୍ଠରେ ଅଭିବ୍ୟକ୍ତ ନକରି, ସେଠାରେ ଥାଇ ତାହା ଉପଭୋଗ କରୁଥିଲେ । କିନ୍ତୁ ଏହି ନିବୃତ୍ତି, ଯୋଗର ପୂର୍ଣ୍ଣ ସତ୍ୟ କିଂବା ପ୍ରକୃତ ସତ୍ୟ ନୁହେଁ ବରଂ ଏହା ଏକ ବିକୃତି, ସନ୍ନ୍ୟାସର ନାସ୍ତିସୂଚକ ଗୁଣ ଦ୍ୱାରା ଯୋଗର ସକ୍ରିୟ ସ୍ୱାଧୀନତାର ଏହା ଏକ ଅବନତି । ପ୍ରଭୁଙ୍କର ଅଭିଳାଷ ହେଲା ପ୍ରକାଶିତ ହେବା, ଆଳସ୍ୟ ଏବଂ ପୂର୍ଣ୍ଣ ନୀରବତା ମଧ୍ୟରେ ଛପି ରହିବା ନୁହେଁ । ଯଦି ଦିବ୍ୟଚେତନା ପ୍ରକୃତରେ ନିଷ୍କ୍ରିୟ ହୋଇଥାଆନ୍ତା ତାହା ହେଲେ କେବେ ବି ସୃଷ୍ଟି ହୋଇପାରି ନଥା'ନ୍ତା ।

(M.C.W., Vol. 3, pp. 107-13)

ଅନୁବାଦ : ଶ୍ରୀମତୀ ପ୍ରୀତି ପଟ୍ଟନାୟକ ❖

ଯଦି ପ୍ରକୃତିକୁ କେବଳ ଅନୁକରଣ କରିବା କଳାର କାର୍ଯ୍ୟ ହୁଏ ତାହାହେଲେ ପୃଥିବୀର ସମସ୍ତ ଆର୍ଟ୍-ଗ୍ୟାଲେରୀ ବା ଚାରୁକଳା ପ୍ରଦର୍ଶନୀ କକ୍ଷଗୁଡ଼ିକୁ ଭସ୍ମୀଭୂତ କରି ଦେବାରେ କିଛି କ୍ଷତି ହେବ ନାହିଁ । ସେମାନଙ୍କ ସ୍ଥାନରେ ଫଟୋ-ଷ୍ଟୁଡ଼ିଓସବୁ ଠିଆ କରାଇ ପାରିଲେ ହେଲା । କଳା, ପ୍ରକୃତିର ଅନ୍ତର୍ନିହିତ ବ୍ୟଞ୍ଜନାକୁ ବ୍ୟକ୍ତ କରିପାରେ ବୋଲିହିଁ ଗୋଟିଏ ଛୋଟ ଚିତ୍ରକୁ କୋଟିପତିର ଧନ ଓ ରାଜାଧିରାଜର ମଣିମାଣିକ୍ୟ ଅପେକ୍ଷା ଆମେ ବେଶୀ ମୂଲ୍ୟ ଦେଉ ।

କଳା ନାମରେ ତୁମେ ଯଦି ପ୍ରକୃତିକୁ କେବଳ ନକଲ କରି ବସ, ତେବେ ଯାହା ପାଇବ ତାହା ହେବ ହୁଏତ ଏକ ପ୍ରାଣହୀନ ଦେହ, ଏକ ଜୀବନହୀନ ଅଙ୍କନ ବା କିଛି ଅସମ୍ଭବ ବିକଟତା; ଯାହା ପ୍ରତ୍ୟକ୍ଷ ବା ଇନ୍ଦ୍ରିୟଗ୍ରାହ୍ୟ, ତାହାର ପଶ୍ଚାତ୍ ବା ଊର୍ଦ୍ଧ୍ୱରେହିଁ 'ସତ୍ୟ' ବାସ କରେ ।

— ଶ୍ରୀଅରବିନ୍ଦ

ଶେଷ ପୃଷ୍ଠା :

# ଶ୍ରୀଅରବିନ୍ଦଙ୍କ ଶାଶ୍ୱତ ସାନ୍ନିଧ

## ଶ୍ରୀ ବିଶ୍ୱମ୍ଭର ସାମନ୍ତ

ଆମର ସାଧାରଣ ମାନୁଷୀ ଚେତନା ପାଇଁ ଯେତେ ଅଗମ୍ୟ ହେଲେ ମଧ୍ୟ ଆଧାତ୍ମିକ-ଜଗତର ଦିବ୍ୟରହସ୍ୟସବୁ ନିଜ ନିଜର କ୍ଷେତ୍ରରେ ଅତି ଜାଗ୍ରତ୍ ଓ ଜୀବନ୍ତ ସତ୍ୟ ରୂପେ ନିତ୍ୟ ବିଦ୍ୟମାନ । ଆମର ସ୍ଥୂଳ ଇନ୍ଦ୍ରିୟାନୁଭୂତି ଭିତରେ ହୁଏତ ସେଗୁଡ଼ିକ ଧରା ଦିଅନ୍ତି ନାହିଁ, କିନ୍ତୁ ଆମର ଚେତନା ସେହିପରି ଉନ୍ନତ ହେଲେ, ଦିବ୍ୟସ୍ପନ୍ଦନସବୁ ପ୍ରତି ସେହିପରି ସମ୍ବେଦନଶୀଳ ହେଲେ, ଆମେ ନିଃସନ୍ଦେହ ରୂପେ ସେଗୁଡ଼ିକୁ ପ୍ରତ୍ୟକ୍ଷ କରି ପାରିବୁ । ତା' ନହେଲେ ଶହ ଶହ ଯୁଗ ତଳେ ଦେହତ୍ୟାଗ କରିଥିବା ଅବତାର, ମହାପୁରୁଷ ଓ ସିଦ୍ଧଯୋଗୀମାନଙ୍କୁ ଆଜି ଯେ ସେଇ ଧରଣର ଉଚ୍ଚକୋଟୀର ସାଧକ ଭକ୍ତମାନେ ପ୍ରତ୍ୟକ୍ଷ ଦର୍ଶନ କରନ୍ତି, ସେମାନଙ୍କ ବାଣୀ ଶ୍ରବଣ କରନ୍ତି, ସେମାନଙ୍କ ସ୍ପର୍ଶ ଓ ସାନ୍ନିଧ ପାଇ ପାରନ୍ତି, ଏହା ସମ୍ଭବ ହୁଅନ୍ତା କିପରି ?

ଶ୍ରୀମା ତାଙ୍କର ବହୁ ବାଣୀ ଓ ବାର୍ତ୍ତାରେ ଆମକୁ ବରାବର ସ୍ମରଣ କରାଇ ଦେଇଛନ୍ତି ଯେ ଶ୍ରୀଅରବିନ୍ଦ ଆମ ସଙ୍ଗେ ନିତ୍ୟ ନିରନ୍ତର ରହିଛନ୍ତି ଏବଂ ପୃଥିବୀ-ଚେତନାର ଯେଉଁ ଦିବ୍ୟ ରୂପାନ୍ତର-ସାଧନ କରିବା ପାଇଁ ସେ ଆସିଥିଲେ ସେହି କାମଟିକୁ ତାଙ୍କର ଦେହତ୍ୟାଗ ପରେ ସେ ବର୍ତ୍ତମାନ ଆହୁରି ଅଧିକ ସମର୍ଥ ଓ ସଫଳ ଭାବରେ ସମ୍ପନ୍ନ କରି ଚାଲିଛନ୍ତି । ୧୯୬୯ ଡିସେମ୍ବର ୨୧ ତାରିଖରେ ଏକ ବାର୍ତ୍ତାରେ ମା ଅତି ସ୍ପଷ୍ଟଭାବରେ ଜଣାଇ ଦେଇଥିଲେ ଯେ, ''ଶ୍ରୀଅରବିନ୍ଦ ସୂକ୍ଷ୍ମ ଦୈହିକ ଚେତନାରେ ନିରନ୍ତର ରହିଛନ୍ତି ଓ ଅତି ସକ୍ରିୟ ଭାବରେ ସେଠାରେ କ୍ରିୟା କରୁଛନ୍ତି । ମୁଁ ପ୍ରାୟ ପ୍ରତିଦିନ ତାଙ୍କୁ ସାକ୍ଷାତ୍ କରେ ଓ ଗତ ରାତ୍ରିରେ ମୁଁ ତାଙ୍କ ସଙ୍ଗରେ ଅନେକ ଘଣ୍ଟା କଟାଇଛି ।

''ତୁମେ ଯଦି କେହି ସୂକ୍ଷ୍ମ ଦୈହିକ ଚେତନାରେ ସଚେତ ହୁଅ ତେବେ ତୁମେ ନିଶ୍ଚୟ ତାଙ୍କୁ ସାକ୍ଷାତ୍ କରି ପାରିବ, ଏହାକୁ ହିଁ ସେ ଯଥାର୍ଥ ଦୈହିକ ଚେତନା ବୋଲି କହୁଥିଲେ । ଚୈତ୍ୟ ଚେତନାଠାରୁ ଏହା ସମ୍ପୂର୍ଣ୍ଣ ଭିନ୍ନ ।''

ମା ଏହି ସୂକ୍ଷ୍ମ ଦୈହିକ ଚେତନାକୁ ଚୈତ୍ୟ-ଚେତନାଠାରୁ ଭିନ୍ନ ବୋଲି ନିର୍ଦ୍ଦିଷ୍ଟ ରୂପେ କହିବାର ତାତ୍ପର୍ଯ୍ୟ ହେଉଛି ଚୈତ୍ୟ-ଚେତନା ବା ଆଧାତ୍ମିକ ଚେତନାର ଅନ୍ୟାନ୍ୟ ଉଚ୍ଚତର ଦିବ୍ୟସ୍ତରରେ ତ ସ୍ୱାଭାବିକ ରୂପେ ଦିବ୍ୟ-ଭଗବତ୍ ଚେତନାକୁ ଧାରଣ କରି ଶ୍ରୀଅରବିନ୍ଦ ଶାଶ୍ୱତ ଭାବରେ ରହିଛନ୍ତି । ଗଭୀରତର ବା ଉର୍ଦ୍ଧ୍ୱତର ସେହିସବୁ ଦିବ୍ୟ-ଚେତନାରେ ପହଞ୍ଚି ପାରିଲେ ସାଧକ ତ ସ୍ୱାଭାବିକ ଭାବରେ ନିଜର ଭଗବତ୍ ଉପଲବ୍ଧିର ସତ୍ୟ ରୂପେ ତାଙ୍କୁ ପ୍ରତ୍ୟକ୍ଷ କରିବ । କିନ୍ତୁ ଚେତନାରେ ସେହିସବୁ ଦିବ୍ୟସ୍ତରରେ ଶାଶ୍ୱତଭାବରେ ରହିଥିଲେ ମଧ୍ୟ ଅବତାର ଭାବରେ ପୃଥିବୀ ଚେତନା ପାଇଁ ଯେଉଁ ଦିବ୍ୟ-ରୂପାନ୍ତରର କାର୍ଯ୍ୟଟି ସମ୍ପନ୍ନ କରିବାକୁ ଶ୍ରୀଅରବିନ୍ଦ ଜନ୍ମ ଗ୍ରହଣ କରିଥିଲେ, ସେହି କାମଟିକୁ ସେ ସୂକ୍ଷ୍ମ ଦୈହିକ ସ୍ତରରେ ରହି ସମ୍ପନ୍ନ କରି ଚାଲିଛନ୍ତି । ଶ୍ରୀଅରବିନ୍ଦଙ୍କର ଏହି ଧରଣର କ୍ରିୟା ସମ୍ପର୍କରେ ମା'ଙ୍କର ଏକ ଅନୁଭୂତି ଆମେ ଏଠାରେ ଉଲ୍ଲେଖ କରୁଛୁ ଯାହା ଏବିଷୟରେ ଆମର ଧାରଣାକୁ ପରିଷ୍କାର କରିବାରେ ଅନେକ ସାହାଯ୍ୟ କରିବ ।

ମା'ଙ୍କର ଅନୁଭୂତିଟି ଘଟିଥିଲା ୧୯୬୨ ଅଗଷ୍ଟ ୧୫ ତାରିଖ ଦର୍ଶନ ଦିବସରେ । ଦିନଟି ଥିଲା ଶ୍ରୀଅରବିନ୍ଦଙ୍କର ୯୦ତମ ଜନ୍ମତିଥି । ମା ଅଗଷ୍ଟ ୧୮ ତାରିଖ ଦିନ ତାଙ୍କର ଜଣେ ଶିଷ୍ୟଙ୍କୁ ଏହି ଅନୁଭୂତିଟିର ଏକ ପ୍ରାଞ୍ଜଳ ବର୍ଣ୍ଣନା ଦେଇଥିଲେ ।

ସବୁଥର ପରି ସେହି ଦର୍ଶନ ଦିବସରେ ସକାଳ ଦଶଟାରେ ଆଶ୍ରମ ମହାସମାଧିକୁ ବେଷ୍ଟନ କରି ମିଳିତ ଧ୍ୟାନ ହୋଇଥିଲା । ଦଶଟା ବାଜିବାକୁ ପନ୍ଦର ମିନିଟ ବାକି । ମା ସମ୍ପୂର୍ଣ୍ଣ ନିରବତାରେ ବୁଡ଼ିଯାଇ ନିଜ ଟେବୁଲ ନିକଟରେ ବସିଲେ । ତା'ପରେ ସେ ଦେଖିଲେ ଶ୍ରୀଅରବିନ୍ଦଙ୍କର ଆବିର୍ଭାବ ହେଲା । ମା ଏ ସମ୍ପର୍କରେ କହିଛନ୍ତି ଯେ ଏହାକୁ ସେ ଶ୍ରୀଅରବିନ୍ଦ ଆସିଲେ ବୋଲି କହିବେ ନାହିଁ, କାରଣ ଶ୍ରୀଅରବିନ୍ଦ ଏଠାରେ ସବୁସମୟରେ ରହିଛନ୍ତି, ଏହାଥିଲା ଶ୍ରୀଅରବିନ୍ଦଙ୍କର ଏକ ବିଶେଷ ଧରଣର ଆବିର୍ଭାବ । ସୂକ୍ଷ୍ମ ଦୈହିକ ସ୍ତରରେ, ଅତି ସ୍ପଷ୍ଟ ଓ ସୁନିର୍ଦ୍ଦିଷ୍ଟ ଭାବରେ ତାଙ୍କର ଆବିର୍ଭାବ ଘଟିଲା । ସେ ଖୁବ୍ ଉଚ୍ଚାକୃତି ନେଇ ମୁକ୍ତ ପଦ୍ମାସନ ଭଙ୍ଗିରେ ସମଗ୍ର ଆଶ୍ରମ ହତାକୁ ଆଚ୍ଛନ୍ନ ଓ ପୂର୍ଣ୍ଣ କରି ବରଂ ଆଉ ଟିକେ ଅଧିକ ସ୍ଥାନ ଅଧିକାର କରି ବସିଥିଲେ । ଆକ୍ଷରିକ ଭାବରେ ସମଗ୍ର ଆଶ୍ରମ

ହତାଟିକୁ ଅଧିକାର କରି ସେ ବସିଥିଲେ ଏବଂ ଧ୍ୟାନ କରୁଥିବା ସମସ୍ତ ଲୋକେ ଯେପରି ତାଙ୍କରି ଭିତରେ ରହିଥିଲେ ।

ମା କହିଛନ୍ତି ନିଜ ପ୍ରକୋଷ୍ଠରେ ରହି ସୂକ୍ଷ୍ମ ଦୈହିକ ସ୍ତରରେ ଶ୍ରୀଅରବିନ୍ଦଙ୍କର ସେହି ଉପସ୍ଥିତିର ଘର୍ଷଣକୁ ମଧ୍ୟ ମା ସ୍ପଷ୍ଟ ରୂପେ ଅନୁଭବ କରୁଥିଲେ । ଏହା ଲାଗୁଥିଲା ଯେପରିକି ପୂରାପୂରି ଏକ ଦୈହିକ ଉପସ୍ଥିତିର ଘର୍ଷଣ । ମା କହିଛନ୍ତି ସେ ଦେଖିଲେ ଶ୍ରୀଅରବିନ୍ଦ ବସିଥିଲେ ସମଗ୍ର ଆଶ୍ରମ ହତାକୁ ଆଚ୍ଛନ୍ନ କରି ଓ ତା'ପରେ କ୍ରମଶଃ ଧୀରେ ଧୀରେ ମୃଦୁ ଓ ଧୀର ଭାବରେ ତଳକୁ ଅବତରଣ କଲେ, ଏହି ଅବତରଣହିଁ ସୂକ୍ଷ୍ମ ଦୈହିକ ସ୍ତରରେ ଘର୍ଷଣ ପରି ଥିଲା । ତାଙ୍କର ସେହି ଉପସ୍ଥିତି ନେଇ ସେ ଆଶ୍ରମ ହତା ଭିତରକୁ ଓହ୍ଲାଇ ଆସିଲେ । ଅତ୍ୟନ୍ତ ମୃଦୁ ଓ ଧୀର ଭାବରେ ଯେପରିକି ଲୋକମାନଙ୍କୁ କୌଣସି ଧକ୍କା ପରି କିଛି ନଲାଗିବ । ତା'ପରେ ସେ ସେଠାରେ ସ୍ଥିର ହୋଇ ଧ୍ୟାନର ସମୟ ପ୍ରାୟ ଅଧଘଣ୍ଟାରୁ କିଛି ଅଧିକ ସମୟ ପର୍ଯ୍ୟନ୍ତ ରହିଲେ, ସମ୍ପୂର୍ଣ୍ଣ ସ୍ଥିର ଓ ନୀରବ ନିଶ୍ଚଳ ହୋଇ । କିନ୍ତୁ ଧ୍ୟାନ କରୁଥିବା ଲୋକମାନଙ୍କ ଉପରେ ସେ ପୂର୍ଣ୍ଣଭାବରେ ଏକାଗ୍ର ରହିଥିଲେ ଓ ସେହି ଲୋକମାନେ ତାଙ୍କରି ଭିତରେ ରହିଥିଲେ ।

ମା କହିଛନ୍ତି ସେ ନିଜ ପ୍ରକୋଷ୍ଠରେ ବସି ସ୍ମିତହାସ୍ୟ ନେଇ, ପ୍ରାୟ ହର୍ଷୋତ୍‌ଫୁଲ୍ଲ ଭାବରେ ଏହି ଆବିର୍ଭାବକୁ ପ୍ରତ୍ୟକ୍ଷ କରୁଥିଲେ । ମା ନିଜ ଶରୀରର ବିଭିନ୍ନ ଅଂଶକୁ ସ୍ପର୍ଶ କରି କହିଲେ ସେତେବେଳେ ସର୍ବତ୍ର ଶ୍ରୀଅରବିନ୍ଦଙ୍କୁ ସେ ସେହିପରି ଭାବରେ ଅନୁଭବ କରୁଥିଲେ । ସର୍ବତ୍ର ବିରାଜ କରୁଥିଲା ଏକ ଅନବଦ୍ୟ ଅପୂର୍ବ ଶାନ୍ତି, ଏକ ଅପୂର୍ବ ଶକ୍ତି, ଏକ ଅଭୂତପୂର୍ବ ସାମର୍ଥ୍ୟ ଏବଂ ତା' ସଙ୍ଗେ ମିଶି ରହିଥିଲା ଚିରନ୍ତନତାର, ମହାନ୍ ବିପୁଳତା ଓ ଅଖଣ୍ଡ ପୂର୍ଣ୍ଣତାର ଏକ ଦିବ୍ୟଭାବ । ମନେ ହେଉଥିଲା ଯେପରିକି ସବୁକିଛି ଏକ ଅପରୂପ ଅଖଣ୍ଡ ପୂର୍ଣ୍ଣତାରେ ଭରି ଯାଇଛି, ସବୁ କିଛି ଯେପରି ସାର୍ଥକ ହୋଇ ଉଠିଛି ଓ ଆମେ ଏକ ଶାଶ୍ୱତ ଚିରନ୍ତନ ଭିତରେ ବାସ କରୁଛୁ ।

ମା କହିଥିଲେ ସେଦିନ ସେ ଅନୁଭୂତିଟି ଏତେ ନିବିଡ଼ ଥିଲା ଯେ ଜଣକର ଚେତନା ଅତି କଠିନ ଓ ଅଭେଦ୍ୟ ହେଲେ ସେ ଏପରି ଅନୁଭୂତିରୁ ବଞ୍ଚିତ ହେବ । ମା ପୁଣି ହସି ହସି କହିଲେ ଅବଶ୍ୟ ସେଦିନ ସେପରି କଠିନ ଓ ଅଭେଦ୍ୟ ଚେତନା ଥିବା ଅନେକ ଲୋକ ଯେ ସେଠାରେ ନଥିଲେ ତା' ସେ କହୁ ନାହାନ୍ତି ।

ସେଦିନ ଧ୍ୟାନର ସେହି ଅପୂର୍ବ ଅନୁଭୂତି ପରେ ଶ୍ରୀଅରବିନ୍ଦଙ୍କର ସେହି ଉପସ୍ଥିତି ହଠାତ୍ ଅନ୍ତର୍ଦ୍ଧାନ ହୋଇଗଲା ନାହିଁ । ଯେପରିକି ଖୁବ୍ ଧୀରେ ଧୀରେ ସେ ଚାଲିଗଲେ, ଯେପରିକି କୌଣସି ଜିନିଷ ବାଷ୍ପୀଭୂତ ହୋଇ ଧୀରେ ଧୀରେ ଉଭେଇଯାଏ । ତା'ପରେ ସବୁକିଛି ପୁଣି ସାଧାରଣ ଓ ସ୍ୱାଭାବିକ ଅବସ୍ଥାକୁ ଫେରିଆସିଲା, ସମସ୍ତେ ଏଠି ସେଠି ବିଭିନ୍ନ କାମ ବା ନାନା ଏକାଗ୍ରତାରେ ଜଡ଼ିତ ହୋଇଗଲେ ।

ମା କହିଚାଲିଲେ, ସେ ଭାବନ୍ତି ସେଦିନ କେତେକ ଲୋକ ନିଶ୍ଚୟ ଏହା ଅନୁଭବ କରିଥିବେ । ହୋଇପାରେ, ଯେହେତୁ ସେମାନଙ୍କର ଏକ ସାମଗ୍ରିକ ଦୃଷ୍ଟି ନାହିଁ, ସେମାନେ ହୁଏତ ଅନୁଭବ କରିଥିବେ ଯେ ଶ୍ରୀଅରବିନ୍ଦ ସେମାନଙ୍କ ଚେତନା ଭିତରକୁ ଅବତରଣ କରୁଛନ୍ତି । କାରଣ ଅପରାହ୍ଣରେ ଯେତେବେଳେ ସବୁକିଛି ପୁଣି ସ୍ୱାଭାବିକ ଅବସ୍ଥାକୁ ଫେରି ଆସିଲା (ଅବଶ୍ୟ ଶ୍ରୀଅରବିନ୍ଦ ଏଠାରେ ସବୁବେଳେ ଅଛନ୍ତି କିନ୍ତୁ ସେହିଭାବରେ ନୁହେଁ, ସେ ସବୁବେଳେ ଏଠାରେ ରହିଛନ୍ତି ।) ସେତେବେଳେ ମନେହେଲା ଯେପରିକି ବାତାବରଣରେ କିଛିଟା ଅବସାଦ ବା ଦୁଃଖର ସ୍ପନ୍ଦନ ଖେଳି ଯାଇଥିଲା, ଯେପରିକି ଏହା କହୁଥିଲା, ''ଆହା ଏହି ଅପୂର୍ବ ଅନୁଭୂତିଟି ବର୍ତ୍ତମାନ ଶେଷ ହୋଇଗଲା, ଅଗଷ୍ଟ ୧୫ ଚାଲିଗଲା, ଏତେ ସୁନ୍ଦର ଦିନଟି, ସୁନ୍ଦର ଅନୁଭୂତିଟି ଚାଲିଗଲା ।'' ମା କହିଲେ ଅବଶ୍ୟ ସେ ଏହାର ବର୍ଣ୍ଣନା ଏହିପରି ଭାବରେ ଦେଉଛନ୍ତି, କିନ୍ତୁ ସେହି ବିପୁଳ ଅନୁଭୂତିଟି ଅତି ବାସ୍ତବ, ଅତି ସୁନିର୍ଦ୍ଦିଷ୍ଟ ଥିଲା, ଏହା ଭିତରେ ଥିଲା ଏକ ଅଖଣ୍ଡ ପୂର୍ଣ୍ଣତାର ଭାବ ।

ମା ତା'ପରେ ଶ୍ରୀଅରବିନ୍ଦଙ୍କ ଉପସ୍ଥିତି ସମ୍ପର୍କରେ କହିଲେ, ସେ ଶ୍ରୀଅରବିନ୍ଦଙ୍କୁ ତାଙ୍କର ଅତିମାନସ ଆଲୋକରେ ବରାବର ଦେଖନ୍ତି, ସେ ଅନେକ ଥର ଆସନ୍ତି, ଯେତେବେଳେ ମା ବାଲକୋନି ଦର୍ଶନ ଦିଅନ୍ତି ବା ଅନେକ ସମୟରେ ସମାଧି ଉପରେ ତାଙ୍କର ଉପସ୍ଥିତି ରହିଥାଏ । ବହୁବାର ତାଙ୍କର ଆବିର୍ଭାବ ଘଟେ । କିନ୍ତୁ ସେଦିନର ଆବିର୍ଭାବଟି ଥିଲା ଅଭୂତପୂର୍ବ । ପ୍ରଥମତଃ ସେହି ଆକୃତି ଥିଲା ବିପୁଳ, ବସିବାର ଭଙ୍ଗି ନେଇ ସମଗ୍ର ଆଶ୍ରମର ହତାକୁ ଅତିକ୍ରମ କରି, ଆହୁରି ଅଧିକ ସ୍ଥାନ ଅଧିକାର କରିଥିଲେ, ଏବଂ ଏପରି ଭାବରେ ନିଜର ସେହି ଆବିର୍ଭାବ ଘଟାଇ ଥିଲେ ଯେପରିକି ତାହା ସ୍ଥୂଳ ଦୈହିକ ଭାବରେ ବି ଅନୁଭବ କରି ହେବ ଏବଂ ସର୍ବତ୍ର ଏପରି ଏକ ଆନନ୍ଦ, ଏପରି ଏକ ଆସ୍ଥା, ଭରସା ଓ ନିଶ୍ଚୟତା ବିରାଜମାନ କରୁଥିଲା ଯାହା ଅନିର୍ବଚନୀୟ, ସବୁକିଛିରେ ଥିଲା ଏକ ସମ୍ପୂର୍ଣ୍ଣ ନିଶ୍ଚୟତାର ଭାବ, ଏପରି ନିଶ୍ଚିତତା ଯେ

ଯେପରିକି ସବୁକିଛି ସମ୍ପନ୍ନ ହୋଇସାରିଛି । କାମଟିଏ ସମ୍ପନ୍ନ କରିବାକୁ ଯେଉଁ ଉତ୍ତେଜନା, ଯେଉଁ ବେଦନାର ଭାବ ଥାଏ ତାହା ଆଦୌ ନଥିଲା ।

ଏହି ଅନୁଭୂତିଟି ରହିଥିଲା ପ୍ରାୟ ୪୫ ମିନିଟ ପର୍ଯ୍ୟନ୍ତ । ତା'ପରେ ସବୁକିଛି ପୁଣି ସାଧାରଣ ସ୍ୱାଭାବିକତାକୁ ଫେରି ଆସିଲା । ଏହାଥିଲା ଏପର୍ଯ୍ୟନ୍ତ ବିତିଯାଇଥିବା ସମସ୍ତ ଅଗଷ୍ଟ ୧୫ ଦିବସଗୁଡ଼ିକ ଭିତରେ ସବୁଠୁ ସୁନ୍ଦର ଓ ସ୍ମରଣୀୟ ।

ଶ୍ରୀଅରବିନ୍ଦଙ୍କର ସେଦିନର ସେହି ଦିବ୍ୟ-ଉପସ୍ଥିତି ଓ ଆବିର୍ଭାବ ସମ୍ପର୍କରେ ମା ପୁଣି କହିଚାଲିଲେ ଯେ ସେଦିନ ଏହା ଠିକ୍ ଏହିପରି ଭାବେ ହେବ ବୋଲି ଶ୍ରୀଅରବିନ୍ଦ ମା'ଙ୍କୁ ଆଗରୁ କୌଣସି ସୂଚନା ଦେଇ ନଥିଲେ । ମା'ଙ୍କୁ ଯେତେବେଳେ କୁହାଗଲା ଯେ ଲୋକମାନେ ଅଧଘଣ୍ଟାର ସେହି ଧ୍ୟାନ ପାଇଁ ସମବେତ ହେବେ, ମା'ଙ୍କ ଭିତରେ କିଛି ଏହାକୁ ଖୁବ୍ ଗୁରୁତ୍ୱର ସହ ଗ୍ରହଣ କଲା ଏବଂ ସେ ଧ୍ୟାନ ପାଇଁ ସମସ୍ତ ପ୍ରସ୍ତୁତି ଓ ଆୟୋଜନ କରି ୯ଟା ୪୫ ମିନିଟରେ ନିଜ ଟେବୁଲ ପାଖରେ ବସିଲେ ଏବଂ ତା'ପରେ ଆରମ୍ଭ ହେଲା ଏହି ଅନୁଭୂତିଟି । ପୂର୍ଣ୍ଣସ୍ୱରୂପ ନେଇ ଏହା ପ୍ରକଟିତ ହେବା ପାଇଁ ପ୍ରାୟ ୫ ମିନିଟ ସମୟ ଲାଗିଲା ଏବଂ ମା ବୁଝି ପାରିଲେ କ'ଣ ଘଟିବାକୁ ଯାଉଛି ।

ମା କହିଛନ୍ତି ସେଦିନ ଶ୍ରୀଅରବିନ୍ଦ ଆମକୁ ଏକ ଅପରୂପ ସୁନ୍ଦର ଅବଦାନ ଦେଇଗଲେ । ଶ୍ରୀଅରବିନ୍ଦଙ୍କର ସମସ୍ତ ମାଧୁର୍ଯ୍ୟ, ସମସ୍ତ ଐଶ୍ୱର୍ଯ୍ୟ, ସମସ୍ତ ଶକ୍ତି, ସମସ୍ତ ଶାନ୍ତି ସେଦିନ ସେଠାରେ ଭରି ରହିଥିଲା, ଏପରିକି ସେ ଯେତେବେଳେ ଦେହଧରି ରହିଥିଲେ ତା' ଅପେକ୍ଷା ଆହୁରି ଶକ୍ତିଶାଳୀ ଓ ସ୍ପଷ୍ଟତର ହୋଇ ଏହା ରହିଥିଲା ।

ମା କହିଲେ ତାଙ୍କର ବରାବର ଏହିପରି ଅନୁଭୂତି ହୋଇଥାଏ, ଶ୍ରୀଅରବିନ୍ଦଙ୍କ ପ୍ରକୋଷ୍ଠରେ ବା ତାଙ୍କୁ ଯେତେବେଳେ ମା ଭେଟନ୍ତି, ମା'ଙ୍କୁ ବରାବର ଠିକ୍ ଏହିପରି ଲାଗେ । ଏପରିକି ମା ଯେତେବେଳେ କୌଣସି କାର୍ଯ୍ୟରେ ବ୍ୟସ୍ତ ରହିଥାଆନ୍ତି, ଶ୍ରୀଅରବିନ୍ଦ ବରାବର ତାଙ୍କ ପଛରେ ରହି ଥିବାର ସେ ଅନୁଭବ କରନ୍ତି, ତାଙ୍କୁ ଲାଗେ ସମସ୍ତ କାମଟି ଶ୍ରୀଅରବିନ୍ଦହିଁ କରୁଛନ୍ତି । କିନ୍ତୁ ସେଦିନର ଅନୁଭୂତିଟି ଅନେକ ଅଧିକ ଶକ୍ତିଶାଳୀ ଥିଲା । ମନେ ହେଉଥିଲା ଯେପରି ସେହି ଅନୁଭୂତି ଦ୍ୱାରା ତୁମେ ଗ୍ରସ୍ତ ହୋଇଯାଇଛ ଓ ତହିଁରୁ ବାହାରି ଆସିବାର ଆଉ କୌଣସି ବାଟ ନାହିଁ । ଅନୁଭୂତିଟି ଥିଲା ସେହିଭଳି ଅଖଣ୍ଡ ଓ ପୂର୍ଣ୍ଣ ।

ମା ତା'ପରେ କହିଲେ ଏବିଷୟରେ ସେ ଆଉ କାହାକୁ ପଦଟିଏ ବି କିଛି କହି ନାହାନ୍ତି । ପ୍ରଥମ ଥର ପାଇଁ ଉକ୍ତ ଶିଷ୍ୟକୁ ସେ ଏହା କହିଲେ । କେବଳ ଆଉ ଜଣେ ଶିଷ୍ୟଙ୍କୁ ପଚାରି ଥିଲେ ସେଦିନ ଧ୍ୟାନ ଖୁବ୍ ଭଲ ହୋଇଥିବ ନିଶ୍ଚୟ ଏବଂ ଶିଷ୍ୟଜଣକ କହିଥିଲେ 'ହଁ' ବୋଲି ।

ଆଧ୍ୟାତ୍ମିକ ଜଗତର ଦିବ୍ୟରହସ୍ୟ ଓ ଶ୍ରୀଅରବିନ୍ଦଙ୍କ ଦିବ୍ୟଲୀଳାର ଏହି ଯେଉଁ ବର୍ଣ୍ଣନା ଜନୈକ ଶିଷ୍ୟଙ୍କ ଆଗରେ ମା ପ୍ରଘଟ କଲେ ତାହା ପଢ଼ି ଶ୍ରୀଅରବିନ୍ଦଙ୍କ ଜନ୍ମଶତବାର୍ଷିକୀ ଉପଲକ୍ଷେ ଦେଇଥିବା ମା'ଙ୍କର ସେହି ବାର୍ତ୍ତା ବିଷୟଟି ମନକୁ ଆସୁଛି :

''When Sri Aurobindo left his body he said that he would not abandon us. And, in truth, during these twenty-one years, he has always been with us, guiding and helping all those who are receptive and open to his influence.

In this year of his centenary, his help will be stronger still. It is up to us to be more open and to know how to take advantage of it. The future is for those who have the soul of a hero. The stronger and more sincere our faith, the more powerful and effective will be the help received.''

(CWM, Vol. 13, p. 17) *2 January 1972*

''ଯେତେବେଳେ ଶ୍ରୀଅରବିନ୍ଦ ଦେହତ୍ୟାଗ କଲେ ସେ କହିଥିଲେ ଯେ ସେ ଆମକୁ ଛାଡ଼ି ଚାଲିଯିବେ ନାହିଁ । ଏବଂ ବାସ୍ତବରେ ଏହି ଏକୋଇଶ ବର୍ଷ ଧରି ସେ ନିରନ୍ତର ଆମ ସଙ୍ଗରେ ରହିଛନ୍ତି ଓ ଯେଉଁମାନେ ତାଙ୍କର ପ୍ରଭାବ ପ୍ରତି ନିଜକୁ ଖୋଲି ଧରିଛନ୍ତି ଓ ଗ୍ରହଣଶୀଳ ହୋଇ ରହିଛନ୍ତି ସେମାନଙ୍କୁ ପରିଚାଳିତ ଓ ସାହାଯ୍ୟ କରି ଚାଲିଛନ୍ତି ।

ତାଙ୍କ ଜନ୍ମଶତବାର୍ଷିକୀର ଏହି ବର୍ଷରେ ତାଙ୍କର ସାହାଯ୍ୟ ଆହୁରି ଶକ୍ତିଶାଳୀ ହେବ । ଆମ ଉପରେ ନିର୍ଭର କରେ ଆମେ ନିଜକୁ କିପରି ଅଧିକ ଖୋଲି ଧରିବୁ ଓ ଏହାର ସୁଯୋଗ ଗ୍ରହଣ କରିପାରିବୁ । ଭବିଷ୍ୟତ୍ ସେହିମାନଙ୍କ ପାଇଁ ଯେଉଁମାନଙ୍କର ଏକ ବୀରର ଆତ୍ମା ରହିଛି । ଆମର ବିଶ୍ୱାସ ଯେତେ ଅଧିକ ଦୃଢ଼ ଓ ଆନ୍ତରିକ ହେବ, ଆମେ ପାଉଥିବା ସେହି ସାହାଯ୍ୟ ସେତିକି ଅଧିକ ଶକ୍ତିଶାଳୀ ଓ ଫଳପ୍ରଦ ହେବ ।'' ❖

O India, land of light and spiritual knowledge! Wake up to your true mission in the world, show the way to union and harmony.

23 September 1967 – The Mother

ଆଧ୍ୟାତ୍ମିକ ଜ୍ଞାନ ଓ ଆଲୋକର ଭୂମି ହେ ଭାରତବର୍ଷ ! ପୃଥିବୀରେ ତୁମର ବିଧିନିର୍ଦ୍ଦିଷ୍ଟ ମହାନ୍ କର୍ମ ପାଇଁ ଜାଗ୍ରତ୍ ହୁଅ, ଏକତା ଓ ସୌମ୍ୟତାର ପଥ ଦେଖାଅ ।

(୨୩ ସେପ୍ଟେମ୍ବର ୧୯୬୭) — ଶ୍ରୀମା

Vol. LXII, No. 3, NAVAJYOTI – 15 August 2019, R. N. 8889/63

ନବଜ୍ୟୋତି ପ୍ରକାଶନ ବିଭାଗ ଦ୍ୱାରା ପ୍ରକାଶିତ ପୁସ୍ତକମାନ ତଥା ନବପ୍ରକାଶ, ନବଜ୍ୟୋତି ପତ୍ରିକା ପାଇବା ନିମନ୍ତେ Draft ପଠାଇଲେ **Navajyoti Publication** ନାମରେ Draft କରିବାକୁ ଅନୁରୋଧ ।


**ବିଶେଷ ସୂଚନା :**

ଶ୍ରୀଅରବିନ୍ଦଙ୍କ

# ସାବିତ୍ରୀ

**ଏକ ଆଖ୍ୟାନ ଏବଂ ପ୍ରତୀକ**

(ଓଡ଼ିଆ ପଦ୍ୟାନୁବାଦ)




**ଶ୍ରୀ ନିମାଇଁ ଚରଣ ମହାପାତ୍ର**ଙ୍କ ଦ୍ୱାରା ଅନୂଦିତ ଶ୍ରୀଅରବିନ୍ଦଙ୍କ ମହାକାବ୍ୟ ସାବିତ୍ରୀର ଓଡ଼ିଆ ପଦ୍ୟାନୁବାଦର ଦ୍ୱିତୀୟ ସଂକଳନ ପ୍ରକାଶ ପାଇଲା । ବହୁ ପ୍ରତୀକ୍ଷିତ ଏହି ପୁସ୍ତକଟି ଶ୍ରୀମାଶ୍ରୀଅରବିନ୍ଦଙ୍କ ଯୋଗ ଓ ଦର୍ଶନରେ ଅନୁପ୍ରାଣିତ ଭକ୍ତମାନଙ୍କ ପାଖରେ ବିଶେଷ ଆଦୃତ ହେବ ବୋଲି ଆଶା ।

୫୮୧ ପୃଷ୍ଠା ସମ୍ବଳିତ ପୁସ୍ତକଟିର ମୂଲ୍ୟ : **ଟ. *୨୬୫*/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry - 2 and Printed by Swadhin Chatterjee at Sri Aurobindo Ashram Press, Pondicherry - 2, India.

Editor : Biswambhara Samanta

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

**Single Copy : Rs. 20.00, Annual Subscription : Rs. 80.00, Life Member (20 years) : Rs. 800.00**